# ଓଡ଼ିଆ କେବେ ?

## ( ODIA KEBE )

ଶ୍ରୀ ଗୋଲୋକ ବିହାରୀ ଧଳ
ଏମ. ଏ. ( ପାଟନା ), ଏମ. ଏ. ( ଲଣ୍ଡନ )
ରିଡ଼ର,
ସାମନ୍ତ ଚନ୍ଦ୍ରଶେଖର କଲେଜ, ପୁରୀ ।

ଫ୍ରେଣ୍ଡ୍ସ ପବ୍ଲିଶର୍ସ
ବିନୋଦବିହାରୀ, କଟକ-୨

॥ ଓଡ଼ିଆ କେବେ ? ॥

ଲେଖକ

ଶ୍ରୀ ଗୋଲୋକ ବିହାରୀ ଧଳ

ପ୍ରକାଶକ

ଫ୍ରେଣ୍ଡସ୍ ପବ୍ଲିଶର୍ସ

ବିନୋଦବିହାରୀ, କଟକ-୨

ପ୍ରଥମ ପ୍ରକାଶ

ବିଜୟା ଦଶମୀ, ୧୯୭୩

ମୁଦ୍ରକ

ବସନ୍ତ ପ୍ରିଣ୍ଟର୍ସ

କାଫ୍ଲା ବଜାର, କଟକ-୨

ମୂଲ୍ୟ ଚାରିଟଙ୍କା ମାତ୍ର

# ଅଭିମତ

ଅଧ୍ୟାପକ ଗୋଲୋକବିହାରୀ ଧଳ, ଭାରତର ଜଣେ ଭାଷା-ବିଜ୍ଞାନବିତ୍ । ଦେଶର ବର୍ତ୍ତମାନ କେନ୍ଦ୍ର ଓ ବିଭିନ୍ନ ରାଜ୍ୟର ଶାସନ କ୍ଷେତ୍ରରେ ହିନ୍ଦୀ ବା ଇଂରେଜୀ ପ୍ରଚଳିତ ହେବ ଏବଂ ବିଭିନ୍ନ ଭାଷାଭାଷୀ ରାଜ୍ୟ ବା ପ୍ରଦେଶର ସେଠାର ଆଞ୍ଚଳିକ ଭାଷା ସରକାରୀ ଭାଷାରୂପେ ବ୍ୟବହୃତ ହେବ ଏବଂ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ବା ବିଶ୍ୱବିଦ୍ୟାଳୟ ଶିକ୍ଷାସ୍ତରରେ କଳା, ବିଜ୍ଞାନ, ଯାନ୍ତ୍ରିକ ଓ ବିଭିନ୍ନ ବୈଷୟିକ-ବିଜ୍ଞାନର ଅଧ୍ୟୟନ ପାଇଁ ଆଞ୍ଚଳିକ ବା ମାତୃଭାଷା ବା ରାଷ୍ଟ୍ରଭାଷା ବା ଇଂରେଜୀ ଭାଷା କେଉଁ ସ୍ତରରେ ମାଧ୍ୟମ ରୂପେ ବ୍ୟବହୃତ ହେବ, ସେ ବିଷୟରେ ମଧ୍ୟ ଆଲୋଚନା-ସମାଲୋଚନା ଚାଲିଛି । ଏ ପ୍ରକାର ଆଲୋଚନା, ସମାଲୋଚନା କେବଳ ବ୍ୟାବହାରିକ ଓ ତାତ୍ତ୍ୱିକ ଆବଶ୍ୟକତା ଓ ଉପଯୋଗିତା ଦୃଷ୍ଟିରୁ ଯେ କେବଳ ଆଲୋଚିତ ହେଉଛି, ତାହା ନୁହେଁ । ଏହା ସହିତ ଜାତୀୟ ଭାବପ୍ରବଣତା ମଧ୍ୟ ଗଭୀର ଭାବରେ ସଂଶ୍ଳିଷ୍ଟ ରହିଛି । ଭାଷା ଜାତୀୟତାର ଭିତ୍ତି । ଯଦିଓ ଇଉରୋପର ବିଭିନ୍ନ ରାଜ୍ୟର ଲୋକେ ପ୍ରାୟ ସମସ୍ତେ ସମଧର୍ମାବଲମ୍ବୀ; ତଥାପି ସେମାନେ ଯେ ଗୋଟିଏ ଗୋଟିଏ ଅଲଗା ଅଲଗା ରାଜ୍ୟର ଜାତି ବା ଗୋଷ୍ଠୀ ବୋଲାଉଛନ୍ତି, ଏହାର କାରଣ ସେମାନଙ୍କର ପ୍ରତ୍ୟେକଙ୍କ ଭାଷା ଅଲଗା ଅଲଗା । ଇଂଲଣ୍ଡର ଲୋକେ ଗୋରା ଓ ଖ୍ରୀଷ୍ଟଧର୍ମାବଲମ୍ବୀ ।

ଫ୍ରାନ୍ସର ଲୋକେ ଗୋରା ଓ ସେମାନେ ମଧ୍ୟ ମୁଖ୍ୟତଃ ଖ୍ରୀଷ୍ଟ-ଧର୍ମାବଲମ୍ବୀ, କିନ୍ତୁ ଇଂଲଣ୍ଡର ଲୋକେ ଗୋଟିଏ ଅଲଗା ଜାତି । କାରଣ ତାଙ୍କର ମାତୃଭାଷା ଇଂରେଜୀ—ତାହା ଗୋଟିଏ ଅଲଗା ଭାଷା । ସେହିଭଳି ଫ୍ରାନ୍ସ ଗୋଟିଏ ଅଲଗା ରାଜ୍ୟ । କାରଣ ସେଠା ଅଧିବାସୀଙ୍କର ଭାଷା ଗୋଟିଏ ଅଲଗା ଭାଷା—ଫରାସୀ ଭାଷା । ସମଗ୍ର ପୃଥିବୀର ବିଭିନ୍ନ ଦେଶରେ ବିଭିନ୍ନ ଜାତି ବା ଗୋଷ୍ଠୀର ଲୋକଙ୍କ ଭିତରେ ଓ ଦେଶ ଭିତରେ ଯେ ବିଭିନ୍ନତା ରହିଛି, ଏହାର ମୂଳ କାରଣ ହେଲା ଭାଷା । କୌଣସି ଗୋଟିଏ ଜାତିର ସ୍ୱାତନ୍ତ୍ର୍ୟ ରକ୍ଷା କରିବାକୁ ହେଲେ ତାର ଭାଷାର ସ୍ୱତନ୍ତ୍ରତା ସୁରକ୍ଷିତ ହେବା ସ୍ୱାଭାବିକ । ସଂଯୁକ୍ତ ଉତ୍ତର ଆମେରିକାରେ ଇଉରୋପର ବହୁ ବିଭିନ୍ନ ଭାଷାଭାଷୀ ଓ ଜାତିର ଲୋକେ ସେଠାରେ ଯାଇଁ ବସବାସ କରୁଥିଲେ । କିନ୍ତୁ ସମୟକ୍ରମେ ସେମାନେ ସେ ରାଜ୍ୟକୁ ବିଭିନ୍ନ ଭାଷାଭାଷୀଙ୍କ ମଧ୍ୟରେ ବାଣ୍ଟି ନ ନେଇ ଗୋଟିଏ ଜାତିର ସମନ୍ୱୟ ପ୍ରତିଷ୍ଠା କଲେ ଏବଂ ସମସ୍ତେ ଆମେରିକାନ୍ ଜାତି ବୋଲି ପରିଚିତ ହେଲେ ଓ ତାଙ୍କର ବିଭିନ୍ନ ପୂର୍ବ ଜାତୀୟତାକୁ ଛାଡ଼ିଦେଲେ । ଆମେରିକାନ୍ ଜାତି ବୋଲି ପରିଚିତ ହେବା ନିମିତ୍ତ ସମସ୍ତଙ୍କ ପାଇଁ ଗୋଟିଏ ଭାଷା ଅବଲମ୍ବନ କରିବାର ବ୍ୟବସ୍ଥା କଲେ । ଇଂରେଜୀ ଭାଷା ଅଧିକ ଲୋକେ ବୁଝିବେ ବୋଲି ତାକୁ ହିଁ ସେମାନେ ଜାତୀୟ ଭାଷାରୂପେ ଅବଲମ୍ବନ କଲେ । ଫଳରେ ଆମେରିକା ଗୋଟିଏ ଇଂରାଜୀଭାଷୀ ରାଜ୍ୟ ହେଲା । ସମଗ୍ର ପୃଥିବୀର ଏଭଳି ବିଭିନ୍ନ ଦେଶର ଐତିହାସିକ ବିକାଶ ଓ ବିବର୍ତ୍ତନ ମୂଳରେ ଭାଷା ଯେ ଶକ୍ତିରୂପେ କାର୍ଯ୍ୟ କରିଛି, ଏ ବିଷୟରେ ଦ୍ୱିରୁକ୍ତି ନାହିଁ । ଐତିହାସିକ ପ୍ରକ୍ରିୟାର ଏ ନିଦର୍ଶନ ଆମ ଭାରତ ପକ୍ଷରେ ଏକାନ୍ତ ପ୍ରଣିଧାନ-ଯୋଗ୍ୟ । ଆର୍ଯ୍ୟ-ଭାରତ ଯେ ଗୋଟିଏ ରାଜ୍ୟ ହୋଇଥିଲା, ଏହା

ଆର୍ଯ୍ୟଧର୍ମ ଏବଂ ସେ ଧର୍ମରେ ଯେଉଁ ଭାଷା ବା ସାହିତ୍ୟରେ ପ୍ରକାଶିତ ବା ପ୍ରଚାରିତ ହୋଇଥିଲା, ତାର ଆଶ୍ରୟରେ ଗୋଟିଏ ସଂଯୁକ୍ତ ରାଷ୍ଟ୍ରରୂପେ ବିକାଶ ଲାଭ କରିଥିଲା । ସଂସ୍କୃତ ଭାଷା ହିଁ ଭାରତୀୟ ଜାତୀୟତାର ଆଧାର ଥିଲା । ଏପରି କି ଭାରତର ପଞ୍ଚଗୌଡ଼ ଓ ପଞ୍ଚଦ୍ରାବିଡ଼ ଭାଷାଗୁଡ଼ିକ ମଧ୍ୟ ଊଣାଅଧିକେ ସଂସ୍କୃତଭାଷା ଦ୍ୱାରା ପ୍ରଭାବିତ ଓ ସଂଯୁକ୍ତ ହୋଇ ରହିଥିଲା । ଉତ୍ତରଭାରତର ବିଭିନ୍ନ ପ୍ରାନ୍ତୀୟ ଭାଷାଗୁଡ଼ିକ ସଂସ୍କୃତ ଭାଷାରୁ ଜନ୍ମଲାଭ କରିଥିଲା । ଦକ୍ଷିଣ-ଭାରତରେ ଦ୍ରାବିଡ଼ ଭାଷା ଧର୍ମ, ସମାଜ ଓ ସାହିତ୍ୟର ସ୍ୱତନ୍ତ୍ରତା ଥିଲେ ସୁଦ୍ଧା ସଂସ୍କୃତ ସାହିତ୍ୟ ଓ ତତ୍ତ୍ୱଭାବଧାରା ତାଙ୍କ ସାହିତ୍ୟକୁ ଓ ଜାତୀୟ ଜୀବନକୁ ବିଶେଷ ଭାବରେ ପ୍ରଭାବିତ କରୁଥିଲା । ଲିପି ଓ ସାହିତ୍ୟ ନ ଥିବା ଭାଷା ବା ବୋଲି ମଧ୍ୟ ଯେ ବିଭିନ୍ନ ଅଞ୍ଚଳରେ ବ୍ୟବହୃତ ହୁଏ; ସେସବୁ ମଧ୍ୟ ଅପଭ୍ରଂଶ ସୂତ୍ରରେ ବିଭିନ୍ନ ଭାଷାରୁ ଜନ୍ମଲାଭ କରିଥିଲା । ଏପରି ବିଭିନ୍ନ ଆଦିମ ଜାତି ଲୋକଙ୍କର ଭାଷାକୁ ଆଶ୍ରୟ କରି ବିଭିନ୍ନ ଜାତିର ସୃଷ୍ଟି । ସାନ୍ତାଳଙ୍କର ସାନ୍ତାଳୀ ଭାଷା, କନ୍ଧଙ୍କର କୁଇ ଭାଷା ଇତ୍ୟାଦି ।

ଏଥିରୁ ଦେଖାଯିବ, ଯେ କୌଣସି ଦେଶକୁ ଗୋଟିଏ ଜାତି ରୂପେ ସଂଗଠିତ କରିବାକୁ ହେଲେ ତାକୁ ଗୋଟିଏ ଭାଷା ଓ ସାହିତ୍ୟ ସୂତ୍ରରେ ସଂଗଠିତ ଓ ଯେତେଦୂର ସମ୍ଭବ ସମାମାନ୍ୟକୃତ ଓ ଏକତାବଦ୍ଧ କରିବା ହିଁ ପ୍ରକୃଷ୍ଟ ପନ୍ଥା । ଯେଉଁଠାରେ ବହୁ ଭାଷାଭାଷୀ ଗୋଷ୍ଠୀ ବହୁ ସଂଖ୍ୟାରେ ବାସ କରୁଛନ୍ତି, ସେଠାରେ ସେ ସବୁ ପ୍ରାନ୍ତୀୟ ବା ଆଞ୍ଚଳିକ ଭାଷାର ସୁରକ୍ଷା ଓ ବିକାଶ ସଙ୍ଗେ ସଙ୍ଗେ ଗୋଟିଏ ଜାତୀୟ ଭାଷାର ଅନୁସରଣ ଓ ବିକାଶ ଏକାନ୍ତ ପ୍ରୟୋଜନ । ନିଜର ମାତୃଭାଷା ଶିକ୍ଷା ଓ କେତେକ ସ୍ତରରେ ତାର ବ୍ୟବହାର ସଙ୍ଗେ ସଙ୍ଗେ ଗୋଟିଏ ରାଷ୍ଟ୍ରୀୟ ବା ସମନ୍ୱୟ ପ୍ରତିଷ୍ଠା କଲାଭଳି

ଜାତୀୟ ଭାଷା ସମସ୍ତ ଶିକ୍ଷା ଓ ନିର୍ଦ୍ଦିଷ୍ଟ ସ୍ତରରେ ବ୍ୟବହାର କରିବା ଉଚିତ । ମାତୃଭାଷା ମନୁଷ୍ୟର ଆତ୍ମବିକାଶର ସ୍ୱାଭାବିକ ଆଧାର ଓ ଆଶ୍ରୟ । ତାକୁ ଉପେକ୍ଷା କଲେ ମନୁଷ୍ୟର ସହଜ ଓ ସ୍ୱାଭାବିକ ବିକାଶ ବାଧାପାଏ । ଅବଶ୍ୟ ସେ ଭାଷା ଅତି ସଂକୀର୍ଣ୍ଣ ଓ ସୀମାବଦ୍ଧ ରହିଲେ ତାହା ପୂର୍ଣ୍ଣାଙ୍ଗ ମାନବିକ ବିକାଶ ପକ୍ଷରେ ସହାୟକ ହେବନାହିଁ । ସେଠାରେ ସେ ଭାଷାକୁ ଶିକ୍ଷାସ୍ତରରେ ପରିହାର କରି ବୃହତ୍ତର ରାଷ୍ଟ୍ରୀୟ ବା ଜାତୀୟ ଭାଷାକୁ ଅବଲମ୍ବନ କରିବା ହିଁ ଶ୍ରେୟସ୍କର; ଯେପରି କି ଆମେରିକା ପ୍ରଭୃତି ଦେଶରେ ଘଟିଛି । କିନ୍ତୁ ଯେଉଁ ଭାଷାର ମୌଳିକତା ଅଛି, ଯୁଗ ଯୁଗ ବ୍ୟାପି ସାହିତ୍ୟ ଅଛି ଓ ସାଂସ୍କୃତିକ ଐତିହ୍ୟ ଅଛି, ସେ ଭଳି ମାତୃଭାଷାକୁ ପରିହାର ବା ଲୋପ କରିବା ଏକପ୍ରକାର ଜନନୀହତ୍ୟା ସଙ୍ଗେ ସମାନ ହେବ । ତେଣୁ ଭାରତକୁ ଗୋଟିଏ ଜାତି ଓ ଗୋଟିଏ ରାଷ୍ଟ୍ରରୂପେ ସଂଗଠିତ କରି ରଖିବାକୁ ହେଲେ ଗୋଟିଏ ରାଷ୍ଟ୍ରଭାଷା ବ୍ୟବହାର ଏକାନ୍ତ ପ୍ରୟୋଜନ । ଏହି ଭାଷା ହିଁ ଭାରତକୁ ଚିରଦିନ ପାଇଁ ଏକତାବଦ୍ଧ କରି ରଖିପାରିବ । ତାହା ନ ହେଲେ କାଳକ୍ରମେ ଅବସ୍ଥାଚକ୍ରରେ ସ୍ଥାନୀୟ ସ୍ୱାର୍ଥ ଓ ଆଞ୍ଚଳିକ ଗୋଷ୍ଠୀଗତ ମମତା ବିଭିନ୍ନ ଅଞ୍ଚଳକୁ ପରସ୍ପରଠାରୁ ଛିନ୍ନଭିନ୍ନ କରିଦେବ ଓ ପରିଣାମରେ ଭାରତ ଖଣ୍ଡ ଖଣ୍ଡ ହୋଇଯିବ ଏବଂ ଭାରତ ସ୍ୱାଧୀନ ହୋଇ ରହିବା ହୁଏ ତ ଅସମ୍ଭବ ହୋଇପଡ଼ିବ । ସେଥିପାଇଁ ଭାରତରେ ସର୍ବାଧିକ ଲୋକ ବ୍ୟବହାର କରୁଥିବା ଓ ବୁଝିପାରୁଥିବା ହିନ୍ଦୀଭାଷାକୁ ରାଷ୍ଟ୍ରଭାଷା ବୋଲି ସମ୍ବିଧାନରେ ସ୍ୱୀକାର କରାଯାଇଛି । ଇଂରାଜୀଭାଷା ପୃଥିବୀର ଗୋଟିଏ ବଡ଼ ଉନ୍ନତ ଭାଷା—ଏଥିରେ ସନ୍ଦେହ ନାହିଁ । ଏ ଭାଷା ସାହାଯ୍ୟରେ ଆମ ଦେଶରେ ଆଧୁନିକ ଶିକ୍ଷା ସମ୍ଭବ ହୋଇଛି—ଏ କଥା ସ୍ୱୀକାର୍ଯ୍ୟ । କିନ୍ତୁ ଏ ଭାଷା ବିଦେଶୀ

ଅଲକ୍ଷ୍ୟରେ ବିଦେଶୀ ଭାବରେ ଆମ ସଂସ୍କୃତି, ସଭ୍ୟତା ଏପରି କି ସାମାଜିକ ଆଚାର-ବ୍ୟବହାରକୁ ମଧ୍ୟ ପ୍ରଭାବିତ କରିଛି ଓ କରୁଛି । ଗୋଟିଏ ବିଦେଶୀ ଭାଷାର ପ୍ରାଧାନ୍ୟ ସ୍ୱୀକାର କରିବା ଅର୍ଥ ନିଜ ଭାଷାର ନ୍ୟୂନ ବୋଲି ନିଜ ମନରେ ଗୋଟିଏ ଧାରଣା ସୃଷ୍ଟି କରିବା ସଙ୍ଗେ ସମାନ । ଦେଶରେ ତାହା ହିଁ ଘଟୁଛି । କୁହାଯାଉଛି ଯେ, ଇଂରାଜୀ ଭାଷା ବ୍ୟତିରେକେ ଆଧୁନିକ ବିଜ୍ଞାନ ଓ ଅନ୍ୟାନ୍ୟ ବିଷୟକୁ ଜ୍ଞାନତତ୍ତ୍ୱ ଶିକ୍ଷା କରିବା ସମ୍ଭବ ହୋଇପାରିବ ନାହିଁ । ଏ ଯୁକ୍ତିର ପରିଣାମ ହେଉଛି ରାଷ୍ଟ୍ରଭାଷା ବା ବିଭିନ୍ନ ପ୍ରାନ୍ତୀୟ ଭାଷା ଇଂରେଜୀ ଭାଷାର ସମକକ୍ଷ ହୋଇ ପାରିବ ନାହିଁ । କିନ୍ତୁ ରୁଷିଆରେ ରୁଷଭାଷା, ଜାପାନରେ ଜାପାନୀଭାଷା, ଚୀନରେ ଚୀନାଭାଷା, ଜର୍ମାନୀରେ ଜର୍ମାନୀଭାଷା, ଫ୍ରାନ୍‌ସରେ ଫରାସୀଭାଷା ତାଙ୍କ ନିଜ ନିଜ ରାଜ୍ୟରେ ଇଂରାଜୀ ଭାଷାର ସମକକ୍ଷ ହେଲେ କିପରି ? ସକଳ ପ୍ରକାର ବିଷୟର ଶିକ୍ଷା ତାଙ୍କ ନିଜ ନିଜ ମାତୃଭାଷା ମାଧ୍ୟମରେ ଦିଆଯାଇ ପାରିଲା କିପରି ? ଏଥିପାଇଁ ଗାନ୍ଧିଜୀ କହିଥିଲେ—"Russia has achieved all her scientific progress without English. It is our mental slavery that makes us feel that we cannot do without English. I can never subscribe to that defeatist creed."

"ଇଂରାଜୀ ଭାଷା ବିନା ରୁଷିଆ ତାର ସକଳ ପ୍ରକାର ବୈଜ୍ଞାନିକ ଅଗ୍ରଗତି କରିପାରିଛି । ଆମେ ଯେ ବିଚାରୁ ଥାଉଁ, ଇଂରେଜୀ ବିନା କାମ ଚଳିବ ନାହିଁ, ଏହାର କାରଣ ଆମର ମାନସିକ ଦାସତ୍ୱ । ମୁଁ ଏ ପ୍ରକାର ପରାଜୟମୂଳକ ମନୋବୃତ୍ତିକୁ କଦାପି ସମର୍ଥନ କରି ପାରିବ ନାହିଁ ।"

ହିନ୍ଦୀ ଦକ୍ଷିଣ ଭାରତୀୟ, ବଙ୍ଗାଳୀ ଓ ଆସାମୀଙ୍କ ପକ୍ଷରେ କଷ୍ଟକର ବୋଲି ଯୁକ୍ତି ହେଉଛି । କିନ୍ତୁ ଇଂରେଜୀ ଭାଷା ସହିତ ଏମାନଙ୍କ ଆଞ୍ଚଳିକ ଭାଷାର ତ କୌଣସି ସମ୍ପର୍କ ନାହିଁ । ତଥାପି ଇଂରେଜୀ ଭାଷାକୁ ଏମାନେ ଯଦି ଶିକ୍ଷା କରି ପାରିଲେ, ସେମାନଙ୍କ ନିଜ ଭାଷା ଓ ସଂସ୍କୃତି ସହିତ ସମ୍ପୃକ୍ତ ଥିବା ସଂସ୍କୃତ ଭାଷାର ଗୋଟିଏ କନ୍ୟା-ଭାଷା ହିନ୍ଦୀକୁ ଆୟତ୍ତ କରିବା ସେମାନଙ୍କ ପକ୍ଷରେ ଅଧିକ କଷ୍ଟକର ହେବ କାହିଁକି ? ଇଂରେଜୀ ସପକ୍ଷରେ ଓ ହିନ୍ଦୀ ବିରୁଦ୍ଧରେ ଏ ଯେଉଁ ଆନ୍ଦୋଳନ, ଏହା ଭାଷା ଦୃଷ୍ଟିରୁ ନୁହେଁ, ରାଜନୀତି ବା ଆର୍ଥିକ କିମ୍ବା ବୈଷୟିକ ସ୍ୱାର୍ଥଦୃଷ୍ଟିରୁ ହେଉଥିବ, ମନେହୁଏ । ମାତ୍ର ରାଜନୀତି ଅର୍ଥ ଓ ବ୍ୟବସାୟ ଭାଷା ସୀମା ଭିତରେ ରହେ ନାହିଁ । ପ୍ରାନ୍ତୀୟତାଠାରୁ ଜାତୀୟତା, ଜାତୀୟତାଠାରୁ ଆନ୍ତର୍ଜାତୀୟତା କ୍ଷେତ୍ରକୁ ସମ୍ପ୍ରସାରିତ ହୁଏ, ଅର୍ଥାତ୍ ଏହା ପ୍ରାନ୍ତୀୟ ବା ଜାତୀୟ ଭାଷାର ସୀମାକୁ ଟପି ଗତି କରେ । ତେଣୁ ଏ କ୍ଷେତ୍ରରେ ଭାଷା ସମ୍ବର୍ଦ୍ଧନ ପାଇଁ ଗୋଟିଏ ଅଙ୍କୁଶ ହୋଇ ରହିବାର କୌଣସି ଆଶଙ୍କା ନାହିଁ । ଯେ ଇଂରେଜୀକୁ ଆୟତ୍ତ କରି ପାରୁଛନ୍ତି, ସେ ହିନ୍ଦୀକୁ ଅନାୟାସରେ ଆୟତ୍ତ କରି ପାରିବେ ।

ପୁଣି ପ୍ରାନ୍ତୀୟ ବା ଆଞ୍ଚଳିକ ଭାଷା ଯେତେବେଳେ ରାଷ୍ଟ୍ରୀୟ ଭାଷାର ପରିପୂରକ ଓ ପରିପୋଷକ ହୋଇ ରହିବା ଏକାନ୍ତ ଆବଶ୍ୟକ, ସେତେବେଳେ ସେ ଭାଷାକୁ ସମୃଦ୍ଧିଶାଳୀ ଏବଂ ପୂର୍ଣ୍ଣାଙ୍ଗ ସାହିତ୍ୟିକ ଭାଷାରୂପେ ଅବଲମ୍ବନ କରାଯିବା ଉଚିତ ଏବଂ ତାହା ମଧ୍ୟ କେତେକ ସ୍ତର ପର୍ଯ୍ୟନ୍ତ ଶିକ୍ଷାର ମାଧ୍ୟମ ହେବା ଉଚିତ । ଶିକ୍ଷାର ମାଧ୍ୟମ ହେବାଠାରୁ ଶାସନକ୍ଷେତ୍ର ପର୍ଯ୍ୟନ୍ତ ତାର ବ୍ୟବହାର ଓ ପ୍ରୟୋଗ ନ ହେଲେ ସେ ଶାସନ ଭାଷା ପୂର୍ଣ୍ଣାଙ୍ଗ ହୋଇ ପାରିବ ଅତଏବ ମାତୃଭାଷା ବା ପ୍ରାନ୍ତୀୟ ଭାଷାକୁ ସେହିଭଳି ଉଚ୍ଚସ୍ଥାନ

ବଞ୍ଚାଯିବା ଉଚିତ ଏବଂ ତାହାର ବ୍ୟବହାର, ବିକାଶ ଓ ଅଭିବୃଦ୍ଧି ଆଞ୍ଚଳିକ ଜାତୀୟ ଜୀବନର ଆଧାର ଓ ଆଶ୍ରୟ ହେବା ଉଚିତ ।

ଡକ୍ଟର ଗୋଲୋକ ବିହାରୀ ଧଳ ଖୁବ୍ ଯୁକ୍ତିଯୁକ୍ତ ଭାବରେ ତାଙ୍କର "ଓଡ଼ିଆ କେବେ" ପୁସ୍ତକରେ ଏ ବିଷୟକୁ ଆଲୋଚନା କରିଛନ୍ତି । ମୁଁ ତାଙ୍କର ଏ ଉଦ୍ୟମ ପାଇଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି । ତାଙ୍କର ଏ ଲେଖା ଏ ବିଷୟରେ ଯେଉଁମାନଙ୍କ ମନରେ ସନ୍ଦେହ ବା ଦ୍ୱିଧା ଅଛି, ତାହା ଦୂରକରି ସେମାନଙ୍କ ମନରେ ଜାତୀୟତା ଓ ନିଜ ଭାଷା ସହିତ ଆତ୍ମୀୟତାକୁ ଦୃଢ଼ୀଭୂତ କରିବା ଦିଗରେ ଅନୁକୂଳ ଭାବୋଦ୍ରେକ କରିବ ବୋଲି ମୁଁ ଆଶାକରେ । ତାଙ୍କର ଏ ଉଦ୍ୟମ ସଫଳ ହେଉ—ଏହା ମୋ କାମନା ।

ରାଧାନାଥ ରଥ
ସମ୍ପାଦକ—ସମାଜ
ତା ୧-୧-୧୯୭୪

# —ଭୂମିକା—

ମହାତ୍ମା ଗାନ୍ଧିଜୀ ଯେତେବେଳେ ସ୍ୱାଧୀନତା ପାଇଁ ଲଢ଼ାଇ କଲେ, ସେତିକିବେଳେ ଭାରତର ଭାଷାପ୍ରଶ୍ନ ତାଙ୍କ ମନରେ ଉଠିଲା । ସେ ଭାବିଥିଲେ ଇଂରେଜମାନେ ଯିବେ, ଶାସନ ରହିବ ଭାରତୀୟ-ମାନଙ୍କ ହାତରେ; ଇଂରେଜ ଯିବ, ଶାସନ ଚାଲିବ ଭାରତୀୟ ଭାଷାରେ । ଯିବ ମାନେ ଏ ଦେଶରୁ ଇଂରେଜ ବିଦାୟ ନେବନାହିଁ, ବିଦାୟ ନେବ ତାର ସର୍ବମୟ ଆଧିପତ୍ୟ, କିନ୍ତୁ ଆବଶ୍ୟକୀୟ ସ୍ଥଳରେ ତାକୁ ରଖାଯିବ । ଭାଷାର ସାଧାରଣ ନୀତି ହେବ କେନ୍ଦ୍ରରେ ହିନ୍ଦୀ, ରାଜ୍ୟମାନଙ୍କରେ ଆଞ୍ଚଳିକ ଭାଷା । ମହାତ୍ମା ନିଜେ ଓ ତାଙ୍କ ସାଙ୍ଗ-ସାଥୀମାନେ ଏହି ଦୃଷ୍ଟିରୁ କାମ କରୁଥିଲେ । କିନ୍ତୁ ଲୋକସାଧାରଣ ଏ ବିଷୟରେ ବିଶେଷ କିଛି ଚିନ୍ତା କରୁ ନ ଥିଲେ ।

ଭାଷା ଯେ ଗୋଟାଏ ବିରାଟ ପ୍ରଶ୍ନ ହୋଇପାରେ ଓ ସେହି ପ୍ରଶ୍ନ ନେଇ ଦେଶର ଅସ୍ଥିପଞ୍ଜର ଦୋହଲି ଯାଇପାରେ, ଲହୁ-ଲୁହର ତପ୍ତ ବୈତରଣୀ ବହିପାରେ, ସେଇଟା ଜଣାପଡ଼ିଲା କେବଳ ରାଜ୍ୟ ପୁନର୍ଗଠନ ବେଳେ । ୧୯୫୬ ମସିହାରେ ଯେତେବେଳେ ରାଜ୍ୟ ପୁନର୍ଗଠନ ପ୍ରଶ୍ନ ଉଠିଲା, ସେତେବେଳେ ଏ ରାଜ୍ୟରୁ ଖଣ୍ଡେ ଯାଇ ସେ ରାଜ୍ୟରେ ମିଶିଲା, ସେ ରାଜ୍ୟରୁ ଖଣ୍ଡେ ଆସି ଏ ରାଜ୍ୟରେ ମିଶିଲା । ଗୋଟିଏ ଭାଷା କହୁଥିବା ରାଜ୍ୟଲୋକେ, ଆଉ ଗୋଟିଏ ଭାଷାରାଜ୍ୟ ସଙ୍ଗେ ଯୋଡ଼ି ହୋଇଗଲେ । କେଉଁଠି ଅବା ଗୋଟିଏ ରାଜ୍ୟ ଭିତରେ ଗୋଟିଏ ଭାଷା ସମାଜ ଆଉ ଗୋଟିଏ ଭାଷା ସମାଜ ବିରୁଦ୍ଧରେ ଅସହିଷ୍ଣୁ ହୋଇ ଉଠିଲା । ସେହିଦିନୁ ଖୁବ୍ ଜୋରରେ

ବିହାରର ବାଚସ୍ପତି ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଗତିବିଧି ଦେଖିସାରି ଓଡ଼ିଶା ସମ୍ବାଦ ଦେଖିଲେ ମନରେ କୌତୂହଳ ହୁଏ । ଦିନେ ଖବର ବାହାରିଲା—ନୟାଗଡ଼ କଲେଜରେ ମାତୃଭାଷା ଓଡ଼ିଆ ପ୍ରତି ଅବହେଳା । ସେଠି ବୁଦ୍ଧିଜୀବୀମାନେ ଭାବନ୍ତି, ଓଡ଼ିଆ ପଢ଼ି ପାସ୍ କଲେ ଲୋକେ ହାଫ୍ ଅର୍ଥାତ୍ ଅଧା-ଗ୍ରାଜୁଏଟ୍ ହୁଅନ୍ତି । ଭଦ୍ରଖ କଲେଜ ସମ୍ବାଦ ହେଉଛି—ସେଠି ଓଡ଼ିଆ ଶ୍ରେଣୀରେ ପାଠ ନ ପଢ଼ାଇ ଛାତ୍ରମାନଙ୍କୁ କେବଳ ଉପସ୍ଥିତି ଦେଇ ଛାଡ଼ିଦେଲେ ବି କାମ ଚଳିବ । ସମ୍ବାଦ ଯଦି ସତ୍ୟ ହୋଇଥାଏ, ତେବେ ଭାରତର ଭାଷାନୀତି ବିଷୟରେ ଯେତେ ଅନ୍ଧକାର, ସବୁ ଆମର ଏହିଆଡ଼େ ଅଛି ବୋଲି ବୁଝିବାକୁ ହେବ । ପଡ଼ୋଶୀ ବଙ୍ଗଳାରେ ବଙ୍ଗଭାଷା ଶାସନଗାଦିକୁ ଆସିଲାବେଳକୁ ଓଡ଼ିଶାର ମଫସଲ କଲେଜମାନଙ୍କରେ ମାତୃଭାଷା ପ୍ରତି ଏହି ବୈମାତ୍ରେୟ ଭାବ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ, ହସ ବି ମାଡ଼େ । ବ୍ରିଟିଶମାନେ ଭାରତରୁ ବାହାରିଗଲା ପରେ ସୁଦୂର ବଣ-ଜଙ୍ଗଲରେ, କେଉଁଠି ଅବା ମରୁପ୍ରାନ୍ତରରେ ରାଜତ୍ୱ କରୁଥିବା ଗଡ଼ଜାତ ରାଜାମାନେ କେତେ ଦିନ ପାଇଁ ସାର୍ବଭୌମ ଶାସକ ହୋଇଉଠିଲେ । ସାହେବ ତ ଗଲେ, ସେମାନେ ସାଜିଲେ ଏଠି ସାହେବ । ଫଳ ହେଲା—ପଟେଲଙ୍କ ଏକାଗାରରେ ସମସ୍ତେ ଗଡ଼ି-ପଡ଼ିଲେ । ବ୍ରିଟିଶମାନେ ଯିବା ପରେ ଭାରତ ସ୍ୱାଧୀନ ହେଲା, ଇଏ ଖାଲି କେତେଦିନ ଗୋଟାଏ ପାଲି ଲାଗିଲା । ରାଜନୈତିକ ଚେତନାରୁ ଯେଉଁ ଲୋକେ ଯେତିକି ଦୂରରେ ଥିଲେ, ସେମାନେ ସେତିକି ଅଭିମାନ କରି ବସିଥିଲେ । ଏବେ ଭାଷାନୀତିଟା ଠିକ୍ ସେଇମିତି ଜଣାପଡ଼ୁଛି । ଦିଲ୍ଲୀରେ ଯାହା ହେଉଛି, ହିନ୍ଦୀ ରାଜ୍ୟ-ମାନଙ୍କରେ ଯାହା ହେଉଛି, ସେ ପବନ ବୋଧହୁଏ ବଙ୍ଗଳାପାଏ ଆସି କଲିକତାରେ ଅଟକି ଯାଉଛି । ଫଳରେ ବଙ୍ଗଦେଶରେ

ବଙ୍ଗଳା ଭାଷା ଗୃହୀତ ହେଲାବେଳେ ଓଡ଼ିଶାରେ କଲେଜ ପରି ଉନ୍ନତ ଶିକ୍ଷାକ୍ଷେତ୍ରମାନଙ୍କରେ ମାତୃଭାଷାକୁ ନାକଟେକା ହେଉଛି । କିନ୍ତୁ ରିପ୍ ଭାନ୍ ଉଇଙ୍କ୍ଲ ନିଦରୁ ଉଠିଲାଭଳି ହନେ ଦେଖିବେ—ସବୁ ଓଲଟି ଯାଇଛି । ଦିଲ୍ଲୀରେ ହିନ୍ଦୀ ହେଉ ବା ଇଂରେଜୀ ହେଉ, ରାଜ୍ୟ-ମାନଙ୍କରେ ଶାସନ ଚାଲିଛି ଆଞ୍ଚଳିକ ଭାଷାରେ, ମାନେ ଆସାମରେ ଆସାମୀପରି ଓଡ଼ିଶାରେ ଓଡ଼ିଆ ।

ମାତୃଭାଷାର ମାହାତ୍ମ୍ୟ ଯୁଗେ ଯୁଗେ ସ୍ୱୀକୃତ ହୋଇଆସିଛି । ବୁଦ୍ଧ, ଅଶୋକ, ମହାବୀର ପ୍ରଭୃତି ମହାପୁରୁଷମାନେ ଲୋକଭାଷାକୁ ସ୍ୱୀକାର କରି ତହିଁରେ ଧର୍ମପ୍ରଚାର କରିଥିଲେ । ସଂସ୍କୃତ ପରି ସମୃଦ୍ଧ ଭାଷା ଥାଉଁ ଥାଉଁ ପାଲି ପ୍ରାକୃତ ପରି ଲୋକଭାଷାରେ ସେମାନେ ଲୋକଙ୍କୁ ଧର୍ମଶିକ୍ଷା ଦେଲେ । ମାତୃଭାଷା ମାତୃସ୍ତନ୍ୟପରି ମହିମମୟ, ସହଜ ଓ ଶକ୍ତିଶାଳୀ । ଲୋକମାନଙ୍କ ପ୍ରାଣକୁ ଛୁଇଁବା ପାଇଁ ସେହି ହେଉଛି ଅସଲ ଅସ୍ତ୍ର । ଅନ୍ୟଭାଷା ବାହାରବୋଳା ଔଷଧ, ମାତୃଭାଷା ହେଉଛି ଇଞ୍ଜେକସନ୍ । ସଙ୍ଗେ ସଙ୍ଗେ ତାହା ରକ୍ତରେ ମିଶିଯାଏ । ଦୁଇଶହ ବର୍ଷରେ ବିଦେଶୀ ଇଂରେଜୀଭାଷା ଏ ଦେଶର ଜନତାକୁ ଛୁଇଁପାରି ନାହିଁ । କିନ୍ତୁ ଇଂରେଜୀକୁ ଯେଉଁ ସ୍ନେହ, ଆଦର ଓ ସମ୍ମାନ ମିଳିଥିଲା, ତାହା ଯେ କୌଣସି ଲୋକ-ଭାଷାକୁ ମିଳିଲେ, ତାହା ଯେ ଦେଶ ଓ ଜାତିର ପ୍ରତ୍ୟେକ ଲୋକକୁ ଅଳ୍ପ ସମୟରେ ଛୁଇଁପାରିବ, ଏଥିରେ ସନ୍ଦେହ ନାହିଁ ।

ଜନତାର ଭାଷା ଯେ କେବଳ ଜନତାର ଆଦର ପାଏ ତା ନୁହେଁ, ଦେବତାର ଆଶୀର୍ବାଦ ମଧ୍ୟ ପାଏ । ଗୋସ୍ୱାମୀ ତୁଳସୀ ଦାସ ଓ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୀବନରେ ଏ କଥା ସ୍ପଷ୍ଟ ହୋଇ-ଯାଇଛି । ତୁଳସୀଦାସ ଯେତେବେଳେ ରାମାୟଣ ଲେଖିବାକୁ

ବିହାରର ବାଚସ୍ପତି ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଗତିବିଧି ଦେଖିସାରି ଓଡ଼ିଶା ସମ୍ବାଦ ଦେଖିଲେ ମନରେ କୌତୂହଳ ହୁଏ । ଦିନେ ଖବର ବାହାରିଲା—ନୟାଗଡ଼ କଲେଜରେ ମାତୃଭାଷା ଓଡ଼ିଆ ପ୍ରତି ଅବହେଳା । ସେଠି ବୁଦ୍ଧିଜୀବୀମାନେ ଭାବନ୍ତି, ଓଡ଼ିଆ ପଢ଼ି ପାସ୍ କଲେ ଲୋକେ ହାଫ୍ ଅର୍ଥାତ୍ ଅଧା-ଗ୍ରାଜୁଏଟ୍ ହୁଅନ୍ତି । ଭଦ୍ରଖ କଲେଜ ସମ୍ବାଦ ହେଉଛି—ସେଠି ଓଡ଼ିଆ ଶ୍ରେଣୀରେ ପାଠ ନ ପଢ଼ାଇ ଛାତ୍ରମାନଙ୍କୁ କେବଳ ଉପସ୍ଥିତି ଦେଇ ଛାଡ଼ିଦେଲେ ବି କାମ ଚଳିବ । ସମ୍ବାଦ ଯଦି ସତ୍ୟ ହୋଇଥାଏ, ତେବେ ଭାରତର ଭାଷାନୀତି ବିଷୟରେ ଯେତେ ଅନ୍ଧକାର, ସବୁ ଆମର ଏହିଆଡ଼େ ଅଛି ବୋଲି ବୁଝିବାକୁ ହେବ । ପଡ଼ୋଶୀ ବଙ୍ଗଳାରେ ବଙ୍ଗଭାଷା ଶାସନଗାଦିକୁ ଆସିଲାବେଳକୁ ଓଡ଼ିଶାର ମଫସଲ କଲେଜମାନଙ୍କରେ ମାତୃଭାଷା ପ୍ରତି ଏହି ବୈମାତ୍ରେୟ ଭାବ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ, ହସ ବି ମାଡ଼େ । ବ୍ରିଟିଶମାନେ ଭାରତରୁ ବାହାରିଗଲା ପରେ ସୁଦୂର ବଣ-ଜଙ୍ଗଲରେ, କେଉଁଠି ଅବା ମରୁପ୍ରାନ୍ତରରେ ରାଜତ୍ୱ କରୁଥିବା ଗଡ଼ଜାତ ରାଜାମାନେ କେତେ ଦିନ ପାଇଁ ସାର୍ବଭୌମ ଶାସକ ହୋଇଉଠିଲେ । ସାହେବ ତ ଗଲେ, ସେମାନେ ସାଜିଲେ ଏଠି ସାହେବ । ଫଳ ହେଲା—ପଟେଲଙ୍କ ଏକାଗାରରେ ସମସ୍ତେ ଗଡ଼-ମଡ଼ିଲେ । ବ୍ରିଟିଶମାନେ ଯିବା ପରେ ଭାରତ ସ୍ୱାଧୀନ ହେଲା, ଇଏ ଖାଲି କେତେଦିନ ଗୋଟାଏ ପାଲି ଲାଗିଲା । ରାଜନୈତିକ ଚେତନାରୁ ଯେଉଁ ଲୋକେ ଯେତିକି ଦୂରରେ ଥିଲେ, ସେମାନେ ସେତିକି ଅଭିମାନ କରି ବସିଥିଲେ । ଏବେ ଭାଷାନୀତିଟା ଠିକ୍ ସେଇମିତି ଜଣାପଡ଼ୁଛି । ଦିଲ୍ଲୀରେ ଯାହା ହେଉଛି, ହିନ୍ଦୀ ରାଜ୍ୟ-ମାନଙ୍କରେ ଯାହା ହେଉଛି, ସେ ପବନ ବୋଧହୁଏ ବଙ୍ଗଳାଯାଏ ଆସି କଲିକତାରେ ଅଟକି ଯାଉଛି । ଫଳରେ ବଙ୍ଗଦେଶରେ

ବଙ୍ଗଳା ଭାଷା ଗୃହୀତ ହେଲାବେଳେ ଓଡ଼ିଶାରେ କଲେଜ ପରି ଉନ୍ନତ ଶିକ୍ଷାକ୍ଷେତ୍ରମାନଙ୍କରେ ମାତୃଭାଷାକୁ ନାକଟେକା ହେଉଛି । କିନ୍ତୁ ରିପ୍ ଭ୍ୟାନ୍ ଉଇଙ୍କଲ୍ ନିଦରୁ ଉଠିଲାଭଳି ଦିନେ ଦେଖିବେ—ସବୁ ଓଲଟି ଯାଇଛି । ଦିଲ୍ଲୀରେ ହିନ୍ଦୀ ହେଉ ବା ଇଂରେଜୀ ହେଉ, ରାଜ୍ୟ-ମାନଙ୍କରେ ଶାସନ ଚାଲିଛି ଆଞ୍ଚଳିକ ଭାଷାରେ, ମାନେ ଆସାମରେ ଆସାମୀ ଓ ଓଡ଼ିଶାରେ ଓଡ଼ିଆ ।

ମାତୃଭାଷାର ମାହାତ୍ମ୍ୟ ଯୁଗେ ଯୁଗେ ସ୍ୱୀକୃତ ହୋଇଆସିଛି । ବୁଦ୍ଧ, ଅଶୋକ, ମହାବୀର ପ୍ରଭୃତି ମହାପୁରୁଷମାନେ ଲୋକଭାଷାକୁ ସ୍ୱୀକାର କରି ତହିଁରେ ଧର୍ମପ୍ରଚାର କରିଥିଲେ । ସଂସ୍କୃତ ପରି ସମୃଦ୍ଧ ଭାଷା ଥାଉଁ ଥାଉଁ ପାଲି ପ୍ରାକୃତ ପରି ଲୋକଭାଷାରେ ସେମାନେ ଲୋକଙ୍କୁ ଧର୍ମଶିକ୍ଷା ଦେଲେ । ମାତୃଭାଷା ମାତୃସ୍ତନ୍ୟପରି ମଧୁମୟ, ସହଜ ଓ ଶକ୍ତିଶାଳୀ । ଲୋକମାନଙ୍କ ପ୍ରାଣକୁ ଛୁଇଁବା ପାଇଁ ସେହି ହେଉଛି ଅସଲ ଅସ୍ତ୍ର । ଅନ୍ୟଭାଷା ବାହାରବୋଳା ଔଷଧ, ମାତୃଭାଷା ହେଉଛି ଇଞ୍ଜେକସନ୍ । ସଙ୍ଗେ ସଙ୍ଗେ ତାହା ରକ୍ତରେ ମିଶିଯାଏ । ଦୁଇଶହ ବର୍ଷରେ ବିଦେଶୀ ଇଂରେଜୀଭାଷା ଏ ଦେଶର ଜନତାକୁ ଛୁଇଁପାରି ନାହିଁ । କିନ୍ତୁ ଇଂରେଜୀକୁ ଯେଉଁ ସ୍ନେହ, ଆଦର ଓ ସମ୍ମାନ ମିଳିଥିଲା, ତାହା ଯେ କୌଣସି ଲୋକ-ଭାଷାକୁ ମିଳିଲେ, ତାହା ଯେ ଦେଶ ଓ ଜାତିର ପ୍ରତ୍ୟେକ ଲୋକଙ୍କୁ ଅଳ୍ପ ସମୟରେ ଛୁଇଁପାରିବ, ଏଥିରେ ସନ୍ଦେହ ନାହିଁ ।

ଜନତାର ଭାଷା ଯେ କେବଳ ଜନତାର ଆଦର ପାଏ ତା ନୁହେଁ, ଦେବତାର ଆଶୀର୍ବାଦ ମଧ୍ୟ ପାଏ । ଗୋସ୍ୱାମୀ ତୁଳସୀ ଦାସ ଓ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୀବନରେ ଏ କଥା ସ୍ପଷ୍ଟ ହୋଇ-ଯାଇଛି । ତୁଳସୀଦାସ ଯେତେବେଳେ ରାମାୟଣ ଲେଖିବାକୁ

ବାହାରିଲେ, ସେତେବେଳେ ସଂସ୍କୃତ ଭାଷାକୁ ଖୁବ୍ ସମ୍ମାନ ଦିଆ-
ଯାଉଥିଲା । ତେଣୁ ଯେ କୌଣସି ଲେଖକ ସଂସ୍କୃତ ଭାଷାରେ ଲେଖି
ଲୋକସମ୍ମାନ ପାଇଁ ଚେଷ୍ଟା କରିବା ସ୍ୱାଭାବିକ । କେହି କେହି ମଧ
କହନ୍ତି—ତୁଳସୀଦାସ ସଂସ୍କୃତରେ 'ରାମଚରିତ ମାନସ' ଆରମ୍ଭ
କରିଥିଲେ, କିନ୍ତୁ ପରେ ଲୋକଙ୍କ ଭାଷାରେ ଲେଖିବା ପାଇଁ ସ୍ଥିର
କଲେ । କାଶୀର ପଣ୍ଡିତମାନେ ଏଥିରେ ବିରକ୍ତ ଥରେ କାଶୀ-
ବିଶ୍ୱନାଥ ଦେବତାଙ୍କ ନିକଟରେ ରାମଚରିତ ମାନସକୁ ପରୀକ୍ଷା
କରାଇଲେ । ରାତିରେ ଦେବତାଙ୍କ ନିକଟରେ ସଂସ୍କୃତ ଓ ହିନ୍ଦୀ
ରାମାୟଣକୁ ତଳ ଉପର କରି ରଖିଦେଲେ, ଉପରେ ସଂସ୍କୃତ ଗ୍ରନ୍ଥ
ତଳେ ହିନ୍ଦୀ ଗ୍ରନ୍ଥ । କିନ୍ତୁ ସକାଳୁ ଦେଖିଲାବେଳକୁ ସଂସ୍କୃତ ଗ୍ରନ୍ଥ-
ମାନ ତଳେ, ହିନ୍ଦୀ ଗ୍ରନ୍ଥ ଉପରେ ଓ ତା ଉପରେ ଲେଖାହୋଇଛି
'ସତ୍ୟଂ, ଶିବଂ, ସୁନ୍ଦରଂ' । ହୁଏତ ଏହା ଗଳ୍ପ ହୋଇପାରେ, କିନ୍ତୁ
ଜନତାର ଶିକ୍ଷାପାଇଁ ସଂସ୍କୃତ ଅପେକ୍ଷା ଲୋକଭାଷା ଯେ ଅଧିକ
ଉପାଦେୟ, ଅଧିକ ସତ୍ୟ, ଶିବ ଓ ସୁନ୍ଦର — ଏହି ଇଙ୍ଗିତ ସେଥିରେ
ଥିଲା, ଏଥିରେ ସନ୍ଦେହ ନାହିଁ । ଜଗନ୍ନାଥଙ୍କ ଓଡ଼ିଆ ଭାଗବତକୁ
ସଂସ୍କୃତ ପଣ୍ଡିତମାନେ 'ତେଲି ଭାଗବତ' ବୋଲି ଉପହାସ କରୁ-
ଥିଲେ; କିନ୍ତୁ ଶେଷରେ ସେହି ଭାଗବତ ଜଳରେ ତୈଳବିନ୍ଦୁ ପରି
ଦେଶର କୋଣେ କୋଣେ ପ୍ରସରି ଗଲା, ନିରକ୍ଷର ଓଡ଼ିଆ ଜାତି
ସାକ୍ଷର ହୋଇଉଠିଲା । ଇଂଲଣ୍ଡର ବିଶ୍ୱବିଖ୍ୟାତ କବି ମିଲଟନ୍
ଯେତେବେଳେ ତାଙ୍କର ମହାକାବ୍ୟ 'ପାରାଡାଇଜ ଲଷ୍ଟ' ଲେଖିଲେ,
ସେତେବେଳେ ଇଉରୋପରେ ଲାଟିନ ଭାଷାର ପ୍ରାଧାନ୍ୟ ବହୁତ
ଥିଲା । ତେବେ ବି ସେ ତାଙ୍କ ମହାକାବ୍ୟକୁ ଲାଟିନ୍‌ରେ ନ ଲେଖି
ମାତୃଭାଷା ଇଂରେଜିରେ ଲେଖିଲେ । ନିଜର ଏଥିରେ ଯାହା ହେଲା
ନ ହେଲା ସେ ଭିନ୍ନ କଥା, କିନ୍ତୁ ଇଂରେଜି ଭାଷା ଓ ସାହିତ୍ୟର ଖ୍ୟାତି

ଯେ ଏଥିରେ ଯଥେଷ୍ଟ ବଢ଼ିଗଲା, ଏଥିରେ ସନ୍ଦେହ ନାହିଁ । ପୁରାତନ କଥା ଛାଡ଼ିଦେଲେ ଆଧୁନିକ ଯୁଗରେ ବିଜ୍ଞାନପ୍ରଧାନ ରୁଷ ଦେଶରେ ରୁଷଭାଷା ଓ ପ୍ରଗତିପ୍ରଧାନ ଜାପାନ ଦେଶରେ ଜାପାନୀଭାଷା ଜାତୀୟ ଭାଷାରୂପେ ଗୃହୀତ । ଶ୍ରୀଯୁକ୍ତ ନେହରୁ ଥରେ କମ୍ୟୁନିଟି ପ୍ରୋଜେକ୍ଟ ଦେଖିବାକୁ ଯାଇଥିଲେ । ସେଠି ସେ ଦେଖିଲେ ଯେ ବୁଲେଟିନପତ୍ର ସବୁ ଇଂରେଜୀରେ ବଣ୍ଟା ହୋଇଛି । ତା' ଦେଖି ସେ ଦୁଇଟି କଥା କହିଥିଲେ; ଗୋଟିଏ ହେଉଛି — ପ୍ରୋଜେକ୍ଟର ଡିରେକ୍ଟର କେବଳ ଆଦେଶ ନ ଦେଇ ନିଜେ କୋଡ଼ି କୋଦାଳ ଧରି ପ୍ରୋଜେକ୍ଟରେ କାମ କରିବା ଉଚିତ । ଆଉ ଗୋଟିଏ ହେଉଛି — ପ୍ରଚାରପତ୍ରସବୁ ଆମ ଦେଶୀ ଭାଷାରେ ଲେଖି ବାଣ୍ଟିବା ଉଚିତ । ବାସ୍ତବରେ ପ୍ରୋଜେକ୍ଟ ତ ହାକିମମାନଙ୍କର ନୁହେଁ, ଗାଁ ଲୋକଙ୍କର । ଗାଁ ଭାଷାରେ ଯଦି ଗାଁ ଲୋକଙ୍କୁ ବୁଝାଇ ଦିଆ ନ ଯାଏ, ତେବେ ପ୍ରୋଜେକ୍ଟ ଚଳାଇଁ ସେମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ହେବ କେମିତି ? ତେଣୁ ଲୋକଙ୍କ ପାଇଁ ତାଙ୍କ ନିଜ ଭାଷା ସବୁଠୁ ବେଶି ଉପଯୋଗୀ; ଏଥିରେ ଯୁକ୍ତିତର୍କର କୌଣସି ଆବଶ୍ୟକତା ନାହିଁ ।

କିନ୍ତୁ ଆମଦେଶରେ ବହୁଦିନ ପର୍ଯ୍ୟନ୍ତ ଅସ୍ୱାଭାବିକ ପରିସ୍ଥିତି ରାଜତ୍ୱ କରିଥିବାରୁ ଏ ବିଷୟରେ ନାନାପ୍ରଶ୍ନ ଓ ବାଦବିସମ୍ବାଦ ଉଠିଛି । ଯାହାର ଯାହା ହକ୍, ତାକୁ ତାହା ମିଳେ ନାହିଁ । ବ୍ରିଟିଶମାନେ ଏଠି ରାଜତ୍ୱ କରିବା ଫଳରେ ଇଂରେଜୀଭାଷାର ପ୍ରାଧାନ୍ୟ ବଢ଼ିଲା । ସେ ପୁଣି ଏତେ ବଢ଼ିଗଲା ଯେ ତାକୁ ଛଡ଼ାଇବାକୁ ଚେଷ୍ଟାକଲେ ଏବେ ଅସ୍ୱାଭାବିକ ମନେ ହେଉଛି । ଊନବିଂଶ ଶତାବ୍ଦୀରେ ଇଂରେଜୀ ସପକ୍ଷରେ ଯେଉଁ ଯୁକ୍ତି କରାଯାଉଥିଲା, ବିଂଶ ଶତାବ୍ଦୀରେ ମଧ୍ୟ ସେହି ଯୁକ୍ତି ଶୁଣିବାକୁ ମିଳୁଛି, ଅଳ୍ପ ସାମାନ୍ୟ ଯାହା କିଛି ପରିବର୍ତ୍ତନ

ହୋଇଛି । ସେ କାଳେ ବିବାଦ ଥିଲା ଇଂରେଜ ଓ ଆଞ୍ଚଳିକ ଭାଷା-ମାନଙ୍କ ମଧ୍ୟରେ; ଏବେ ବିବାଦ ହେଉଛି ହିନ୍ଦୀ ଓ ଇଂରେଜ ଭିତରେ । ଆଞ୍ଚଳିକ ଭାଷାମାନେ ଏକ ନିର୍ବିବାଦ ସ୍ତରରେ ଅଛନ୍ତି । ଅର୍ଥାତ୍ ଓଡ଼ିଶାରେ ଓଡ଼ିଆ ଓ ବଙ୍ଗରେ ବଙ୍ଗଳା ଭାଷାରେ ଶିକ୍ଷା, ଶାସନ ଚାଲିବା ବିଷୟରେ ଭାରତୀୟ ସମ୍ବିଧାନର ନିର୍ଦ୍ଦେଶ ସୁସ୍ପଷ୍ଟ । କେବଳ ହିନ୍ଦୀ ଇଂରେଜକୁ ନେଇ ଯାହା ଗଣ୍ଡଗୋଳ । ଦକ୍ଷିଣ ଲୋକଙ୍କର ଯୁକ୍ତି ହେଉଛି—ଇଂରେଜ ତ ଥିଲା ରହୁ, ହିନ୍ଦୀ ଆମ ପାଇଁ ଗୋଟାଏ ନୂଆ ଭାଷା, ଆମେ ପୁଣି ତାକୁ ଶିଖି ପାରିବୁ ନାହିଁ । ବର୍ତ୍ତମାନ ହିନ୍ଦୀ ଲୋକଙ୍କର ଯୁକ୍ତି ହେଉଛି—ଦକ୍ଷିଣ ଲୋକେ ଯଦି ହିନ୍ଦୀପରି ଗୋଟାଏ ଭାରତୀୟ ଭାଷା ଶିଖି ପାରିବେ ନାହିଁ, ହିନ୍ଦୀ ଲୋକେ ଗୋଟାଏ ସମ୍ପୂର୍ଣ୍ଣ ବିଦେଶୀ ଭାଷା ଶିଖିବାକୁ ବାଧ୍ୟ ହେବେ କାହିଁକି ?

ଊନବିଂଶ ଶତାବ୍ଦୀରେ ଇଂରେଜମାନେ ତାଙ୍କ ଭାଷାକୁ ଭାରତ ଶାସନରେ ପୂରାଇ ତାଙ୍କ ସାମ୍ରାଜ୍ୟକୁ ଦୃଢ଼ କରିବା ପାଇଁ କଳ୍ପନା କରିଥିଲେ । ଲର୍ଡ଼ ମାକ୍‌ଲେ ଭାରତୀୟ ଶିକ୍ଷାକୁ ଇଂରେଜ ମାଧ୍ୟମରେ ଚଳାଇ ତାଙ୍କ ସାମ୍ରାଜ୍ୟ ପାଇଁ କିରାଣୀ ଓ ଅଫିସର ତିଆରି କରିବା ଲାଗି ଚେଷ୍ଟା କରିଥିଲେ । ରାମମୋହନ ରାୟ ପ୍ରଭୃତି ଦେଶ ସଂସ୍କାରକମାନେ ଭାବିଥିଲେ—ଇଂରେଜ ଶିକ୍ଷା ଦ୍ୱାରା ଭାରତୀୟମାନେ ପାଶ୍ଚାତ୍ୟ ବିଜ୍ଞାନ ଓ ସଭ୍ୟତାର ସଂସ୍ପର୍ଶରେ ଆସିବେ । ତା' ଯେ ନ ହେଲା ତା' ନୁହେ; କିନ୍ତୁ ସେହି ଶିକ୍ଷା ପ୍ରଭାବରେ ଲୋକେ ଯେ ନିଜର ସବୁକଥା ଭୁଲିଯିବେ, ଏକଥା ବୋଧହୁଏ କେହି କଳ୍ପନା କରି ନ ଥିଲେ । ଇଂରେଜ ସପକ୍ଷରେ ଲୋକେ ଏବେ ବି ସେହି ଯୁକ୍ତି କରନ୍ତି । ସେମାନେ କହନ୍ତି — ଇଂରେଜ ବିନା ବିଜ୍ଞାନର ପ୍ରସାର ଏ

ଦେଶରେ ହୋଇ ପାରିବ ନାହିଁ । ଅବଶ୍ୟ ଆମେ ଦେଖୁଛୁ—ରୁଷ ଓ ଜାପାନରେ ବିଜ୍ଞାନର ଯେଉଁ ଅଭୂତପୂର୍ବ ପ୍ରଗତି ହୋଇଛି, ତାହା ସେହି ସେହି ଦେଶର ଭାଷା ମାଧ୍ୟମରେ ସମ୍ଭବ ହୋଇଛି । ସବୁ ଯେ କେବଳ ଇଂରେଜ ଯୋଗୁଁ ହୁଏ ତା ନୁହେଁ, ହୁଏ ବୈଜ୍ଞାନିକ-ମାନଙ୍କର ଏକାନ୍ତ ଅଧ୍ୟବସାୟ ଯୋଗୁଁ । ଇଂରେଜମାନଙ୍କ ମଧ୍ୟରେ ସମସ୍ତେ ସାମ୍ରାଜ୍ୟବାଦୀ ନ ଥିଲେ । ସେମାନଙ୍କ ମଧ୍ୟରୁ କେତେକ ଲୋକ ଇଂରେଜ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଭାରତୀୟମାନଙ୍କୁ ସେମାନଙ୍କର ମାତୃଭାଷାରେ ଶିକ୍ଷାର ସୁବିଧା ଦେବାପାଇଁ ବହୁତ ଆଗରୁ ଆବାଜ ଉଠାଇଥିଲେ । ମାତ୍ର ସେମାନେ ମୁଷ୍ଟିମେୟ ଥିବାରୁ ବିଶେଷ କିଛି ଫଳ ଫଳିଲା ନାହିଁ ।

ସବୁପାଠ ଯେତେବେଳେ ଇଂରେଜି ମାଧ୍ୟମରେ ପଢ଼ାଗଲା, ଦେଖାଗଲା ଯେ ବିଦେଶୀ ଭାଷାରେ ତାକୁ ଆୟତ୍ତ କରିବା ପିଲା-ମାନଙ୍କ ପକ୍ଷରେ କଷ୍ଟସାଧ୍ୟ ହେଉଛି । ପ୍ରଥମେ ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶରେ ଏହା ବିରୁଦ୍ଧରେ ପ୍ରତିବାଦ ହେଲା । ସେଠିକାର ବ୍ରିଟିଶ-ଇଣ୍ଡିଆ ସମିତି ୧୮୬୭ ଖ୍ରୀଷ୍ଟାବ୍ଦରେ ଇଂରେଜ ସରକାରଙ୍କ ନିକଟରେ ନିବେଦନ କରି କହିଲେ ଯେ ଇଂରେଜି ଭାଷାଶିକ୍ଷା ସଙ୍ଗେ ସଙ୍ଗେ ଭାରତୀୟ ଭାଷାମାନଙ୍କର ମଧ୍ୟ ଉନ୍ନତି କରାଯାଉ । ସଂସ୍କୃତ ପୁସ୍ତକଗୁଡ଼ିକ ଭାରତୀୟ ଭାଷାରେ ଅନୂଦିତ ହେଉ ଓ ଭାରତୀୟ ଭାଷାମାନଙ୍କରେ ପାଠ୍ୟପୁସ୍ତକ ତିଆରି ହୋଇ ପିଲାଙ୍କୁ ପଢ଼ିବାକୁ ଦିଆଯାଉ । ସେ ସମୟରେ ଅଯୋଧ୍ୟା ପ୍ରଦେଶରେ ହାଣ୍ଡଫୋର୍ଡ଼ ନାମକ ଜଣେ ଇଂରେଜ ଡି. ପି. ଆଇ. ଥିଲେ । ସେ ଜଣେ ଭାଷାତତ୍ତ୍ୱବିତ୍ । ସେ କହୁଥିଲେ—ପୃଥିବୀରେ ଯେତେ ଭାଷା ଅଛି, ସମସ୍ତଙ୍କୁ ସମୃଦ୍ଧ କରିବାକୁ ହେବ । ଲୋକମାନଙ୍କର ଭାଷା

ସେତିକି ସମୃଦ୍ଧ ହେବ, ତାର ଜରିଆରେ ଜ୍ଞାନ ସେତିକି ବିସ୍ତୃତ ହେବ । (When the British opposed imposing English on India, Sunday Standard, July 28, 63.)

କିନ୍ତୁ ଆମ ଦେଶରେ ଇଂରେଜ ସରକାରଙ୍କର ଏମିତି ଗୋଟାଏ ଖୋଇଥିଲା ଯେ ତାଙ୍କୁ ଯାହା ମାଗିବ, ସେ ବଟିଡ଼ିକରି ଏମିତି ଭାବରେ ଦେଇଥିବେ ଯେ ତମେ ଅଖା ଧୋଉଥିବ, ଗୁଣ ଗାଉଥିବ । ତା'ର ଚରମ ଉଦାହରଣ ଆମ୍ ଭାରତ ସ୍ୱାଧୀନତା । ଯେଉଁ ଦେଶର ସ୍ୱାଧୀନତା ପାଇଁ ଆମେ ଲଢ଼ୁଥିଲୁ ବ୍ରିଟିଶମାନେ ଗଲାବେଳେ ସେହି ଦେଶକୁ ହିନ୍ଦୁସ୍ତାନ-ପାକିସ୍ତାନ ଦୁଇ ଭାଗରେ ବିଭକ୍ତ କରିଦେଇ ଚାଲିଗଲେ । ସେମାନେ ଯେତେବେଳେ ଦେଖନ୍ତି ଯେ କୌଣସି ଗୋଟାଏ କାମ ନ କଲେ ଆଉ ଗତି ନାହିଁ, ସେତେବେଳେ ଏମିତି କାରସାଦି କରିଦେଇ ଯାଆନ୍ତି ଯେଉଁଥିରେ ଯୁଗ ଯୁଗ ଧରି ଲୋକଙ୍କର ଦୁଃଖ ସରେ ନାହିଁ । ସବୁ କ୍ଷେତ୍ରରେ ସେମାନଙ୍କର ଯେଉଁ ନୀତି, ଭାଷା କ୍ଷେତ୍ରରେ ମଧ୍ୟ ସେହି ନୀତି । ସେମାନେ ଯେତେବେଳେ ଦେଖିଲେ ହାଣ୍ଡ୍ରଫୋର୍ଡଙ୍କ ପରି ଜଣେ ବ୍ରିଟିଶ ଡି. ପି. ଆଇ. ମଧ୍ୟ ଭାରତୀୟ ଭାଷାମାନଙ୍କର ସମୃଦ୍ଧି ପାଇଁ ଲଢ଼ୁଛନ୍ତି, ସେତେବେଳେ ନିରୁପାୟ ହୋଇ ସହାନୁଭୂତି ନାଁରେ ଗୋଟାଏ ଖେଳ ଖେଳିଲେ । ୧୮୭୨ ମସିହାରେ ସର୍ବଭାରତୀୟ ଗୃଟେକସ୍ତ ପାଇଁ ଉର୍ଦ୍ଦୁ ଭାଷା ବ୍ୟବହାର କରିବାଲାଗି ସରକାର ଅନୁମତି ଦେଲେ । ଗୋଟିଏ ଟେକାରେ ଦୁଇଟି ଚଢ଼େଇ ମାରିବା ପାଇଁ ଯାହାଠୁ ଆଉ ଭଲ ବାଟ କ'ଣ ଥିଲା ? ଭାରତୀୟ ଭାଷାନୀତିକୁ ସ୍ୱୀକାର କରାଗଲା ଓ ତା' ସଙ୍ଗେ ସଙ୍ଗେ ହିନ୍ଦୁ-ମୁସଲମାନ ଗଣ୍ଡଗୋଳ ପାଇଁ ମଞ୍ଜି ପୋତା ହୋଇଗଲା ।

ଆଜ ଯେଉଁ ବଙ୍ଗଳାରେ ହିନ୍ଦୀର ପ୍ରବଳ ପ୍ରତିରୋଧ ହେଉଛି, ସେତେବେଳେ ସେହି ବଙ୍ଗଳାରେ ଉର୍ଦ୍ଦୁ ବିରୁଦ୍ଧରେ ଆନ୍ଦୋଳନ ହେଲା । ବଙ୍ଗଳାର ଜଣେ ବିଶିଷ୍ଟବ୍ୟକ୍ତି ଦୀନନାଥ ଗାଙ୍ଗୁଲି ସଂସ୍କୃତର ପୁନରୁତ୍‌ଥାନ ପାଇଁ ପାଟିଗୁଣ୍ଡ କଲେ । ଏବେ ମଧ୍ୟ କୈଳାସନାଥ କାଟଜ୍ ଓ ଡକ୍‌ଟର ସଂପୂର୍ଣ୍ଣାନନ୍ଦଙ୍କ ପରି ବୁଦ୍ଧିଜୀବୀ ରାଜନୀତିଜ୍ଞମାନେ ସଂସ୍କୃତକୁ ରାଷ୍ଟ୍ରଭାଷା କରିବା ପାଇଁ ଯୁକ୍ତି କରନ୍ତି । ନେହରୁ ଜଣେ ପ୍ରାକ୍‌ଟିକାଲ ରାଜନୀତିଜ୍ଞଙ୍କ ପରି ଏବେ ହାଇଦରାବାଦଠାରେ କହିଛନ୍ତି – ସଂସ୍କୃତକୁ ସେ ସମ୍ମାନ କରନ୍ତି, କିନ୍ତୁ ସଂସ୍କୃତ ଶିକ୍ଷାପାଇଁ ଏ ଯୁଗରେ ଲୋକଙ୍କୁ ସେ ବାଧ କରିପାରିବେ ନାହିଁ । ସେ ଯାହାହେଉ, ଗାଙ୍ଗୁଲିଙ୍କର ଯୁକ୍ତି ହେଲା – ଇଂରେଜମାନଙ୍କର ଉର୍ଦ୍ଦୁଭାଷାକୁ ସ୍ୱୀକାର କରିବାର କୌଣସି ଯଥାର୍ଥ୍ୟ ନ ଥିବା, ବରଂ ହିନ୍ଦୀକୁ ସ୍ୱୀକାର କରିବା ଉଚିତ ଥିଲା । ବଙ୍ଗଳାର ତତ୍‌କାଳୀନ ଗଭର୍ଣ୍ଣର ଓ ଅଯୋଧ୍ୟାର ଡି. ପି. ଆଇ. ହାଣ୍ଡଫୋର୍ଡ଼ ଏହି ଯୁକ୍ତିକୁ ସମର୍ଥନ କରିଥିଲେ । ସେମାନେ କହୁଥିଲେ, ସଂସ୍କୃତ ପ୍ରଭାବିତ ହିନ୍ଦୀଭାଷାକୁ ସରକାରଙ୍କର ସ୍ୱୀକାର କରିବା ଉଚିତ । ଏବେ ପ୍ରାୟ ଶହେବର୍ଷ ପରେ ମଧ୍ୟ ସେହି ଯୁକ୍ତି ଅକ୍ଷୁଣ୍ଣ ରହିଛି । ଭାରତ ସରକାର ସଂସ୍କୃତନିଷ୍ଠ ହିନ୍ଦୀକୁ ହିଁ ଜାତୀୟ ଭାଷା ଭାବରେ ଗ୍ରହଣ କରିଛନ୍ତି ।

ଭାରତରେ ଇଂରେଜ ପ୍ରଚଳନର ଜଣେ ପ୍ରଧାନ ସମାଲୋଚକ ଥିଲେ ପଞ୍ଜାବର ତତ୍‌କାଳୀନ ଡି. ପି. ଆଇ. କାପଟେନ୍ ହଲ-ରଏଡ଼୍ । ଭାରତୀୟ ଭାଷାମାନଙ୍କର ସମୃଦ୍ଧି, ବିଶେଷତଃ ସଂସ୍କୃତଭାଷାର ଅଧ୍ୟୟନ ପାଇଁ ସେ ବିଶେଷ ଆଗ୍ରହୀ ଥିଲେ । ତାଙ୍କର ପ୍ରେରଣାରେ ଲାହୋରଠାରେ ଗୋଟିଏ ପ୍ରାଚ୍ୟ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଆନ୍ଦୋଳନ ଆରମ୍ଭ ହେଲା । ପଞ୍ଜାବର ଗଭର୍ଣ୍ଣର ସାର୍ ଡିନାଲ୍‌ଡ଼

ମାକଲଏଣ୍ଡ୍ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ କଲେ । ଇଂରେଜ ଶିକ୍ଷା ବିରୁଦ୍ଧରେ ଗାନ୍ଧିଜୀ ତାଙ୍କ ଜୀବନସାରା ଯେଉଁ ଯୁକ୍ତି କରି ଆସିଥିଲେ, ଆଶ୍ଚର୍ଯ୍ୟର କଥା, କାପଟେନ୍ ହଲରଏଣ୍ଡ ଜଣେ ଇଂରେଜ ଲୋକ ହେଲେ ମଧ୍ୟ ଇଂରେଜ ବିରୁଦ୍ଧରେ ଠିକ୍ ସେହି ଯୁକ୍ତି କରିଥିଲେ । The great majority of those most highly trained by us have by that training, been rendered almost as alien to the bulk of their countrymen as we are our selves.--ମାନେ ଇଂରେଜ ଲୋକେ ଯେମିତି ନିଜକୁ ଭାରତୀୟମାନଙ୍କଠୁ ଭିନ୍ନ ମନେ କରନ୍ତି, ଇଂରେଜ ଶିକ୍ଷିତ ଭାରତୀୟମାନେ ମଧ୍ୟ ନିଜକୁ ସେମିତି ଭିନ୍ନ ମନେକରନ୍ତି । ଭାରତର ରାଷ୍ଟ୍ରପତି ଡକ୍ଟର ରାଧାକୃଷ୍ଣନ୍ କହିଛନ୍ତି--The modern educated Indian is a false copy of his Western counterpart'—ଅର୍ଥାତ୍ ଭାରତୀୟ ଶିକ୍ଷିତ ଯୁବକମାନେ ନକଲି ସଂସ୍କରଣ । ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନେହରୁଙ୍କ ପରି ଜଣେ ପ୍ରଗତିବାଦୀ ବ୍ୟକ୍ତି ଏବେ ହାଇଦରାବାଦଠାରେ କହିଛନ୍ତି—'ଇଂରେଜ ଶିକ୍ଷାଦ୍ୱାରା ଜାତିଭେଦ ସୃଷ୍ଟି ହୋଇଛି । ଏହାର ଉଚ୍ଛେଦ କରିବାକୁ ହେବ ।' (ଦୈନିକ କଳିଙ୍ଗ, ୨୪।୧।୬୩)

ଇଂରେଜ କଥା ଯାହାହେଉ, ଏବେ ହିନ୍ଦୀ ରାଜ୍ୟମାନେ ତାଙ୍କ ଶାସନକ୍ଷେତ୍ରରେ ହିନ୍ଦୀକୁ ଚଳାଇବା ପାଇଁ ପ୍ରାଣପଣେ ଚେଷ୍ଟାରେ ଲାଗିଛନ୍ତି । ଅନ୍ୟାନ୍ୟ କେତେକ ରାଜ୍ୟ ମଧ୍ୟ ଆଞ୍ଚଳିକ ଭାଷା ଚଳାଇବା ଆରମ୍ଭ କଲେଣି । ଆମର ପାଖ ପଡ଼ିଶା ଉଦାହରଣ ହେଉଛି ବଙ୍ଗଳା । କିନ୍ତୁ ଆମ ରାଜ୍ୟରେ ବିଶେଷ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନା । ଏବେ ମଧ୍ୟ ଅନେକ ଲୋକଙ୍କର ବିଶ୍ୱାସ ହୋଇ ନା ରାଜ୍ୟମାନଙ୍କରେ ଆଞ୍ଚଳିକ ଭାଷା ଚଳିବ ବୋଲି—ଯଥା ଓଡ଼ିଶାରେ ଓଡ଼ିଆ, ବଙ୍ଗରେ ବଙ୍ଗଳା । ବଙ୍ଗଳା ଗୃହୀତ ହେଲା ପରେ

ଆଉ ଅବିଶ୍ୱାସ ବା କ'ଣ ? କେବଳ ଯାହା ସମୟର କଥା । କିଏ ଆଜି, କିଏ କାଲି । ଆମର ଏ ବିଷୟରେ ଲୋକଚେତନା ଅଭାବ । କେବଳ ଖବରକାଗଜ ଓ ପତ୍ରପତ୍ରିକାମାନେ ମଝିରେ ମଝିରେ ଯାହା ମନେପକାଇ ଦିଅନ୍ତି । ଶାସନକ୍ଷେତ୍ରରେ ଗୋଟିଏ ଭାଷାରୁ ଆଉ ଗୋଟିଏ ଭାଷାକୁ ବଦଳିବା ପାଇଁ ଅନେକ ଅସୁବିଧା । ସେଥିପାଇଁ ଦୀର୍ଘ ପ୍ରସ୍ତୁତି ଦରକାର । ତେଣୁ ଭାଷା ଆନ୍ଦୋଳନରେ ଆଜି ପର୍ଯ୍ୟନ୍ତ କ'ଣ ହୋଇଛି ଓ ପ୍ରଗତିଶୀଳ ଭାଷାମାନେ ଶାସନଭାର ବହନ କରିବା ପାଇଁ କିପରି ପ୍ରସ୍ତୁତ ହେଉଛନ୍ତି, ଆମର ଜାଣିବା ଦରକାର । ଏହି ପୁସ୍ତକରେ ସେହି ବିଷୟରେ କେତେକ କଥା ଲେଖା ହୋଇଛି ।

ଏହି କ୍ଷୁଦ୍ର ପୁସ୍ତକରେ ସମଗ୍ର ବିଷୟବସ୍ତୁକୁ ତିନି ଭାଗରେ ବିଭକ୍ତ କରାଯାଇଛି—ଇଂରେଜି, ହିନ୍ଦୀ ଓ ଆଞ୍ଚଳିକ ଭାଷା । ପ୍ରତ୍ୟେକଙ୍କର ପ୍ରାରମ୍ଭ, ପ୍ରଗତି ଓ ପରିଣତି ବିଷୟରେ କେତେକ ସୂଚନା ଦିଆଯାଇଛି । ଆବଶ୍ୟକୀୟ ସ୍ଥଳରେ ଚିନ୍ତାନାୟକମାନଙ୍କର ଭାବଧାରାର ମର୍ମାନୁବାଦ ଓଡ଼ିଆରେ ଦିଆଯାଇ ନମ୍ବର କରି ଦିଆଯାଇଛି । କୋଟେସନ୍‌ଗୁଡ଼ିକ ପୃଷ୍ଠା ପ୍ରାନ୍ତରେ ଦିଆ ନ ଯାଇ ପରିଶେଷରେ ରେଫରେନ୍‌ସରେ ଦିଆଯାଇଛି । ହିନ୍ଦୀ, ଇଂରେଜି ଓ ଆଞ୍ଚଳିକ ଭାଷା ପ୍ରଶ୍ନଗୁଡ଼ିକ ପରସ୍ପର ସହିତ ଏପରି ସମ୍ପୃକ୍ତ ଯେ ସାମାନ୍ୟ ପୁନରୁକ୍ତି ହେବାଛଡ଼ା ଉପାୟ ନାହିଁ । ଆଜିକାଲି ହିନ୍ଦୀ କାଗଜ ଖୋଲିଲେ ଇଂରେଜି ବିରୁଦ୍ଧରେ ଓ ଇଂରେଜି କାଗଜ ଖୋଲିଲେ ହିନ୍ଦୀ ବିରୁଦ୍ଧରେ ଆଲୋଚନା ଦେଖାଯାଏ । ତେଣୁ ଦେଶବାସୀ ବିଜ୍ଞ ପାଠକପାଠିକାମାନଙ୍କୁ ଭାରତର ଭାଷା ପରିସ୍ଥିତିର ଏକ ଚିତ୍ର ଦେବାପାଇଁ ଏହି କ୍ଷୁଦ୍ର ଚେଷ୍ଟା । କେନ୍ଦ୍ରରେ ହିନ୍ଦୀ-ଇଂରେଜି ବିବାଦ

ଯାହାହେଉ ପଛେ, ରାଜ୍ୟରେ ରାଜ୍ୟଭାଷା ଅର୍ଥାତ୍ ଓଡ଼ିଶାରେ ଓଡ଼ିଆ, ଆନ୍ଧ୍ରରେ ତେଲୁଗୁ—ଏ ବିଷୟରେ ତ ବିବାଦର ପ୍ରଶ୍ନ ନାହିଁ; ଆମେ ସେତିକ ବୁଝିଲେ ଯଥେଷ୍ଟ । ଭାଷା ବିଷୟରେ ଯେଉଁମାନେ ଅଦୌ କୌତୂହଳୀ ନୁହନ୍ତି, ସେମାନଙ୍କର କିଞ୍ଚିତ୍ କୌତୂହଳ ସୃଷ୍ଟିରେ ଯଦି ଏ ପୁସ୍ତକ ସାହାଯ୍ୟ କରେ, ମୁଁ ସୁଖୀ ହେବି ।

ଓଡ଼ିଶାର ପୂର୍ବତନ ଶିକ୍ଷା ଓ ଅର୍ଥମନ୍ତ୍ରୀ ତଥା ସମାଜ ସମ୍ପାଦକ ଶ୍ରୀଯୁକ୍ତ ରାଧାନାଥ ରଥ ପୁସ୍ତକଟିର "ଅଭିମତ" ଲେଖିବାର କଷ୍ଟ ସ୍ୱୀକାର କରିଥିବାରୁ ତାଙ୍କ ନିକଟରେ ଲେଖକ ବିଶେଷ ଭାବରେ ଋଣୀ ।

ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ ଏହି ପୁସ୍ତକ ପ୍ରକାଶନରେ ସାହାଯ୍ୟ କରିଥିବାରୁ ତାଙ୍କୁ ଅଶେଷ ଧନ୍ୟବାଦ ।

ଲେଖକ

ଗଞ୍ଜେଇଡିହ,
ଢେଙ୍କାନାଳ

# ସୂଚିପତ୍ର


| ବିଷୟ | ପୃଷ୍ଠା |
|---|---|
| ଭୂମିକା | କ |
| **ଇଂରେଜୀ—** | |
| ଭାଷା, ଜାତି, ଜାତୀୟତା | ୧ |
| ଇଂରେଜୀର ଆଧିପତ୍ୟ | ୧୫ |
| ଇଂରେଜୀ ପାଠେଶ୍ୱ | ୨୭ |
| ଅସ୍ଥିର ମତି | ୩୫ |
| **ହିନ୍ଦୀ—** | |
| ଇଂରେଜୀ ପରେ | ୪୭ |
| ଗାନ୍ଧୀ ଓ ହିନ୍ଦୀ | ୫୨ |
| ହିନ୍ଦୀ, ଉର୍ଦ୍ଦୁ, ହିନ୍ଦୁସ୍ତାନୀ | ୬୦ |
| ଉତ୍ସର ଓ ପ୍ରତିବନ୍ଧ | ୬୩ |
| ଲଡ଼କା ଜାତା, ଲଡ଼କୀ ଜାତୀ ହୈ | ୭୧ |
| ନାଗରୀ ଓ ରୋମାନ୍ ଲିପି | ୭୮ |
| ଫୁଠାମାଙ୍କ ଡିବସ୍ତ୍ରା ଓ କଣ୍ଡକୌପୀନ | ୮୪ |
| ହିନ୍ଦୀ ଓ ଦକ୍ଷିଣ | ୯୧ |
| ହିନ୍ଦୀ ଓ ସର୍ବଭାରତୀୟ ସର୍ଭିସ | ୯୭ |
| ହିନ୍ଦୀ ଘରେ ଓ ବାହାରେ | ୧୦୧ |
| **ଆଞ୍ଚଳିକ ଭାଷା—** | |
| ବଙ୍ଗରେ ବଙ୍ଗଳା | ୧୦୮ |
| ମାତୃଭାଷା ଓ ଲୋକଶିକ୍ଷା | ୧୧୭ |
| ଭାଷା ପ୍ରସ୍ତୁତି | ୧୨୮ |
| ବିଜ୍ଞାନ ଶିକ୍ଷା ଓ ମାତୃଭାଷା | ୧୪୧ |
| ସ୍ୱାଧୀନତା ପରେ ଆଞ୍ଚଳିକ ଭାଷା | ୧୫୭ |
| **ରେଫରେନସ୍** | ୧୭୦ |

# ଭାଷା, ଜାତି, ଜାତୀୟତା

ଏହି ଗଲା ଇଲେକ୍‌ସନ ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ଯେତେବେଳେ ଶପଥ ନେଲେ, ସେତେବେଳେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନେହରୁ କେଉଁ ଭାଷାରେ ଶପଥପତ୍ର ପଢ଼ିଲେ ଆପଣଙ୍କର ମନେ ଅଛି ? ବୋଧହୁଏ ନ ଥିବ । ଶପଥ ତ ପଢ଼ିଲେ, କେଉଁ ଭାଷାରେ ପଢ଼ିଲେ ଅବା ମନେ ରଖି ଯାଉଛି କିଏ ? କିନ୍ତୁ ସେ ପଢ଼ିଲେ ହିନ୍ଦୀରେ ! ତାଙ୍କ ସାଙ୍ଗକୁ ଆଉ କେତେ ଜଣ ବି ପଢ଼ିଲେ ସେହି ହିନ୍ଦୀରେ । ବାକୀ ଯେଉଁମାନେ ରହିଲେ, ସେମାନେ ପଢ଼ିଲେ ଇଂରେଜିରେ । ଏକଥା ଦେଖି କେହି ହୁଏ ତ ଭାବିଥିବେ, ଏଣିକି ସରକାରଙ୍କ କାମ ଚାଲିବ ଉଭୟ ହିନ୍ଦୀ ଆଉ ଇଂରେଜୀରେ; ହିନ୍ଦୀ ଲୋକଙ୍କ ପାଇଁ ରହିବ ହିନ୍ଦୀ ଓ ଅହିନ୍ଦୀ ଲୋକଙ୍କ ପାଇଁ ରହିବ ଇଂରେଜି । ପ୍ରକୃତରେ ବି ସେୟା ହେଲା । ଏହି ୧୯୬୩ ଅପ୍ରେଲ-ମେ ରେ ଲୋକସଭାରେ ଯେଉଁ ଭାଷାବିଲ୍ ପାଶ ହେଲା, ସେଥିରେ ପରିଷ୍କାର ଦେଖାଗଲା ଯେ ୧୯୬୫ ପରେ ହିନ୍ଦୀ ସାଙ୍ଗରେ ଇଂରେଜି ବି ଚାଲୁ ରହିବ । ସବୁଦିନ ପାଇଁ ନ ରହିପାରେ; କିନ୍ତୁ କେତେ ବର୍ଷ ପାଇଁ ନିଶ୍ଚୟ ରହିବ । ରାଜନୀତିଜ୍ଞମାନେ କରିବା କାମକୁ ମୁହଁରେ ବେଶି କହନ୍ତି ନାହିଁ; ସେମାନଙ୍କ ଇଙ୍ଗିତରୁ ଆପେ ଆପେ ତାହା

ଜଣାପଡ଼ୁଯାଏ । ବିଷ୍ଣୁ ଶର୍ମା ମୂର୍ଖ ରାଜପୁତ୍ରମାନଙ୍କୁ ଠିକ୍ ଏଇ ପାଠ ପଢ଼ାଇଥିଲେ ।

ସେ ଶପଥ କଥା ହୁଏ ତ ଆପଣ ଭୁଲି ଯାଇଥିବେ; କାରଣ ସେ ବିଷୟରେ ଟୀକା-ଟିପ୍ପଣୀ କେଉଁଠି କିଛି ନ ଥିଲା । କିନ୍ତୁ ୧୯୬୩ ମସିହାର ପ୍ରଥମ ପାଞ୍ଚ ମାସ ଭିତରେ ଭାରତର କେତେକ ଜାଗାରେ ଭାଷା ନେଇ ଯେଉଁ ତମ୍ବୁତୋଫାନ ହେଲା, ଆପଣ ବୋଧହୁଏ ତାକୁ ଭୁଲି ନ ଥିବେ । ଖାଲି ଯେ କାଗଜପତ୍ରରେ ଟୀକା-ଟିପ୍ପଣୀ ହେଲା ତା ନୁହେଁ, ଲୋକସଭା ଓ ରାଜ୍ୟସଭାମାନଙ୍କରେ ସେଥିପାଇଁ ଭାଷଣ ଓ ବହିଷ୍କରଣ ପର୍ଯ୍ୟନ୍ତ ଚାଲିଲା । ଭାଷା ବିଷୟରେ ସାଧାରଣତଃ ଯେଉଁମାନେ କେବେହେଲେ ଚିନ୍ତା କରନ୍ତି ନାହିଁ, ସେମାନେ ମଧ୍ୟ କୌତୂହଳୀ ହୋଇ ଉଠିଲେ । ପ୍ରଥମ ତୋଫାନ ଉଠିଲା ଉତ୍ତର-ପ୍ରଦେଶ ରାଜ୍ୟସଭାରେ । ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ଇଂରେଜିରେ ବକ୍ତୃତା ଆରମ୍ଭ କଲାମାତ୍ରେ ପ୍ରତିବାଦ ଆରମ୍ଭ ହେଲା । ହିନ୍ଦୀ କହନ୍ତୁ, ହିନ୍ଦୀ ନ ହେଲେ ଓଡ଼ିଆରେ କହନ୍ତୁ, ଇଂରେଜି ଆମେ ଶୁଣିବୁ ନାହିଁ । କୌଣସି ବିକଳ୍ପ ବ୍ୟବସ୍ଥା ପାଇଁ ରାଜ୍ୟପାଳ ପ୍ରସ୍ତୁତ ନ ଥିଲେ, ତେଣୁ ନୀରବ ରହିବା ପାଇଁ ବାଧ୍ୟ ହେଲେ । ୟୁ. ପି.ରେ ତ ଯାହା ହେବାର ହେଲା, ଓଡ଼ିଶାରେ ଭାରି ପାଟିତୁଣ୍ଡ ହେଲା । କୌଣସି କୌଣସି ଖବରକାଗଜ କଡ଼ା କଡ଼ା ସମ୍ପାଦକୀୟ ଲେଖିଲେ । କାହିଁକି ? ଭାଷାର ଅପମାନ ବୋଧହୁଏ ଜାତିର ଅପମାନ । ପ୍ରଧାନମନ୍ତ୍ରୀଙ୍କ ଶପଥ ବେଳେ ଯେଉଁମାନେ ଭାଷା କଥା ନେଇ ମୋଟେ ଭାବି ନ ଥିବେ, ଆଜି ହୁଏ ତ ରାଜ୍ୟପାଳଙ୍କ ଭାଷଣ ହଟଗୋଳ ନେଇ ସେମାନେ ବେଶ୍ ସଚେତ ହୋଇ ଉଠିଥିବେ ।

ୟୁ. ପି.ରୁ ଆହୁରି ଆଗେଇ ଆସିଲେ ବିହାର । ସେଠି ବି ଚାଲିଲା ସେହି ପାଲା । ରାଜ୍ୟପାଳ ଶ୍ରୀଯୁକ୍ତ ଅନନ୍ତଶୟନମ୍ ଆୟଙ୍ଗାର୍

ରାଜ୍ୟସଭାରେ ଇଂରେଜୀରେ ଭାଷଣ ଆରମ୍ଭ କଲା ମାତ୍ରେ ଗୋଳମାଳ ଆରମ୍ଭ ହୋଇଯାଇଛି । ହିନ୍ଦୀରେ କହନ୍ତୁ, ଆମେ ଇଂରେଜୀ ଶୁଣିବୁ ନାହିଁ । ଆଚ୍ଛା କଥା ! ଦେଢ଼ଶହ ବର୍ଷକାଳ ଇଂରେଜୀ ଶୁଣିଲେ, ଏବେ ଶୁଣିବେ ନାହିଁ କାହିଁକି ? ଖାଲି ସେତିକି ନୁହେଁ; ବିହାର ବିଧାନସଭାରେ ଏବେ ଆହୁରି ଏକ ମଜା ଘଟଣା ଘଟିଛି । ଭାଷଣ ତ ଶୁଣିବେ ନାହିଁ, ଇଂରେଜୀ ଲେଖାର ଆଉ ଜବାବ ବି ଦେବେ ନାହିଁ । ବିହାର ବିଧାନସଭାର ଅଧ୍ୟକ୍ଷ ହେଉଛନ୍ତି ଡକ୍ଟର ଲକ୍ଷ୍ମୀନାରାୟଣ 'ସୁଧାଂଶୁ' । ତାଙ୍କ ନିକଟକୁ ଏବେ ଖଣ୍ଡିଏ ଇଂରେଜୀଲେଖା ସରକାରୀ ଚିଠି ଯାଇଥିଲା । ସେ ଚିଠିଟା ସେ ଫେରାଇଦେଲେ, ହିନ୍ଦୀରେ ନ ଲେଖିଲେ ସେ ନେବେ ନାହିଁ । ଏହି ଘଟଣାକୁ କେନ୍ଦ୍ର କରି ନବଭାରତ ଟାଇମ୍ସ (ହିନ୍ଦୀ) ଗୋଟିଏ ଉପ-ସମ୍ପାଦକୀୟ ଲେଖାରେ କହିଛନ୍ତି ଯେ ଡକ୍ଟର ଲକ୍ଷ୍ମୀନାରାୟଣ ଇଂରେଜୀ ଚିଠିଟା ଫେରାଇ ଦେଇ ଗୋଟାଏ ଐତିହାସିକ କାମ କରିଛନ୍ତି । ଯଦିଓ ହିନ୍ଦୀ ଇଂରେଜୀ ଦୁଇଟା ଯାକ ରାଷ୍ଟ୍ରଭାଷା ରୂପେ ଚାଲିବ, ତଥାପି ବିହାର ରାଜ୍ୟର ରାଜ୍ୟଭାଷା ହିନ୍ଦୀ । ରାଜ୍ୟ ଭିତରର କାର୍ଯ୍ୟ ଚଳାଇବା ପାଇଁ ଇଂରେଜୀ ଭାଷାର କୌଣସି ଆବଶ୍ୟକତା ନାହିଁ । ଯେଉଁମାନେ ହିନ୍ଦୀ ଜାଣି ମଧ୍ୟ ଇଂରେଜୀରେ ଲେଖୁଛନ୍ତି, ସେମାନଙ୍କ ପାଇଁ ଏହା ଏକ ସତର୍କ ଘଣ୍ଟି ବୋଲି କାଗଜ ମତ ଦେଇଛନ୍ତି ।

ବିହାରରୁ ପୁଣି ଏହି ପବନ ଲେଉଟିଗଲା ଦିଲ୍ଲୀ, ବିଧାନସଭାରୁ ଲେଉଟିଗଲା ଲୋକସଭାକୁ । ଭାରତର ରାଷ୍ଟ୍ରପତି ଶ୍ରୀଯୁକ୍ତ ଡକ୍ଟର ରାଧାକୃଷ୍ଣନ୍ ଇଂରେଜୀରେ ଭାଷଣ ଆରମ୍ଭ କଲେ । ହେଲା ଗଣ୍ଡଗୋଳ; କିନ୍ତୁ ଗଣ୍ଡଗୋଳ କରୁଥିବା ଲୋକଙ୍କୁ ବହିଷ୍କାର ଆଦେଶ ମିଳିଲା । ଏହି ସମ୍ପର୍କରେ ତା ୨୪ । ୩ । ୬୩ ଧର୍ମଯୁଗରେ ଗୋଟିଏ ଲେଖା ବାହାରିଲା । ସେଥିରେ ଲେଖାଥିଲା—ରାଷ୍ଟ୍ରପତିଙ୍କ ପ୍ରତି ଏ ପ୍ରକାର

ବ୍ୟବହାର ଦେଖାଇବା ଉଚିତ୍ ନୁହେ । ତାଙ୍କପ୍ରତି ସହୃଦୟତା ଦେଖାଇବା ଉଚିତ । କିନ୍ତୁ ରାଷ୍ଟ୍ରପତି ଦୀର୍ଘ ଦଶବର୍ଷକାଳ ଦିଲ୍ଲୀରେ ରହି ଦଶ ପଦ ହିନ୍ଦୀ କଥା ଶିଖିବା ପାଇଁ ଚେଷ୍ଟା କରି ନାହାନ୍ତି । ଯେଉଁମାନଙ୍କଠାରୁ ସେ ସହୃଦୟତା ଆଶା କରନ୍ତି, ସେମାନଙ୍କ ପ୍ରତି ସେ କି ସହାନୁଭୂତି ଦେଖାଇଛନ୍ତି ? ସେହି ସମୟରେ ରାଜ୍ୟପାଳ ଶ୍ରୀଯୁକ୍ତ ଦାସଙ୍କୁ ଲକ୍ଷ୍ୟ କରି ଦକ୍ଷିଣଆମେରିକାର ଚିଲିସ୍ଥ ସାଣ୍ଟିଆଗୋ ସହରରୁ ଜଣେ ଭାରତୀୟ ଭଦ୍ରମହିଳା ହିନ୍ଦୁସ୍ଥାନ ଟାଇମ୍‌ସରେ ଗୋଟିଏ ଲେଖା ବାହାର କରିଥିଲେ । ଭଦ୍ରମହିଳାଙ୍କ ନାଁ ହେଉଛି ଶ୍ରୀମତୀ କମଳାରତ୍ନମ୍ ଓ ତାଙ୍କ ଲେଖାର ନାଁ ହେଉଛି—ହିନ୍ଦୀ କା ଆବାଜ୍ ଉଠାନେ କା ଔର ତରିକା ଭି କ୍ୟା ? ମାନେ—ରାଜ୍ୟ ଭାଷା ଶିଖିବା ପାଇଁ ଯେଉଁମାନେ ରାଜି ନୁହନ୍ତି, ସେମାନଙ୍କୁ ଶିଖାଇବା ପାଇଁ ପାଟି ତୁଣ୍ଡ କରିବା ଛଡ଼ା ଆଉ ଉପାୟ କ'ଣ ? ସେ ତାଙ୍କ ନିଜ ଜୀବନର ଉଦାହରଣ ଦେଇ ଲେଖିଛନ୍ତି, ତାଙ୍କ ସ୍ୱାମୀ ଭାରତୀୟ ଦୂତାବାସରେ କାମ କରନ୍ତି । ସେ ତେଲୁଗୁଭାଷୀ, ତାଙ୍କୁ ହିନ୍ଦୀ ସେତେ ଭଲ ଆସେ ନାହିଁ । ତଥାପି ଅଗଷ୍ଟ ପନ୍ଦର ଓ ଜାନୁଆରୀ ଛବିଶରେ ଭାରତ ସରକାରଙ୍କର ଶୁଭବାର୍ତ୍ତା ସେ ହିନ୍ଦୀରେ ପଢ଼ନ୍ତି । ଏପରି କି ବେଳେବେଳେ ହିନ୍ଦୀଭାଷାକୁ ତେଲୁଗୁ ଅକ୍ଷରରେ ଲେଖି ପଢ଼ିବାକୁ ଚେଷ୍ଟା କରନ୍ତି । ଫଳ କିନ୍ତୁ ଭଲ ହୁଏ, ବିଦେଶୀଲୋକଙ୍କ ଉପରେ ଭାରତୀୟ ନିଜତ୍ୱର ପ୍ରଭାବ ପଡ଼େ । ଯେଉଁମାନେ ନିଜେ ସ୍ୱାଧୀନ, ସେମାନେ ଅନ୍ୟର ସ୍ୱାଧୀନତାକୁ କେମିତି ପସନ୍ଦ କରନ୍ତି, ତାର ଅନ୍ୟ ଏକ ଉଦାହରଣ ଦେଖିପାରନ୍ତି । ୧୯୬୩ ଜୁନ ଚଉଦ ତାରିଖରେ ଭାରତର ରାଷ୍ଟ୍ରପତି ଡକ୍ଟର ରାଧାକୃଷ୍ଣନ୍ ଯେତେବେଳେ ଆମେରିକାରୁ ଫେରି ଲଣ୍ଡନରେ ପହଞ୍ଚିଲେ, ସେତେବେଳେ ଭିକ୍ଟୋରିଆ ଷ୍ଟେସନଠାରେ ତାଙ୍କୁ ସ୍ୱାଗତ କରିବା ପାଇଁ ବ୍ରିଟିଶ-

ଗାର୍ଡ଼ମାନେ ଭାରତର ଜାତୀୟ ସଙ୍ଗୀତ 'ଜନଗଣମନ' ବଜାଇଲେ । ସେହି ସଙ୍ଗୀତରେ ଯେଉଁ ଅପୂର୍ବ ଶିହରଣ ସୃଷ୍ଟି ହେଲା, ଲଣ୍ଡନ 'ଡେଲି ମିରର୍‌' କାଗଜର ସମ୍ବାଦଦାତା ତାକୁ 'ମାଜିକ' ବୋଲି ବର୍ଣ୍ଣନା କରିଥିଲେ ।

ତାଙ୍କୁ ଲାଗିଲା ସତେ ଯେମିତି ସେ ଭାରତରେ ଅଛନ୍ତି । ଆମ ଭାଷା ଓ ସଙ୍ଗୀତ ଶୁଣି ବିଦେଶୀ ଲୋକ ଯେତେବେଳେ ଏତେ ଗୌରବ ଅନୁଭବ କରୁଛନ୍ତି, ଆମ ରାଜ୍ୟପାଳମାନେ ଚେଷ୍ଟା କଲେ କ'ଣ ନାଗରୀ ଅକ୍ଷର କିମ୍ବା ଇଂରେଜି ଅକ୍ଷରରେ ଲେଖି କେତେଧାଡ଼ି ହିନ୍ଦୀ ପଢ଼ି ପାରି ନ ଥାନ୍ତେ ? ଯୁକ୍ତିର ଯାଥାର୍ଥ୍ୟ ଯାହାହେଉ, ଲୋକଙ୍କୁ ସମ୍ମାନ ଦେଖାଇବାକୁ କିମ୍ବା ସେମାନଙ୍କ ପ୍ରତି ସହାନୁଭୂତି ଜଣାଇ-ବାକୁ ହେଲେ ତାଙ୍କର ଭାଷାରେ କଥା କହିବା ସବୁଠୁ ଭଲ ଉପାୟ । ଲେନିନ୍ ବରାବର କହୁଥିଲେ—We must talk to the people in their own languages ଅର୍ଥାତ୍ ଲୋକଙ୍କୁ ଆମେ ତାଙ୍କରି ଭାଷାରେ କଥା କହିବୁ । ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନେହରୁ ସାଧାରଣ ସଭାମାନଙ୍କରେ ପ୍ରାୟ ହିନ୍ଦସ୍ତାନିରେ ଭାଷଣ ଦିଅନ୍ତି ।

ଖାଲି ଯେ ବିଧାନସଭାରେ ଭାଷାପ୍ରଶ୍ନ ଉଠୁଛି, ତା ନୁହେଁ । ବିଶ୍ୱବିଦ୍ୟାଳୟରେ ଓ ଶାସନକ୍ଷେତ୍ରରେ ମଧ୍ୟ ସେହି କଥା । ଯେଉଁ ରାଜ୍ୟମାନେ ଯେତେ ଆଗରେ ଅଛନ୍ତି, ସେମାନେ ଏ ବିଷୟରେ ସେତେ ଆଗରୁ ଚିନ୍ତା କରୁଛନ୍ତି । ପଛୁଆମାନେ ଏକପ୍ରକାର ନିଶ୍ଚିନ୍ତ । ଭାରତରେ ଏମିତି ସ୍ଥାନ ଅଛି, ଯେଉଁଠି ସାଧାରଣ ସଭାମାନଙ୍କରେ ଲୋକେ ଇଂରେଜିରେ ବକ୍ତୃତା ଦେବା ପାଇଁ ସାହସ କରନ୍ତି ନାହିଁ । ଯଦି ବା ଦୁଃସାହସ କରନ୍ତି, ତେବେ ଶ୍ରୋତାମାନେ ପ୍ରତିବାଦ

ରାଜ୍ୟ ଚଳାଇଲେ; ଅଥଚ ଆମର ଜୀବନ୍ତ ଭାଷାଗୁଡ଼ିକୁ ଏପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କର ଶାସନ ଗାଦ୍‌ମନା । ଆମ ଭାଷା ଓ ଜାତି ପ୍ରତି ଏହା ଏକ ଅପମାନ । ଜାତିପ୍ରୀତିର ଅନେକ ଚିହ୍ନ ଅଛି; କିନ୍ତୁ ଭାଷା ହେଉଛି ଗୋଟାଏ ପ୍ରଧାନ ଚିହ୍ନ । ଯେ କୌଣସି ଜାତିର ଲୋକଙ୍କୁ ଦେଖିଲେ ଆମେ ପଚାରୁ—ତମ ଭାଷା କ'ଣ ? ଅନେକେ ନିଶ୍ଚୟ ଅନୁଭବ କରଥିବେ—ବିଲାତ-ଆମେରିକାରେ ଭାରତୀୟମାନେ ଆପଣା ଆପଣା ଭିତରେ ଇଂରେଜିରେ କଥାବାର୍ତ୍ତା ହେଲାବେଳେ ବେଳେ ବେଳେ ଜଣେ ଅଧେ ପଚାରି ଦିଅନ୍ତି—ତମର କ'ଣ ନିଜର କିଛି ଭାଷା ନାହିଁ ? ଟିକିଏ ସାମାନ୍ୟ ଲାଜମାଡ଼େ, ସେ କିଛି ନୁହେଁ । ପୁଣି ସେମାନେ ଯେତେବେଳେ ଟିକିଏ ପ୍ରଶଂସା କରି କହି ଦିଅନ୍ତି, ତମେ ବିଦେଶୀ ହୋଇ ତ ବଢ଼ିଆ ଇଂରେଜି କହୁଛ, 'ସେତେବେଳେ 'ଆମ ଛାତି କୁଣ୍ଢେ ହୋଇଯାଏ । ଆମର ଗର୍ବ ଆମେ ଫ୍ରେଞ୍ଚ, ଜର୍ମାନ, ଚୀନ, ଜାପାନ ଓ ରୁଷ ପ୍ରଭୃତି ଇଉରୋପ ଦେଶର ଲୋକଙ୍କ ଅପେକ୍ଷା ଭଲ ଇଂରେଜି କହିପାରୁ ଓ ଲେଖିପାରୁ । କିନ୍ତୁ ସେଇଟା ଯେ ଦେଢ଼ଶହ ବର୍ଷର God save the king ଗାଇବାର ଫଳ, ସେଟା ଭୁଲିଯାଉ । ଇଉରୋପର କୌଣସି ସ୍ୱାଧୀନ ଜାତି ତ ବ୍ରିଟିଶ ରଜାଙ୍କର ମଙ୍ଗଳ-ଗୀତି ଗାଏ ନାହିଁ । ଫ୍ରାନ୍‌ସ ଓ ଇଂଲଣ୍ଡ ଭିତରେ ବ୍ୟବଧାନ ମୋଟେ ବାଇଶ ମାଇଲ, ମଝିରେ ଖାଲି ଇଂଲିଶ ଚେନାଲଟା । କିନ୍ତୁ ଫ୍ରାନସ୍‌ର ସାଧାରଣ ହୋଟେଲବାଲା ଇଂରେଜି ବୁଝେ ନାହିଁ । ଜାପାନର ଜଣେ ଫାଇନ୍ ଆର୍ଟସ ପ୍ରଫେସରଙ୍କ ସହିତ ଏବେ ପୁରୀରେ ଦେଖାହେଲା । Good, no, eat, go—ଏମିତି କେତୋଟି ଶବ୍ଦ ଛଡ଼ା ସେ ବିଶେଷ କିଛି ବୁଝୁ ନ ଥିଲେ । ଇଂରେଜି ଭାଷାରୁ ଯଦି ପୃଥିବୀରେ କେଉଁ ଜାତି ସବୁଠୁ ବେଶି ଫାଇଦା ଉଠାଇଥାଏ, ସେ ହେଉଛି ଜାପାନ । କିନ୍ତୁ ଜାପାନରେ ଜାପାନୀର

ସ୍ଥାନ ଆଗ, ଇଂରେଜର ସ୍ଥାନ ପଛ । ଇଂରେଜକୁ ଆଗରେ ବସାଇ ନିଜକୁ ନ୍ୟୂନ ମନେକରିବାର ସବୁଠୁ ବଡ଼ ଉଦାହରଣ ବୋଧହୁଏ ଭାରତ । ସେତେବେଳେ ସାହେବମାନଙ୍କର ସାର୍ଟିଫିକେଟ୍ ଆମର ଦରକାର ଥିଲା, ଆଜି ଆଉ କ'ଣ ଦରକାର ଅଛି ? ସପ୍ତମ ଏଡ଼ୱାର୍ଡ଼ ଭାରତ ବୁଲି ଆସିଥିଲାବେଳେ ଜଣେ ବିଶିଷ୍ଟ ଭାରତୀୟ ସାର୍ ମାଧବ ରାଓଙ୍କ ସଙ୍ଗେ କଥାବାର୍ତ୍ତା କରିସାରିଲା ପରେ ବିଲାତର ମନ୍ତ୍ରୀଙ୍କୁ ଲେଖିଥିଲେ—ମାଧବ ରାଓ ସାହେବମାନଙ୍କ ପରି ବଢ଼ିଆ ଇଂରେଜି କହନ୍ତି ।

ଥରେ ମୋର ଜଣେ ବନ୍ଧୁ ଭାରତରୁ ଗୋଟିଏ ପ୍ରତିନିଧି ଦଳରେ ରୁଷ ଯାଇଥିଲେ । ସେ କିମ୍ବା ତାଙ୍କ ବନ୍ଧୁମାନେ କେହି ରୁଷଭାଷା ଜାଣି ନ ଥିଲେ । ତେଣୁ ତାଙ୍କ ସଙ୍ଗରେ ଜଣେ ରୁଷ ଇଣ୍ଟରପ୍ରେଟର ବରାବର ରହୁଥିଲେ । ଏହି ଭାରତୀୟ ପ୍ରତିନିଧି-ମାନଙ୍କ ମଧ୍ୟରୁ ଦୁଇ ତିନିଜଣ ବସି ଥରେ ମଜା ଗପ କରୁଥିଲେ । କିନ୍ତୁ ସେମାନେ ଗପ କରୁଥିଲେ ଇଂରେଜିଭାଷାରେ । ହଠାତ୍ ସେହି ଇଣ୍ଟରପ୍ରେଟର ଭଦ୍ରବ୍ୟକ୍ତି କ'ଣ ଭାବିଲେ କେଜାଣି, ଆଶ୍ଚର୍ଯ୍ୟ ହୋଇ ଭଲି ପଚାରିଲେ—ଆପଣମାନଙ୍କର କ'ଣ କୌଣସି ଭାଷା ନାହିଁ ? ଆପଣମାନେ ନିଜଭିତରେ ଗପ କଲାବେଳେ ମଧ୍ୟ ଇଂରେଜିରେ କଥାବାର୍ତ୍ତା କରୁଛନ୍ତି ! ଏମାନେ କିଛି ଜବାବ ନ ଦେଇ ତୁନି ରହିବାରୁ ସେ ଆଶ୍ଚର୍ଯ୍ୟ ହୋଇ ଚାହିଁରହିଲେ, ସତେ ଯେମିତି କହିବାକୁ ଚାହୁଁଥିଲେ, ଏତେ ବଡ଼ ଜାତି, ଅଥଚ ଜାତିର ଗୋଟାଏ ଭାଷା ନାହିଁ । ଏ କଥା ଶୁଣି ବନ୍ଧୁଙ୍କୁ ମୁଁ ଥଟ୍ଟାକରି କହିଲି, ଆପଣ କାହିଁକି କହିଲେ ନାହିଁ, ଆମେ ଆମର ସବୁ କାମ ଇଂରେଜିରେ କରୁ; ଏମିତି କି ଆମ ପ୍ରେମପତ୍ର ପର୍ଯ୍ୟନ୍ତ ଆମେ ଇଂରେଜିରେ ଲେଖୁ ।

ଭାରତର ସୁପ୍ରିମକୋର୍ଟର ଚିଫ୍‌ଜଷ୍ଟିସ୍ ମହାଜନ୍ ଗଡ଼କର ଥରେ ଭାରତୀୟମାନଙ୍କ ଇଂରେଜିପ୍ରୀତିକୁ ପରିହାସ କରି କହିଥିଲେ—ଆଶ୍ଚର୍ଯ୍ୟ କଥା ! ଭାରତୀୟମାନେ ତାଙ୍କ ପ୍ରେମପତ୍ର ପର୍ଯ୍ୟନ୍ତ ଇଂରେଜିରେ ଲେଖନ୍ତି । ବାସ୍ତବରେ ଯେଉଁ ଜାତି ସ୍ୱାଧୀନ, ସେ ଅନ୍ୟର ପରାଧୀନ ମନୋବୃତ୍ତିକୁ କେବେ ପସନ୍ଦ କରିପାରେ ନା ।

ଚୀନ ଆମକୁ ଆକ୍ରମଣ କରିବା ମାତ୍ରେ ପୃଥିବୀସାରା ଚହଳ ପଡ଼ିଗଲା; ଲୋକେ ଆଶ୍ଚର୍ଯ୍ୟ ହୋଇଗଲେ—ଚୀନ ଏ ଭୁଲ କଲା କେମିତି । ସେତିକିବେଳେ ଜଣେ ଭାରତୀୟ ବନ୍ଧୁ ଆମେରିକାରେ ଥାଇ ସେଠିକାର ଲୋକମାନଙ୍କର ପ୍ରତିକ୍ରିୟା ସମ୍ପର୍କରେ ଆମ ଦେଶର ଗୋଟିଏ କାଗଜରେ ଲେଖିଥିଲେ । ଯେଉଁଦିନ ଯୁଦ୍ଧ କଥା ଆମେରିକାରେ ଶୁଣାଗଲା, ସେହିଦିନ ସନ୍ଧ୍ୟାବେଳେ ସେ ବଜାରରୁ ଫେରୁଥିଲେ, ହଠାତ୍ ଜଣେ ଆମେରିକାନ୍ ଭଦ୍ରମହିଳାଙ୍କ ସଙ୍ଗେ ଦେଖାହେଲା । ସେହି ଭଦ୍ରମହିଳା ଏହି ଭାରତୀୟଙ୍କ ପ୍ରତି ବହୁତ ସହାନୁଭୂତି ଦେଖାଇ କଥାବାର୍ତ୍ତା କଲେ ଓ ଶେଷରେ କହିଲେ, ଆପଣଙ୍କ ନିକଟରେ ମୋର ଗୋଟାଏ ଅନୁରୋଧ ଅଛି, ଆପଣ ଟିକିଏ ମତେ ସାହାଯ୍ୟ କରନ୍ତୁ । ଭଦ୍ରବ୍ୟକ୍ତି କ'ଣ ବୋଲି ପଚାରିବାରୁ ସେ କହିଲେ, ଆପଣ ଟିକିଏ ଆପଣଙ୍କ ଦେଶର ନାଁଟା ଭାରତୀୟ ଅକ୍ଷରରେ ଏହି କାଗଜ ଖଣ୍ଡିକରେ ଲେଖିଦିଅନ୍ତୁ । 'ଭାରତବର୍ଷ' ବୋଲି ହିନ୍ଦୀରେ ଲେଖିଦେଇ ସେ ପଚାରିଲେ—ଆପଣ ଏଥିକୁ ନେଇ କ'ଣ କରିବେ ? ସେ କହିଲେ, ମୋ ଝିଅ ଗୋଟିଏ ସ୍କୁଲରେ ପଢ଼େ । ସେ ତାର ସାଥୀମାନଙ୍କୁ ନେଇ ଦେଖାଇବାକୁ ଚାହେଁ—ଆମର ଯେଉଁ ବନ୍ଧୁଦେଶକୁ ଚୀନ ଆକ୍ରମଣ କରିଛି, ସେ ଦେଶର ପ୍ରକୃତ ନାମ ତାଙ୍କ ଅକ୍ଷରରେ କେମିତି ଲେଖାଯାଏ ।

ଏତିକି କହି ସେ ବିଦା ହୋଇଗଲେ । କଥାଟା ଅତି ଶ୍ରେଷ୍ଠ ହୋଇପାରେ, କିନ୍ତୁ ଲକ୍ଷ୍ୟ କରିବାର କଥା – ପ୍ରତ୍ୟେକ ବଡ଼ ବଡ଼ ଜାତିର ଗୋଟାଏ ଭାଷା ଓ ତାର ସ୍ୱତନ୍ତ୍ର ଲିପି ଥିବବୋଲି ଅନ୍ୟମାନଙ୍କର ଆଶା କରିବା ସ୍ୱାଭାବିକ ।

ଜାତି ସ୍ୱାଧୀନ ହେଲେ ନିଜ ଭାଷାର ସ୍ୱାତନ୍ତ୍ର୍ୟ ବଜାୟ ରଖିବା ପାଇଁ କିପରି ଅଧୀର ହୋଇଉଠେ, ତାର ଏକ କୌତୂହଳୀ ଉଦାହରଣ ହେଉଛି ଆମେରିକା । କେତେକ ଇଂରେଜଲୋକ ବିଲାତ ଛାଡ଼ିଯାଇ ଯେତେବେଳେ ଆମେରିକାରେ ବସବାସ ଆରମ୍ଭ କଲେ ଓ ନିଜକୁ ଯେତେବେଳେ ସ୍ୱାଧୀନଜାତି ରୂପେ ଘୋଷଣା କଲେ, ସେତେବେଳେ ତାଙ୍କର ଚିନ୍ତା ହେଲା ଗୋଟାଏ ସ୍ୱତନ୍ତ୍ର ଭାଷା । ଭାବିଲେ, ସେମାନେ ଯଦି ଗୋଟାଏ ସ୍ୱତନ୍ତ୍ର ଜାତି ହେଲେ, ତାଙ୍କର ଗୋଟିଏ ସ୍ୱତନ୍ତ୍ର ଭାଷା ରହିବା ଉଚିତ । ସେମାନେ ବର୍ତ୍ତମାନ ଆମେରିକାନ୍, ଇଂରେଜ ନୁହନ୍ତି ; ତେଣୁ ଇଂରେଜ ତାଙ୍କର ଭାଷା ହେବା ଉଚିତ ନୁହେଁ ; ବରଂ ଗ୍ରୀକ୍ କିମ୍ବା ହିବ୍ରୁ ହେଲେ ଚଳିବ । ଯାହାହେଉ, ସେଟା ହେଲା ନାହିଁ । ସେହି ଇଂରେଜି ରହିଲା । ସେଇ ଏବେ ବଦଳି ବଦଳି ହେଲାଣି ଆମେରିକାନ୍ । ଆମେରିକାର ସ୍କୁଲ-କଲେଜରେ ଫର୍ମ ପୂରଣ କଲାବେଳେ ଭାଷା ସ୍ଥାନରେ ଅଧିକାଂଶ ପିଲା 'ଇଂରେଜି' ବୋଲି ନ ଲେଖି ଏବେ ଲେଖନ୍ତି ଆମେରିକାନ୍ । ସେହି ହେଉଛି ଭାଷା ଜରିଆରେ ଜାତିର ଆତ୍ମପ୍ରତିଷ୍ଠା । ତେଣୁ ଆମେ କେଉଁଦିନ ଆମ କାଗଜପତ୍ରରେ ଆମ ଶିକ୍ଷା ଓ ଶାସନରେ ଆମ ନିଜ ଭାଷାର ମୁହଁ ଦେଖିବୁ, ସେଥିପାଇଁ ଯେ କୌଣସି ବୁଦ୍ଧିମାନ ବ୍ୟକ୍ତି ଚିନ୍ତା କରିବା କଥା । ତେଣୁ ଯେଉଁମାନେ ଯେତିକି ଜାଗ୍ରତ ସେତିକି

ଘାଣ୍ଟିଭୁଣ୍ଡ କରୁଛନ୍ତି । ଥରେ ସ୍ୱାଧୀନତା ବିଷୟ ନେଇ ଗାନ୍ଧି ଯେମିତି କହିଥିଲେ, ମୁଁ ସ୍ୱାଧୀନତା ଏଇ ବର୍ତ୍ତମାନ ଚାହେଁ, ଏହି ରାତି ପୂର୍ବରୁ ଚାହେଁ, କାଲି ସକାଳର ସୂର୍ଯ୍ୟୋଦୟ ପୂର୍ବରୁ ଚାହେଁ । ଆଜି ସେମିତି କେତେକ ଲୋକ କହୁଛନ୍ତି, ଆମଘରେ ଆମ ମାତୃଭାଷା ଆଜି ହେଉ, ଏହି ବର୍ତ୍ତମାନ ହେଉ । ଅପେକ୍ଷା ଆମର ଅପମାନ । ଇଂରେଜ-ମାନେ ଆମକୁ କହୁଥିଲେ, ସ୍ୱାଧୀନତା ପାଇଁ ତମେ ଉପଯୁକ୍ତ ହୋଇ ନା, ଉପଯୁକ୍ତ ହେଲେ ଯାଇ ମିଳିବ, ଅପେକ୍ଷା କର । ବିଧିର ବିଡ଼ମ୍ବନା ଯୋଗୁଁ ଇଂରେଜିପ୍ରେମୀମାନେ ଆଜି ସେହି କଥା ଶୁଣାଉଛନ୍ତି—ଭାରତୀୟ ଭାଷା ଉପଯୁକ୍ତ ହୋଇନାହାନ୍ତି । ଅପେକ୍ଷା କର । ଏହିକଥା ଶୁଣିଲାବେଳେ ଅତୀତର ଗୋଟିଏ କଥା ମନେପଡ଼େ ।

୧୯୦୫ ମସିହାରେ ବିଲାତର ରାଜା ପଞ୍ଚମ ଜର୍ଜ ପ୍ରିନସ୍ ଅଫ୍-ୱେଲ୍ସ୍ ଅର୍ଥାତ୍ ରାଜକୁମାର ହିସାବରେ ଭାରତକୁ ବୁଲିଆସିଥାନ୍ତି । ଗୋପାଳକୃଷ୍ଣ ଗୋଖଲେ ସେତେବେଳକୁ ଭାରତ କଂଗ୍ରେସର ସଭାପତି ଥାଆନ୍ତି । ରାଜକୁମାର ଭାରତରେ ପହଞ୍ଚିବାର କିଛିଦିନ ପୂର୍ବରୁ ଗୋଖଲେ ବନାରସଠାରେ ଗୋଟିଏ ଭାଷଣ ଦେଇ କହିଥାନ୍ତି ଯେ ଭାରତ ଶାସନରେ ଭାରତୀୟମାନଙ୍କର ଭାଗନେବା ଉଚିତ । ରାଜକୁମାରଙ୍କର ଜଣେ ଉପଦେଷ୍ଟା ଜନ୍ ମୋର୍ ଗୋଖଲେଙ୍କୁ ଭଲ ଭାବରେ ଚିହ୍ନିଥାନ୍ତି । ଦିନେ ସେ ତାଙ୍କୁ ସାଙ୍ଗରେ ନେଇ ରାଜ-କୁମାରଙ୍କ ସାଙ୍ଗରେ ସାକ୍ଷାତ୍ କରାଇଦେଲେ । ରାଜକୁମାର ତାଙ୍କୁ ଦେଖିଲାମାତ୍ରେ କହିଲେ, ଆପଣଙ୍କ ବନାରସ ବକ୍ତୃତା ମୁଁ କାଗଜରୁ ଦେଖିଛି । ଭାରତ ସାରା ମୁଁ ବୁଲିଛି ଓ ଦେଖୁଛି—ଲୋକମାନେ ଖୁବ ସୁଖରେ ଅଛନ୍ତି । ଭାରତ ଶାସନରେ ଭାଗନେଲେ ଆପଣଙ୍କ

ଲୋକେ କଣ ବେଶି ସୁଖୀ ହୋଇପାରବେ ? ଗୋଖଲେ ସଙ୍ଗେ ସଙ୍ଗେ ଜବାବ ଦେଲେ, ହଁ, ହୁଏ ତ ବେଶି ସୁଖୀ ନ ହୋଇ ପାରନ୍ତି, କିନ୍ତୁ ସେମାନଙ୍କର ଗୋଟାଏ ଆତ୍ମସମ୍ମାନ ଲାଭହେବ, ଏଥିରେ ସନ୍ଦେହ ନାହିଁ । (୨) ଅତୀତରେ ସେହି ଇତିହାସକୁ ଚାହିଁଲେ ଆଜି ହସ-ମାଡ଼େ । ରାଜପୁରୁଷ ଭାରତୀୟମାନଙ୍କୁ କି ଦୁର୍ବଳ, କି ନିର୍ବୋଧ ବୋଲି ମନେକରି ନ ଥିଲେ ସତେ ! ଶାସନରେ ଭାଗ ନେବାପାଇଁ ଯେଉଁ-ମାନେ ସେଦିନ ଆଶା କରିପାରୁ ନ ଥିଲେ, ଭାଗ୍ୟଚକ୍ରରେ ସେହିମାନେ ଆଜି ପୁଣି ଶାସକହୋଇ ବସିଲେ । ଇତିହାସର ଏହି ଦୃଷ୍ଟାନ୍ତ ଆଖି ଆଗରେ ଦେଖି ମଧ୍ୟ ଲୋକେ ଆଜି ବି ଭାବୁଛନ୍ତି, ଇଂରେଜିଭାଷା ଜାଗାରେ ଭାରତୀୟଭାଷାମାନେ କାର୍ଯ୍ୟ ଚଳାଇବା ପାଇଁ ଯୋଗ୍ୟ ହୋଇନାହାନ୍ତି । କିନ୍ତୁ ଯୋଗ୍ୟତା ପରୀକ୍ଷା ପାଇଁ ସୁବିଧା ଦେଲେ ତ !

ଇଂରେଜ ଶାସନକୁ ଉଠାଇବା ପାଇଁ ଗାନ୍ଧିଙ୍କୁ ପ୍ରାୟ ତିରିଶ ବର୍ଷ ଲାଗିଲା, ଇଂରେଜି ଭାଷାକୁ ଯଥାସ୍ଥାନରେ ରଖିବାକୁ ଗାନ୍ଧିବାଦୀ-ମାନଙ୍କୁ କେତେ ବର୍ଷ ଲାଗିବ କେଜାଣି ? କିନ୍ତୁ କମ ବର୍ଷ ଲାଗିବ, ଏଥିରେ ସନ୍ଦେହ ନାହିଁ । କାରଣ ସେ ଯୁଗରେ ଖାଲି ଉଡ଼ାଜାହାଜ ଉଡ଼ୁଥିଲା, ଏବେ ରକେଟ୍ ଚାଲୁଛି ।

ପଞ୍ଜାବ, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ବିହାରର ଶାସନ ସଂସ୍ଥାରେ ମାତୃଭାଷା ଚାଲୁହେଲାଣି । ମେ ନଅ ତାରିଖରୁ ପଡ଼ୋଶୀ ବଙ୍ଗଳାରେ ବଙ୍ଗଭାଷାର ଶାସନ ଆରମ୍ଭ ହେଲାଣି । ଓଡ଼ିଶାବାସୀଙ୍କର ଏଣିକି ଦେଖିବା କଥା, ଓଡ଼ିଶାରେ ଓଡ଼ିଆ କେବେ ? ତିନ୍ତିସାରି ଘର ସୁରିବା ଅପେକ୍ଷା ଦେଖି ଶିଖିବା ବୋଧହୁଏ ଭଲ ।

୧ । କେନ୍ଦ୍ର ମନ୍ତ୍ରୀଙ୍କ ଶପଥ ପାଠରେ ହିନ୍ଦୀ ବ୍ୟବହାର ।

୨ । ଉତ୍ତର-ପ୍ରଦେଶ, ବିହାର ଓ ଦିଲ୍ଲୀରେ ଭାଷାବିକ୍ଷୋଭ ।

୩ । ଭାଷା ଜାତୀୟତାର ପ୍ରଧାନ ପ୍ରତୀକ ।

୪ । ଜାପାନରେ ଜାପାନୀଭାଷା, ରୁଷିଆରେ ରୁଷ କିନ୍ତୁ ଭାରତରେ ଇଂରେଜି ।

## ଇଂରେଜର ଆଧିପତ୍ୟ

'ଇଂରେଜି ହଟାଅ' କହିଲାମାତ୍ରେ ଦୁଇଟା କଥା ମନକୁ ଆସେ । ଯେଉଁ ଭାଷା ଆମର ଏତେକାଳଧରି ସେବାକରି ଆସିଲା, ତାକୁ ଆମେ ହଟାଇବା କାହିଁକି ? ତା'ଛଡ଼ା ଯେଉଁ ଭାଷା ଏକ ଆନ୍ତର୍ଜାତିକ ଭାଷା ଓ ଯାହା ଆମକୁ ଏତେ ସହଜରେ ମିଳିଛି, ତାକୁ ହରାଇବା କାହିଁକି ? ଇଂରେଜିବିରୋଧୀ ଲୋକେ ଇଂରେଜିର ମୂଲ୍ୟ ବୋଧହୁଏ ବୁଝନ୍ତି ନାହିଁ । କିନ୍ତୁ ଘଟଣା ପ୍ରକୃତରେ ତା ନୁହେ । ଇଂରେଜ ପରି ମହାଶକ୍ତି ବିରୁଦ୍ଧରେ ଯେଉଁମାନେ ଆବାଜ ଉଠାନ୍ତି ସେମାନେ ଏତେ ଅନଭିଜ୍ଞ ନୁହନ୍ତି ନିଶ୍ଚୟ । ଇଂରେଜିକୁ ଭାରତରୁ ବିଦାୟ ଦେବାପାଇଁ କେହି କହି ନାହିଁ, ଇଂରେଜି ନିଶ୍ଚୟ ରହିବ, କିନ୍ତୁ ଜାତୀୟ ଭାଷାଭାବରେ ନୁହେ; ଭାରତର ଶାସନ କିମ୍ବା ଶିକ୍ଷା ମାଧ୍ୟମ ଭାବରେ ନୁହେ । ରହିବ ବାଣିଜ୍ୟ ବ୍ୟବସାୟରେ, ରହିବ ବୈଦେଶିକ ବିଭାଗରେ । ଇଂରେଜ ବିରୁଦ୍ଧରେ ବିଦ୍ୱେଷ କାହାର ନାହିଁ, ବିଦ୍ୱେଷ କେବଳ ତାର ଆଧିପତ୍ୟ ବିରୁଦ୍ଧରେ । ଇଷ୍ଟଇଣ୍ଡିଆ କମ୍ପାନୀର ବଣିକମାନଙ୍କ ବିରୁଦ୍ଧରେ ଆମର କିଛି କହିବାର ନ ଥିଲା, କିନ୍ତୁ ବଣିକ ଯେତେବେଳେ ବାଦଶାହ ସାଜିଲେ, ସେତେବେଳେ ଭାରତରୁ ତାଙ୍କୁ ଘଉଡ଼ିବା ହେଲା ଆମର ପ୍ରଧାନ ତପସ୍ୟା । ସେକ୍ସପିଅର ଯେତେବେଳେ ଇଂଲଣ୍ଡରେ ଡ୍ରାମା ଲେଖୁଥିଲେ, ସେତେବେଳେ ଇଂରେଜିଭାଷା ଇଂଲଣ୍ଡରେ ମଧ୍ୟ ଉତ୍ତମ ରୂପେ

ପ୍ରସାରିତ ହୋଇ ନ ଥିଲା । ଏବେ କିନ୍ତୁ ଆମେରିକାରୁ ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ସମଗ୍ର ବିଶ୍ୱକୁ ଏହା ମାଡ଼ି ରହିଛି । କିନ୍ତୁ ଭାରତ ପରି ଏକ ପ୍ରାଚୀନ ସଂସ୍କୃତିଶାଳୀ ବିଶାଳ ଭୂଖଣ୍ଡ ଉପରେ ସେ ଯେଉଁ ଆଧିପତ୍ୟ ଉପଭୋଗ କରୁଛି, ତାହା ଅନ୍ୟତ୍ର କାହିଁ ? ମିଳିତ ଜାତି-ସଂଘରୁ ଇଂରେଜିଭାଷାର ଏସିଆ ପରିସ୍ଥିତି ସଂପର୍କରେ ଯେଉଁ ତାଲିକା ବାହାରିଛି, ସେଥିରେ ଆଫଗାନିସ୍ଥାନଠାରୁ ଆରମ୍ଭ କରି ଚୀନ-ଜାପାନ ପର୍ଯ୍ୟନ୍ତ ଶ୍ରେଷ୍ଠ ବଡ଼ ସବୁ ଦେଶର ନାଁ ଦିଆଯାଇଛି । ଭାରତ, ପାକିସ୍ତାନ, ମାଲୟ ଓ ଫିଲିପିନ୍ ଛଡ଼ା ଅନ୍ୟ ସବୁଠି ଇଂରେଜି ଦ୍ୱିତୀୟ ଭାଷାରୂପେ ରହିଛି । କିନ୍ତୁ ଇଂରେଜି ଶାସନ ସରିଗଲେ ମଧ୍ୟ ତାଙ୍କ ଭାଷାର ଶାସନ ଆମ ଦେଶରେ ସରି ନାହିଁ । ସିଂହଳ ପରି ଏକ ଶିଶୁରାଜ୍ୟରେ ତାମିଲମାନଙ୍କର ସବୁ ପ୍ରତିବାଦ-ସତ୍ତ୍ୱେ ଇଂରେଜି ଉଠିଯାଇ ସିଂହଳୀ ରାଷ୍ଟ୍ରଭାଷାରୂପେ ସ୍ୱୀକୃତ ହୋଇଛି । ପୂର୍ଣ୍ଣ ସ୍ୱରାଜ୍ୟ ପାଇଁ ସ୍ୱଦେଶୀ ଭାଷା ଦରକାର ବୋଲି ଗାନ୍ଧିଜୀ କହିଥିଲେ—To get rid of the infatuation for English is one of the essentials of Swaraj—ଇଂରେଜି ମୋହରୁ ନିଜକୁ ରକ୍ଷା କରିବା ସ୍ୱରାଜ୍ୟ ଚିନ୍ତାର ଏକ ସାରକଥା ।

ମହାତ୍ମା ଗାନ୍ଧିଙ୍କ ପରି ଜଣେ ମହାପୁରୁଷ ଭାରତବର୍ଷରେ ଇଂରେଜିର ସ୍ଥାନ ବିଷୟରେ ଯାହା କହିଥିଲେ, ତାକୁଇ ବିଚାର କଲେ ଇଂରେଜି ବିଷୟରେ ଆମର ଧାରଣା ଅନେକଟା ସ୍ପଷ୍ଟ ହୋଇଯିବ । ସେ ବରାବର କହୁଥିଲେ, ଇଂରେଜି ଭାଷାକୁ ସେ ଭଲପାଆନ୍ତି, କିନ୍ତୁ ଭାରତବର୍ଷରେ ଇଂରେଜି ଭାଷାର ଯେଉଁ ଆଧିପତ୍ୟ, ସେ ତାର ଘୋର ବିରୋଧୀ । ଯେଉଁମାନେ କହନ୍ତି—ଇଂରେଜିଭାଷାକୁ ଛାଡ଼ି ଚଳି ହେବନାହିଁ, ସେମାନଙ୍କ ମନ ଭିତରେ ଦାସତ୍ୱର ବୀଜ ରହିଛି । ଗାନ୍ଧି କଦାପି ସେମାନଙ୍କ ସହିତ ଏକମତ ନୁହନ୍ତି ।

ଇଂରେଜ ନ ଜାଣିଲେ ଭାରତୀୟମାନଙ୍କର ମାନସିକ ଉନ୍ନତି ଅସମ୍ଭବ, ଉଚ୍ଚ ସମାଜର ସଭ୍ୟ ହେବାପାଇଁ ସେମାନେ ଅଯୋଗ୍ୟ, ଏ ଦେଶର ଯୁବକନ୍ୟାମାନଙ୍କୁ ଏପରି ଧାରଣା ଦେବା ଘୋର ଲଜ୍ଜାର କଥା । ଜାତି ପକ୍ଷରେ ଏହା ଅସହ୍ୟ ଅପମାନ । (୩) ଗାନ୍ଧିଜୀଙ୍କର ଦୃଢ଼ ଧାରଣା—ଇଂରେଜୀଶିକ୍ଷା ଭାରତୀୟ ଯୁବକମାନଙ୍କୁ ନପୁଂସକରେ ପରିଣତ କରିଛି ।(୪)ଖାଲି ଅନୁକରଣ କରିବା ଛଡ଼ା ସେମାନେ ଅନ୍ୟ କିଛି ଶିଖିନାହାନ୍ତି । ଯେଉଁ ଦେଶର ଲୋକେ କେବଳ ଅନୁକରଣ କରିବାକୁ ଶିଖନ୍ତି, ସେ ଦେଶ କେବେ ମହାନ୍ ଜାତିର ଜନ୍ମଦାତା ହୋଇପାରେ ନା । ଲୋକେ କହନ୍ତି, ରାମମୋହନ ରାୟ ଜଣେ ବଡ଼ ସମାଜସଂସ୍କାରକ, ଲୋକମାନ୍ୟ ତିଲକ ଜଣେ ପ୍ରସିଦ୍ଧ ପଣ୍ଡିତ । କେବଳ ଇଂରେଜୀଶିକ୍ଷା ଫଳରେ ସେମାନେ ଏତେ ବିରାଟ ହୋଇ ପାରିଛନ୍ତି; କିନ୍ତୁ ଗାନ୍ଧିଜୀ କହନ୍ତି—ସେମାନେ ଆହୁରି ପ୍ରତିଭାଶାଳୀ ହୋଇପାରିଥାନ୍ତେ ଯଦି ସେହି ଜ୍ଞାନକୁ ସେମାନେ ମାତୃ-ଭାଷା ମାଧ୍ୟମରେ ଆହରଣ କରିବାର ସୁଯୋଗ ପାଇଥାନ୍ତେ । ଶଙ୍କର, ଚୈତନ୍ୟ, ସୁରଦାସ, ତୁଳସୀ କେହି ହେଲେ ଇଂରେଜୀ ପଢ଼ି ନ ଥିଲେ; କିନ୍ତୁ ଭାରତୀୟମାନଙ୍କ ପାଇଁ ସେମାନେ ଯାହା ସୃଷ୍ଟି କରି ଯାଇଛନ୍ତି, କେତେ ଜଣ ଇଂରେଜୀଶିକ୍ଷିତ ଭାରତୀୟ ତାହା କରି ପାରିଛନ୍ତି ? ବିଦେଶୀ ଭାଷାକୁ ଘୋଷି ଘୋଷି ଏ ଦେଶ ପିଲାଏ ବଳଦରେ ପରିଣତ ହୋଇଛନ୍ତି । ମୌଳିକଚିନ୍ତା କିମ୍ବା ଗବେଷଣା ପାଇଁ ସେମାନେ ଉପଯୁକ୍ତ ହୋଇନାହାନ୍ତି, ବରଂ ନିଜ ଘରେ ନିଜେ ବିଦେଶୀ ହୋଇ ବସିଛନ୍ତି । (୫) ଏହି ହେଉଛି ସବୁଠୁ ଦୁର୍ଭାଗ୍ୟର କଥା । ଏହି ଦୃଷ୍ଟିରୁ ବୋଧହୁଏ ମହାତ୍ମାଜୀ ଇଂରେଜୀ ଶିକ୍ଷାକୁ ଏକ ମହାନ୍ ବିଫଳ ପ୍ରୟାସ ବୋଲି ବର୍ଣ୍ଣନା କରିଛନ୍ତି । ଏହି ଶିକ୍ଷାପଦ୍ଧତିରେ ବାହ୍ୟବୈଭବ କିଛି ବଢ଼ି ପାରିଥାଏ; କିନ୍ତୁ

ଅନ୍ତର ଶୂନ୍ୟ ରହିଛି । ଇଂରେଜକୁ ତା'ର ଅସ୍ୱାଭାବିକ ଉଚ୍ଚ ଆସନରୁ ଓହ୍ଲାଇ ଦେବାପାଇଁ ଗାନ୍ଧିଜୀ କିପରି ତୀବ୍ର ମନୋଭାବ ପୋଷଣ କରିଥିଲେ, ତାହା ତାଙ୍କ ନିମ୍ନ ଉକ୍ତିରୁ ଜଣାପଡ଼େ— 'ମୋର ଯଦି ଜଣେ ଏକଚ୍ଛତ୍ର ଶାସକର ଶକ୍ତି ଥାଆନ୍ତା, ତା'ହେଲେ ବିଦେଶୀଭାଷା ମାଧ୍ୟମରେ ପ୍ରଚଳିତ ଏହି ଶିକ୍ଷାକୁ ମୁଁ ଏହି ମୁହୂର୍ତ୍ତରେ ବନ୍ଦ କରିଦିଅନ୍ତି ।' ଯେଉଁ ଶିକ୍ଷକମାନେ ଏହି ପରି-ବର୍ତ୍ତନକୁ ସ୍ୱୀକାର ନ କରନ୍ତେ, ସେମାନଙ୍କୁ ମୁଁ ବହିଷ୍କାର ଆଦେଶ ଦିଅନ୍ତି । (୬) ମୋଟ ଉପରେ କଥା ହେଉଛି, ଇଂରେଜ ଭାଷାପ୍ରତି ଆମ୍ଭମାନଙ୍କର ଅଶ୍ରଦ୍ଧା କିମ୍ବା ଅବହେଳା ପ୍ରଶ୍ନ ନାହିଁ; କିନ୍ତୁ ପ୍ରଶ୍ନ ହେଉଛି—ଭାରତରେ ଇଂରେଜର ଅଯଥା ଆଧିପତ୍ୟ ଏବଂ ତା'ର ବିରୁଦ୍ଧରେ ଆମ୍ଭମାନଙ୍କର ଅସୀମ ଅସନ୍ତୋଷ । ଅତିଥି କେବେ ଅନ୍ଦରମହଲର ଅଧିକାରୀ ହୋଇପାରନ୍ତି ନାହିଁ । ତାଙ୍କ ସ୍ଥାନ ହେଉଛି ବାହାରର ବିଶ୍ରାମାଗାର ।

ଆମର ପ୍ରଥମ ପ୍ରଶ୍ନ ଥିଲା—ଯେଉଁ ଭାଷା ଆମର ଏତେକାଳ ଧରି ସେବା କରି ଆସିଛି, ତାକୁ ଆମେ ହଟାଇବା କାହିଁକି ? ଇଂରେଜିଭାଷା କେମିତି ଏ ଦେଶକୁ ଆସିଛି ଓ ଆମର କେମିତି ସେବା କରିଛି ଜାଣିବା ପାଇଁ ଅତୀତରେ ଇତିହାସ ବିଷୟରେ ଦୁଇ ଚାରିକଥା କହିଲେ ଅବାନ୍ତର ହେବନାହିଁ ।

୧୬୨୩ ମସିହାରୁ ଭାରତବର୍ଷରେ ଇଷ୍ଟଇଣ୍ଡିଆ କମ୍ପାନୀର କାରବାର ଆରମ୍ଭ । କମ୍ପାନୀ ଭିତରେ ବ୍ୟବସାୟୀ ଯେମିତି ଥିଲେ, ବୁଦ୍ଧିଆ ଲୋକେ ବି ସେମିତି ଥିଲେ । କିଏ ପୁଳାଏ ମାରିନେଇ ପଳେଇବାକୁ ଚାହୁଁଥିଲେ; କିଏ ଅବା ଲୋକଙ୍କ ମନବୁଝି ସେମାନଙ୍କୁ ଆପଣାର କରି ଏଠି ଶାସନ ଚଳାଇବାକୁ ଚେଷ୍ଟା

କରୁଥିଲେ । ଯେ କୌଣସି ଲୋକଙ୍କ ସହିତ ସମ୍ପର୍କ ରଖିବାକୁ ହେଲେ ସେମାନଙ୍କର ଚାଲିଚଳନ, ରୀତିନୀତି, ଭାଷା ଓ ସଂସ୍କୃତି ଜାଣିବା ନିତାନ୍ତ ଦରକାର । ସେହି ଦୃଷ୍ଟିରୁ ଇଷ୍ଟଇଣ୍ଡିଆ କମ୍ପାନିର ଜଣେ ବୁଦ୍ଧିମାନ୍ ବ୍ୟକ୍ତି ଓ୍ୱାରେନ ହେଷ୍ଟିଂସ୍ ୧୭୮୧ ରେ କଲିକତାରେ ଏକ ମଦ୍ରାସା ଓ ୧୭୯୨ ରେ ବନାରସରେ ଏକ ସଂସ୍କୃତ କଲେଜ ଖୋଲିଲେ । ସେଥିରେ ଆରବୀ, ପାରସୀ ଓ ସଂସ୍କୃତ ଭାଷାର ଶିକ୍ଷା ଚାଲିଲା । ସେପର୍ଯ୍ୟନ୍ତ କମ୍ପାନି ସମୂହ-ଭାବରେ କୌଣସି ଶିକ୍ଷାପଦ୍ଧତି ସ୍ୱୀକାର କରି ନ ଥିଲେ; କିନ୍ତୁ ୧୮୧୩ ରେ ପ୍ରଥମ ଥର ପାଇଁ ଭାରତର ଶିକ୍ଷାସଂସ୍କାର ପାଇଁ ସେମାନେ ଲକ୍ଷେ ଟଙ୍କା ମଞ୍ଜୁର କଲେ । ଆଜି ହୁଏ ତ ଶୁଣିଲେ ହସ ମାଡୁଥିବ, ଭାରତର ଶିକ୍ଷା, ସେଥିରେ ପୁଣି ଲକ୍ଷେ ଟଙ୍କା ! ଯାହାହେଉ, ସେଥିରେ ସଂସ୍କୃତ, ଆରବୀ, ପାରସୀ ଓ ତା ସାଙ୍ଗକୁ ହିନ୍ଦୀ, ବଙ୍ଗଳା, ମରାଠୀ ପ୍ରଭୃତି କେତେକ ଭାରତୀୟ ଭାଷାର କାମ ଚାଲିଲା । ଇଂରେଜଜାତି ଯେତିକି ଗଣତାନ୍ତ୍ରିକ, ସେତିକି ପ୍ରାକ୍ଟିକାଲ ମଧ୍ୟ । ଗଣତନ୍ତ୍ର ଦୃଷ୍ଟିରୁ ଭାରତର ଲୋକଙ୍କୁ ଭାରତୀୟ ଭାଷାମାନଙ୍କରେ ଶିକ୍ଷା ଦିଆଯିବା ଉଚିତ; କିନ୍ତୁ ପ୍ରାକ୍ଟିକାଲ ଦୃଷ୍ଟିରୁ ଇଂରେଜିଭାଷାର ପ୍ରଚଳନ ନିତାନ୍ତ ଦରକାର । ଦେଖିବାର କଥା, ଇଂରେଜ ସାମ୍ରାଜ୍ୟ ଯେତିକି ବଢ଼ିଲା, ତା'ର ଭାଷା ମଧ୍ୟ ସେତିକି ବଢ଼ିଲା । ଦିନ ଆସିଲା ସାମ୍ରାଜ୍ୟ ହଟିଗଲା; କିନ୍ତୁ ଭାଷା ହଟିଲା ନାହିଁ । ସେଇଥିପାଇଁ ଆଜି ଏତେ ପାଲା । ଯାହାହେଉ, କାଳକ୍ରମେ ପ୍ରଶ୍ନ ଉଠିଲା—ଏ ଦେଶରେ ଭାରତୀୟଭାଷା ମାଧ୍ୟମରେ ଶିକ୍ଷା ଦିଆଯିବ ନା ଇଂରେଜି ମାଧ୍ୟମରେ । ସେତେବେଳକୁ ରାଜା ରାମମୋହନ ରାୟ ବଙ୍ଗଳାରେ ସମାଜ ସଂସ୍କାର କାମରେ ଲାଗିଥାନ୍ତି । ତାଙ୍କର ଖୁବ୍ ପ୍ରତିପତ୍ତି ଥାଏ । ସେ ଇଂରେଜି ସପକ୍ଷରେ ମତଦେଲେ;

କାରଣ ସେ ଭାବଲେ—ଆରବ୍ବି, ପାର୍ଶି ଓ ସଂସ୍କୃତରେ ଯାହାଅଛି ଆମ ଲୋକେ ଅଳ୍ପ ବହୁତେ ତା' ଜାଣନ୍ତି, କିନ୍ତୁ ଇଂରେଜି ଭାଷାରେ ଯେଉଁ ବିଜ୍ଞାନ ଅଛି, ତାକୁ ମୋଟେ ଜାଣନ୍ତି ନାହିଁ । ବରଂ ତାକୁ ଜାଣିଲେ ପାଶ୍ଚାତ୍ୟ ଚିନ୍ତାଧାରା ସହିତ ଆମଲୋକେ ପରିଚିତ ହୋଇଯିବେ ଓ ସମାଜରୁ ନାନାପ୍ରକାର କୁସଂସ୍କାର ଆପେ ଆପେ ଲୋପ ହୋଇଯିବ ।

ମନ୍ଦ ଖୋଜୁଥିଲା ଯାହା, ବଇଦ ବତାଇଲା ତାହା । ଏଣେ ଇଂରେଜି ଜ୍ଞାନରେ ଆମ ଆଖି ଫିଟିଯିବ, ତେଣେ ଇଂରେଜ ଚତୁଆଙ୍କୁ ନେଇ ତାଙ୍କ ଶାସନ ଚାଲିବ । ଇଂରେଜମାନଙ୍କର ଏମିତି ଦୂରଦୃଷ୍ଟି ନ ଥିଲେ ସେମାନଙ୍କର ସାମ୍ରାଜ୍ୟ କ'ଣ ଏତେ ସୁଦୂର-ପ୍ରସାରୀ ହୋଇପାରିଥାନ୍ତା ? ସେମାନେ ତ ଆଜ ଏମିତି ନୁହନ୍ତି ଯେ ଚୀନ୍ ଆସି ଘରେ ପଶିଯିବ, ଆମେ ଜଳକା ହୋଇ ଚାହିଁ ରହିଥିବୁ ! ଇଂରେଜି ପଢ଼ିଲେ ଚାକିରି ମିଳିବ—ଏହି ଯେଉଁ ଜାଲ ପଡ଼ିଲା, ତାକୁ ଏ ପର୍ଯ୍ୟନ୍ତ କେହି କାଟିପାରି ନାହିଁ । ଆମ ସାଧାରଣ ସ୍କୁଲ-ମାନଙ୍କରେ ଇଂରେଜିର ମାନଦଣ୍ଡ ଏବେ କମି ଯିବାରୁ କନ୍‌ଭେଣ୍ଟ ଓ ପବ୍ଲିକ୍ ସ୍କୁଲକୁ ଆମେ ଦଉଡ଼ୁଛୁ । ଇଂରେଜି ଭଲହେଲେ ଆଇ. ପି. ଏସ୍., ଆଇ. ଏ. ଏସ୍. ଯାହାହେଲେ ଗୋଟାଏ ମିଳିବ । ଆମ ଚାକିରି ମନୋବୃତ୍ତିକୁ ଲକ୍ଷ୍ୟ କରି ଜଣେ ବ୍ରିଟିଶ ବିଶେଷଜ୍ଞ ସାର୍ ଆଇଭର ଜେନିଙ୍ଗସ୍ କହିଛନ୍ତି—ଭାରତୀୟମାନେ ଇଂରେଜ ଜାତି କିମ୍ବା ଇଂରେଜିଭାଷାକୁ ଭଲପାଆନ୍ତି ବୋଲି ଯେ ଇଂରେଜି ପଢ଼ନ୍ତି ତା' ନୁହେଁ, ଖାଲି ଚାକିରି ଆଶାରେ ପଢ଼ନ୍ତି । (୭) ଯେଉଁ-ଜାତି ଜ୍ଞାନ ଆହରଣ ପାଇଁ ଗହନ ବନରେ ଜୀବନ କାଟିଥିଲା, ସେ କ'ଣ ପ୍ରକୃତରେ ଆଜି ଏତେ ଉଦରସର୍ବସ୍ୱ !

ଭାରତରେ ଇଂରେଜି ମାଧ୍ୟମରେ ଶିକ୍ଷାଦାନ କଥା ଉଠିଲା-ମାତ୍ରେ ଲୋକେ ଲର୍ଡ଼ ମାକ୍‌ଲେଙ୍କ କଥା ସ୍ମରଣ କରନ୍ତି । ଇଉରୋପୀୟ ସାହିତ୍ୟ ଓ ବିଜ୍ଞାନ ଶିକ୍ଷା ପାଇଁ ସେ ଯେଉଁ ଚିଠା ପ୍ରସ୍ତୁତ କରିଥିଲେ, ୧୮୩୫ ମାର୍ଚ୍ଚ ସାତ ତାରିଖରେ ଲର୍ଡ଼ ବେଣ୍ଟିକ୍ ତାହା ସ୍ୱୀକାର କରିନେଲେ । ଭାରତୀୟ ଶିକ୍ଷା ଇତିହାସରେ ଏହା ଏକ ଜଣାଶୁଣା ତାରିଖ । ସେହିଦିନୁ ଭାରତରେ ପାଶ୍ଚାତ୍ୟ ସଂସ୍କୃତିର ଯେଉଁ ଭିତ୍ତିପ୍ରସ୍ତର ସ୍ଥାପିତ ହେଲା, ତାରି ଉପରେ ଗଢ଼ାହେଲା ଏହି ଶତାଧିକ ବର୍ଷବ୍ୟାପୀ ଶିକ୍ଷାର ମିନାର । ମାକ୍‌ଲେଙ୍କ ବିରୁଦ୍ଧରେ ସାଧାରଣ ଅଭିଯୋଗ ହୁଏ ଯେ ସେ ଖାଲି କିରାଣୀ ତିଆରି କରିବା ପାଇଁ ଇଂରେଜି ଶିକ୍ଷା ଚଳାଇଲେ । (୮) କିନ୍ତୁ କେହି କେହି ପ୍ରତି-ବାଦ କରି କହନ୍ତି, ଇଂରେଜ ଲୋକେ ଖାଲି କିରାଣୀ ତିଆରି ପାଇଁ ଏ ଶିକ୍ଷା ଚଳାଇ ନ ଥିଲେ; ବରଂ ପ୍ରାଚ୍ୟ ଅନ୍ଧାରରେ ପାଶ୍ଚାତ୍ୟ ଆଲୋକ ଜାଳିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା । ଯାହାଦେଖା ଓ କଦଳୀ ବିକା ଦୁଇଟାଯାକ ହୋଇଗଲେ କାହାରି କିଛି କ୍ଷତି ନାହିଁ । ହୁଏତ ଆମେ ରାଜା ରାମମୋହନ ରାୟଙ୍କ ସାଧୁ ଉଦ୍ଦେଶ୍ୟକୁ ସନ୍ଦେହ ନ କରିପାରୁ, କିନ୍ତୁ ଯେଉଁମାନେ ସାର୍ ଚାର୍ଲସ୍ ଉଡ୍‌ଙ୍କ ଶିକ୍ଷାସନନ୍ଦ କଥା ( Sir Charles Wood Despatch 1854 ) ଜାଣନ୍ତି, ସେମାନେ ଇଂରେଜମାନଙ୍କୁ ସନ୍ଦେହ ନ କରି ରହିପାରିବେ ନାହିଁ । (୯) ସେହି ସନନ୍ଦରେ ସ୍ପଷ୍ଟ ନିର୍ଦ୍ଦେଶ ଥିଲା ଯେ ଇଂରେଜି ସଙ୍ଗେ ସଙ୍ଗେ ଭାରତୀୟ ଭାଷାମାନଙ୍କୁ ମଧ୍ୟ ସମୃଦ୍ଧ କରିବାକୁ ହେବ ଓ ପାଶ୍ଚାତ୍ୟଜ୍ଞାନକୁ ଉଭୟ ଭାରତୀୟ ଭାଷା ଓ ଇଂରେଜି ଭାଷା ମାଧ୍ୟମରେ ଶିକ୍ଷାଦେବାକୁ ହେବ । କିନ୍ତୁ କାହିଁ ? ସେହିଦିନୁ ବର୍ଷ ବର୍ଷ ଧରି ଇଂରେଜି ଭାଷାର ରଥଚକ ଗଡ଼ି ଚାଲିଲା ଓ ତା'ରି ତଳେ ଚପି ହୋଇ ରହିଲେ ଭାରତୀୟ ଭାଷାସବୁ । ଆଗେ ଯେତେ-

ବେଳେ ଅଷ୍ଟମ ଶ୍ରେଣୀରୁ ଏମ୍. ଏ. ପର୍ଯ୍ୟନ୍ତ ଇଂରେଜି ମାଧ୍ୟମରେ ଶିକ୍ଷା ଚାଲିଥିଲା, ସେତେବେଳେ ବ୍ରାହ୍ମଣ ଶାସନରେ ଶୂଦ୍ର ଘରପରି ମାଟ୍ରିକୁ୍ୟଲେସନରୁ ବି. ଏ. ପର୍ଯ୍ୟନ୍ତ ମାତୃଭାଷାରେ ଏକ ଅଛୁଆଁ ସାହିତ୍ୟପତ୍ର ରଖାଯାଇଥିଲା । ସେହି ପତ୍ରକୁ କେହି ପଢ଼ନ୍ତି ନାହିଁ । ଆଜିର ଏମ୍. ଆଇ. ଏଲ୍.ଠାରୁ ବି ସେ ହୀନଥିଲା । ସେଥିରେ ଖାଲିଥିଲା ରଚନା ଓ ଅନୁବାଦ । ପାଞ୍ଚ ଛ'ଟା ଲେଖାପତ୍ର ଇଂରେଜିଭାଷାରେ ରହି ରହି ଲକ୍ଷ ଲକ୍ଷ ଭାରତୀୟ ଯେତେବେଳେ ମାତୃଭୂମିରେ ବିଦେଶୀ ଇଂରେଜି ଭାଷାର ଚେର ମଡ଼ାଉଥିଲେ, ସେତେବେଳେ ଭାରତୀୟ ଭାଷାଗୁଡ଼ିକ ନିର୍ମୂଳୀଲତାପରି ପବନରେ ଦୋହଲୁ-ଥିଲେ । ଚାର୍ଲସ୍ ଉଡ୍‌ଙ୍କ ସନନ୍ଦ ଅନୁସାରେ ଯଦି ଇଂରେଜି ସଙ୍ଗେ ସଙ୍ଗେ ଭାରତୀୟ ଭାଷା-ମାଧ୍ୟମକୁ ସ୍ୱୀକାର କରାଯାଇଥାନ୍ତା, ତେବେ କ'ଣ ଆଜି ଭାରତୀୟ ଭାଷାମାନଙ୍କରେ ପାରିଭାଷିକ ଶବ୍ଦାବଳୀ ନାହିଁ ବୋଲି ଇଂରେଜିଭାଷାକୁ ଶାସନଗାଦିରେ ରଖିବା ପାଇଁ ଆମେ ଆମଆଡ଼ୁ ଯୁକ୍ତି କରୁଥାନ୍ତୁ ! !

ଜାପାନ କଥା ଦେଖନ୍ତୁ । ଜାପାନୀମାନେ ଯେତେବେଳେ ଜାଣିଲେ—ସେମାନଙ୍କର ଅଗ୍ରଗତି ପାଇଁ ଇଂରେଜି ଶିକ୍ଷା ଦରକାର, ସେମାନେ ଇଂଲଣ୍ଡକୁ ଲୋକ ପଠାଇ ଟ୍ରେନିଂ ଦେଲେ ଓ ନିଜ ଦେଶରେ ଇଂରେଜି ଶିକ୍ଷା ପ୍ରବର୍ତ୍ତନ କଲେ । ୧୮୫୭ରୁ ସେମାନଙ୍କ ଦେଶରେ ଇଂରେଜି ଉପରେ ଜୋର ଦିଆଗଲାଣି । କିନ୍ତୁ କାହିଁ, ଇଂରେଜି ତ ସେଠି ଶିକ୍ଷା କିମ୍ବା ଶାସନ ମାଧ୍ୟମରୂପେ ଗୃହୀତ ହୋଇ ନି । ଜାପାନରେ ଆଗେ ଜାପାନୀ, ତା ପରେ ଇଂରେଜି । ଆଗ ମା, ପଛେ ମାଉସୀ । ଜାପାନ ଯେପରି ଉନ୍ନତି କରିଛି, କେବଳ ଏସିଆରେ କାହିଁକି, କେତେକ ପାଶ୍ଚାତ୍ୟ ଦେଶରେ ମଧ୍ୟ

ସେପରି ଉନ୍ନତି ସମ୍ଭବ ହୋଇନାହିଁ । କିନ୍ତୁ ଏହି ଅଭୂତପୂର୍ବ ଉନ୍ନତି ପାଇଁ ତାକୁ ଭାଷା କିମ୍ବା ସ୍ୱାଧୀନତାକୁ ବଳିଦେବାକୁ ପଡ଼ିନାହିଁ ।

ପ୍ରଶ୍ନ ହୋଇପାରେ—ଭାରତ ଯଦି ସେତେବେଳେ ଇଂରେଜି ମାଧ୍ୟମ କିମ୍ବା ବିଜ୍ଞାନ ଶିକ୍ଷାକୁ ଗ୍ରହଣ କରି ନ ଥାନ୍ତା, ତା'ହେଲେ କ'ଣ ହୋଇଥାନ୍ତା ? କ'ଣ ହୋଇଥାନ୍ତା ଯଦିଓ ସଠିକ ଭାବରେ କହିହେବ ନାହିଁ; ତଥାପି ଐତିହାସିକମାନେ ଅନୁମାନ କରନ୍ତି, ହୁଏ ତ କିଛି କାଳ ଯିବାପରେ ଭାରତୀୟମାନେ ଆପେ ଆପେ ପାଶ୍ଚାତ୍ୟଶିକ୍ଷାକୁ ଗ୍ରହଣ କରି ନିଜ ଭାଷା-ମାଧ୍ୟମରେ ତାକୁ ହାସଲ କରିଥାନ୍ତେ, ଠିକ୍ ଯେମିତି ଜାପାନରେ ହୋଇଛି । ନିଜ ମାତୃଭାଷା ଜରିଆରେ ଜାପାନୀମାନେ ଜ୍ଞାନକୁ ଜୀର୍ଣ୍ଣ କରି ରକ୍ତରେ ମିଶାଇ ନେଇଛନ୍ତି; କିନ୍ତୁ ବିଦେଶୀ ମାଧ୍ୟମରେ ଭାରତୀୟମାନଙ୍କର ଭୟଙ୍କର ଅଜୀର୍ଣ୍ଣ ହୋଇଛି ।

ମାକ୍‌ଲେ ଇଂରେଜି ସପକ୍ଷରେ କାମ କରିବାକୁ ଯାଇ ପ୍ରାଚୀନ ଭାରତୀୟ ଶିକ୍ଷା ଓ ସଂସ୍କୃତି ବିରୁଦ୍ଧରେ ଅନେକ କଥା କହିଥିଲେ । ଲର୍ଡ଼ ଆକ୍‌ଲନ୍ ମାକ୍‌ଲେଙ୍କ ମନ୍ତବ୍ୟକୁ ପସନ୍ଦ ନ କରି ପ୍ରାଚ୍ୟ ଜ୍ଞାନ-ବିଜ୍ଞାନ ତଥା ଶିକ୍ଷାସଂସ୍କୃତି ବିଷୟରେ ତାଙ୍କୁ ନିତାନ୍ତ ଅନଭିଜ୍ଞ ବୋଲି କହିଥିଲେ । ମାକ୍‌ଲେଙ୍କ ପ୍ରସ୍ତାବ ପାଶ୍ ହେଲା ମାତ୍ରେ ଲର୍ଡ଼ ବେଣ୍ଟିକ୍ ଭାରତୀୟ ଶିକ୍ଷାକୁ କୌଣସି ପ୍ରକାର ଆର୍ଥିକ ସାହାଯ୍ୟ ଦେଲେ ନାହିଁ । ଭାରତୀୟ ଶିକ୍ଷା-ଇତିହାସରେ ଏହି ହେଲା ଏକ ଚରମ ଦୁର୍ଯୋଗ । ଇଂରେଜମାନେ ଯେତେବେଳେ ସ୍କୁଲ କଲେଜ-ମାନ ବସାଇବାକୁ ଲାଗିଲେ, ସେତେବେଳେ ଇଷ୍ଟଇଣ୍ଡିଆ କମ୍ପାନୀର ଜଣେ ଡାଇରେକ୍ଟର କହିଥିଲେ—ଆମେରିକାରେ ଏଇ ଭୁଲ କରି

ଆମେ ଆମେରିକାକୁ ହରାଇଛୁ, ସ୍କୁଲକଲେଜ ବସାଇବାର ଫଳ ପାଇଛୁ । ଭାରତରେ ଆଉ ସେ ଭୁଲ ଯେମିତି ନ କରୁ । ଇଂରେଜି ଶାସନକୁ ଯେଉଁଳି ଭାବରେ ଏ ଦେଶରୁ ହଟାଇ ଦିଆଗଲା ଓ ଇଂରେଜି ଭାଷାର ଆଧିପତ୍ୟ ବିରୁଦ୍ଧରେ ଏବେ ଯେସବୁ ଲଢ଼େଇ ଚାଲିଛି, ସେଥିରେ ସେ ଡାଇରେକ୍ଟରଙ୍କର ଦୂରଦୃଷ୍ଟିକୁ ପ୍ରଶଂସା କରିବାର କଥା । ଗାନ୍ଧି, ନେହରୁ, ପଟେଲ, ସୁଭାଷ ସମସ୍ତେ ଇଂରେଜି ପଦ୍ଧତିରେ ଶିକ୍ଷିତ । ଭାରତର ଯେତେ ବଡ଼ ବଡ଼ ନେତା, ସେମାନଙ୍କ ଭିତରୁ ଅଧିକାଂଶଙ୍କର ଟ୍ରେନିଂ ହୋଇଛି ବିଲାତରେ । ଇଂରେଜି ଭାଷା ଓ ତା'ର ଶିକ୍ଷାପଦ୍ଧତିକୁ ପ୍ରଶଂସା କରି ଲୋକେ କହନ୍ତି—ଆମ ଦେଶର ନେତାମାନେ ତାଙ୍କ ଜୀବନରେ ଯାହା ହୋଇଛନ୍ତି, ତାହା ଇଂରେଜି ଶିକ୍ଷାର ଆଶୀର୍ବାଦରୁ । ଏହି ଶିକ୍ଷା ଆମକୁ ଦେଶାତ୍ମବୋଧ ଦେଇଛି । କିନ୍ତୁ ଏଥିର ବିଡ଼ମ୍ବନା ହେଉଛି, ଯେଉଁମାନେ ଇଂରେଜମାନଙ୍କର ଦେଶକୁ ନିଜ ଆଖିରେ ଦେଖିଲେ ସେଇମାନେହିଁ ପ୍ରଥମେ ଇଂରେଜମାନଙ୍କ ବିରୁଦ୍ଧରେ ସ୍ୱର ଉଠାଇଲେ । ସେମାନେ ଆଖି ଆଗରେ ଦେଖି ପାରିଲେ ବ୍ରିଟିଶ ଜାତି ଏ ଦେଶର ସମ୍ପଦ ନେଇ କେମିତି ସୁନାର ସଂସାର ଗଢ଼ିଛି । ସେହିପରି ଲୋକେ ଯେତେବେଳେ ଦେଖିଲେ—ଭାରତରେ ଇଂରେଜି ଭାଷାର ଉତ୍ତରୋତ୍ତର ଅଧ୍ୟୟନ ଚାଲିଥିବାବେଳେ ଭାରତୀୟ ଭାଷା-ଗୁଡ଼ିକ ଉପେକ୍ଷିତ ଅବସ୍ଥାରେ ପଡ଼ିଛନ୍ତି, ସେତିକିବେଳେ ଏହି 'ଇଂରେଜି ହଟାଅ' ଆନ୍ଦୋଳନର ଜନ୍ମହେଲା । ଇଂରେଜି ସାହିତ୍ୟରୁ ରାଜନୈତିକ ଆନ୍ଦୋଳନ ପାଇଁ ବହୁତ ପ୍ରେରଣା ମିଳିଲା ସତ; କିନ୍ତୁ ଯଦି କେହି କହିବ ଇଂରେଜି ଶିକ୍ଷା ନ ଥିଲେ ଯେ ଏ ଦେଶର ଲୋକେ ଚିରକାଳ ଅତ୍ୟାଚାର ଭୋଗ କରି ଚୁପ୍ ରହିଥାନ୍ତେ, ବିପ୍ଳବ କରି ନ ଥାନ୍ତେ, ଏପରି ଭାବିବାର କୌଣସି କାରଣ ନାହିଁ । ବରଂ

ଇଂରେଜଶିକ୍ଷା ପ୍ରାପ୍ତ ଶିକ୍ଷିତ ଲୋକଙ୍କର ଆନୁଗତ୍ୟ ଯୋଗୁଁ ଇଂରେଜମାନେ ଏଠି ବେଶିକାଳ ରହିଲେ; ନଚେତ୍ ଆହୁରି ଆଗରୁ ଯାଇଥାନ୍ତେ ବୋଧହୁଏ । ଇଂରେଜ ଆମର କାମ୍ୟ, କିନ୍ତୁ ଇଂରେଜର ଆଧିପତ୍ୟ ଆମ ପକ୍ଷରେ ଅସହ୍ୟ । ସେଇଥିପାଇଁ ଭାରତର ପ୍ରଧାନମନ୍ତ୍ରୀ ନେହରୁ ଯଥାର୍ଥରେ କହିଥିଲେ—'କୌଣସି ବିଦେଶୀ ଭାଷାକୁ ଭାରତର ରାଜଭାଷାରୂପେ ଗ୍ରହଣ କରିବା ଅଶୋଭନୀୟ ।'

୧ । ଇଂରେଜ ବଣିକ ବାଦଶାହ ହେବାରୁ ଯାବତୀୟ ବିପତ୍ତି ।
୨ । ଇଂରେଜ ନୁହେଁ, ତାର ଆଧିପତ୍ୟ ବିରୁଦ୍ଧରେ ଅସନ୍ତୋଷ ।
୩ । ଇଂରେଜ ପାଠ ଓ ସୁଟ୍‌କେସ୍ ।
୪ । ଲର୍ଡ଼୍ ମାକ୍‌ଲେ, ସାର୍ ଚାର୍ଲସ୍ ଉଡ୍ ଓ ଭାରତୀୟ ଭାଷା ।
୫ । ପ୍ରଗତିଶୀଳ ଜାପାନରେ ଇଂରେଜୀର ସ୍ଥାନ ।
୬ । ମାତୃଭାଷାର ଅବହେଳା ଯୋଗୁଁ 'ଇଂରେଜ ହଟାଅ' ଆନ୍ଦୋଳନ ।

# ଇଂରେଜି ପାଚେରୀ

ଆମ ଦେଶରେ ଅନେକ ଶିକ୍ଷିତ ଲୋକ ଯୁକ୍ତି କରନ୍ତି ଯେ ଇଂରେଜି ଆମର ରାଷ୍ଟ୍ରଭାଷା ହୋଇ ରହୁ । ତାଙ୍କର ପ୍ରଥମ ତଥା ପ୍ରଧାନ ଯୁକ୍ତି ହେଉଛି, ଜ୍ଞାନ ଆହରଣ ପାଇଁ ଇଂରେଜି ଗୋଟାଏ ଅସଲ ପାଇପ୍ ଲାଇନ୍ । ସେ ଲାଇନ୍‌ଟାକୁ ବନ୍ଦ କରିଦେଲେ ଜ୍ଞାନର ଧାର ଶୁଖିଲା ପଡ଼ିଯିବ । ଦ୍ୱିତୀୟ ଯୁକ୍ତି ହେଉଛି—ଏହି ଭାଷା ଜରିଆରେ ଆକୁମାରୀ ହିମାଳୟ ସମଗ୍ର ଭାରତବର୍ଷରେ ରାଜନୈତିକ ଏକତା ଆସିଛି । ଇଂରେଜି ହଟିଗଲେ ଆମ ଏକତାରେ ଆଞ୍ଚ୍ ଆସିବ । ଗାନ୍ଧିବାଦୀମାନେ ଏହି ଯୁକ୍ତିକୁ ସ୍ୱୀକାର କରନ୍ତି ନାହିଁ ବରଂ ଏହି ଯୁକ୍ତିକୁ ଖଣ୍ଡନ କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଅଭିଯୋଗମାନ ଉପସ୍ଥାପିତ କରନ୍ତି ।

ପ୍ରଥମ କଥା ହେଉଛି, ଇଂରେଜି ପାଇପ୍ ଲାଇନ୍ ହୋଇପାରେ କିନ୍ତୁ ଲାଇଫ୍ ଲାଇନ୍ ନୁହେଁ । ଏଥିରେ କେତେକ ଲୋକ ଜ୍ଞାନ ଆହରଣ କରିଛନ୍ତି ସତ; କିନ୍ତୁ ସମଗ୍ର ଜାତିର ପ୍ରାଣପୂର୍ତ୍ତି କିମ୍ବା ବିସ୍ତୃତ ହୋଇନାହିଁ । ଏହି ଲାଇନରେ ଯେତିକି ଜଳ ଆସିଛି, ସେଥିରେ ସମସ୍ତ କ୍ଷେତ୍ରର ଶହେ ଭାଗରୁ ମାତ୍ର ଏକଭାଗ ଜମି ଉଠିଆ ହୋଇଛି । ସେଇଟା ପୁଣି ଦଶ କୋଡ଼ିଏ ବର୍ଷରେ ନୁହେଁ, ଦୀର୍ଘ ଦେଢ଼ଶହ ବର୍ଷ ଭିତରେ । ଅର୍ଥାତ୍ ଇଂରେଜି ଶିକ୍ଷା ଏ ଦେଶରେ ଆରମ୍ଭ ହେଲାଦିନୁ ଆଜିପର୍ଯ୍ୟନ୍ତ ମୋଟେ ଶହେ ଜଣରେ ଜଣେ

ଇଂରେଜି ଶିଖି ପାରିଛନ୍ତି ଏବଂ ସେଥିଁ ଜଣକ ଭିତରେ ଇଂରେଜିରେ ଦସ୍ତଖତ୍ କରି ଜାଣିଥିବା ଲୋକଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷିତ ପର୍ଯ୍ୟନ୍ତ ସମସ୍ତେ ଅନ୍ତର୍ଭୁକ୍ତ ଅଛନ୍ତି । ଯାହାର ପ୍ରଧାନ କାରଣ ହେଉଛି, ଇଂରେଜମାନେ ଏ ଦେଶରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ଅନୁକରଣରେ ଯେଉଁ ବିଶ୍ୱବିଦ୍ୟାଳୟ ଓ ସ୍କୁଲକଲେଜମାନ ବସାଇଲେ, ସାଧାରଣ ଜନତାକୁ ତାହା ଆଦୌ ପ୍ରଭାବିତ କରି ପାରିଲା ନାହିଁ । ସେମାନଙ୍କର ଯେଉଁ ପରକୁଲେସନ ଥିଓରି (Perculation Theory) ଅନୁସାରେ ସେମାନେ କାମ କରୁଥିଲେ ଆମ ଦେଶରେ ତାହା ସଫଳ ହୋଇ ପାରିଲା ନାହିଁ । ସେମାନେ ଭାବିଥିଲେ, ଜ୍ଞାନକୁ ଉପରେ ଢାଳିଦେଲେ ଆପେ ଆପେ ତାହା ତଳକୁ ଝରିଯିବ; କିନ୍ତୁ ସେଇଟା ଆମ ଦେଶରେ ସମ୍ଭବ ନୁହେଁ, ତାଙ୍କ ଦେଶରେ ହୋଇପାରେ । ଆମ ଦେଶରେ ବିଶ୍ୱବିଦ୍ୟାଳୟ ଭାଷାଠାରୁ ସାଧାରଣ ଲୋକର ଭାଷା ଭିନ୍ନ; କିନ୍ତୁ ଇଂଲଣ୍ଡରେ ଲୋକଙ୍କର ଭାଷା ଯାହା, ବିଶ୍ୱବିଦ୍ୟାଳୟ ଭାଷା ସେୟା । ତେଣୁ ବିଶ୍ୱବିଦ୍ୟାଳୟରେ ଯେଉଁ ନିତ୍ୟନୂତନ ଜ୍ଞାନ ସୃଷ୍ଟିହୁଏ, ସାଧାରଣ ଲୋକ ତାକୁ ଗ୍ରହଣ କରିପାରେ; କିନ୍ତୁ ଆମ ଲୋକଙ୍କ ଭାଷା ବିଶ୍ୱବିଦ୍ୟାଳୟ ଭାଷାଠାରୁ ଭିନ୍ନ ହୋଇଥିବାରୁ ଲୋକେ କେବଳ ବିଶ୍ୱବିଦ୍ୟାଳୟର କୋଠାବାଡ଼ି ଦେଖନ୍ତି, ତାଙ୍କ ବହିପତ୍ର ପଢ଼ି ପାରନ୍ତି ନାହିଁ । ମାଉଣ୍ଟବେଟେନ୍‌ଙ୍କୁ ଯେମିତି ଦୂରରୁ ଦେଖନ୍ତି, ନିଜ ପଇସାରେ ବଣ୍ଟାଯାଉଥିବା ଜ୍ଞାନକୁ ମଧ୍ୟ ସେମିତି ଦୂରରୁ ଦେଖନ୍ତି, ବିସ୍ମିତ ହୁଅନ୍ତି, ପ୍ରଭାବିତ ହୁଅନ୍ତି ନାହିଁ ।

ଭାଷାତତ୍ତ୍ୱଦୃଷ୍ଟିରୁ ବିଚାର କଲେ ଯେ କୌଣସି ବିଦେଶୀ-ଭାଷା ସ୍ୱଦେଶୀଭାଷାଠାରୁ କଠିନ । ତା'ଛଡ଼ା ଇଂରେଜିଭାଷା ତା'ର

ଅବୈଜ୍ଞାନିକ ବନାନପଦ୍ଧତି ଯୋଗୁଁ ଫ୍ରେନ୍‌ସ୍ ଇତ୍ୟାଦି କେତେକ ଇଉରୋପୀୟ ଭାଷାଠାରୁ ଅଧିକ କଠିନ । ଫ୍ରେନ୍‌ସ୍ ପିଲାଏ ତାଙ୍କ ଭାଷାରେ ଲେଖାପଢ଼ା ଯେତିକି ସମୟରେ ଶିଖନ୍ତି, ଇଂରେଜ ପିଲାଏ ପ୍ରାୟ ତା'ର ଦୁଇଗୁଣ ସମୟରେ ଶିଖନ୍ତି । ଭାରତୀୟମାନଙ୍କୁ ତାହା ବହୁତ ସମୟ ଲାଗେ । ଜୀବନସାରା ଇଂରେଜି ପଢ଼ି ପଢ଼ି ତା' ଉପରେ ଆମର ଦଖଲ ଆସେ ନାହିଁ । ଭାରତରେ ଲକ୍ଷ ଲକ୍ଷ ଲୋକ ଇଂରେଜି ପଢ଼ିଛନ୍ତି, କିନ୍ତୁ କେତେ ଜଣ ଲୋକ ଇଂରେଜି ସାହିତ୍ୟରେ ସମ୍ମାନ ପାଇଛନ୍ତି ? ବିଜ୍ଞାନରେ ମଧ୍ୟ ସେୟା । ଦେଢ଼ଶହ ବର୍ଷର ଶିକ୍ଷା ଓ ଭାରତ ପରି ବିଶାଳ ଦେଶକୁ ଦେଖିଲାବେଳକୁ ଯେଉଁ କେତେ ଜଣ ବୈଜ୍ଞାନିକ ଅଛନ୍ତି, ସେମାନଙ୍କ ସଂଖ୍ୟା କେତେ ? କିନ୍ତୁ ରୁଷ ଓ ଜାପାନରେ ଅବସ୍ଥା ଭିନ୍ନ । ଜାର୍‌ମାନଙ୍କ ସମୟରେ ରୁଷ ଦେଶରେ ସମସ୍ତେ ରୁଷଭାଷା ଜାଣିଥିଲେ । ବର୍ତ୍ତମାନ ତାହା ପ୍ରାୟ କୋଡ଼ିଏକୋଟି ଲୋକଙ୍କର ମାତୃଭାଷା । ଜାପାନରେ ଜାପାନୀ ମଧ୍ୟ ଶିକ୍ଷାମାଧ୍ୟମ । ସେଥିପାଇଁ ଦେଶରେ ଯାହା ଶିକ୍ଷା ଦିଆଯାଉଛି, ସାଧାରଣ ଲୋକେ ସହଜରେ ସେଥିରୁ ଲାଭ ପାଇ ପାରୁଛନ୍ତି । ଆମ ଦେଶରେ ବିଦେଶୀଭାଷାରେ ଶିକ୍ଷା ଓ ଶାସନ ଚାଲିଥିବାରୁ ସାଧାରଣ ଜନତା ସେଥିରୁ ଦୂରରେ ରହିଯାଉଛନ୍ତି । ଯେ କୌଣସି ଦେଶର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଦେଶୀ ଭାଷାରେ ହେଲେ ଜନସାଧାରଣ ତହିଁରୁ ଦୂରରେ ରହିସିବେ, ଏହା ଏକ ସାଧାରଣ କଥା । ଆମ ଦେଶରେ ମାଟ୍ରିକ୍ୟୁଲେସନ ସ୍ତରରୁ ଯେତେବେଳେ ସବୁ ଇଂରେଜି ଥିଲା, ସେତେବେଳେ ତ ଅବସ୍ଥା ଆହୁରି ଖରାପ ହେବା କଥା ।

ବାକି ରହିଲା ଏକତା କଥା । ଇଂରେଜି ଭାଷା ଏ ଦେଶର ଇଂରେଜିପଢ଼ା 'ବାବୁଜାତି' ଭିତରେ ଏକତା ଆଣିପାରିଥାଏ, କିନ୍ତୁ

ଏହି ବାବୁଜାତି ଓ ସାଧାରଣ ଇଂରେଜି ଅନଭିଜ୍ଞ ଜନତା ମଧ୍ୟରେ ଏହି ଇଂରେଜିଭାଷା ଓ ସଂସ୍କୃତି ହିଁ ମେଘନାଦ ପାଚେରି ପରି ଛିଡ଼ା ହୋଇଛି । ବିଦେଶୀ ଶାସକମାନଙ୍କର ସେଇଟା ଦରକାର ଥିଲା, କିନ୍ତୁ ସ୍ୱଦେଶୀ ସରକାର ସେହି ପାଚେରିକୁ ଚଞ୍ଚଳ ଭାଙ୍ଗିବା ଦରକାର । ଇଂରେଜି ଶିକ୍ଷିତ କହିଲେ ଇ ବୁଝାଏ ବାବୁଙ୍କୁ ଯେଉଁମାନେ ଦେଶକୁ ଶାସନ କରନ୍ତି ଓ ଶାସିତଙ୍କ ସୁଖଦୁଃଖରୁ ଦୂରରେ ରହନ୍ତି । ଇଂରେଜି ପାଠ ନ ପଢ଼ି, ସରକାରି ଚାକିରି ନ କରି ବାବୁ ବୋଲାଉଥିବା ଲୋକ କେତେ ଜଣ ଏ ଦେଶରେ ଅଛନ୍ତି ?

ଯେ କୌଣସି ଭାଷାସଙ୍ଗେ ତା'ର ସଂସ୍କୃତି ଓତଃପ୍ରୋତ ଭାବରେ ଜଡ଼ିତ ଯେ, ଜଣେ କୌଣସି ଭାଷାରେ ଦକ୍ଷତା ହାସଲ କଲାବେଳକୁ ସେହି ଭାଷା ନିହିତ ସଂସ୍କୃତି ମଧ୍ୟ ତା'ଠାରେ ବେଶ୍ ପରିସ୍ଫୁଟ ହୋଇଉଠେ । ସେହି ଦୃଷ୍ଟିରୁ ବିଚାର କଲେ ଦେଖିବେ ଆମ ଇଂରେଜି-ପାଠୁଆ ବାବୁମାନେ ସହଜରେ ଚିହ୍ନି ହୋଇଯାନ୍ତି; ଇଂଲଣ୍ଡ ପ୍ରଭୃତି ଦେଶରେ କିଏ ବାବୁ, କିଏ ସାଧାରଣ ଲୋକ ଚିହ୍ନିବା କଷ୍ଟ । ଲୋକଙ୍କର ଖାନାପିନା, ଚାଲିଚଳଣି, ପୋଷାକପତ୍ର ବିଶେଷତଃ ଭାଷା ଏକ ହୋଇଥିବାରୁ ଜାଣିବା କଷ୍ଟ । ତଫାତ୍‌ଟା କେବଳ ମାନାର, ସ୍ୱରୂପର ନୁହେଁ; କିନ୍ତୁ ଆମ ଦେଶରେ ବାବୁଙ୍କୁ ଚିହ୍ନିବା ମୋଟେ କଷ୍ଟ ନୁହେଁ । ଧୋତି ନ ଥାଇ ସାହେବଙ୍କ ଟ୍ରାଉଜର ଥିଲେ ଜଣେ ବାବୁ । ଇଂରେଜ ଅମଳରେ ଯେତେବେଳେ ସାଧାରଣ ଲୋକେ ଟ୍ରାଉଜର ଇତ୍ୟାଦି ପିନ୍ଧି ନ ଥିଲେ, ସେତେବେଳେ ବାବୁମାନଙ୍କୁ ଚିହ୍ନିବାପାଇଁ ଖାଲି ଟ୍ରାଉଜରଟା ଯଥେଷ୍ଟ ହେଉଥିଲା । ଆଜକାଲି ତ ଟ୍ରାଉଜର ସମସ୍ତେ ପିନ୍ଧିଲେଣି, ତେଣୁ 'ବାବୁଧର୍ମ'ର ଶ୍ରେଷ୍ଠ

ପରିଗୃହୀତ ହୋଇ ରହିଛି ଇଂରେଜୀଭାଷା । ଏହିପ୍ରକାର ବାବୁମାନଙ୍କୁ ଆଗେ କୁହାଯାଉଥିଲା 'କଳାସାହେବ' । ପାଶ୍ଚାତ୍ୟ ପାଠର ପ୍ରଭାବରେ ପାଣ୍ଟସୁଟ୍ ସାଙ୍ଗକୁ ଟେବୁଲ, ଚଉକୀ, ଡିନର୍, ଡାନ୍ସ୍ ଯେତେବେଳେ ପ୍ରବଳ ହୋଇଉଠିଲା, ସେତେବେଳେ ଜାତୀୟବାଦୀ କଂଗ୍ରେସ ଡାକରେ ସେଥିରୁ ଅନେକ କମିଗଲା । କିନ୍ତୁ ସ୍ୱାଧୀନତା ପରେ ସବୁ ଏକପ୍ରକାର ଖେଚଡ଼ି । ଉପରେ ଖଦୀ, ତଳେ ଋଦ୍ଧି, ବାକୀ ମଝିରେ ରହିଛନ୍ତି ଇଂରେଜବାବୁ । ଏହିମାନେ ସବୁଠୁ ଶକ୍ତିଶାଳୀ ଓ ଏହିମାନଙ୍କର କୌଶଳରେ ଇଂରେଜର ଆଧିପତ୍ୟ ଏକପ୍ରକାର ଅକ୍ଷୁଣ୍ଣ ରହିଛି । ଏହିମାନଙ୍କୁ ଲକ୍ଷ୍ୟକରି କୁହାଯାଇଛି ଯେ ମାକ୍‌ଲେ ଭାରତରେ ଇଂରେଜୀ ଚଳାଇ ଏକ କଳାସାହେବ ଜାତି ସୃଷ୍ଟି କରି ଯାଇଛନ୍ତି । (୧୧) ସେମାନେ ଭାରତରେ ଜନ୍ମ ହେଲେ ମଧ୍ୟ ସବୁକଥା ପାଇଁ ବିଲାତକୁ ଅନାଇ ରହନ୍ତି ଓ ଏ ଦେଶର ଶାସକ ଶାସିତ ମଧ୍ୟରେ ମଧ୍ୟସ୍ଥତା କରନ୍ତି । ସେମାନଙ୍କର ରକ୍ତ ଭାରତୀୟ, ରଙ୍ଗ କଳା, କିନ୍ତୁ ବୁଦ୍ଧିବୃତ୍ତି ଚାଲିଚଳଣି ସବୁ ବିଲାତି । ଏହି ହେଉଛି ପ୍ରକୃତରେ ଅସୁବିଧା । ସେମାନେ ଯଦି ପୂରା ସାହେବ ହୋଇ ମଧ୍ୟ ସେମାନଙ୍କର ମନୋବୃତ୍ତିଟା ଭାରତୀୟ ଥାନ୍ତା, ତେବେ ବି ଇଂରେଜୀଶିକ୍ଷା ବିରୁଦ୍ଧରେ କାହାର କିଛି କହିବାର ନ ଥାନ୍ତା । ଜାପାନରେ କିନ୍ତୁ ଅବସ୍ଥାଟା ଭିନ୍ନ । ସେଠି ବାହାରଟା ପାଶ୍ଚାତ୍ୟ ହୋଇଯାଇଛି, କିନ୍ତୁ ସେମାନଙ୍କର ଆତ୍ମା ରହିଛି ପ୍ରାଚ୍ୟ, ସମ୍ପୂର୍ଣ୍ଣ ଏସିଆଟିକ୍ । ସେହି ହେଉଛି ସେ ଜାତିର ବାହାଦୁରୀ ।

ନିକଟରେ ଓଡ଼ିଶାରେ ଗୋଟିଏ ଖବର କାଗଜରେ ଗୋଟିଏ ସମ୍ବାଦ ବାହାରିଥିଲା । ସେଥିରେ ଗୋଟିଏ ହାଇସ୍କୁଲର ପୁରସ୍କାର

ବିତରଣୀ ଉତ୍ସବ ବିଷୟରେ ଲେଖାଥିଲି । ଆଜିକାଲି ହାଇସ୍କୁଲ ପିଲାଙ୍କର ଇଂରେଜି ଷ୍ଟାଣ୍ଡାର୍ଡ଼ ଯାହା, କାହାକୁ ଅଜଣା ନାହିଁ । ସେଥିରେ ସଭାପତି ଭାଷଣଦେଲେ ଇଂରେଜୀରେ, ତା'ପରେ ହେଡ଼ମାଷ୍ଟ୍ର ଭାଷଣଦେଲେ ଇଂରେଜୀରେ । ପିଲାମାନେ କିଛି ବୁଝି ନ ପାରି କେବଳ ଅନାଇ ରହିଲେ । ପିଲାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଲା । ଏହି ହେଲା ସମ୍ବାଦ । ଏଟାକୁ ବିଶ୍ଳେଷଣ କଲେ ଦେଖାଯିବ ଯେ ସଭାପତି ହେଉଛନ୍ତି ଲର୍ଡ଼ ମାକ୍‌ଲେଙ୍କ 'କଳା-ସାହେବ' । ଓଡ଼ିଆ ପିଲାମାନେ ଇଂରେଜି ବୁଝନ୍ତୁ କି ନ ବୁଝନ୍ତୁ ସେ ନିଶ୍ଚୟ ଇଂରେଜୀରେ କହିବେ । କାରଣ ମାତୃଭାଷାରେ କହିବା ମାତ୍ରେ ସମସ୍ତେ ବୁଝିପାରିବେ ଓ ତାଙ୍କ ଜ୍ଞାନର ମାନଦଣ୍ଡଟା ଜଣା-ପଡ଼ିଯିବ । ତା'ଛଡ଼ା ଲୋକେ ଯଦି ଜାଣିବେ ସେ ଇଂରେଜି ଜାଣନ୍ତି ନାହିଁ, ତା'ହେଲେ ସେ ଆଉ କ'ଣ ଜାଣନ୍ତି ? ହେଡ଼ମାଷ୍ଟର ମହୋଦୟ ଯଦିଓ ତାଙ୍କ ଜୀବନରେ କେବେହେଲେ ସାହେବ ହୋଇ ପାରିବେ ନାହିଁ, ତାଙ୍କୁ ବି ଇଂରେଜି ଆସେ, ଏ କଥା ସେ କଳା-ସାହେବଙ୍କୁ ନ ଦେଖାଇ ଛାଡ଼ିବେ କାହିଁକି ? ବିଦେଶୀ ଭାଷାର ପ୍ରଭୁତ୍ୱ ଯୋଗୁଁ ଆମ ମନର ସଂସ୍କାର ବାସ୍ତବରେ କ'ଣ ହୋଇଛି ତାହା ହିଁ ଦେଖିବାର କଥା । ଆମରି ଲୋକଙ୍କୁ ଆମରି ଭାଷାରେ କଥା କହିବାକୁ ଆମକୁ ଲାଜ ମାଡ଼ୁଛି ! ଇଂରେଜିଭାଷାର ଆଧିପତ୍ୟ ବିରୁଦ୍ଧରେ ଲଢ଼ାଇ କରିବାରେ ମହାତ୍ମାଙ୍କର ଏହି ଥିଲା ଅସଲ ଉଦ୍ଦେଶ୍ୟ । କାରଣ ଏହି ଶିକ୍ଷାପଦ୍ଧତିରେ ଆମେ ଆତ୍ମାକୁ ହରାଇ କେବଳ ଶରୀରକୁ ସଜାଇବାକୁ ଶିଖିଛୁ । ହାକିମଙ୍କୁ ସିନା ଜଣା ନାହିଁ ହାଇସ୍କୁଲ ପିଲାଙ୍କ ଇଂରେଜି ଦଉଡ଼, ହେଡ଼ମାଷ୍ଟରଙ୍କୁ କ'ଣ ଜଣା ନାହିଁ ? ଲୋକେ ବୁଝନ୍ତୁ କି ନ ବୁଝନ୍ତୁ, ଦେଖାଇବା ଖାଲି ଆମର କାମ । ଗଭୀର ଭାବରେ ବିଚାର କଲେ ଦେଖାଯିବ, ଦେଶରେ

ସବୁଠି ଏଇ ମନୋବୃତ୍ତି । କାମ ହେଲେ ହେଲା ନ ହେଲେ ନାହିଁ, ରିପୋର୍ଟ ହେବ ଜବରଦସ୍ତ । ଯେମିତି ଶିକ୍ଷା, ସେମିତି ଶାସନ ! ଏଗୁଡ଼ାସବୁ ଦେଖିଲେ ରବୀନ୍ଦ୍ରନାଥଙ୍କର ପାଶ୍ଚାତ୍ୟ ଭ୍ରମଣ କାହାଣୀରୁ ଗୋଟିଏ କଥା ମନେପଡ଼େ । ସେ ଜାହାଜରେ ଗଲା-ବେଳେ 'କଳାସାହେବ'ମାନଙ୍କ ଚାଲିଚଳଣିରେ ବ୍ୟଥିତ ହୋଇ କହିଥିଲେ, ସାହେବଙ୍କ ସାହେବୀଢଙ୍ଗ ତ ବାଧେ ନାହିଁ, କିନ୍ତୁ ନକଲି ସାହେବଙ୍କ ସାହେବପଣିଆ ଦେଖିଲେ ନ ହସି ରହିହୁଏ ନାହିଁ । ପ୍ରକୃତ କଥା—ସୂର୍ଯ୍ୟ କିରଣ ସହିହେବ, କିନ୍ତୁ ସୂର୍ଯ୍ୟକିରଣରେ ତାତିଥିବା ବାଲିକୁ ସହିବା କଷ୍ଟ । ଦେଶ ଓ ଜାତିର ଭାଷା ଓ ସଂସ୍କୃତି ପ୍ରତି ଶିକ୍ଷିତ ଲୋକଙ୍କର ଯେଉଁ ଅବଜ୍ଞା ଆସିଛି, ତାହା ଇଂରେଜ ପ୍ରଭୁତ୍ୱର ଅବଶ୍ୟମ୍ଭାବୀ ଫଳ । ଇଂରେଜ 'ବାବୁଜାତି' ମଧ୍ୟରେ ଏକତା ଆଣିଥିଲେ ମଧ୍ୟ ବାବୁଶ୍ରେଣୀ ଓ ସାଧାରଣ ଜନତା ମଧ୍ୟରେ ବହୁ ବିଭେଦ ସୃଷ୍ଟି କରିପାରିଛି । ଇଂରେଜଭାଷାର ସବୁଠୁ ବଡ଼ ବିଜୟ ହେଉଛି ଶିକ୍ଷିତ ଭାରତୀୟମାନେ ତା' ସପକ୍ଷରେ ଲଢ଼ୁଛନ୍ତି । ଯେଉଁ ଦେଶରେ ଗାନ୍ଧି, ନେହରୁ ଜନ୍ମ ହୋଇଛନ୍ତି, ସେହି ଦେଶରେ ଜୟଚନ୍ଦ୍ର ପୃଥ୍ୱୀରାଜ ବି ଜନ୍ମ ହୋଇଛନ୍ତି ।

ଇଂରେଜ ଭାଷା-ମାଧ୍ୟମରେ ବିଜ୍ଞାନ ଛଡ଼ା ଆମେ ଆହୁରି ପଢ଼ିଲୁ ତାଙ୍କ ଦେଶର ସାହିତ୍ୟ ଓ ଇତିହାସ । ଆମ ଦେଶର ଇତିହାସକୁ ମଧ୍ୟ ସେହିମାନେ ଲେଖି, ପଢ଼ାଇବା ପାଇଁ ସେହିମାନେ ହେଲେ ମାଷ୍ଟର । ଫଳରେ ଏୟା ହେଲା ଯେ ଇଷ୍ଟଇଣ୍ଡିଆ କମ୍ପାନୀର ଯେଉଁ କିରାଣୀ କ୍ଲାଇବ୍ ଲୁଟତରାଜ ଓ ଧପ୍‌ପାବାଜି କରି ଏ ଦେଶରୁ ଧନ ବୋହି ନେଲେ ଓ ଭାରତରେ ବ୍ରିଟିଶ ଶାସନକୁ ଦୃଢ଼ କରିଗଲେ, ଆମ ଆଗରେ ସେ ହେଲେ ଇଂରେଜ ଜାତିର ବୀର; କିନ୍ତୁ ଯେଉଁ

ଲଜପତ୍ ଓ ଲୋକମାନ୍ୟ ଭାରତର ସ୍ୱାଧୀନତା ପାଇଁ ଲଢ଼ିଲେ ସେମାନେ ହେଲେ ଦେଶଦ୍ରୋହୀ । ଏହି ହେଲା ଆମର ଇତିହାସ ଶିକ୍ଷା, ଏହି ହେଲା ଆମର ସତ୍ୟାନୁସନ୍ଧାନ । ତାଙ୍କର ଯେତେ ଯାହା ସବୁ ସୁନ୍ଦର, ଆମର ଯେତେ ଯାହା ସବୁ ପୁରୁଣା, ବାଜେ । ଆମ କଥାର ମୂଲ୍ୟ ନାହିଁ । ଯାହା କହିବେ ସ୍ମିଥ୍, କିଥ୍; ରସେଲ ସେହି ହେଉଛି ବେଦର ସାର ! ଆମ ସଂସ୍କୃତ ପଣ୍ଡିତମାନଙ୍କର ଆଉ ବନାରସରେ ବିଶ୍ୱାସ ନାହିଁ, ତାଙ୍କର ସାର୍ଟିଫିକେଟ ଦରକାର ଅକ୍ସଫୋର୍ଡ଼ରୁ ନଚେତ୍ ହାର୍ଭାର୍ଡ଼ରୁ । ଆତ୍ମଅବଜ୍ଞା ଆଉ କେତେ-ଦୂର ଯାଇପାରେ ! ଏଇଥିପାଇଁ ଭାରତ ସରକାରଙ୍କ ସଂସ୍କୃତ କମିଶନ ମନା କରିଦେଇଛନ୍ତି ବିଦେଶରେ ଯାଇ ସଂସ୍କୃତ ପଢ଼ିବାକୁ ଭାରତୀୟ ଛାତ୍ରମାନଙ୍କୁ ଆଉ ଉତ୍ସାହିତ କରାଯିବ ନାହିଁ । ଅନ୍ୟ ଏକ ପ୍ରବନ୍ଧରେ ଶ୍ରୀଯୁକ୍ତ ଏମ୍. ପି. ଦେଶାଇ କହିଛନ୍ତି—ଭାରତରେ ଇଂରେଜି ଭାଷା ଆଜି ପର୍ଯ୍ୟନ୍ତ ଯେଉଁ ଆଧିପତ୍ୟ ବିସ୍ତାର କରିଆସିଛି, ତାକୁ ଆଉ ଅଧିକ କାଳ ସ୍ୱୀକାର କରିବା ଏ ଜାତି ପକ୍ଷରେ ଘୋର ଅପମାନର କଥା । (୧୨)

ଇଂରେଜମାନଙ୍କୁ ପ୍ରଶଂସା କରିବାର ଅନେକ କିଛି ଅଛି । ଇଂରେଜ ଗୋଟାଏ ବିରାଟ ଜାତି, ଇଂରେଜି ଗୋଟାଏ ବିରାଟ ଭାଷା । ଇଂଲଣ୍ଡର ଜଳବାୟୁ ସ୍ୱାସ୍ଥ୍ୟକର, ଦୃଶ୍ୟ ମନୋହର । ଯା ବୋଲି ସବୁ ଭାରତୀୟ ସେଠି ଯାଇ ରହିପାରିବେ ନାହିଁ । ଆମକୁ ଆମର ଦେଶରେ, ଆମର ପାଣିପବନରେ ଓ ଆମର ଭାଷା-ସାହିତ୍ୟ ମଧ୍ୟରେ ସମୃଦ୍ଧ ହେବାକୁ ହେବ । ବିଦେଶୀ ଭାଷାରେ ବିଜ୍ଞାନ ଓ ବାଣିଜ୍ୟ ପରିପୁଷ୍ଟ ହୋଇପାରେ, କିନ୍ତୁ ତାଦ୍ୱାରା ଆତ୍ମାର ପରିପୁଷ୍ଟି ହୋଇପାରେ ନା ।

୧ । ଇଂରେଜ ପାଇପ ଲାଇନ କିନ୍ତୁ ଲାଇଫ୍ ଲାଇନ ନୁହେ ।

୨ । ଇଂରେଜ ପରି ଏକ ବିଦେଶୀ ଭାଷାରେ ଜାତିର ସାମୂହିକ ଶିକ୍ଷା ଅସମ୍ଭବ ।

୩ । ଶିକ୍ଷିତ ଅଶିକ୍ଷିତଙ୍କ ମଧ୍ୟରେ ଇଂରେଜ ଭାଷା ଏକ ମେଘନାଦ ପାଚେରି ।

୪ । ଭାଷା ଓ ସଂସ୍କୃତିର ନିବିଡ଼ ସଂପର୍କ ।

୫ । ଆତ୍ମଅବଜ୍ଞା ବିଦେଶୀ ଶିକ୍ଷାର ଅବଶ୍ୟମ୍ଭାବୀ ଫଳ ।

# ଅସ୍ଥିର ନୀତି

ମାକ୍‌ଲେ କହି ଦେଇଗଲେ, ଇଂରେଜ ଚାଲିଲା । ଶିକ୍ଷା, ଶାସନ, ବାଣିଜ୍ୟ, ବିଜ୍ଞାନ ସବୁଠି ଚାଲିଲା ଇଂରେଜର ଆଧିପତ୍ୟ । କିନ୍ତୁ ଦେଶ ଯେତେବେଳେ ଜାଗ୍ରତ ହେଲା, ଗାନ୍ଧିଜୀ କହିଲେ—ସ୍ୱରାଜ୍ୟ ପାଇଁ ସ୍ୱଦେଶୀ ଭାଷା ଦରକାର । ସେହିଦିନୁ ଯେଉଁ ଆନ୍ଦୋଳନ ଚାଲିଛି ତା' ଏ ପର୍ଯ୍ୟନ୍ତ ପୂରା ହୋଇନି । କେନ୍ଦ୍ରସରକାର ଏବେ ହିନ୍ଦୀ ସଙ୍ଗେ ସଙ୍ଗେ ଇଂରେଜୀକୁ ରଖିଛନ୍ତି, କିନ୍ତୁ ଲୋହିଆ ପାର୍ଟି କରୁଛନ୍ତି—'ଇଂରେଜୀ ହଟାଅ' । ଏହି ସ୍ଲୋଗାନ ଦେଇ ଏବେ ସେ ଇଲେକ୍‌ସନ ଜିତିଛନ୍ତି ବୋଲି କୁହାଯାଉଛି । ଯାହାହେଉ, ଗଲା ପଚିଶ ବର୍ଷ ହେଲା ଇଂରେଜୀ ବିରୁଦ୍ଧରେ ଏମିତି ଆନ୍ଦୋଳନ ଚାଲିଛି ।

ବର୍ତ୍ତମାନ ଦେଶର ଚାରିଆଡ଼େ ଆଖି ପକାଇଲେ ଦେଖିବେ—ସତେ ଯେମିତି ଇଂରେଜୀ ବିଷୟରେ କୌଣସି ସଠିକ୍ ନୀତି ନାହିଁ । ଆଜି ଯଦି ଇଏ ଜାତିଏ କହିଲେଣି ତ କାଲି ସେ ଜାତିଏ କହିଲେଣି । ଆଜି ଯଦି ଏ ରାଜ୍ୟରେ ମୂଳଆଡ଼ୁ ଇଂରେଜୀ ମଡ଼ା ହେଉଛି, କାଲି ସେ ରାଜ୍ୟରେ ଡାଳଆଡ଼ୁ କଟାହେଉଛି । ଗଲା ଇଲେକ୍‌ସନ ପରେ ପରେ ଦିଲ୍ଲୀଠାରେ ମୁଖ୍ୟମନ୍ତ୍ରୀମାନଙ୍କର ଏକ ସମ୍ମିଳନୀ ହୋଇଥିଲା । ସେଥିରେ ବିଶ୍ୱବିଦ୍ୟାଳୟର ଶିକ୍ଷାମାଧ୍ୟମରୂପେ ଇଂରେଜୀକୁ ଚାଲୁ ରଖିବା ପାଇଁ ମତପ୍ରକାଶ ପାଇଥିଲା । ଏହି ୧୯୬୩ ଫେବୃୟାରୀ ମାସରେ ବମ୍ବେରେ ବିଶ୍ୱବିଦ୍ୟାଳୟ ଉପକୁଳ-

ପଣ୍ଡିତମାନଙ୍କର ଯେଉଁ ସଭା ହୋଇଥିଲା, ସେଥିରେ ମଧ୍ୟ ଇଂରେଜି ସପକ୍ଷରେ ପ୍ରସ୍ତାବ ପାଶ୍ ହେଲା । ଯେଉଁଦିନ ଏହି ସମ୍ବାଦ ବାହାରିଲା, ଠିକ୍ ସେହିଦିନ ହିନ୍ଦୁସ୍ତାନ ଷ୍ଟାଣ୍ଡାର୍ଡ଼ର ସମ୍ପାଦକୀୟରେ ଲେଖାଥିଲା ଯେ ଇଂରେଜି ସପକ୍ଷରେ ମତପ୍ରକାଶ ପାଉଥିଲେ ମଧ୍ୟ କେତେକ ବିଶ୍ୱବିଦ୍ୟାଳୟରେ ଆଞ୍ଚଳିକ ଭାଷାରେ ବି. ଏ. ପର୍ଯ୍ୟନ୍ତ ଅଧ୍ୟାପନା କରିବା ପାଇଁ ସବୁ ବ୍ୟବସ୍ଥା ହୋଇସାରିଲାଣି । ବଡ଼ ବିଚିତ୍ର କଥା ! ତେଣେ ଇଂରେଜିକୁ ରଖ ରଖ ବୋଲି କୁହାଯାଉଥିଲାବେଳେ ଏଣେ କେତେକ ବିଶ୍ୱବିଦ୍ୟାଳୟ ମାତୃଭାଷାକୁ ମଡ଼ାଇ ଚାଲିଛନ୍ତି । ଓଡ଼ିଶାରେ ଏବେ ଇଂରେଜି ଷଷ୍ଠରୁ ଆରମ୍ଭ ନ ହୋଇ ଚତୁର୍ଥରୁ ହେବ; ବିହାରରେ ଅଷ୍ଟମ ଶ୍ରେଣୀରୁ ନ ହୋଇ ଚତୁର୍ଥ ଶ୍ରେଣୀରୁ ହେବ । ହିନ୍ଦୁସ୍ତାନ ଷ୍ଟାଣ୍ଡାର୍ଡ଼ କାଗଜ ବିହାରର ଶିକ୍ଷାମନ୍ତ୍ରୀଙ୍କୁ ବହୁତ ତାରିଫ୍ କରି ଲେଖିଥିଲେ — ଏତେ ଦିନରେ ଶିକ୍ଷାମନ୍ତ୍ରୀ ବୁଝିପାରିଛନ୍ତି ଯେ ଇଂରେଜି ଭଲଭାବରେ ପଢ଼ା ନ ହୋଇଥିବାରୁ ଶିକ୍ଷାର ମାନଦଣ୍ଡ କମିଯାଉଛି । ତେଣୁ ଇଂରେଜିକୁ ମୂଳରୁ ପକ୍କା କରିବାକୁ ହେବ । ଏ ତ ଗଲା ମନ୍ତ୍ରୀଙ୍କ କଥା । ତେଣେ ଲୋକସଭାର କମ୍ୟୁନିଷ୍ଟ ସଦସ୍ୟ ଶ୍ରୀଯୁକ୍ତ ହୀରେନ୍ ମୁଖାର୍ଜୀ ଲୋକସଭାରେ ଠିକ୍ ଓଲଟା କଥା କହିଲେ । ସେ କହିଲେ, ଇଂରେଜି ମାଧ୍ୟମରେ ଶିକ୍ଷା ଦିଆଯାଉଥିବାରୁ ଶିକ୍ଷାର ମାନଦଣ୍ଡ କମୁଛି (ତା ୨୩ । ୩ । ୬୩ରିଖ ରେଡ଼ିଓ ସମ୍ବାଦ) । ସେହି ସମ୍ବାଦରେ ମଧ କୁହାଯାଇଥିଲା ଯେ ଇଂରେଜି ମାଧ୍ୟମକୁ ଉଠାଇ ଆଞ୍ଚଳିକ ଭାଷା ମାଧ୍ୟମରେ ଶିକ୍ଷା ଦେବାପାଇଁ ଲୋକସଭାର ସମସ୍ତ ସଦସ୍ୟ ଏକମତ । ଏହିପ୍ରକାର ନୀତିଗତ ଅସ୍ଥିରତାକୁ ଲକ୍ଷ୍ୟ କରି ତା ୨୩ । ୩ । ୬୩ ଶନିବାର ଦୈନିକ 'ମାତୃଭୂମି' ସରକାରଙ୍କ ଭାଷାନୀତି ଉପରେ ଟିପ୍ପଣୀ କରି ଏକ ସମ୍ପାଦକୀୟ ଲେଖିଥିଲେ । ସରକାରଙ୍କ ଭାଷାନୀତିକୁ ସେ ନିଶାନିବାରଣ ନୀତି

ସହିତ ତୁଳନା କରିଥିଲେ । ନିଶାନିବାରଣ ନାଁରେ ଯେମିତି ନିଶାଖିଆ ବଢ଼ି ଚାଲିଛି, 'ଇଂରେଜି ହଟାଅ' ଆନ୍ଦୋଳନ ଯୁଗରେ ଇଂରେଜି ସେମିତି ବଢ଼ିଚାଲିଛି ।

ଶିକ୍ଷାବିତ୍ ଓ ରାଜନୀତିଜ୍ଞମାନଙ୍କର ମତାମତ ଆମେ ଦେଖିଲେ ବର୍ତ୍ତମାନ ଜଣେ ଅଧେ ଜଣାଶୁଣା କବି ଓ ଲେଖକଙ୍କ ମତାମତ ଦେଖାଯାଇପାରେ । ଖୁଶ୍‌ବନ୍ତ ସିଂହ ଇଂରେଜିରେ ଜଣେ ଜଣାଶୁଣା ଭାରତୀୟ ଲେଖକ । ସେ କହନ୍ତି, ଭାରତରେ ଇଂରେଜି ଷ୍ଟାଣ୍ଡାର୍ଡ଼ ଏତେ ଖରାପ ହୋଇଗଲାଣି ଯେ ଭବିଷ୍ୟତରେ ଆଉ ଆମ ଭିତରୁ ଭଲ ଇଂରେଜି ଲେଖକ ବାହାରିପାରିବେ ନାହିଁ । (୧୩) ଏ ତ ଗଲା ଭାରତୀୟ ଲେଖକଙ୍କ କଥା । ବର୍ତ୍ତମାନ ଇଂଲଣ୍ଡର ଜଣେ ବିଶିଷ୍ଟ କବି ଷ୍ଟିଫେନ୍ ସ୍ପେଣ୍ଡରଙ୍କ କଥା ଶୁଣନ୍ତୁ । ୧୮୩୫ ମସିହାରେ ଲର୍ଡ଼ ମାକ୍‌ଲେ ଭାରତୀୟମାନଙ୍କୁ ଇଂରେଜି ସାହିତ୍ୟ ପଢ଼ାଇବା ନାଁରେ ଇଂରେଜି ଭାଷାକୁ ଏ ଦେଶରେ ପ୍ରବେଶ କରାଇଥିଲେ । ଅଥଚ ସେହି ଜାତିର ଜଣେ ବିଶିଷ୍ଟ କବି ୧୯୬୧ ମସିହାରେ କଲିକତାର ଏକ ସାହିତ୍ୟ ସଭାରେ କହିଛନ୍ତି—ସେଲି, କୀଟସ୍, ବାଇରନ୍ ଓ ସେକ୍‌ସପିଅର ତ ପୁରୁଣା ହେଲେଣି; ତାଙ୍କ କଥା ଛାଡ଼ନ୍ତୁ । ଭାରତୀୟ ବିଶ୍ୱବିଦ୍ୟାଳୟମାନେ ଏଣିକି ଇଂରେଜି ସାହିତ୍ୟ ପଢ଼ା ବନ୍ଦ କରି-ଦେବା ବରଂ ଭଲ । (୧୪) ନିଜର କ୍ଷତିହେଲେ ମଧ୍ୟ ବୁଦ୍ଧିମାନ୍ ବ୍ୟକ୍ତି ସତ୍ୟତା ସହଜରେ ଦେଖିପାରନ୍ତି । ତାଙ୍କର କହିବାର ଉଦ୍ଦେଶ୍ୟ ଷ୍ଟାଣ୍ଡାର୍ଡ଼ ଯାହା ହେଲାଣି, ଏଥିରେ ସାହିତ୍ୟ ଛାଡ଼ି କେବଳ ଭାଷାଶିକ୍ଷା ପ୍ରତି ଧ୍ୟାନ ଦେବା ଦରକାର ।

ଇଂରେଜିର ଷ୍ଟାଣ୍ଡାର୍ଡ଼ ତା ହେଲେ କମିଲା କାହିଁକି ? ପୂର୍ବକାଳେ ଲୋକେ ମାଟ୍ରିକ ପଢ଼ି ମଧ୍ୟ ମାଜିଷ୍ଟ୍ରେଟ କାମ କରି ଦେଉଥିଲେ ।

ଇଂରେଜି ଉପରେ ସେମାନଙ୍କର ବେଶ ଦଖଲ ଥିଲା । ଏବେ ଗ୍ରାଜୁଏଟ୍ କାହିଁକି, ଏମ. ଏ., ପି.ଏଚ. ଡି. ବାଲାଙ୍କ ଇଂରାଜି ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି । ଅବଶ୍ୟ ଇଂରେଜିର ଏହି ଅବନତିର କାରଣ ଅତି ସହଜ । ପ୍ରଥମରେ ଲୋକଙ୍କର ଜାତୀୟତାବାଦୀ ଦୃଷ୍ଟିକୋଣ । ଇଂରେଜିଭାଷା ଏକ ବିଦେଶୀ ଭାଷା, ଆମ ଦେଶରେ ତା'ର ଅଯଥା ଆଧିପତ୍ୟର ସ୍ଥାନ ନାହିଁ । ଏହି ପ୍ରକାର ପ୍ରଚାରର ଫଳରେ ଇଂରେଜି ପ୍ରତି ଲୋକଙ୍କର ଆସ୍ଥା କମିଗଲା । ଦ୍ୱିତୀୟରେ, ମାଧ୍ୟମିକ ସ୍ତରରେ ରାଜ୍ୟ ଭାଷାମାନଙ୍କର ପ୍ରଚଳନ ହେଲା । ପୂର୍ବେ ଲୋକେ ମାଧ୍ୟମିକ ଶ୍ରେଣୀରେ ସବୁ ବିଷୟ ଇଂରେଜୀରେ ପଢ଼ି ଗୋଟିଏ ପଦ ମାତୃଭାଷାର ସାହିତ୍ୟ ପଢ଼ୁଥିଲେ । ସେତେବେଳେ ମାତୃଭାଷାର ଯେଉଁ ଅବସ୍ଥା ଥିଲା, ଏବେ ଇଂରେଜିର ସେଇ ଅବସ୍ଥା । ସବୁ ପଢ଼ା ହେଉଛି ମାତୃଭାଷାରେ, କେବଳ ଇଂରେଜି ବିଷୟଟି ପଢ଼ା ହେଉଛି ଇଂରେଜୀରେ । ପିଲାମାନେ ଦିନକୁ ଦିନ ଇଂରେଜୀରେ ଏତେ ଦୁର୍ବଳ ହୋଇପଡ଼ୁଛନ୍ତି ଯେ ଇଂରେଜି ବହି ଦେଖିଲେ ଡରୁଛନ୍ତି । ଶିକ୍ଷକମାନେ ଇଂରେଜି ବିଷୟକୁ ଅନେକ ସମୟରେ ମାତୃଭାଷାରେ ବୁଝାଉଛନ୍ତି । ମୁଁ ଜାଣେ, ଭାରତର ଗୋଟିଏ ବିଶ୍ୱବିଦ୍ୟାଳୟର ବି.ଏଡ୍. ପରୀକ୍ଷାରେ ଇଂରେଜି ପ୍ରଶ୍ନର ଉତ୍ତର ଆଞ୍ଚଳିକ ଭାଷାରେ ଦିଆଯାଏ । ଆଜି କାଲି ପ୍ରାୟ ଅଧିକାଂଶ ରାଜ୍ୟରେ ଇଂରେଜି ନୋଟ୍ ବହି ମାତୃଭାଷାରେ ଲେଖାହୋଇ ବିକ୍ରି ହେଉଛି । କଲେଜ ଛାତ୍ରମାନେ ଯେମିତି ବଡ଼ ବଡ଼ ଇଂରେଜି ବହିର ଇଂରେଜି ସଂସ୍କରଣ ନ ପଢ଼ି 'ଏ ପ୍ରଫେସର'ଙ୍କ ଲିଖିତ ଶସ୍ତା ସଂସ୍କରଣ ମାନ ପଢ଼ନ୍ତି, ହାଇସ୍କୁଲର ଛାତ୍ରମାନେ ସେମିତି ଇଂରେଜି ନୋଟ୍ ପଢ଼ି ନ ପାରି ମାତୃଭାଷାରେ ଲିଖିତ ନୋଟ୍ ପଢ଼ନ୍ତି । ଏହିପରି ନୋଟ୍ ଲେଖିବାପାଇଁ ଓ ଛପାଇବା ପାଇଁ ପେଟ ବିକଳିଆ ଲେଖକ ଓ ପ୍ରକାଶକଙ୍କର ଅଭାବ ନାହିଁ । ସରକାର ଯଦି ଏହି ପ୍ରକାର ପ୍ରକାଶନ

ବନ୍ଦ କରି ଦିଅନ୍ତେ, ତେବେ ଇଂରେଜୀ ଶିଖିବାପାଇଁ କେତେ ଅଧିକ ଟିକିଏ କଷ୍ଟ କରନ୍ତେ ।

ଇଂରେଜୀ ଶିକ୍ଷା ପାଇଁ ବର୍ତ୍ତମାନ ଯେଉଁ ଶିକ୍ଷକ ରହିଲେଣି ଓ ଯେଉଁ ଶିକ୍ଷାପଦ୍ଧତି ହେଲାଣି, ସେଥିରେ ଇଂରେଜୀର ଅଧୋଗତି ଅନିବାର୍ଯ୍ୟ । ପ୍ରଥମ କଥା, ମାଷ୍ଟର ବୃତ୍ତିକେତ୍ତ୍ରର ଆର୍ଥିକ ଓ ତହିଁ ସଙ୍ଗେ ସାମାଜିକ ସମ୍ମାନ କମିଯିବା ଫଳରେ ସାଧାରଣ ଲୋକଙ୍କର ପ୍ରଥମ ଲକ୍ଷ୍ୟ ହେଲା ଇଞ୍ଜିନିୟର ନ ହୋଇ ପାରିଲେ ବରଂ ଓଭରସିଅର, ଶେଷ ପନ୍ଥା ହେଲା ଶିକ୍ଷକ, ଯଦି ଭାଗ୍ୟକୁ ଅନ୍ୟ କିଛି ନ ମିଳିଲା । କଲେଜରେ ଇଂରେଜୀରେ ଫେଲ୍ ହୋଇଥିବା ଛାତ୍ରମାନେ ମଧ୍ୟ ସ୍କୁଲରେ ଇଂରେଜୀ ପଢ଼ାଉଛନ୍ତି । ମାଷ୍ଟ୍ରଙ୍କ ବିଷୟରେ ଦେଶ ଓ ଜାତିର ମତିଗତି ଯାହା, ସେଥିରେ ଆଉ ଭଲ ମାଷ୍ଟ୍ର ଆସିବେ କେଉଁଠୁ ? ଦ୍ୱିତୀୟ ହେଲା, ଇଂରେଜୀ ପଢ଼ାଇବା ପଦ୍ଧତି । ସ୍କୁଲରେ ଷ୍ଟ୍ରକଚର ପଦ୍ଧତିରେ ଇଂରେଜୀ ଆରମ୍ଭ ହେଉଛି । ପ୍ରଥମରେ ଭାଷାତତ୍ତ୍ୱ ବିଷୟରେ ଭ ନ ଜାଣିବା ଶିକ୍ଷକ ପଢ଼ାଇବେ ଷ୍ଟ୍ରକଚର । ପଚାଶଟା ପିଲାଙ୍କୁ ଗୋଟିଏ ଗୋଟିଏ ପ୍ରଶ୍ନ ପଚାରିଲାବେଳକୁ ପଇଁତାଳିଶ ମିନିଟ୍ ଶେଷ । ସମସ୍ୱରରେ ପଚାଶ ଜଣ ଛାତ୍ର ଯେମିତି ହୋ ହା କରି ପ୍ରଶ୍ନର ଉତ୍ତର ଦିଅନ୍ତି, ସେଥିରେ ଇଂରେଜୀକ୍ଲାସ ଏକ ହାଟରେ ପରିଣତ ହୁଏ, କିନ୍ତୁ ଛାତ୍ରଙ୍କୁ କିଛି ବାଟ ମିଳେ ନାହିଁ । ଏ ବିଷୟରେ ଜଣେ ପ୍ରବୀଣ ହେଡ଼ମାଷ୍ଟ୍ରଙ୍କଠାରୁ ଇଂରେଜୀ ଅଧ୍ୟୟନର ଯେଉଁ କାହାଣୀ ଶୁଣିଲି, ଆଶ୍ଚର୍ଯ୍ୟ ହେଲି । କଲେଜ ଅଧ୍ୟାପକମାନେ ଯେମିତି ବୁଝନ୍ତି ନାହିଁ ପୁରୁଣା ବି. ଏ. କ୍ଲାସକୁ ପ୍ରି-ୟୁନିଭରସିଟି, ଫାଷ୍ଟ, ସେକେଣ୍ଡ, ଥାର୍ଡ଼ ଡିଗ୍ରୀରେ ପରିଣତ କରି କ'ଣ ଲାଭ ହୋଇଛି, ହେଡ଼ମାଷ୍ଟ୍ର ସେମିତି ଜାଣନ୍ତି ନାହିଁ ଷ୍ଟ୍ରକଚର୍ ମେଥଡ଼ କାହିଁକି

ଗୃହିଲଣି । ଯେ ଯେଉଁ ଦାୟିତ୍ୱରେ ଅଛନ୍ତି, ଯଦି ତାର ଅର୍ଥ ନ ବୁଝି କାମ କରନ୍ତି, ତା' ଦେଶ ପକ୍ଷରେ କେତେ କ୍ଷତିକର ତା' ଦେଶର ବିଜ୍ଞବ୍ୟକ୍ତିମାନଙ୍କର ବୁଝିବା ଦରକାର । ଇଂରେଜର ଆଧିପତ୍ୟ ବିରୁଦ୍ଧରେ ଆମର ଅଭିଯୋଗ ଥାଇପାରେ, ମାତ୍ର ଅଧ୍ୟୟନ ବିରୁଦ୍ଧରେ ନୁହେଁ । ଇଂରେଜ ସାହିତ୍ୟ ଯାହାହେଉ, କିନ୍ତୁ ଇଂରେଜ ଭାଷା ଉପରେ ଆମର ଯଥେଷ୍ଟ ଆଧିପତ୍ୟ ରହିବା ଦରକାର ।

ଆମ ଦେଶରେ ବର୍ତ୍ତମାନ ଇଂରେଜର ଯାହା ଅଧୋଗତି ହୋଇଛି, ତା' ପାଠୁଆ ଲୋକ ମାନେ ଅଳ୍ପବହୁତେ ଦେଖୁଥିବେ । ଦିନକୁ ଦିନ ଏହି ଅଧୋଗତି ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ଉଠୁଛି । ଆଜକୁ ପାଞ୍ଚ ବର୍ଷ ତଳେ ଛାତ୍ର କିମ୍ବା ଶିକ୍ଷକଙ୍କଠାରେ ଯାହା ଦେଖାଯାଉ ନ ଥିଲା, ଏବେ ତାହା ସ୍ପଷ୍ଟ ଦେଖାଯାଉଛି । ଏସବୁ ଦେଖିଲେ ମନେହୁଏ—ଯେଉଁମାନେ 'ଇଂରେଜ ହଟାଅ' ଆନ୍ଦୋଳନ କରୁଛନ୍ତି, ସେମାନେ କେବଳ ବୃଥା ପରିଶ୍ରମ କରୁଛନ୍ତି । କଥା ହେଉଛି, ମାର ନାହିଁ, ମୁଁ ମଲିଣି । ଇଂରେଜ ପଢ଼ାର ଯଦି ଏହିପରି ଦୁର୍ଦ୍ଦଶା ଚାଲୁ ରହେ, ତେବେ ଆପେ ଆପେ ଲୋକେ ତାକୁ ଛାଡ଼ି ଦେବେ । କେବଳ ଶିକ୍ଷକ କିମ୍ବା ଛାତ୍ରଙ୍କର ଅବହେଳାରୁ ଯେ ଇଂରେଜରେ ଅଧୋଗତି ହେଉଛି ତା' ନୁହେ । ବର୍ତ୍ତମାନ ଶିକ୍ଷାର ସିଷ୍ଟମ୍ ଯାହା ହୋଇଛି, ସେଥିରେ ଅଧୋଗତି ଛଡ଼ା ଅନ୍ୟ ବାଟ ନାହିଁ । ସ୍କୁଲରେ ମାତୃଭାଷା ମାଧ୍ୟମରେ ପାଠପଢ଼ି କଲେଜରେ ଇଂରେଜରେ ପଢ଼ିଲାବେଳକୁ ସବୁ ଗୋଳମାଳ ହୋଇଯାଉଛି । ତାରାଚାନ୍ଦ କମିଟି କହିଥିଲେ ଯେ ୧୯୫୩ ବେଳକୁ ବିଶ୍ୱବିଦ୍ୟାଳୟ ସ୍ତରରେ ଭାରତୀୟ ଭାଷାରେ ଶିକ୍ଷା ଦିଆଯାଉଥିବା ଉଚିତ । କିନ୍ତୁ ଏ ପର୍ଯ୍ୟନ୍ତ ତା' ସମ୍ଭବ ହୋଇପାରି ନାହିଁ । ସ୍କୁଲ କଥା ମୁଁ କହିପାରିବି ନାହିଁ, କିନ୍ତୁ କଲେଜରେ ଅବସ୍ଥା

କେତେଦୂର ଗଲାଣି, ଗୋଟାଏ ଅଧେ ଉଦାହରଣ ଦେଇଦେଲେ କଥାଟା ବୁଝି ହୋଇପିବ ।

ଆମଦେଶରେ ଇଂରେଜି ଫୋନେଟିକ ମେଥଡ୍‌ରେ ପଢ଼ା-ହୁଏ ନାହିଁ । ତେଣୁ କଏ କେମିତି ଉଚ୍ଚାରଣ କଲା, ସେ ବିଷୟରେ ଦୃଷ୍ଟି ଦିଆଯାଏ ନାହିଁ । ଭଲ ହେଉ ବା ମନ୍ଦ ହେଉ, ଆମ ରାଜ୍ୟରେ ଆମର ଏକପ୍ରକାର ଉଚ୍ଚାରଣ ଥିଲା । ହାଇସ୍କୁଲ ସଂଖ୍ୟା ଯେତେ-ବେଳେ କମ୍ ଥିଲା ଓ କେବଳ ସହର ବଜାରରେ ସ୍କୁଲ ଥିଲା, ସେତେବେଳେ ଇଂରେଜି ଉଚ୍ଚାରଣ ଭଲ ଥିଲା । ଆଜି ତ ଗାଁ-ଗଣ୍ଡା, ବଣଜଙ୍ଗଲ ସବୁଠି ହାଇସ୍କୁଲ ଓ ମାଇନର ସ୍କୁଲ ହୋଇ ଗଲାଣି । ତେଣୁ ସହର-ବଜାରରୁ ଯେଉଁ ଲୋକେ ଦୂରରେ ଅଛନ୍ତି ସେମାନେ କଏ କେଉଁଠି କପରି ଉଚ୍ଚାରଣ କରୁଛନ୍ତି, କଏ ବୁଝିପାରୁଛି । door କୁ ଡୁର୍, Christmas କୁ ଚ୍ରିଷ୍ଟମାସ, Champagne କୁ ଚମ୍ପାଗନ୍—ଏମିତି ଉଚ୍ଚାରଣ ହେଉଛି । ଅବସ୍ଥା ଏମିତି ହେଲାଣି ଯେ କେତେକ ସ୍କୁଲର ପିଲା ଇଂରେଜି ପଢ଼ିଲେ ଆପଣ ବୁଝିପାରିବେ ନାହିଁ । ଇଂରେଜି ଏବେ ଆହୁରି ଜଙ୍ଗଲ ଭିତରକୁ ବିସ୍ତାର ଯିବ, କାରଣ ଚତୁର୍ଥ ଶ୍ରେଣୀରୁ ଏଣିକି ଇଂରେଜି ଆରମ୍ଭ ହେବ । କଥା ହେଉଛି—ପ୍ରାଇମେରୀ ଶିକ୍ଷକମାନେ ଫୋନେଟିକ ମେଥଡ୍‌ରେ ଇଂରେଜି ଶିଖାଦେବେ । ସେ ସିନା କାର୍ଯ୍ୟକାରୀ ହୋଇ ସାରିଲା ପରେ ଫଳାଫଳ ଜଣାପଡ଼ିବ, କିନ୍ତୁ ବର୍ତ୍ତମାନ ଅବସ୍ଥା ବଡ଼ ଶୋଚନୀୟ ।

ଅବଶ୍ୟ ଉଚ୍ଚାରଣ ପାଇଁ ଆମେ ବେଶି ବ୍ୟସ୍ତ ନୋହୁଁ । ସଭା ସମିତିରେ ଠିଆହୋଇ ଭାଷଣ ଦେବାକୁ ଯେଉଁମାନଙ୍କୁ ପଡ଼େ, ସେହିମାନେ ବେଶି ବ୍ୟସ୍ତ ହେବା କଥା, ନଚେତ୍ ସାଧାରଣଙ୍କର

ଲେଖାପଢ଼ା ଠିକ୍ ହୋଇଗଲେ ଗଲା । କିନ୍ତୁ ଯାହା ଦେଖାଯାଉଛି ପିଲାମାନଙ୍କର ଶବ୍ଦଭଣ୍ଡାର ଏତେ ଦ୍ରୁତଗତିରେ କମିଯାଉଛି ଯେ କଲେଜ କ୍ଲାସରେ ମଧ୍ୟ ପିଲାଏ bud ଓ furniture ଶବ୍ଦର ଅର୍ଥ ପଚାରୁଛନ୍ତି । ବ୍ୟାକରଣର ଅବସ୍ଥା ଯେ ଭଲ, ତା' ନୁହେ । ବିଶ୍ୱବିଦ୍ୟାଳୟ ବି. ଏ. ପରୀକ୍ଷାରେ I says, they says ଉଦାହରଣର ଅଭାବ ନାହିଁ । ସ୍ପେଲିଙ୍ଗ ତ ସୁସଶିକ୍ଷକ ଉଭୟଙ୍କୁ ହଇରାଣରେ ପକାଇଛି । verify dew point thigh ଓ angry ପ୍ରଭୃତି ଶବ୍ଦ ଲେଖିଲାବେଳେ varify due point they ଓ angree ରେ ପରିଣତ ହୋଇଯାଉଛି । ପୂର୍ବକାଳେ ଶିକ୍ଷକମାନେ ପିଲାଙ୍କୁ କହୁଥିଲେ — ଇଂରେଜରେ ଲେଖିବାକୁ ହେଲେ ଇଂରେଜରେ ଭାବିବାକୁ ଶିଖ । ଏବେ ପିଲାମାନେ ବରଂ ମାତୃଭାଷାରେ ଭାବି ଇଂରେଜରେ ଲେଖୁଥିବାରୁ ବେଳେ ବେଳେ କମ୍ଭୂତକିମାକାର ଇଂରେଜି ସୃଷ୍ଟି ହେଉଛି ।

The Cow gives milk because he is female.

My wife writes that you have sent him money.

Donot speak in the centre.

(ମଝିରେ ଉଠିପଡ଼ି କିଛି କହିବା ଅର୍ଥରେ)

He took place from his mothers stomach.

(ଭୂମିଷ୍ଠ ହେବା ଅର୍ଥରେ)

We saw the hole and pole of Puri. (ଗଳିକନ୍ଦି ଅର୍ଥରେ)

They are latrine and urinal friends. (ଘନିଷ୍ଠବନ୍ଧୁ ଅର୍ଥରେ)

ଉଦାହରଣଗୁଡ଼ିକ ଟ୍ରିଇଉନିଭରସିଟିରୁ ଆରମ୍ଭ କରି ବିଦେଶରେ ପି. ଏଚ. ଡ଼ି. କରୁଥିବା ଲୋକଙ୍କ ଲେଖାରୁ ନିଆଯାଇଛି ଓ ଏଥିରେ ଓଡ଼ିଶା ବାହାରର ଲୋକ ମଧ୍ୟ ଅଛନ୍ତି । ମୋର ଧାରଣା,

ଓଡ଼ିଶାରେ ଆମ ଅବସ୍ଥା ଅନେକ ଭଲ । ଯେଉଁଠି ଆଗରୁ ଆଞ୍ଚଳିକ ଭାଷା ଚଳିଲାଣି, ସେଠି ଇଂରେଜିର ଅବସ୍ଥା ଆହୁରି କରୁଣ । ମାତୃଭାଷା ରାଜ୍ୟଭାଷା ହେବାପରେ ଇଂରେଜିରୁ ଓଡ଼ିଆ ଓ ଓଡ଼ିଆରୁ ଇଂରେଜି ଅନୁବାଦ କରିବା ଆମର ହେବ ପ୍ରଧାନ କାମ । ସେହି କ୍ଷେତ୍ରରେ ଇଂରେଜି ଜ୍ଞାନ ଆମର ଖୁବ୍ ଦରକାର ହେବ । ସାଧାରଣ ଓଡ଼ିଆକୁ ଆମ ଛାତ୍ରମାନେ ଇଂରେଜିରେ କେମିତି ଅନୁବାଦ କରୁଛନ୍ତି, ତାର ଗୋଟିଏ ଉତ୍କଟ ଉଦାହରଣ ତଳେ ଦିଆଗଲା ।

ଓଡ଼ିଆ :—ହେ ପ୍ରଭୁ, ଅଭୟ ପ୍ରଦାନ କରି ଯଦି କାହାକୁ ହତ୍ୟା କରାଯାଏ ତହିଁରେ ଦୋଷ ହୁଏ; କିନ୍ତୁ କେହି ଯଦି ଭକ୍ତିରେ ଆପଣଙ୍କ ପାଇଁ ପ୍ରାଣୋତ୍ସର୍ଗ କରେ, ତେବେ ସେଥିରେ ଦୋଷ ନାହିଁ । ଯଦି ସେ ମରିବାପାଇଁ ନିଜେ ପ୍ରସ୍ତୁତ, ତେବେ ତାକୁ ମାରିବା ଉଚିତ ।

ଇଂରେଜି :—O Lord, if it is false that if a respect give the protects and killed him. It is good that if he gives his live for his lord to killed him. It will be done that who gives his life for his master.

ଏଇ ହେଲା ପ୍ରିଇଉନିଭରସିଟି ଶ୍ରେଣୀର ଜଣେ ଛାତ୍ରଙ୍କ ଇଂରେଜି । ସାମ୍ପଲ ରଖିବା ଉଦ୍ଦେଶ୍ୟରେ ଲେଖିବା ପାଇଁ ଏହା ଦିଆଯାଇ ନ ଥିଲା । ଛାତ୍ରମାନେ ଗୋଟିଏ କ୍ଲାସରେ ଯାହା ଲେଖିଥିଲେ, ସେଇଥିରୁ କେତୋଟି ଉଦାହରଣ ନିଆଯାଇଥିଲା । ତା' ଭିତରୁ ଏହା ଗୋଟିଏ । ଆପଣ ନିଶ୍ଚୟ ଏ ଇଂରେଜିରୁ କିଛି ବୁଝିପାରିବେ ନାହିଁ । କେବଳ ଏତିକି ବୁଝିବେ ଯେ ଛାତ୍ରଟି ଇଂରେଜି କିଛି ବୁଝି ନାହିଁ । ଯାକୁ ଦେଖି ନିଶ୍ଚୟ ମନରେ ପ୍ରଶ୍ନ ଉଠିବ, ଏହି ଛାତ୍ର

ମାଟ୍ରିକ୍ୟୁଲେସନ ପରୀକ୍ଷାରେ ପାଶ୍ କଲେ କେମିତି ? ଯଦି ସେ କଲେଜରେ ନ ପଢ଼ିବେ, ଅନ୍ୟ ଟେକ୍‌ନିକାଲ ସ୍କୁଲରେ ତ ପଢ଼ିବେ ! ଏହି ଇଂରେଜି ଜ୍ଞାନରେ ସେ କାମ ଚଳାଇବେ ! ଇଂରେଜି ସପକ୍ଷରେ ଆମର ଯୁକ୍ତି ହେଉଛି—ପିଲାଏ ଇଂରେଜି ମାଧ୍ୟମରେ ବିଜ୍ଞାନ ପଢ଼ିବେ । ବିଜ୍ଞାନରେ ସାହିତ୍ୟିକ ଭାଷା ଦରକାର ନାହିଁ ବୋଲି ବ୍ୟାକରଣ ଭାଷା କ'ଣ ଦରକାର ନୁହେ ? ଇଂରେଜି ତ ଏ ଦେଶରେ ରାଜଭାଷା ହୋଇ ରହିବାର ପ୍ରଶ୍ନ ନାହିଁ; କିନ୍ତୁ ବିଜ୍ଞାନ ଓ ବାଣିଜ୍ୟର ଭାଷାହୋଇ ରହିବ ନିଶ୍ଚୟ । ଆମେ 'ଇଂରେଜି' 'ଇଂରେଜି' ପାଟି କରୁଥିଲା ବେଳେ ଯଦି ଇଂରେଜିର ଏହି ଅବସ୍ଥା ହୁଏ, 'ଇଂରେଜି' ଯେତେବେଳେ ଶାସନ ଗାଦିରୁ ଖୁଲିଯିବ, ସେତେବେଳେ ଅବସ୍ଥା କ'ଣ ହେବ ? ବାଣିଜ୍ୟ-ବ୍ୟବସାୟ କ'ଣ ଏହିପରି ଇଂରେଜିରେ ଚଳିବ ? ଅପ୍ରତ୍ୟକ୍ଷ ଭାବରେ ଇଂରେଜିକୁ ଯେଉଁ ଅବସ୍ଥାକୁ ଅଣାଗଲାଣି, ସେଥିରେ ଇଂରେଜିରେ ଆଉ ଶାସନ ଚଳିବା ତ ଦୂରର କଥା, ତା'ର ଆସନ ରହିପାରିଲେ ହିଁ ଯଥେଷ୍ଟ ।

ଇଂରେଜିର ଏହି ଦୁରବସ୍ଥା ଦେଖି ଭାରତର କେତେକ ରାଜ୍ୟରେ ଇଂରେଜି ଶିକ୍ଷାପଦ୍ଧତିରେ କେତେକ ପରିବର୍ତ୍ତନ କରାଯାଇଛି । ଆମେରିକା ପ୍ରିନ୍‌ଷ୍ଟନ୍ ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ ଡକ୍ଟର ମାଇନର ଏବେ ଭାରତରେ ଇଂରେଜି ଶିକ୍ଷାପଦ୍ଧତି ଦେଖିବା ପାଇଁ ଆସିଥିଲେ । ସେ କହିଛନ୍ତି ଯେ କେରଳ ରାଜ୍ୟର ହାଇସ୍କୁଲମାନଙ୍କରେ ଗ୍ରୀଷ୍ମଛୁଟିରେ କେତେକ ସପ୍ତାହ ପାଇଁ କେବଳ ଇଂରେଜି ଶିକ୍ଷା ଦିଆଯାଉଛି ଓ ବମ୍ବେ ବିଶ୍ୱବିଦ୍ୟାଳୟର ପ୍ରି-ୟୁନିଭରସିଟି କ୍ଲାସମାନଙ୍କରେ ପ୍ରଥମ ଦୁଇମାସ କେବଳ ଇଂରେଜି ଶିକ୍ଷା ଦିଆଯାଉଛି । ମାନ୍ଦ୍ରାଜ ରାଜ୍ୟରେ ପ୍ରାଥମିକ ସ୍ତରରୁ ଇଂରେଜି

ଶିକ୍ଷା ପାଇଁ ଅନେକ କିଛି ବ୍ୟବସ୍ଥା କରାଯାଉଛି; କିନ୍ତୁ ହାଇଦରାବାଦ ଇଂରେଜି ଅନୁଷ୍ଠାନର ଡିରେକ୍ଟର ଶ୍ରୀଯୁକ୍ତ ଗୋକଳ କହୁଛନ୍ତି—ଇଂରେଜିର ଉନ୍ନତି କରିବାକୁ ହେଲେ ଭଲ ଇଂରେଜି ଶିକ୍ଷକମାନଙ୍କୁ ଭାଷାତତ୍ତ୍ୱ ପଦ୍ଧତିରେ ଇଂରେଜି ଶିକ୍ଷା ଦିଆଯିବା ଉଚିତ; କେବଳ ଇଂରେଜି ଭାଷାର ଇତିହାସ ପଢ଼ିଲେ ଚଳିବ ନାହିଁ । ଷ୍ଟିଫେନ୍ ସ୍ପେଣ୍ଡରଙ୍କ ପରି ସେ ମଧ୍ୟ କହିଛନ୍ତି, କଲେଜରେ ଏଣିକି ଇଂରେଜି ସାହିତ୍ୟ ଉପରେ ଜୋର ନ ଦେଇ ଇଂରେଜି ଭାଷା ଉପରେ ଜୋର ଦେବା ଉଚିତ । ସେଥିପାଇଁ ଆମ ସିଲବସ୍ ବଦଳିଯିବା ଦରକାର । (୧୫)

ଇଂରେଜି ଷ୍ଟାଣ୍ଡାର୍ଡ କଥା ପଡ଼ିଲେ କେହି କେହି କହନ୍ତି, କେବଳ ଇଂରେଜିରେ ଯେ ଅବନତି ଘଟିଛି ତା' ନୁହେଁ, ଆମ ଓଡ଼ିଆରେ ବି ସେୟା ହୋଇଛି । କଥାଟା ମିଛ ନୁହେଁ; କିନ୍ତୁ ଓଡ଼ିଆ ଇଂରେଜି ଭିତରେ ତଫାତ୍ ଅନେକ । ଇଂରେଜି ପାଇଁ ଛାତ୍ରମାନେ ଯେମିତି ପ୍ରାଣାନ୍ତ ପରିଶ୍ରମ କରନ୍ତି, ଯେତେ ଲହୁଲୁହ ଢାଳନ୍ତି, ମାତୃଭାଷା ପାଇଁ ସେଥିରୁ କେତେବିନ୍ଦୁ ମାତ୍ର ଢାଳିପାରିଲେ ଏ ପ୍ରକାର ଉଦାହରଣ ମାତୃଭାଷାରେ ଦେଖିବାକୁ ମିଳିବ ନାହିଁ; ଅଥଚ ଭାଷା ଓ ସାହିତ୍ୟ ବହୁତ ଆଗକୁ ବଢ଼ି ଚାଲିଯିବ । ତା'ଛଡ଼ା ରାଣୀଙ୍କ ପାଇଁ ସବୁ ହେଲାବେଳେ କାଣୀଙ୍କ ପାଇଁ କିଛି ହୁଏ ନାହିଁ । ଇଂରେଜି ପାଇଁ ବିଲାତ-ଆମେରିକାରେ ଲୋକଙ୍କୁ ଟ୍ରେନିଂ ଦିଆ-ଯାଉଥିଲାବେଳେ ନୟାଗଡ଼ର ନୂଆ କଲେଜରୁ ବି ଓଡ଼ିଆକୁ ଘଉଡ଼ା ହେଉଛି । ଏଥିରେ ଆମେ ଓଡ଼ିଆକୁ ଇଂରେଜି ସଙ୍ଗେ ତୁଳନା କରିବୁ କାହିଁକି ? ଇଂରେଜିକୁ ବଳିଷ୍ଠ କରିବା ପାଇଁ ଆମର ଯେତେ ଚେଷ୍ଟା, ଯେତେ ଚିନ୍ତା, ତା'ର ଏକ ଶତାଂଶ କେହି

ମାତୃଭାଷା ପାଇଁ କରନ୍ତି ? ତେଣୁ ଆଞ୍ଚଳିକ ଭାଷାକୁ ଅନ୍ତତଃ ବର୍ତ୍ତମାନ ଅବସ୍ଥାରେ ତୁଳନା କରିବାର କଥା ନାହିଁ; କିନ୍ତୁ ତଳ ସ୍ତରରେ ମାତୃଭାଷାର ପ୍ରାଧାନ୍ୟ ଯୋଗୁଁ ଉପର ସ୍ତରରେ ଇଂରେଜୀର ଯେଉଁ ଦୁରବସ୍ଥା ହେଲାଣି, ତାକୁ ସମ୍ଭାଳିବା ଏବେ କଷ୍ଟ । ତା' ଛଡ଼ା ଏହି ୧୯୬୩ରେ ଲୋକସଭାରେ ଯେଉଁ ଭାଷାବିଲ ପାସ୍ ହେଲା, ସେଥିରେ ଇଂରେଜି ଆଧିପତ୍ୟର ଅଧାଅଧି ସମାଧି ହୋଇଗଲା । ୧୯୩୪ରେ ଯେଉଁ ଇତିହାସ ଆରମ୍ଭ ହୋଇଥିଲା, ୧୯୬୩ରେ ତା'ର ଶେଷର ଆରମ୍ଭ ହେଲା ।

୧ । ଇଂରେଜି ପାଇଁ ଭିନ୍ନ ରାଜ୍ୟର ଭିନ୍ନ ମତ ।

୨ । ଇଂରେଜି ଷ୍ଟାଣ୍ଡାର୍ଡ଼ରେ ଅବନତି—ଆଞ୍ଚଳିକ ଭାଷା, ଅପ୍ରବୀଣ ଶିକ୍ଷକ, ନୂତନ ପଦ୍ଧତି ।

୩ । ସାହିତ୍ୟ ଅପେକ୍ଷା ଭାଷା ଓ ଭାଷାତତ୍ତ୍ୱ ପାଇଁ ଅଧିକ ଧ୍ୟାନର ଆବଶ୍ୟକ ।

୪ । ୧୯୬୩ ଭାଷାବିଲ ଓ ଇଂରେଜି ପରିସ୍ଥିତିରେ ପରିବର୍ତ୍ତନ ।

# ଇଂରେଜି ପରେ

ଇଷ୍ଟଇଣ୍ଡିଆ କମ୍ପାନୀରୁ ଉଠି ଇଂରେଜମାନେ ହେଲେ ବାଦଶାହା । ଚାଲିଲା ତାଙ୍କ ସାମ୍ରାଜ୍ୟ । ସାହେବମାନଙ୍କ ସାଙ୍ଗକୁ ଜୁଟିଗଲେ କଳାସାହେବମାନେ, ବାକି ଜନତା ରହିଗଲେ ବହୁତ ଦୂରରେ । ଏଣେ ସାମ୍ରାଜ୍ୟ ସାଙ୍ଗରେ ଚାଲିଲା ଭାଷାର ସାମ୍ରାଜ୍ୟ, ଇଂରେଜିର ଅଖଣ୍ଡ ଆଧିପତ୍ୟ । ସଂସ୍କୃତ ଓ ପାର୍ସିଭାଷା ମରି ମରି ଶେଷରେ ରହିଲେ ସ୍କୁଲ-କଲେଜ କୋଠରୀ ଭିତରେ, ଅତି ଦୀନ-ହୀନ ଅବସ୍ଥାରେ । ସେତେବେଳେ କିଏ କାହିଁକି କଳ୍ପନା କରନ୍ତା ଯେ ଇଂରେଜମାନେ ଦିନେ ଏ ଦେଶରୁ ଯିବେ, ଇଂରେଜି ଭାଷା ବିରୁଦ୍ଧରେ ଦିନେ ଆନ୍ଦୋଳନ ହେବ । ବରଂ ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଲୋକେ ଧରି ନେଇଥିଲେ ଯେ ଇଂରେଜି କେବଳ ଏ ଦେଶରେ ରାଷ୍ଟ୍ରଭାଷା ହୋଇ ରହିବ ନାହିଁ, ଭାରତୀୟ ଶିକ୍ଷା-ସଂସ୍କୃତିର ମାଧ୍ୟମରୂପେ ମଧ୍ୟ ରହିବ । କିନ୍ତୁ ଦିନ ଆସିଲା, ଲୋକେ ଯେମିତି ବିଦେଶୀ ବିରୁଦ୍ଧରେ ଲଢ଼ିଲେ, ସେମିତି ବିଦେଶୀଭାଷା ବିରୁଦ୍ଧରେ ଆବାଜ ଉଠାଇଲେ । ଗାନ୍ଧି କହିଲେ, ଯେଉଁ ଦେଶର ଶିଶୁ ଯେମିତି ବିଦେଶୀ ଭାଷା ମାଧ୍ୟମରେ ଶିକ୍ଷା ଲାଭ କରେ, ସେ ଦେଶ ଆତ୍ମହତ୍ୟା ଦୋଷରେ ଅଭିଯୁକ୍ତ ହୁଏ ।(୧) ସେ ଦେଶର ଶିଶୁ ତା'ର ଜନ୍ମଗତ ମୌଳିକ ଅଧିକାରରୁ ବଞ୍ଚିତ ହୁଏ ଓ ଆପଣା ଘରେ ମଧ୍ୟ ପର ହୋଇ ରହିଯାଏ । ଦେଶ ପକ୍ଷରେ ଏହି ହୁଏ ଚରମ

ଦୁର୍ଯୋଗ । ଗାନ୍ଧୀଜୀଙ୍କର ଏହି ଚିନ୍ତାରୁ ଆରମ୍ଭ ହେଲା ଇଂରେଜ ବିରୁଦ୍ଧରେ ଆନ୍ଦୋଳନ ।

ପ୍ରଥମ ପ୍ରଶ୍ନ ହେଲା—ଇଂରେଜ ଯଦି ଚାଲିଯାଏ ତା'ର ସ୍ଥାନ ପୂରଣ କରିବ କିଏ ? ଗାନ୍ଧୀଜୀ କହିଲେ, ଇଂରେଜିର ସ୍ଥାନ ପୂରଣ କରିବ ହିନ୍ଦୀ । ଅବଶ୍ୟ ଗାନ୍ଧୀଜୀଙ୍କ ପୂର୍ବରୁ ଆଉ କେତେ ଜଣ ଭାରତୀୟ ହିନ୍ଦୀକୁ ଜାତୀୟ ଭାଷାର ଆସନ ଦେବାପାଇଁ କଳ୍ପନା କରିଥିଲେ; କିନ୍ତୁ ଗାନ୍ଧୀଜୀଙ୍କ ଆଶୀର୍ବାଦ ପାଇ ହିନ୍ଦୀର ଆସନ ମଜଭୁତ ହୋଇଗଲା । ଗାନ୍ଧୀଜୀ କହିଲେ—'ଭାରତୀୟ ଭାଷାମାନଙ୍କୁ ଯେପରି ଭାବରେ ଅବହେଳିତ କରି ରଖାଯାଇଛି, ତା' ଆଉ ବରଦାସ୍ତ କରାଯିବ ନାହିଁ । ଏ ଦେଶର ପ୍ରତ୍ୟେକ ହିନ୍ଦୁ ସଂସ୍କୃତ, ପ୍ରତ୍ୟେକ ମୁସଲମାନ ଆରବୀ ଓ ପ୍ରତ୍ୟେକ ପାର୍ଶୀ ପାର୍ସିଭାଷା ଜାଣିବା ନିତାନ୍ତ ଦରକାର । ଉତ୍ତର ଓ ପଶ୍ଚିମଭାରତର ଲୋକମାନେ ତାମିଲ ଜାଣିବା ଦରକାର; କିନ୍ତୁ ଭାରତର ସବୁ ଲୋକଙ୍କ ପକ୍ଷରେ ହିନ୍ଦୀ ହେବ ଭାରତର ଜାତୀୟ ଭାଷା । ଲୋକେ ତାଙ୍କ ଇଚ୍ଛା ଅନୁସାରେ ତାକୁ ନାଗରୀ କିମ୍ବା ଉର୍ଦ୍ଦୁ ଅକ୍ଷରରେ ଲେଖିପାରିବେ । ହିନ୍ଦୀକୁ ଆମେ ଦୃଢ଼ କରିପାରିଲେ ଇଂରେଜ ଆପେ ଆପେ ଚାଲିଯିବ । ଆମ୍ଭେମାନେ ଏକପ୍ରକାର କ୍ରୀତଦାସ । ଯେତେ ଶୀଘ୍ର ଆମ୍ଭେମାନେ ଏ ବିଷୟରେ କର୍ମପନ୍ଥା ଅନୁସରଣ କରିବା, ସେତେ ଶୀଘ୍ର ଆମ୍ଭ-ମାନଙ୍କର ମୁକ୍ତି ହେବ ।'

ଗାନ୍ଧୀଜୀ ତାଙ୍କ ଦୃଷ୍ଟିରୁ ଜାତୀୟ ଭାଷାର କେତେଗୁଡ଼ିଏ ଲକ୍ଷଣ ସ୍ଥିର କରିଥିଲେ । ପ୍ରଥମ ହେଉଛି ଜାତୀୟଭାଷା ଦେଶର ଅନେକ ଲୋକଙ୍କର ମାତୃଭାଷା ହୋଇଥିବା ଦରକାର ଓ ସେହି ଭାଷାକୁ ଅନ୍ୟ ଲୋକେ ସହଜରେ ଶିଖିପାରିବା ଦରକାର । ଏହି ଦୃଷ୍ଟିରୁ

ବିଚାର କଲେ ଇଂରେଜୀର ସ୍ଥାନ ହିନ୍ଦୀଠାରୁ ନିଶ୍ଚୟ ଗୌଣ, କାରଣ ହିନ୍ଦୀ ଏ ଦେଶର କୋଟି କୋଟି ଲୋକଙ୍କର ମାତୃଭାଷା, ଅଥଚ ଇଂରେଜିକୁ ମାତୃଭାଷାରୂପେ ବ୍ୟବହାର କରୁଥିବା ଲୋକ ଖୁବ୍ କମ୍ । ଦ୍ୱିତୀୟତଃ, ଅହିନ୍ଦୀ ଲୋକେ ହିନ୍ଦୀକୁ ଯେତେଶୀଘ୍ର ଶିଖି ପାରିବେ, ଇଂରେଜୀକୁ ସେତେ ଶୀଘ୍ର ଶିଖିପାରିବେ ନାହିଁ । କଥାରେ ଅଛି — ଓଡ଼ିଆ ରାଗିଲେ ହିନ୍ଦୀ କହନ୍ତି; କିନ୍ତୁ ଇଂରେଜୀକୁ ଦେଢ଼ଶହ ବର୍ଷ ରଟି ରଟି ଶହେ ଜଣରେ କେବଳ ଜଣେ ଶିଖିଛନ୍ତି ।

ଆଚ୍ଛା, ବର୍ତ୍ତମାନ ପ୍ରଶ୍ନ ହେଉଛି—ଇଂରେଜୀ ସ୍ଥାନରେ ଯଦି ହିନ୍ଦୀ ହେବ, ସେ କେଉଁ ହିନ୍ଦୀ ? ହିନ୍ଦୀ କହିଲେ ତ ଅନେକ ହିନ୍ଦୀ- ରାଜସ୍ଥାନୀ, ମାରୱାରୀ, ଅବଧୀ, ବୁନ୍ଦେଲଖଣ୍ଡୀ, ବିହାରୀ, ଭୋଜପୁରୀ, ମଗଧୀ, ମୈଥିଳୀ; କିନ୍ତୁ ହିନ୍ଦୀର ସ୍ୱରୂପକୁ ଗାନ୍ଧିଜୀ ସହଜରେ ବୁଝାଇ ଦେଇଥିଲେ । ସେ କହିଥିଲେ, ଉତ୍ତରଭାରତର ହିନ୍ଦୁ ମୁସଲମାନ ଉଭୟ ଆପଣା ଆପଣା ଭିତରେ ଯେଉଁ ହିନ୍ଦୀରେ କଥାବାର୍ତ୍ତା କରନ୍ତି, ସେହି ହିନ୍ଦୀ । ତାହା ପ୍ରୟାଗ ପଣ୍ଡିତମାନଙ୍କର ସଂସ୍କୃତମିଶା ହିନ୍ଦୀ ନୁହେ କିମ୍ବା ଲକ୍ଷ୍ନୌ ମୁସଲମାନମାନଙ୍କର ପାର୍ଶିମିଶା ହିନ୍ଦୀ ନୁହେଁ । ସେହି ଭାଷାକୁ ସେ ନାଁ ଦେଇଥିଲେ 'ହିନ୍ଦୁସ୍ତାନୀ' । ହିନ୍ଦୀ କହ, ହିନ୍ଦୁସ୍ତାନୀ କହ, ସେହି ହେବ ରାଷ୍ଟ୍ରଭାଷା । ସେହି ରାଷ୍ଟ୍ରଭାଷାକୁ ଗଙ୍ଗାନଦୀ ସହିତ ତୁଳନା କରି ସେ ଉଦାହରଣ ଦେଉଥିଲେ । ସେ କହୁଥିଲେ — ଗଙ୍ଗାନଦୀ ହିମାଳୟ ପରି ବିରାଟ ପର୍ବତରୁ ବାହାରି- ଥିବାରୁ ତାହା ଚିରସ୍ରୋତା, ଚିରକାଳ ତାହା ଏ ଦେଶ ଓ ଜାତିର ସେବା କରୁଥିବ; କିନ୍ତୁ ଯେଉଁ ନଦୀଗୁଡ଼ିକ ଛୋଟ ଛୋଟ ପାହାଡ଼ରୁ ଜନ୍ମ ହୋଇଛନ୍ତି; ସେଗୁଡ଼ିକ ଅଳ୍ପକାଳ ଭିତରେ ଶୁଖିଯିବେ । ଯେଉଁ ହିନ୍ଦୀ ସମଗ୍ର ଜନତା ହିମାଳୟରୁ ଜନ୍ମଲାଭ କରିଛି, ତାହା

ଗଙ୍ଗାଧାର ପରି ଚିରନ୍ତନ ରହିବ ଓ ସମଗ୍ର ଜାତିର ସେବା କରିବ । କିନ୍ତୁ ଯେଉଁ ସଂସ୍କୃତ ଓ ପାର୍ସିମିଶା ହିନ୍ଦୀ କ୍ଷୁଦ୍ରଜନତାରୁ ଜନ୍ମଲାଭ କରିଛି, ତାହା ଚିରନ୍ତନ ହୋଇପାରିବ ନାହିଁ ।

ମନ୍ତ୍ରୀ ଶ୍ରୀଯୁକ୍ତ ଗୋପାଳ ରେଡ୍ଡି କେତେମାସ ତଳେ ରେଡ଼ିଓ ହିନ୍ଦୀ ବିଷୟରେ ଯାହା କହିଥିଲେ, ତାକୁ ନେଇ ହିନ୍ଦୀ ରାଜ୍ୟରେ ତୁମୁଳ ଝଡ଼ଝଞ୍ଜା ବହିଲା; କିନ୍ତୁ ଗାନ୍ଧିଙ୍କ କଳ୍ପିତ ହିନ୍ଦୀ ବିଷୟରେ ଯେଉଁମାନଙ୍କର ଧାରଣା ଥିବ, ସେମାନେ ସରକାରଙ୍କ ରେଡ଼ିଓ ହିନ୍ଦୀ ପଲିସିକୁ ସହଜରେ ବୁଝିପାରିବେ । ସରକାରୀ ହିନ୍ଦୀ ଦିନକୁ ଦିନ ଅଧିକରୁ ଅଧିକ ସଂସ୍କୃତନିଷ୍ଠ ହେଉଥିବାରୁ ତାହା କାଳକ୍ରମେ ପ୍ରୟାଗ ପଣ୍ଡିତମାନଙ୍କର ହିନ୍ଦୀରେ ପରିଣତ ହେବା ସ୍ୱାଭାବିକ । ତେଣୁ ଯେଉଁମାନେ 'ହିନ୍ଦୁସ୍ତାନୀ' ବ୍ୟବହାର କରନ୍ତି, ସେମାନଙ୍କ ପକ୍ଷରେ ତାହା ଅବୋଧ୍ୟ ହେବା ଅସମ୍ଭବ ନୁହେଁ । ଭାଷା କମିଶନ ତାଙ୍କ ରିପୋର୍ଟରେ ୨୩୫ ପୃଷ୍ଠାରେ ଏହିପରି ଗୋଟିଏ କଥା ଉଲ୍ଲେଖ କରିଛନ୍ତି । ଦିଲ୍ଲୀ ଓ ପଞ୍ଜାବର ଲୋକମାନେ କମିଶନଙ୍କ ନିକଟରେ ସାକ୍ଷ୍ୟ ଦେଇ କହିଥିଲେ ଯେ ସରକାରୀ ହିନ୍ଦୀ ଦିନକୁ ଦିନ ବେଶି ସଂସ୍କୃତନିଷ୍ଠ ହେଉଥିବାରୁ ସେମାନଙ୍କ ପକ୍ଷରେ ବୁଝିବାକୁ କଷ୍ଟ ହେଉଛି । କିନ୍ତୁ ପ୍ରକୃତ କଥା ଦେଖିବାକୁ ଗଲେ ସଂସ୍କୃତନିଷ୍ଠ ହିନ୍ଦୀ ଭାରତର ଅନ୍ୟାନ୍ୟ ଅଞ୍ଚଳ ପାଇଁ ସହଜ । ତେଣୁ ସଂସ୍କୃତ ଓ ପାର୍ସି ଶବ୍ଦମାନଙ୍କ ମଧ୍ୟରେ ଏକପ୍ରକାର ଭାରସାମ୍ୟ ରହିବା ଉଚିତ । ସେଇଥିପାଇଁ ବୋଧହୁଏ ହିନ୍ଦୀକୁ ସରଳ କରିବା ଲାଗି ସରକାର ଏବେ ଦୁଆ ଉଠାଇଛନ୍ତି । ପ୍ରକୃତରେ ଦେଖିବାକୁ ଗଲେ ପ୍ରେମଚନ୍ଦଙ୍କ ଗୋଦାନର ଭାଷା ଯେମିତି ସୁନ୍ଦର ଓ ସରସ, ଆଧୁନିକ ସଂସ୍କୃତନିଷ୍ଠ ହିନ୍ଦୀ ସେପରି

ନୁହେ । ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନେହରୁଙ୍କ ହିନ୍ଦୀଭାଷଣ ଅନେକ ହିନ୍ଦୀ ବିଦ୍ୱାନ୍‌ଙ୍କ ଭାଷଣ ଅପେକ୍ଷା ଅଧିକ ରୁଚିକର, ଏଥିରେ ସନ୍ଦେହ ନାହିଁ; କିନ୍ତୁ ନେହରୁଙ୍କ ହିନ୍ଦୀ ଗାନ୍ଧିଙ୍କ 'ହିନ୍ଦୁସ୍ତାନୀ'ର ପାଖାପାଖି ହେଲେ ମଧ୍ୟ ସଂସ୍କୃତନିଷ୍ଠ-ହିନ୍ଦୀ ଅହିନ୍ଦୀଲୋକଙ୍କ ପାଇଁ ସୁବିଧାଜନକ ।

୧ । ଇଂରେଜି ପରେ ହିନ୍ଦୀ ହେବ ଭାରତର ଜାତୀୟ ଭାଷା ।
୨ । ଜାତୀୟଭାଷାର କେତେକ ଲକ୍ଷଣ ।
୩ । ଜାତୀୟଭାଷା ହିନ୍ଦୀର ସ୍ୱରୂପ ।

# ଗାନ୍ଧି ଓ ହିନ୍ଦୀ

ଯେ କୌଣସି ସ୍ୱାଧୀନ ଜାତି ପାଇଁ ସ୍ୱାଧୀନ୍ ଭାଷା ନିତାନ୍ତ ଦରକାର, ଏହି କଥା ଗାନ୍ଧି ଖୁବ୍ ଭଲ ଭାବରେ ବୁଝିଥିଲେ । ସେଇଥିପାଇଁ ଇଂରେଜୀକୁ ହଟାଇ ହିନ୍ଦୀକୁ ସେ ରାଷ୍ଟ୍ରଭାଷାର ଆସନ ଦେବାକୁ ଚେଷ୍ଟାକଲେ । ହିନ୍ଦୀ ପାଇଁ ଗାନ୍ଧୀ ଯାହା କରିଛନ୍ତି, ଭାରତବର୍ଷରେ ତାହା ହିଁ ହିନ୍ଦୀର ଇତିହାସ ।

୧୯୦୯ ବେଳକୁ ଗାନ୍ଧୀ ସ୍ଥିର କରି ସାରିଥିଲେ ଯେ ଭାରତ ପାଇଁ ହିନ୍ଦୀ ରାଷ୍ଟ୍ରଭାଷା ହେବା ଉଚିତ । କିନ୍ତୁ ସେପର୍ଯ୍ୟନ୍ତ ତାଙ୍କର ଏହି ଚିନ୍ତାକୁ ସେ କୌଣସି ସଭାସମିତିରେ ପ୍ରକାଶ କରି ନ ଥିଲେ; କିନ୍ତୁ ୧୯୧୭ ମସିହାରେ ଦ୍ୱିତୀୟ ଗୁଜରାଟ ଶିକ୍ଷା ସମ୍ମିଳନୀରେ ସେ ସାଧାରଣ ଭାବରେ ଘୋଷଣା କଲେ ଯେ ହିନ୍ଦୀ ଭାରତର ଆନ୍ତର ଭାଷା ହେବା ଉଚିତ ଓ ଆଞ୍ଚଳିକ ଭାଷାଗୁଡ଼ିକ ନିଜ ନିଜ ପ୍ରଦେଶରେ ରାଜ୍ୟଭାଷା ହେବା ଉଚିତ । ଅବଶ୍ୟ ଏତିକି କହିଦେଇ ଚୁପ୍‌ହୋଇ ବସିଲେ କାମ ହୁଅନ୍ତା ନାହିଁ । ତେଣିକି ଅନ୍ୟମାନଙ୍କୁ କେମିତି ସେହି କାର୍ଯ୍ୟରେ ଲଗାଇବେ, ସେହି ଚିନ୍ତାରେ ସେ ରହିଲେ । ୧୯୧୮ରେ ପ୍ରୟାଗ ହିନ୍ଦୀ ସାହିତ୍ୟସମ୍ମିଳନର ଗୋଟିଏ ସଭାରେ ସେ କହିଲେ—'ଏଣିକି ସମ୍ମିଳନୀ ହିନ୍ଦୀ ପ୍ରଚାରକାମ ଆରମ୍ଭ କରନ୍ତୁ ।' ଏ କଥା କହିବା ସଙ୍ଗେ ସଙ୍ଗେ ସେ ଠିକ୍ ଜାଣିଥିଲେ

ତେଣେ ବ୍ରିଟିଶ ମନ୍ତ୍ରୀ ଦିଲ୍ଲୀରେ ବସିଛନ୍ତି । ଏ ସବୁ ଜାଣ୍ଟସ୍ୱବାଧ କଥା ଶୁଣିଲେମାନେ ଚମକ ଉଠିବେ ଓ ମୁସଲମାନମାନଙ୍କୁ ହିନ୍ଦୀ ବିରୁଦ୍ଧରେ ଭେଜେଇବେ । ହିନ୍ଦୁମାନଙ୍କର ହିନ୍ଦୀ ଦରକାର ହେଲେ ମୁସଲମାନମାନଙ୍କର ଉର୍ଦ୍ଦୁ ଦରକାର ବୋଲି ସେମାନଙ୍କୁ ବୁଝାଇବେ । ତା' ଛଡ଼ା ହିନ୍ଦୀ ହେଲେ ହିନ୍ଦୁମାନଙ୍କର ନାଗରୀ ଅକ୍ଷର ରହିବ ଓ ମୁସଲମାନମାନଙ୍କର ଉର୍ଦ୍ଦୁ ଅକ୍ଷର ଉଠିଯିବ, ଏ କଥା ବୁଝାଇବେ । ତେଣୁ ମହାତ୍ମା କହିଲେ—ହିନ୍ଦୀ ଓ ଉର୍ଦ୍ଦୁ ପରସ୍ପର ବିରୋଧୀ ଦୁଇଟି ଭାଷା ନୁହନ୍ତି, ବରଂ ସେମାନେ ତ୍ରିବେଣୀର ଗଙ୍ଗା-ଯମୁନା ଦୁଇଧାର । ଦୋହିମାନଙ୍କର ମିଳନରେ ନିର୍ମିତ ହିନ୍ଦୁସ୍ତାନୀ ହିନ୍ଦୀ ହେବ ଆମର ରାଷ୍ଟ୍ରଭାଷା । ମୁସଲମାନମାନେ ଯଦି ତାକୁ ନାଗରୀରେ ଲେଖିବାକୁ ନ ଚାହାନ୍ତି, ତେବେ ସେମାନେ ସେମାନଙ୍କର ଉର୍ଦ୍ଦୁ ଅକ୍ଷରରେ ଖୁସିରେ ଲେଖିପାରିବେ । ତା ହେଲେ ପରସ୍ପର ବିରୋଧ କିମ୍ବା ଗଣ୍ଡଗୋଳର କୌଣସି କାରଣ ରହିବ ନାହିଁ ।

ଉତ୍ତରରେ ମୁସଲମାନମାନଙ୍କଠାରୁ ଯେମିତି ପ୍ରତିବାଦ ଆଶଙ୍କା କରାଯାଉଥିଲା, ଦକ୍ଷିଣରେ ସେମିତି ଦ୍ରାବିଡ଼ ଭାଷାଭାଷୀ-ମାନଙ୍କଠାରୁ କରାଯାଉଥିଲା । ବିନ୍ଧ୍ୟଠାରୁ କୁମାରିକା ପର୍ଯ୍ୟନ୍ତ ବିସ୍ତୃତ ଦକ୍ଷିଣ-ଭାରତ ଏକ ବିଶାଳ ଭୂଖଣ୍ଡ । ସେଠି ତାମିଲ, ତେଲୁଗୁ, ମାଲୟାଳୀ ଓ କନ୍ନଡ଼ ଭାଷାଭାଷୀମାନେ ସହଜରେ ହିନ୍ଦୀକୁ ସ୍ୱୀକାର କରିବେ ନାହିଁ । ତେଣୁ ଗାନ୍ଧିଜୀ ସ୍ଥିରକଲେ—ଦକ୍ଷିଣ ଭାରତରେ ପ୍ରଥମେ ହିନ୍ଦୀ ପ୍ରଚାର କରି ତାର ଫଳାଫଳ ଲକ୍ଷ୍ୟ କରିବେ । ଦକ୍ଷିଣ ଲୋକେ ଯଦି ହିନ୍ଦୀକୁ ସ୍ୱୀକାର କରିନେଲେ, ତା'ହେଲେ ଆଉ ଆଶଙ୍କାର ବିଶେଷ କାରଣ ରହିବ ନାହିଁ । ତେଣୁ ୧୯୧୮ରେ ମାନ୍ଦ୍ରାଜରେ ଦକ୍ଷିଣ-ଭାରତ ହିନ୍ଦୀ ପ୍ରଚାରସଭା

ସ୍ଥାପନ କରାଗଲା ଓ ହିନ୍ଦୀ ପ୍ରଚାର ଚାଲିଲା । ତା'ର ଠିକ୍ ପରେ ପରେ ୧୯୨୦ରେ ଗୁଜରାଟରେ ଗୁଜରାଟୀ ବିଦ୍ୟାପୀଠ ଅର୍ଥାତ୍ ଗୁଜରାଟର ଜାତୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଗଲା । ସ୍ୱରାଜ୍ୟ ଆନ୍ଦୋଳନ ସେତେବେଳକୁ ଜମି ଆସୁଥାଏ । ଠିକ୍ ସେହି ସମୟରେ ସ୍ଥିର କରାଗଲା ଯେ 'ଗୁଜରାଟ ବିଦ୍ୟାପୀଠରେ ହିନ୍ଦୀ (ହିନ୍ଦୁସ୍ତାନୀ) ବାଧ୍ୟତାମୂଳକଭାବରେ ପଢ଼ାଯିବ ଓ ଅନ୍ୟାନ୍ୟ ବିଷୟମାନ ମାତୃ-ଭାଷା ଗୁଜରାଟୀରେ ପଢ଼ାଯିବ । ଗୁଜରାଟୀଭାଷା ଯେ ଆମ ଭାଷା (ସାହିତ୍ୟ ନୁହେଁ) ଠାରୁ କେତେ ଆଗରେ ଥିବ, ଏଥିରୁ ସହଜରେ ଅନୁମାନ କରାହେବ । କାରଣ ସେହି ଭାଷାପାଇଁ ୧୯୨୦ରେ ଯେଉଁ ଯୋଜନା ହୋଇଛି, ଆମର ୧୯୬୩ରେ ମଧ୍ୟ ସମ୍ଭବ ହୋଇନାହିଁ ।

କିଛିକାଳ ଚାଲିପରେ ଗାନ୍ଧିଜୀ ଦେଖିଲେ, ହିନ୍ଦୀ ପ୍ରଚାରକୁ ଯଦି କଂଗ୍ରେସ କାର୍ଯ୍ୟକ୍ରମ ଭିତରେ ରଖା ନ ଯାଏ, ତେବେ ବିଶେଷ କିଛି କାମ ହୋଇପାରିବ ନାହିଁ । ସେତିକିବେଳେ ୧୯୨୪ରେ ବେଲଗାଓଁଠାରେ ଯେଉଁ କଂଗ୍ରେସ ବସିଲା, ସେଇଠି ଗାନ୍ଧି ହିନ୍ଦୀକୁ କଂଗ୍ରେସ କାର୍ଯ୍ୟକ୍ରମରେ ପୂରାଇଦେଲେ । ଏଣିକି ହିନ୍ଦୀ ପ୍ରଚାର କଂଗ୍ରେସଲୋକଙ୍କର ଏକପ୍ରକାର କର୍ତ୍ତବ୍ୟରେ ପରିଣତ ହୋଇଗଲା । ଗାନ୍ଧିଜୀ ତାଙ୍କ ସଭାପତି ଭାଷଣରେ କହିଲେ—ଏଣିକି ରାଜ୍ୟମାନଙ୍କରେ ଆଞ୍ଚଳିକ ଭାଷା, କେନ୍ଦ୍ରରେ ହିନ୍ଦୀ ଭାଷା ଓ ଆନ୍ତର୍ଜାତିକ ବ୍ୟାପାରରେ ଇଂରେଜି ଭାଷାକୁ ବ୍ୟବହାର କରିବାକୁ ପଡ଼ିବ । ଲୋକେ ଏ କଥା ଶୁଣିବେ ବୋଲି ଗାନ୍ଧିଙ୍କର ନିଜର ବି ବିଶ୍ୱାସ ନ ଥିଲା । ସେତେବେଳେ ଇଂରେଜ ଶାସନର ଯେଉଁ ପ୍ରାପ୍ତି, ଇଂରେଜିଶିକ୍ଷିତ ହାକିମମାନଙ୍କର ଯେଉଁ ଇଂରେଜି

ପ୍ରୀତି, ସେଥିରେ ଇଂରେଜକୁ ହଟାଇ ହିନ୍ଦୀକୁ ଉଠାଇବା କଥା କଳ୍ପନା କରନ୍ତା କିଏ ? ସେଇଥିପାଇଁ ଗାନ୍ଧିଜୀ କଂଗ୍ରେସକୁ ଆହ୍ୱାନ କରି କହିଲେ—'ମୁଁ ଭାବୁଛି, ମୋର ଭାଷା ଯୋଜନା ଶୁଣି ଆପଣମାନେ ପରିହାସ କରିବେ ନାହିଁ । ପୂର୍ଣ୍ଣ ସ୍ୱରାଜ୍ୟପାଇଁ ଗୋଟିଏ ସ୍ୱାଧୀନଭାଷା ଯୋଜନା ନିତାନ୍ତ ଦରକାର । ହୋଇପାରେ, ଆଜି ଆମର ଶକ୍ତି ନାହିଁ, କିନ୍ତୁ ଇଚ୍ଛା ଅଛି ତ ? ଅନ୍ତତଃ ଆଜିଠାରୁ ଆମେମାନେ ଏହି ଦିଗରେ ଚିନ୍ତା କରିବା ଉଚିତ ।' ଏତେକାଳ ପରେ ଆଜି ଯେତେବେଳେ ଲୋକଙ୍କର ବିଶ୍ୱାସ ହୋଇନି ଯେ କେନ୍ଦ୍ରରେ ହିନ୍ଦୀ ଚଳିବ ଓ ଓଡ଼ିଶାରେ ଓଡ଼ିଆ ଚଳିବ, ସେତେବେଳେ ଏ କଥାକୁ ବିଶ୍ୱାସ କରିଥିବ କିଏ ? ଗାନ୍ଧିଙ୍କ ପରି ଯେଉଁମାନଙ୍କର ବଳିଷ୍ଠ ଅନ୍ତର୍ଦୃଷ୍ଟି ଥିଲା, ସେହିମାନେ ଅବା କରିଥିବେ । ବେଲଗାଓଁ ସଭାର ଠିକ୍ ବର୍ଷକ ପରେ ୧୯୨୫ରେ କାନପୁରଠାରେ ଯେଉଁ କଂଗ୍ରେସ ବସିଲା, ସେଥିରେ କଂଗ୍ରେସ ଆଉ ପାଦେ ଆଗେଇଯାଇ ସ୍ଥିର କରିଦେଲେ ଯେ ଏଣିକି କଂଗ୍ରେସର ସବୁ କାମ ଯଥାସାଧ୍ୟ ହିନ୍ଦୁସ୍ତାନୀରେ ଚାଲୁହେବ । ଗାନ୍ଧି ବରାବର କହୁଥିଲେ ଯେ କଂଗ୍ରେସକୁ ଶକ୍ତିଶାଳୀ କରିବାକୁ ହେଲେ ବିଦେଶୀ ଭାଷାରେ କାମ ନ କରି ସ୍ୱଦେଶୀ ଭାଷାରେ କରିବାକୁ ହେବ । ତା' ହେଲେ ସାଧାରଣ ଲୋକେ ତାଙ୍କ କାର୍ଯ୍ୟକ୍ରମ ବୁଝିପାରିବେ । ନଚେତ୍ ଲୋକେ ଇଂରେଜଶିକ୍ଷିତ ବାବୁମାନଙ୍କଠାରୁ ଯେମିତି ଦୂରରେ ରହିଛନ୍ତି, ସେମିତି ରହିଯିବେ । ପ୍ରକୃତରେ ଭାଷାର ବନ୍ଧନ ସବୁଠୁ ବଡ଼ ବନ୍ଧନ । ପରକୁ ଆପଣାର କରିବାପାଇଁ ତାହା ଏକ ଅମୋଘଅସ୍ତ୍ର । ଗାନ୍ଧିଙ୍କ ପରି ଜଣେ ପ୍ରାକ୍‌ଟିକାଲ ରାଜନୀତିଜ୍ଞ ଏପରି ଏକ ଅସ୍ତ୍ରକୁ ଛାଡ଼ନ୍ତେ ଅବା କାହିଁକି ?

ଯାହାହେଉ, ମହାତ୍ମାଙ୍କ ଆଶୀର୍ବାଦରୁ ହିନ୍ଦୀ କ୍ରମେ ସମଗ୍ର ଭାରତର ଆଖି ଆଗକୁ ଚାଲିଆସିଲା । କିନ୍ତୁ ହିନ୍ଦୀ ବଢ଼ିବା ସଙ୍ଗେ ସଙ୍ଗେ ହିନ୍ଦୀ ପ୍ରଚାରକମାନଙ୍କ ଭିତରେ ଏକପ୍ରକାର ମତଭେଦ ଦେଖାଦେଲା । ହିନ୍ଦୀ ସାହିତ୍ୟ ସମ୍ମିଳନର ସଭାପତି ପୁରୁଷୋତ୍ତମ ଦାସ ଟଣ୍ଡନ ଓ ଗାନ୍ଧିଜୀଙ୍କ ମଧ୍ୟରେ ହିନ୍ଦୀର ସ୍ୱରୂପ ନେଇ ମତଭେଦ ହେଲା । ଗାନ୍ଧି ଯେଉଁ ହିନ୍ଦୁସ୍ତାନୀ ପ୍ରଚାର କରୁଥିଲେ, ଟଣ୍ଡନ ତାକୁ ସ୍ୱୀକାର କରିବାକୁ ରାଜିହେଲେ ନାହିଁ । ତାଙ୍କ ଦୃଷ୍ଟିରେ ହିନ୍ଦୁସ୍ତାନୀ ବୋଲି କୌଣସି ଭାଷା ନାହିଁ; ସେଟା ଗୋଟାଏ ଖେଚଡ଼ି ଭାଷା । ୟୁ.ପି.ରେ ହିନ୍ଦୀ ଓ ଉର୍ଦ୍ଦୁ ବୋଲି ଯେଉଁ ଦୁଇଟି ଭାଷା ଅଛି, ସେମାନଙ୍କ ଭିତରୁ ହିନ୍ଦୀ ହେଉଛି ଭାରତର ପ୍ରକୃତ ରାଷ୍ଟ୍ରଭାଷା କିମ୍ବା ଆନ୍ତର-ଭାଷା । ଏହି ନୂତନ ସିଦ୍ଧାନ୍ତ ଶୁଣି ଗାନ୍ଧିଜୀ ଉଭୟଙ୍କର ଦୁଃଖ ଅନୁଭବ କଲେ ଓ ହିନ୍ଦୀ ସାହିତ୍ୟ ସମ୍ମେଳନଠାରୁ ଦୂରେଇଗଲେ । ହିନ୍ଦୀ ସାହିତ୍ୟ ସମ୍ମେଳନ ଓ୍ୱାର୍ଦ୍ଧାଠାରେ କାକା କାଲେଲକରଙ୍କ ସଭାପତିତ୍ୱରେ ଯେଉଁ ଓ୍ୱାର୍ଦ୍ଧା ସମିତି ବସାଇଲେ, ଗାନ୍ଧିଜୀ ସେଥିରୁ ମଧ୍ୟ ଅଲଗା ରହିଲେ; କିନ୍ତୁ ହିନ୍ଦୀବାଲା ଗାନ୍ଧିଙ୍କ ନାଁକୁ ଖୁବ୍ ବଢ଼ୀକରି ନିଜ ପ୍ରଚାର କରିବାକୁ ଲାଗିଲେ ।

୧୯୩୫ ବେଳକୁ ପ୍ରଦେଶମାନଙ୍କୁ ସ୍ୱାଧୀନତା ମିଳିଲା ଓ ପ୍ରଦେଶମାନଙ୍କରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଢ଼ାହେଲା । ଏହି କଂଗ୍ରେସ ମନ୍ତ୍ରିମାନେ ରାଜ୍ୟମାନଙ୍କରେ ହିନ୍ଦୀ ପ୍ରୋଗ୍ରାମକୁ ଖୁବ୍ ଜୋର-ସୋରରେ ଚଳାଇଲେ । ବମ୍ବେର ମୁଖ୍ୟମନ୍ତ୍ରୀ ଶ୍ରୀ ବି. ଜି. ଖେର ଓ ମାଡ୍ରାଜର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ରାଜାଜୀ ନିଜ ନିଜ ରାଜ୍ୟ ସ୍କୁଲ-ମାନଙ୍କରେ ହିନ୍ଦୀପଢ଼ା ଆରମ୍ଭ କରିଦେଲେ । ମାଡ୍ରାଜରେ ପୁଣି ଆଉ ଗୋଟିଏ ଦକ୍ଷିଣ-ଭାରତ ହିନ୍ଦୀ ପ୍ରଚାରସଭା ବସି ହିନ୍ଦୀ

ପ୍ରଚାରକୁ ଆହୁରି ବ୍ୟାପକ କରିଦେଲା । ଗୁଜରାଟ ବିଦ୍ୟାପୀଠରେ ମଧ୍ୟ ହିନ୍ଦୀ ବିଭାଗ ଖୋଲାଗଲା । ମାନ୍ଦ୍ରାଜ, ଗୁଜୁରାଟ, ଓ୍ୱାର୍ଦ୍ଧା ପ୍ରଭୃତି ସ୍ଥାନରେ ହିନ୍ଦୀପରୀକ୍ଷା ସଂସ୍ଥାମାନ ସ୍ଥାପିତହୋଇ ବହୁଲୋକ ହିନ୍ଦୀ ସହିତ ପରିଚିତ ହେଲେ । ଦକ୍ଷିଣ-ଭାରତ ଲୋକେ ହିନ୍ଦୀ ଶିଖିପାରିବେ ନାହିଁ ବୋଲି ଯେଉଁ ଭୟ ଥିଲା, ସେ ଭୟ ଆପେ ଆପେ ଉଭେଇ-ଗଲା ।

ଏହି ସମୟ ଭିତରେ ହିନ୍ଦୀ ପ୍ରଚାର ବାହାରକୁ ଯେତେ ପ୍ରବଳ ଦେଖାଗଲା, ଭିତରେ ଭିତରେ ସେତିକି ମତଭେଦ ବି ଲୁହୁଲିଲା । ଯେତେବେଳେ ଦେଖାଗଲା ଯେ କାକା ସାହେବଙ୍କ ଓ୍ୱାର୍ଦ୍ଧା ସମିତି ଗାନ୍ଧିଜୀଙ୍କ ହିନ୍ଦୁସ୍ତାନୀକୁ ସ୍ୱୀକାର କଲା ନାହିଁ, ସେତେ-ବେଳେ ଗାନ୍ଧି, ନେହରୁ, ଆଜାଦ ଓ ରାଜେନ୍ଦ୍ରପ୍ରସାଦଙ୍କ ପୃଷ୍ଠପୋଷକ-ତାରେ ଓ୍ୱାର୍ଦ୍ଧାଠାରେ ଆଉ ଏକ ସମିତି ବସିଲା । ତାର ନାଁ ହେଲା 'ଓ୍ୱାର୍ଦ୍ଧା ହିନ୍ଦୁସ୍ତାନୀ ପ୍ରଚାର ସଭା' । ଏହି ସଭା ଗଢ଼ାହେବା ପରେ ପରେ ଦକ୍ଷିଣ ହିନ୍ଦୀ ପ୍ରଚାରସଭାର ନାଁ ବଦଳି 'ହିନ୍ଦୁସ୍ତାନୀ ପ୍ରଚାର ସଭା' ରଖାଗଲା । ହିନ୍ଦୀ ସାହିତ୍ୟ-ସମ୍ମିଳନୀ ଲୋକଙ୍କୁ କଥାଟା ଭାରି ଖଟକା ଲାଗିଲା । ସେମାନେ ପ୍ରଚାରକଲେ ଯେ, ଗାନ୍ଧିଜୀଙ୍କ ହିନ୍ଦୁସ୍ତାନୀ ୟୁ. ପି.ର ପ୍ରକୃତ ହିନ୍ଦୀକୁ ଭ୍ରଷ୍ଟ କରିଦେବ । ୟୁ.ପି.ର ହିନ୍ଦୀ ହିଁ ଭାରତର ହିନ୍ଦୀ ହେବା ଉଚିତ । ୧୯୪୨ରୁ ୧୯୪୭ ଭିତରେ ଯେତେ-ବେଳେ 'ଭାରତ ଛାଡ଼' ଆନ୍ଦୋଳନ ଖୁବ୍ ଜୋରସୋରରେ ଚାଲିଥିଲା, ସେତିକିବେଳେ ହିନ୍ଦୀ-ହିନ୍ଦୁସ୍ତାନୀ ବିବାଦ ମଧ୍ୟ ପ୍ରବଳ ହୋଇ-ଉଠିଲା ଓ ସେତିକିବେଳେ ଭାରତ ଇତିହାସରେ ଏକ ଅଚିନ୍ତନୀୟ ଘଟଣା ଘଟିଗଲା । ଯୁଗ ଯୁଗର ଭାରତବର୍ଷ ଭାରତ-ପାକିସ୍ଥାନ ଦୁଇ ଖଣ୍ଡରେ ବିଭକ୍ତ ହୋଇଗଲା । ୧୯୪୮ରେ ହିନ୍ଦୁସ୍ତାନୀ

ପ୍ରଚାରର ପ୍ରାଣଦାତା ଜାତିର ପିତା ଗାନ୍ଧିଜୀଙ୍କର ମୃତ୍ୟୁହେଲା । ଏହା ପରେ ପରେ ୧୯୪୯ରେ ଭାଷାପ୍ରଶ୍ନ ଭାରତର କନ୍‌ଷ୍ଟିଚୁଏଣ୍ଟ ଆସେମ୍ବ୍ଲି ହାତକୁ ଚାଲିଗଲା ।

ଭାରତର ଆନ୍ତରଭାଷା ହିନ୍ଦୀର ସ୍ୱରୂପ ସ୍ଥିର କରିବା ପାଇଁ ଯେତେବେଳେ ବିଚାର ଆଲୋଚନା ହେଲା, ସେତେବେଳେ ଗାନ୍ଧିଙ୍କ ଚିନ୍ତାଧାରାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଗଲା । ଭାରତୀୟ ଭାଷାମାନଙ୍କ ବିଷୟରେ ଯାହା ସ୍ଥିର କରାଗଲା, ତାହା ଭାରତୀୟ ସମ୍ବିଧାନର ୧୭ ଅଧ୍ୟାୟରେ ୩୪୩ ଠାରୁ ୩୫୧ ଧାରା ମଧ୍ୟରେ ରଖାଯାଇଛି । (୨) ତହିଁରେ ୩୪୩ ଧାରାରେ କୁହାଯାଇଛି ଯେ ଦେବନାଗରୀ ଅକ୍ଷରରେ ଲିଖିତ ହିନ୍ଦୀ ଭାରତର ରାଷ୍ଟ୍ରଭାଷା ହେବ ଓ ୩୫୧ ଧାରାରେ କୁହାଯାଇଛି ଯେ ଏହି ହିନ୍ଦୀ ଅନ୍ୟାନ୍ୟ ଭାଷା-ମାନଙ୍କ ସାହାଯ୍ୟରେ ନିଜକୁ ସମୃଦ୍ଧ କରିବ ଓ ଏହି ସମୃଦ୍ଧି ପାଇଁ ନୂତନ ଶବ୍ଦାବଳୀର ଆବଶ୍ୟକତା ହେଲେ ପ୍ରଥମେ ସଂସ୍କୃତଭାଷାରୁ ଓ ପରେ ଅନ୍ୟାନ୍ୟ ଭାଷାରୁ ଗ୍ରହଣ କରାଯିବ । ଅନ୍ୟାନ୍ୟ ଭାରତୀୟ ଭାଷାମାନଙ୍କ ମଧ୍ୟରେ ହିନ୍ଦୁସ୍ତାନୀ ସହିତ ଅନ୍ୟ ଯେଉଁ ଚଉଦଟିଗୋଟି ନାମ ଦିଆଯାଇଛି, ସେଗୁଡ଼ିକ ହେଲେ—ଆସାମୀ, ବଙ୍ଗଳା, ଗୁଜରାଟୀ, ହିନ୍ଦୀ, କେନ୍ନଡ଼, କାଶ୍ମୀରୀ, ମାଲୟାଳୀ, ମରାଠୀ, ଓଡ଼ିଆ, ପଞ୍ଜାବୀ, ସଂସ୍କୃତ, ତାମିଲ, ତେଲୁଗୁ ଓ ଉର୍ଦ୍ଦୁ । ଏହି ହେଲା ୧୯୦୯ରୁ ୧୯୪୯ ପର୍ଯ୍ୟନ୍ତ ଦୀର୍ଘ ଚାଳିଶ ବର୍ଷର ମୋଟାମୋଟି ଇତିହାସ ।

୧ । ହିନ୍ଦୀ ଉର୍ଦ୍ଦୁ ଭାରତୀୟଭାଷା ତ୍ରିବେଣୀର ଦୁଇଧାର । ଉଭୟ ପରସ୍ପରର ପ୍ରତିରୋଧକ ନୁହନ୍ତି, ପରିପୂରକ ।

୨ । ଦକ୍ଷିଣରେ ହିନ୍ଦୀ ପ୍ରଚାର ଓ ପ୍ରସାର ।

୩ । କଂଗ୍ରେସ କାର୍ଯ୍ୟକ୍ରମରେ ହିନ୍ଦୀର ସ୍ଥାନ ଓ ହିନ୍ଦୀ ପାଇଁ କଂଗ୍ରେସର ମତଭେଦ ।

୪ । ବମ୍ବେରେ ବି.ଜି. ଖେର ଓ ମାନ୍ଦ୍ରାଜରେ ରାଜଗୋପାଳାଚାରୀଙ୍କ ହିନ୍ଦୀ ଅଧ୍ୟାପନା ବ୍ୟବସ୍ଥା ।

୫ । ଭାରତର ସମ୍ବିଧାନ ଓ ହିନ୍ଦୀ ।

# ହିନ୍ଦୀ, ଉର୍ଦ୍ଦୁ, ହିନ୍ଦୁସ୍ତାନୀ

ଏହି ପ୍ରବନ୍ଧରେ ହିନ୍ଦୀ, ଉର୍ଦ୍ଦୁ, ହିନ୍ଦୁସ୍ତାନୀ ତିନୋଟି କଥା ବାରମ୍ବାର ବ୍ୟବହାର କରାଯାଇଛି । କେବଳ ଗୋଟିଏ ହିନ୍ଦୀ ନୁହେଁ, ଦୁଇଟି ହିନ୍ଦୀ କଥା ମଧ୍ୟ କୁହାଯାଇଛି । ତେଣୁ ପାଠକ ସାଧାରଣଙ୍କ ପାଇଁ ଏହି ଶବ୍ଦମାନଙ୍କର ଅର୍ଥ ପରିଷ୍କାର କରିଦେବା ଉଚିତ ।

ଭାରତୀୟ ସମ୍ବିଧାନରେ ଯେଉଁ ହିନ୍ଦୀ କଥା କୁହାଯାଇଛି, ତାହା ଦୁଇ ପ୍ରକାର । ଗୋଟିଏ ଆଞ୍ଚଳିକ ହିନ୍ଦୀ ଓ ଅନ୍ୟଟି ପୂର୍ଣ୍ଣାଙ୍ଗ କିମ୍ବା ରାଷ୍ଟ୍ରଭାଷା ହିନ୍ଦୀ । ଆଞ୍ଚଳିକ ହିନ୍ଦୀ କହିଲେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ କିମ୍ବା ବିହାରର ଲୋକେ ଯେଉଁ ହିନ୍ଦୀ ବ୍ୟବହାର କରନ୍ତି ତାକୁ ହିଁ ବୁଝାଏ; କିନ୍ତୁ ରାଷ୍ଟ୍ରଭାଷା ହିନ୍ଦୀ କହିଲେ ଏପରି ଏକ ପ୍ରକାର ହିନ୍ଦୀକୁ ବୁଝାଏ, ଯାହା ସାହାଯ୍ୟରେ ବିଶାଳ ଭାରତର ବିଭିନ୍ନ ସଂସ୍କୃତି ଆତ୍ମପ୍ରକାଶ କରେ ଓ ଯାହା ସମସ୍ତ ଭାରତୀୟ ଭାଷାରୁ ଶବ୍ଦାବଳୀ, ଫ୍ରେଜ୍ ଓ ଇଡ଼ିଅମ୍ ଇତ୍ୟାଦି ନେଇ ନିଜକୁ ସମୃଦ୍ଧ କରେ । ମୂଳତଃ ଏହା ଆଞ୍ଚଳିକ ହିନ୍ଦୀ ସହିତ ସମାନ ହେଲେ ମଧ୍ୟ ସମୃଦ୍ଧ ଅବସ୍ଥାରେ ଏହା ଆଞ୍ଚଳିକ ହିନ୍ଦୀଠାରୁ ବହୁ ଗୁଣରେ ଭିନ୍ନ, ପରିପୂର୍ଣ୍ଣ ଓ ବିସ୍ତୃତ । ଭବିଷ୍ୟତରେ ବିଭିନ୍ନ ଆଞ୍ଚଳିକ ଭାଷା ସଂପର୍କରେ ଆସି ଏହା ଏକାଧିକରୂପ ଧାରଣ କରି-ପାରେ । ଇଂରେଜୀ ଭାଷାକୁ ଲକ୍ଷ୍ୟ କଲେ କଥାଟା ଆଉ ଟିକିଏ ସ୍ପଷ୍ଟ

ହୋଇପାରେ । ଇଂଲଣ୍ଡର ଇଂରେଜ ଭାଷା ଭାରତରେ ଚଳୁଛି, ଜାପାନରେ ଚଳୁଛି, ଚୀନରେ ବି ଚଳୁଛି । ଯଦିଓ ମୂଳତଃ ଭାଷାଟା ଏକ, ତଥାପି ଭାରତ, ଚୀନ ଓ ଜାପାନରେ ଇଂରେଜୀର ସ୍ୱରୂପ ସାମାନ୍ୟ ଭିନ୍ନ । ପାଣି ଭିନ୍ନ ପାତ୍ରରେ ରହି ଭିନ୍ନରୂପ ଧାରଣ କଲା ପରି ଗୋଟିଏ ଭାଷା ଅନ୍ୟ ଭାଷାର ସଂପର୍କରେ ଆସି କେତେକାଂଶରେ ପରିବର୍ତ୍ତିତ ହୁଏ । ଆଜି ଯେମିତି ଆମେ କହୁଛୁ ଇଣ୍ଡିଆନ୍ ଇଂଗ୍ଲିଶ୍, ଚାଇନିଜ୍ କିମ୍ବା ଜାପାନିଜ୍ ଇଂଗ୍ଲିଶ୍, ସେମିତି କାଳକ୍ରମେ ରାଷ୍ଟ୍ରଭାଷା ହିନ୍ଦୀର ବିସ୍ତୃତି ସଙ୍ଗେ ସଙ୍ଗେ ଆମେ ହୁଏତ ଦେଖିବାକୁ ପାଇବା ଓଡ଼ିଆ ହିନ୍ଦୀ, ବଙ୍ଗଳା ହିନ୍ଦୀ, ତେଲୁଗୁ ହିନ୍ଦୀ ତାମିଲ ହିନ୍ଦୀ । ହିନ୍ଦୀ-ଅହିନ୍ଦୀ ଭାଷାଭାଷୀମାନଙ୍କ ମଧ୍ୟରେ 'ହିନ୍ଦୀ' ନେଇ ଯେଉଁ ଗଣ୍ଡଗୋଳ, ତାକୁ ବୁଝିବାକୁ ହେଲେ ରାଷ୍ଟ୍ରଭାଷା ହିନ୍ଦୀ ଓ ଆଞ୍ଚଳିକ ହିନ୍ଦୀର ତଫାତ୍‌କୁ ସ୍ପଷ୍ଟରୂପେ ହୃଦୟଙ୍ଗମ କରିବା ଦରକାର ।

ଦୁଇରେ ଉର୍ଦ୍ଦୁ । ଏହା ମୂଳତଃ ହିନ୍ଦୀ । କାଳକ୍ରମେ ଏଥିରେ ବହୁତ ଆରବୀ-ପାର୍ସି ଶବ୍ଦ ମିଶି ଏହା ଉର୍ଦ୍ଦୁରୂପରେ ପରିଣତ ହୋଇଛି । ମୁସଲମାନମାନେ ଏହାକୁ ବେଶି ବ୍ୟବହାର କରନ୍ତି ଓ ଆରବୀ ଅକ୍ଷରରେ ଏହାକୁ ଲେଖନ୍ତି । କାଶ୍ମୀର, ପଞ୍ଜାବ, ୟୁ.ପି. ଓ ବିହାରରେ ଏହା ଏକ ସ୍ୱତନ୍ତ୍ର ଭାଷାରୂପେ ଚଳେ ।

ତିନିରେ, ମହାତ୍ମା ଗାନ୍ଧି ଏହି ହିନ୍ଦୁସ୍ତାନୀ ବା ହିନ୍ଦୀ-ହିନ୍ଦୁସ୍ତାନୀ କଥାଟା ଉଠାଇଥିଲେ । ଏହା କେବଳ ହିନ୍ଦୀ କିମ୍ବା ଉର୍ଦ୍ଦୁ ନୁହେଁ; କିନ୍ତୁ ହିନ୍ଦୀଉର୍ଦ୍ଦୁ ମିଶାମିଶି ଏକ ଭାଷା । ଏହାକୁ ଉତ୍ତର-ଭାରତର ଗାଁ-ଗଣ୍ଡା ଓ ସହର ବଜାରର ଉଭୟ ହିନ୍ଦୁମୁସଲମାନ

କହନ୍ତି ଓ ବୁଝନ୍ତି । ଏହାକୁ ନାଗରୀ ଓ ଉର୍ଦ୍ଦୁ ଅକ୍ଷରରେ ଲେଖାଯାଏ ଓ ଏହାର ସାହିତ୍ୟକରୂପ ହିନ୍ଦୀ ଓ ଉର୍ଦ୍ଦୁ ନାମରେ ପରିଚିତ ହୁଏ ।

୧ । ଆଞ୍ଚଳିକ ହିନ୍ଦୀ ଓ ପୁନଃପୁନ ହିନ୍ଦୀ ।
୨ । ମହାତ୍ମା ଗାନ୍ଧିଙ୍କ ହିନ୍ଦୀ-ହିନ୍ଦୁସ୍ତାନୀ ।

# ପ୍ରଚାର ଓ ପ୍ରତିବନ୍ଧ

ଭାରତୀୟ ସମ୍ବିଧାନରେ ଭାଷା ବିଷୟରେ ଯାହା ସ୍ଥିର ହୋଇ-ଥିଲା, ତାହା ୧୯୫୦ ଜାନୁୟାରୀ ଛବିଶ ତାରିଖରୁ ଲାଗୁହେଲା । ସେଥିରେ କୁହାଯାଇଥିଲା ଯେ ପନ୍ଦରବର୍ଷ ଭିତରେ ଆସନ୍ତା ୧୯୬୫ ବେଳକୁ ଇଂରେଜି ସ୍ଥାନରେ ହିନ୍ଦୀ ରାଷ୍ଟ୍ରଭାଷା ଭାବରେ ଚଳିବ । କିନ୍ତୁ ଦେଖାଗଲା ଯେ ପ୍ରାୟ ତେରବର୍ଷ କଟିଯାଇଥିଲେ ମଧ୍ୟ ବିଶେଷ କିଛି ହୋଇପାରି ନାହିଁ । ଫଳରେ ୧୯୬୩ରେ ପୁଣି ଏକ ବିଲ୍ ପାସ୍ କରିବାକୁ ପଡ଼ିଲା ଓ ସେଥିରେ ଇଂରେଜିକୁ ସରକାରୀ ଭାଷା-ରୂପେ ସ୍ୱୀକାର କରିବାକୁ ପଡ଼ିଲା । ସମ୍ବିଧାନରେ ସ୍ପଷ୍ଟ ନିର୍ଦ୍ଦେଶ ଥିଲା ଯେ କେନ୍ଦ୍ର ସରକାର ହିନ୍ଦୀର ଉନ୍ନତି ପାଇଁ ସବୁପ୍ରକାର ଚେଷ୍ଟା କରିବେ, ଯେମିତି କି ପନ୍ଦର ବର୍ଷ ଭିତରେ ସବୁ କାର୍ଯ୍ୟ ଚଳାଇବାପାଇଁ ହିନ୍ଦୀ ଉପଯୁକ୍ତ ହୋଇଯିବ; କିନ୍ତୁ କାହିଁ ? ତେର ବର୍ଷ ଭିତରେ ତ ଆଖି ଦେଖିଲାଭଳି କିଛି କାମ ହୋଇପାରି ନାହିଁ । ଅନ୍ତତଃ ଇଂରେଜି ଯିବ, ହିନ୍ଦୀ ରହିବ—ଏ ବିଶ୍ୱାସ ମଧ୍ୟ ଲୋକଙ୍କ ମନରେ ଆସିନାହିଁ । ଯେତେବେଳେ ଇଂରେଜ ସରକାର ଓ ତାଙ୍କ ଚଳେ ପଳେ ରାଜା-ରାଜୁଡ଼ା ସବୁ ଚାଲିଗଲେ, ସେତେବେଳେ କଂଗ୍ରେସ ସରକାର ଶାସନ ଆରମ୍ଭ କଲେ; କିନ୍ତୁ କଂଗ୍ରେସ ଲୋକଙ୍କୁ ଆଖିରେ ଦେଖି ମଧ୍ୟ ଗାଁ-ଗହଳର ଅନେକ ଲୋକଙ୍କର ବିଶ୍ୱାସ ହେଲାନାହିଁ । ସେମାନେ ଭାବିଲେ, ଇଂରେଜ ସରକାର ନିଶ୍ଚୟ ଫେରିଆସିବ । ଆମ ଦେଶରେ ଏମିତି ବହୁତ ଶିକ୍ଷିତ

ଲୋକ ଅଛନ୍ତି, ଯେଉଁମାନେ ଏବେ ମଧ ଭାବୁଛନ୍ତି ଯେ ହିନ୍ଦୀ ରାଷ୍ଟ୍ରଭାଷା ହୋଇପାରିବ ନାହିଁ, ଇଂରେଜି ହିଁ ରହିବ । ଦେଖିବାର କଥା, ଦିଲ୍ଲୀ ଦପ୍ତରରେ କେତେକ ବିଭାଗରେ ହିନ୍ଦୀ ଚାଲୁ ହେବାକୁ ଆରମ୍ଭ କଲାପରେ ମଧ ଲୋକଙ୍କ ମନରେ ଏତେ ଅବିଶ୍ୱାସ ରହିଛି କେମିତି ?

ପ୍ରଥମ କଥା ହେଉଛି—ଭାଷାମାନ ବିଷୟରେ ସାଧାରଣ ଲୋକଙ୍କର କୌଣସି ଚେତନା ନାହିଁ କିମ୍ବା ସରକାରଙ୍କ ପକ୍ଷରୁ କୌଣସି ସାମୂହିକ ଚେତନା ସୃଷ୍ଟି କରିବାର ଚେଷ୍ଟା ମଧ ନାହିଁ । ହୁଏ ତ ହିନ୍ଦୀ ରାଷ୍ଟ୍ରଭାଷା ହେବ ବୋଲି ହିନ୍ଦୀଲୋକଙ୍କ ଭିତରେ କିଛି ଚେତନା କିମ୍ବା ଉତ୍ସାହ ଥାଇପାରେ; କିନ୍ତୁ ଅହିନ୍ଦୀ ଲୋକଙ୍କ ଭିତରେ ବିଶେଷ କିଛି ନାହିଁ । ଶାସନ କଳରେ ଇଂରେଜିର ରାଜତ୍ୱ ଥିବାରୁ ଓ ଶାସକମାନେ ଅଳ୍ପ ବହୁତେ ଇଂରେଜିରେ ଅଭ୍ୟସ୍ତ ଥିବାରୁ ଇଂରେଜି ପରିବର୍ତ୍ତନ ପାଇଁ ନିଜଆଡ଼ୁ କେବେ ସେମାନେ ଚେଷ୍ଟା କରନ୍ତି ନାହିଁ । ଏହି ପରିବର୍ତ୍ତନ ହୋଇ ପାରିବ ବୋଲି ଅନେକଙ୍କର ମୂଳରୁ ବିଶ୍ୱାସ ମଧ ନାହିଁ, ଚେଷ୍ଟା ତ ଅନେକ ଦୂରରେ । ତା'ଛଡ଼ା ରାଜ୍ୟ ସରକାରମାନେ ରାଜ୍ୟର ଅନ୍ୟାନ୍ୟ ପ୍ରଗତିରେ ଯେତେଦୂର ଉତ୍ସାହିତ, ଭାଷା ସମ୍ପର୍କରେ କୌଣସି କର୍ମପନ୍ଥା ଗ୍ରହଣ କରିବାରେ ସେପରି ବ୍ୟସ୍ତ ନୁହନ୍ତି ।

ସରକାର ଓ ଶାସନ କଳକୁ ଛାଡ଼ିଦେଲେ ହିନ୍ଦୀ ଲୋକଙ୍କର ନିଜଆଡ଼ୁ ମଧ୍ୟ ଦୋଷଦୁର୍ବଳତା କମ୍ ନୁହେଁ । କେତେକ ହିନ୍ଦୀ ଲୋକଙ୍କର ଧାରଣା ଯେ ତାଙ୍କ ଆଞ୍ଚଳିକ ହିନ୍ଦୀଟା ଭାରତର ରାଷ୍ଟ୍ରଭାଷା । ସେହି ଭାଷା ଉପଯୁକ୍ତ ହୋଇଥାଉ ବା ନ ହୋଇଥାଉ, ତାକୁ ସେମାନେ ଗାଦିରେ ବସାଇବାକୁ ବ୍ୟାକୁଳ । କିନ୍ତୁ ସମ୍ବିଧାନ

ଅନୁସାରେ କୌଣସି ଆଞ୍ଚଳିକ ଭାଷା ରାଷ୍ଟ୍ରଭାଷା ହେବା କଥା ନୁହେଁ । ଯୁନଯୁନ ହିନ୍ଦୀ କେବଳ ସେଥିପାଇଁ ଯୋଗ୍ୟ । ଉତ୍ତରଭାରତରେ ଭାଷାନେଇ ହିନ୍ଦୁ ମୁସଲମାନମାନଙ୍କ ଭିତରେ ଭାରି ଗଣ୍ଡଗୋଳ । ବର୍ତ୍ତମାନ ଉର୍ଦ୍ଦୁଭାଷା ସମ୍ବିଧାନରେ ସ୍ୱୀକୃତ ହେଲେ ମଧ ହିନ୍ଦୀଲୋକେ ତାକୁ ଏକ ସ୍ୱତନ୍ତ୍ର ଭାଷାରୂପେ ସ୍ୱୀକାର କରିବାପାଇଁ ନାରାଜ । ସେମାନେ କହନ୍ତି—ଉର୍ଦ୍ଦୁ ଗୋଟାଏ ସ୍ୱତନ୍ତ୍ରଭାଷା ନୁହେଁ; ତାହା ହିନ୍ଦୀର ଗୋଟାଏ ଶୈଳୀ ମାତ୍ର । ଅବଶ୍ୟ ଏହି ହିନ୍ଦୁ-ମୁସଲମାନ ତିକ୍ତତା ପଛରେ ଏକ ଐତିହାସିକ କାହାଣୀ ଅଛି । ମୁସଲମାନମାନଙ୍କ ରାଜତ୍ୱ କାଳରେ ହିନ୍ଦୀଲୋକଙ୍କୁ ବାଧ୍ୟ ହୋଇ ଉର୍ଦ୍ଦୁଭାଷା ଶିଖିବାକୁ ପଡ଼ୁଥିଲା ଓ ଉର୍ଦ୍ଦୁ ଅକ୍ଷର ମଧ୍ୟ ଲେଖିବାକୁ ପଡ଼ୁଥିଲା । ଆଜି ସେମାନେ ତା'ର ପ୍ରତିଶୋଧ ନେବାକୁ ଚାହାନ୍ତି । ଏବେ ସମ୍ବାଦପତ୍ରରେ ଖବର ବାହାରିଛି ଯେ ସରକାରଙ୍କର ତ୍ରିଭାଷୀ ଫର୍ମୁଲା ଅନୁସାରେ ୟୁ. ପି. ସରକାର ହିନ୍ଦୀଲୋକଙ୍କୁ ଉର୍ଦ୍ଦୁ ନ ପଢ଼ାଇ ସଂସ୍କୃତ ପଢ଼ାଇବେ ବୋଲି ସ୍ଥିର କରିଛନ୍ତି । ଫଳରେ ମୁସଲମାନମାନେ ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଗୁପ୍ତାଙ୍କ ନିକଟରେ ପ୍ରତିବାଦ ଜଣାଇଛନ୍ତି । ମୋଟ ଉପରେ ହିନ୍ଦୁ ମୁସଲମାନମାନଙ୍କ ଭିତରେ ଏହି ଗଣ୍ଡଗୋଳ ଯୋଗୁଁ ମଧ୍ୟ ହିନ୍ଦୀ କାର୍ଯ୍ୟରେ ବାଧା ପଡ଼ିଛି ଓ ପଡ଼ୁଛି । କେବଳ ସେତିକି ନୁହେଁ, ଇଂରେଜି ସଂଖ୍ୟା ନେଇ ମଧ୍ୟ ହିନ୍ଦୀଲୋକେ ଗଣ୍ଡଗୋଳ କରନ୍ତି । ସେମାନେ ଚାହାନ୍ତି ହିନ୍ଦୀରେ ଲିଖିତ ତାଙ୍କ ସଂଖ୍ୟାଗୁଡ଼ିକ ରାଷ୍ଟ୍ରଭାଷାରେ ଚଳୁ । କିନ୍ତୁ ଇଂରେଜି ସଂଖ୍ୟାଗୁଡ଼ିକ ଦକ୍ଷିଣୀ ଭାଷାମାନଙ୍କରେ ଓ ଉର୍ଦ୍ଦୁଭାଷାରେ ଚଳୁଥିବାରୁ ଏବଂ ସେଗୁଡ଼ିକ ଆନ୍ତର୍ଜାତିକ ସ୍ତରରେ ଗୃହୀତ ହୋଇଥିବାରୁ ଭାରତ ସରକାର ରାଷ୍ଟ୍ରଭାଷା ପାଇଁ ସେଗୁଡ଼ିକୁ ସ୍ୱୀକାର କରିଛନ୍ତି । ପ୍ରକୃତରେ ଦେଖିବାକୁ ଗଲେ ନିଜର ଦୃଷ୍ଟିକୋଣ

ବଜାୟ ରଖିବାର ବୃଥାଚେଷ୍ଟା କରି ହିନ୍ଦୀଲୋକେ ହିଁ ହିନ୍ଦୀର ବାଟ ବନ୍ଦ କରିଛନ୍ତି ।

ଅନେକ କ୍ଷେତ୍ରରେ ହିନ୍ଦୀଲୋକେ ହିନ୍ଦୀଭାଷା ପାଇଁ ଯେଉଁ ପ୍ରଚାର କଲେ, ତା'ର ଫଳ ମଧ୍ୟ ଓଲଟା ହେଲା । ଅହିନ୍ଦୀ ଲୋକେ ତାଙ୍କ ପ୍ରଚାରରେ ଏକପ୍ରକାର ଅସହିଷ୍ଣୁ ହୋଇ ଉଠିଲେ । ଏହି ପରିସ୍ଥିତି ଦେଖି ବିଶିଷ୍ଟ ହିନ୍ଦୀକବି ତଥା ଲୋକସଭା ସଦସ୍ୟ ଶ୍ରୀଯୁକ୍ତ ଦିନକର ୧୯୫୭ ମସିହାରେ ଥରେ ହିନ୍ଦୀଲୋକଙ୍କୁ ଉପଦେଶ ଦେଇ କହିଥିଲେ ଯେ ହିନ୍ଦୀଲୋକଙ୍କର ବର୍ତ୍ତମାନ ହିନ୍ଦୀ ପ୍ରଚାର କରିବା କିଛି ଦରକାର ନାହିଁ । କାରଣ ହିନ୍ଦୀ ରାଷ୍ଟ୍ରଭାଷା ହେବାକୁ ଯାଉଥିବାରୁ ତାହାର ସମୃଦ୍ଧି ସମଗ୍ର ଦେଶର ଦାୟିତ୍ୱ । ହିନ୍ଦୀଲୋକେ ସେଥିପାଇଁ ଅଯଥା ତତ୍ପରତା ଦେଖାଇଲେ ଅହିନ୍ଦୀ ଲୋକେ ସେମାନଙ୍କୁ ସନ୍ଦେହ କରିବା ସ୍ୱାଭାବିକ । ଥରେ ଉତ୍ତର-ପ୍ରଦେଶର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ କମଳାପତି ତ୍ରିପାଠୀ ଆଗ୍ରା ବିଶ୍ୱବିଦ୍ୟା-ଳୟରେ ଠିକ୍ ଏହି ମର୍ମରେ ଭାଷଣ ଦେଇଥିବାର ମୁଁ ଶୁଣିଛି । ସେ କହିଲେ—ହିନ୍ଦୀ ଲୋକେ ହିନ୍ଦୀ ପ୍ରଚାର ଛାଡ଼ି ଅହିନ୍ଦୀ ଲୋକଙ୍କର ଭାଷା ଶିଖନ୍ତୁ । ତାରି ବଳରେ ସେମାନେ ଅହିନ୍ଦୀ ଲୋକଙ୍କୁ ଆପଣାର କରିପାରିବେ । ଏହି ପ୍ରସଙ୍ଗରେ ସେ ଜଣେ ହିନ୍ଦୀ ପ୍ରଚାରକଙ୍କ କଥା କହିଥିଲେ । ଥରେ ଜଣେ ପ୍ରଚାରକ ମାଡ୍ରାଜରେ ଏକ ସାଧାରଣ ସଭାରେ ହିନ୍ଦୀ ପ୍ରଚାର କରୁଥିଲେ । ମାଡ୍ରାଜର ଲୋକେ ତାଙ୍କୁ ପଚାରିଲେ—ଆପଣ କ'ଣ ତାମିଲ ଭାଷା ଜାଣନ୍ତି ନା ଜାଣିବାକୁ କେବେ ଚେଷ୍ଟା କରିଛନ୍ତି ? ସେ କିଛି ଜବାବ ଦେଇ ନ ପାରି ନୀରବ ରହିଲେ । ଶ୍ରୀଯୁକ୍ତ ତ୍ରିପାଠୀ କହିଲେ, ହିନ୍ଦୀ ଲୋକେ ଏଥିପ୍ରତି ସତର୍କ ରହନ୍ତୁ । ଯେଉଁଠାକୁ ସେମାନେ ପ୍ରଚାର

କରିବାକୁ ଯାଉଛନ୍ତି, ଯଦି ସେଇଠିକା ଭାଷାରେ ସେମାନେ ପ୍ରଚାର କରିପାରନ୍ତେ, ତା'ହେଲେ ଲୋକମାନେ ଆଗ୍ରହରେ ତାଙ୍କ କଥା ଶୁଣନ୍ତେ ଓ ତାଙ୍କୁ ବିଶ୍ୱାସ କରନ୍ତେ । ନଚେତ୍ ସେମାନେ ଭାବିବେ, ହିନ୍ଦୀଲୋକେ ଅନ୍ୟ କାହା ଭାଷା ନ ଶିଖି କେବଳ ନିଜ ଭାଷାକୁ ଅନ୍ୟମାନଙ୍କ ଉପରେ ଲଦିବାକୁ ଚାହାନ୍ତି । ଖ୍ରୀଷ୍ଟିୟାନ ପାଦ୍ରୀମାନଙ୍କ କଥା ଯେଉଁମାନେ ଜାଣିଥିବେ, ସେମାନେ ନିଶ୍ଚୟ ଏହି କଥାକୁ ବିଶ୍ୱାସ କରିବେ । ସାତ ସମୁଦ୍ର ତେର ନଈ ପାରହୋଇ ଆସି ଆମ ବଣ-ଜଙ୍ଗଲରେ ପଶି ଆମ ଆଦିବାସୀମାନଙ୍କ କଥା ମଧ୍ୟ ସେମାନେ ଶିଖିଲେ । ଯେଉଁ ଲୋକମାନଙ୍କ ପାଖକୁ ଗଲେ, ତାଙ୍କ ସହିତ ସେହିମାନଙ୍କ ଭାଷାରେ କଥାବାର୍ତ୍ତା କଲେ । ଫଳରେ ଲୋକ ତାଙ୍କର ଧର୍ମ ଗ୍ରହଣ କଲେ । କିନ୍ତୁ ହିନ୍ଦୀଲୋକ ଅନ୍ୟ ଭାଷା ନ ଶିଖି ନିଜ ଭାଷାରେ ପ୍ରଚାର କରିବାରୁ ଫଳ ହେଉଛି ଓଲଟା । କିଏ କାହିଁକି ନିଜ ଭାଷାକୁ ଅନ୍ୟ ଭାଷାଠାରୁ ନ୍ୟୁନବୋଲି ସ୍ୱୀକାର କରିବାକୁ ରାଜି ହେବ ?

ହିନ୍ଦୀ ବିରୁଦ୍ଧରେ ଆଉ ଗୋଟିଏ ଶକ୍ତି ହେଉଛି ବାହାରର ପ୍ରଚାର । ଇଂରେଜ ଲୋକ ତ ବରାବର ହିନ୍ଦୀ ବିରୁଦ୍ଧରେ ରହିଛନ୍ତି । ଏପରି କି ଆମ ଦେଶରେ ମଧ୍ୟ କୌଣସି ଇଂରେଜ ଖବରକାଗଜ ହିନ୍ଦୀ ସପକ୍ଷରେ ନୁହନ୍ତି; ନ ହେବା କଥା । କାରଣ ହିନ୍ଦୀହେଲେ ଇଂରେଜି ନିଶ୍ଚୟ ଗୌଣ ହୋଇଯିବ । ଜଣେ ଇଂରେଜ ସାର୍ ଆଇଭର ଜେନିଙ୍ଗସ୍ ଅକ୍ସଫୋର୍ଡ଼ରେ ରାଜ୍ୟଗୋଷ୍ଠୀ ସମ୍ପର୍କରେ ଭାଷଣଦେଇ କହିଛନ୍ତି, ଯଦି ଭାରତରେ ହିନ୍ଦୀ ରାଷ୍ଟ୍ରଭାଷା ହୁଏ, ତେବେ ହିନ୍ଦୀଲୋକଙ୍କର ଆଧିପତ୍ୟ ବଢ଼ିଯିବ । କାରଣ ତାଙ୍କ ଭାଷାକୁ ସେମାନେ ଅନ୍ୟଠାରୁ ସହଜରେ ଶିଖିପାରିବେ । ବରଂ

ଇଂରେଜି ଥିଲା ଭଲ । ସେଠା କାହାରି ମାତୃଭାଷା ନ ହୋଇଥିବାରୁ ସମସ୍ତଙ୍କୁ ସମାନ ପରିଶ୍ରମ କରି ଶିଖିବାକୁ ପଡ଼ୁଥିଲା । (ଗ) କିନ୍ତୁ ଏବେ ହିନ୍ଦୀଲୋକେ ଅଳ୍ପ ପରିଶ୍ରମରେ ବହୁତ ଲାଭ ପାଇବେ । ଏ ଯୁକ୍ତିଟାର ସାରମର୍ମ ଯେ କୌଣସି ବୁଦ୍ଧିମାନ ଲୋକ ବୁଝିପାରିବେ । ଧରନ୍ତୁ, ହିନ୍ଦୀ ପ୍ରଦେଶରେ ଗହମ ଫଳୁଛି; କାନେଡ଼ାରେ ବି ଗହମ ଫଳୁଛି । ଆମର ଯେତେବେଳେ ଗହମ ଦରକାର ହେବ, ହିନ୍ଦୀ-ଲୋକେ କାଳେ ଧନୀ ହୋଇଯିବେ ବୋଲି ଆମେ କ'ଣ ଗହମ କିଣିବା ପାଇଁ କାନେଡ଼ା ଯିବୁ ? ଯଦି ଆମେ ଯାଉଁ, ତେବେ ଯୁକ୍ତି ସ୍ୱାମୀ ମରୁ, ସଉତୁଣୀ ରାଣ୍ଡି ହେଉ ବୋଲି କହିବା ଛଡ଼ା ଆଉ କ'ଣ କୁହାଯାଇପାରେ ? ହିନ୍ଦୀଲୋକେ ଯଦି ଲାଭ ପାଇଲେ, ସେ ଲାଭ ତ ଆଉ ବିଲାତ ଚାଲିଯିବ ନାହିଁ, ଏହି ଭାରତରେ ରହିବ । ପଡ଼ୋଶୀର ଆଂଶିକ ଉନ୍ନତିରେ ଅସହିଷ୍ଣୁ ହୋଇ ପରକୁ ଆପଣାର କରିବାର ଦୁର୍ବୁଦ୍ଧି କାହିଁକି କିଏ କରିବ ?

ହିନ୍ଦୀ ଲୋକଙ୍କର ସୌଭାଗ୍ୟକୁ ଆଳ କରି ହିନ୍ଦୀ ସାମ୍ରାଜ୍ୟ-ବାଦର ଧୂଆଁ ଉଠିଲା । କେହି କେହି କହିଲେ—ହିନ୍ଦୀ ନ ହୋଇ ସଂସ୍କୃତ ରାଷ୍ଟ୍ରଭାଷା ହେଉ । ଏହି ମର୍ମରେ ଗୌହାଟିରୁ ମଧ୍ୟ ଏକ ପ୍ରସ୍ତାବପତ୍ର ବଣ୍ଟାହେଲା । ସେଥିରେ କୁହାଗଲା, ସଂସ୍କୃତ ଭାରତର ପ୍ରାଚୀନ ଭାଷା । ତାକୁ ରାଷ୍ଟ୍ରଭାଷା କଲେ କାହାରି ଆପତ୍ତି ରହିବ ନାହିଁ । ସମସ୍ତେ ଯେମିତି ଇଂରେଜି ଶିଖୁଛନ୍ତି, ସେମିତି ସଂସ୍କୃତ ଶିଖିବେ, କୌଣସି ଜାତି ବା ଗୋଷ୍ଠୀ ଅନ୍ୟ ଅପେକ୍ଷା ଅଧିକ ସୁଯୋଗ ପାଇପାରିବ ନାହିଁ । ସଂସ୍କୃତକୁ ସରଳ କରିଦେଲେ ଲୋକେ ସହଜରେ ଶିଖିପାରିବେ । କିନ୍ତୁ ପ୍ରକୃତରେ କ'ଣ ସଂସ୍କୃତକୁ ସରଳ କରିବା ଏତେ ସହଜ ? ତା'ଛଡ଼ା ସଂସ୍କୃତ ଏକ ମୃତଭାଷା । ତାକୁ

ପ୍ରଥମେ ଜୀବନ୍ତ କରି ପ୍ରଚାର କରିବା କ'ଣ କମ୍ କଷ୍ଟ ! ହିନ୍ଦୀ ଏକ ଜୀବନ୍ତ ଭାଷା । କୋଟି କୋଟି ଲୋକ ତାକୁ ପ୍ରତିଦିନ ବ୍ୟବହାର କରୁଛନ୍ତି । ସଂସ୍କୃତକୁ ସରଳ କରିବା ପାଇଁ ଯେତିକି ଶ୍ରମ ଦରକାର, ସେତିକି ପରିଶ୍ରମ କଲେ ହିନ୍ଦୀ ବହୁତ ଆଗେଇଯାଇ ପାରିବ । ମୃତକୁ ଜୀବନ୍ତ କରିବା ଅପେକ୍ଷା, ଜୀବନ୍ତକୁ ପ୍ରସାରିତ କରିବା ନିଶ୍ଚିତ ଢେର ସହଜ । ଆଜି କେତେକ କହନ୍ତି, ଉତ୍ତର ପାଇଁ ହିନ୍ଦୀ ହେଉ ପଛେ, ଦକ୍ଷିଣ ପାଇଁ ତାମିଲ ହେଉ । କିନ୍ତୁ ଐତିହାସିକ ଦୃଷ୍ଟିରୁ ଦେଖିଲେ ଦକ୍ଷିଣ ପାଇଁ କେବେ ସ୍ୱତନ୍ତ୍ର ଭାଷା ନ ଥିଲା । ସଂସ୍କୃତ ଥିଲା ସମଗ୍ର ଦେଶର ଉଚ୍ଚସ୍ତରର ଲୋକମାନଙ୍କର ଏକମାତ୍ର ଯୋଗସୂତ୍ର ଭାଷା । ଦ୍ୱିତୀୟତଃ ତାମିଲ ଭାଷା ଯେ ସମଗ୍ର ଦାକ୍ଷିଣାତ୍ୟ ପାଇଁ ସହଜ ହେବ, ଅନ୍ୟାନ୍ୟ ଦାକ୍ଷିଣାତ୍ୟ ଭାଷାମଣ୍ଡଳ ଯେ ତାକୁ ଗ୍ରହଣ କରିବେ, ଏପରି କୌଣସି କାରଣ ନାହିଁ ।

ଅନେକ ସମୟରେ କେତେକ ଭ୍ରାନ୍ତିମୂଳକ ପ୍ରଚାର ଯୋଗୁଁ ମଧ୍ୟ ଭାଷା ଚିନ୍ତାରେ ବିଭ୍ରାଟ ଘଟିଛି । କେତେ ଲୋକ ନ ବୁଝି ପ୍ରଚାର କରନ୍ତି ଯେ ଇଂରେଜୀ ଜାଗାରେ ହିନ୍ଦୀ ହୋଇଗଲେ ପ୍ରତ୍ୟେକ ରାଜ୍ୟର ଶିକ୍ଷା ଓ ଶାସନକ୍ଷେତ୍ରରେ ହିନ୍ଦୀ ରାଜତ୍ୱ କରିବ, ରାଜ୍ୟ ଭାଷାଗୁଡ଼ିକ ଆପେ ଆପେ ମଉଳିଯିବେ । ବମ୍ବେ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ମାଧ୍ୟମରେ ଶିକ୍ଷା ଦିଆଯିବ ବୋଲି ଥରେ ସ୍ଥିର ହୋଇଥିଲା; କିନ୍ତୁ ଲୋକମାନଙ୍କ ପ୍ରତିବାଦରେ ସେହି ପ୍ରସ୍ତାବକୁ ସଙ୍ଗେ ସଙ୍ଗେ ହଟାଇ ଦିଆଗଲା । ସମ୍ବିଧାନ ଅନୁସାରେ ରାଜ୍ୟସ୍ତରରେ ଶିକ୍ଷା ଓ ଶାସନକ୍ଷେତ୍ରରେ ହିନ୍ଦୀ ମାଧ୍ୟମ ହେବାର କୌଣସି ସମ୍ଭାବନା ନାହିଁ । ପ୍ରତ୍ୟେକ ରାଜ୍ୟରେ ସେହି ରାଜ୍ୟର ଭାଷା ମାଧ୍ୟମରେ ହେବା କଥା ପ୍ରଥମରୁ ସ୍ଥିର ହୋଇସାରିଛି । ମହାତ୍ମାଗାନ୍ଧି ସେହି କଥା

କହିଥିଲେ, ବିଭିନ୍ନ କମିଶନ ବି ସେୟା କହିଛନ୍ତି ଓ ଭାରତର ସମ୍ବିଧାନ ମଧ୍ୟ ସେୟା କହୁଛି—ଓଡ଼ିଶା ପାଇଁ ଓଡ଼ିଆ; ବଙ୍ଗ ପାଇଁ ବଙ୍ଗଳା । ତେଣୁ ହିନ୍ଦୀ ରାଜତ୍ୱରେ ଆଞ୍ଚଳିକ ଭାଷାର ଅପମୃତ୍ୟୁ କିମ୍ବା ଅବହେଳାର ପ୍ରଶ୍ନ ନାହିଁ; କିନ୍ତୁ ଭାଷାନୀତି ଏବେ ରାଜନୀତିଜ୍ଞ-ମାନଙ୍କର ଏକ ଅସ୍ତ୍ରରେ ପରିଣତ ହୋଇଛି । ରାଜାଜୀ ୧୯୨୮ ମସିହାରେ ମାନ୍ଦ୍ରାଜରେ ହିନ୍ଦୀ ପ୍ରଚାର କରି କହିଥିଲେ, ଭାରତର ରାଷ୍ଟ୍ରଭାଷା ହେବ ହିନ୍ଦୀ; ଇଂରେଜି ପକ୍ଷରେ ତା ସମ୍ଭବ ନୁହେଁ । (୪) ସେ ପୁଣି ଏବେ ହିନ୍ଦୀ ବିରୁଦ୍ଧରେ ସକ୍ରିୟ ଆନ୍ଦୋଳନ ପାଇଁ ତିଆର । ଏବେ ଉତ୍ତରରେ ଦିଲ୍ଲୀ କର୍ପୋରେସନରେ ଅଫିସ କାର୍ଯ୍ୟ ହିନ୍ଦୀରେ ଚଳାଇବା ପାଇଁ ପ୍ରସ୍ତାବ ହେଉଥିଲାବେଳେ ଇଂରେଜୀକୁ ଅନନ୍ତକାଳ ପାଇଁ ରଖିବା ଲାଗି ପ୍ରସ୍ତାବ ହେଉଛି ଦକ୍ଷିଣରେ ବାଙ୍ଗା-ଲୋରରେ । ଏଣେ ମାନ୍ଦ୍ରାଜରେ ରାଜାଜୀ କହୁଛନ୍ତି, ହିନ୍ଦୀକୁ ଆମେ ମୋଟେ ରାଷ୍ଟ୍ରଭାଷା କରେଇ ଦେବୁ ନାହିଁ; ତେଣେ ଦିଲ୍ଲୀରେ ଲୋହିଆ କହୁଛନ୍ତି—ଇଂରେଜୀକୁ ଉଠାଇବା ତାଙ୍କ ଦଳର ମିନିମମ୍ ପ୍ରୋଗ୍ରାମ ! ମଝିରେ ନିଶ୍ଚିନ୍ତ ଥିବା ଲୋକେ ଭାବୁଛନ୍ତି—ହଉ ଦେଖାଯାଉ ।

୧ । ଲୋକଙ୍କର ଭାଷାତାତ୍ତ୍ୱିକ ଚେତନାର ଅଭାବ ।

୨ । ହିନ୍ଦୀଲୋକଙ୍କର ଉର୍ଦ୍ଦୁ ପ୍ରତି ଅସହିଷ୍ଣୁତା ଓ ହିନ୍ଦୀ ପ୍ରଚାର ପାଇଁ ଅଯଥା ତତ୍ପରତା ।

୩ । ହିନ୍ଦୀ ବିରୁଦ୍ଧରେ ବାହାର ପ୍ରଚାର ଓ ହିନ୍ଦୀ ସାମ୍ରାଜ୍ୟବାଦର ଅଭିଯୋଗ ।

୪ । ହିନ୍ଦୀ ସ୍ଥାନରେ ରାଷ୍ଟ୍ରଭାଷା ସଂସ୍କୃତ କିମ୍ବା ଉତ୍ତରରେ ହିନ୍ଦୀ, ଦକ୍ଷିଣରେ ତାମିଲ ।

୫ । ହିନ୍ଦୀ ଓ ରାଜନୀତି, ରାଜଗୋପାଳାଚାରୀ ଓ ଲୋହିଆ ।

# ଲଡ଼କା ଜାତା, ଲଡ଼କୀ ଜାତୀ ହୈ

ସମ୍ବିଧାନରେ ହିନ୍ଦୀ ରାଷ୍ଟ୍ରଭାଷାରୂପେ ଗୃହୀତ ହୋଇଥିବାରୁ ସମସ୍ତଙ୍କୁ ହିନ୍ଦୀ ଶିଖିବାକୁ ପଡ଼ିବ । ତେଣୁ ହିନ୍ଦୀଭାଷାକୁ ନାନା-ଲୋକେ ନାନା ଦୃଷ୍ଟିକୋଣରୁ ବିଚାର କରିବା ସ୍ୱାଭାବିକ । ଅଧିକାଂଶ ଅହିନ୍ଦୀଭାଷୀ ଲୋକ ହିନ୍ଦୀଭାଷାର ଲିଙ୍ଗ ବିଷୟରେ ଅଭିଯୋଗ କରିଥାନ୍ତି । ଇଂରେଜି ଓ ଅନ୍ୟାନ୍ୟ ଭାରତୀୟ ଭାଷାମାନଙ୍କରେ ସାଧାରଣତଃ ତିନୋଟି ଲିଙ୍ଗ ଦେଖାଯାଏ—ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଓ କ୍ଲୀବଲିଙ୍ଗ; ଅର୍ଥାତ୍ ଯେଉଁ ଶବ୍ଦ ପୁରୁଷବାଚକ ତାହା ପୁଂଲିଙ୍ଗ, ଯାହା ସ୍ତ୍ରୀବାଚକ ତାହା ସ୍ତ୍ରୀଲିଙ୍ଗ ଓ ଯାହା ନିର୍ଜୀବ ତାହା କ୍ଲୀବଲିଙ୍ଗ; ଯଥା – ନର ପୁଂଲିଙ୍ଗ, ନାରୀ ସ୍ତ୍ରୀଲିଙ୍ଗ ଓ ଫଳ କ୍ଲୀବଲିଙ୍ଗ । କିନ୍ତୁ ହିନ୍ଦୀରେ ସାରା ଶବ୍ଦ-ସଂସାରଟା ଦୁଇଭାଗରେ ବିଭକ୍ତ, ହେଲେ ପୁରୁଷ ନହେଲେ ନାରୀ, ଅର୍ଥାତ୍ ଯେ କୌଣସି ଶବ୍ଦ ପୁଂଲିଙ୍ଗ ହେବ ନଚେତ୍ ସ୍ତ୍ରୀଲିଙ୍ଗ ହେବ, କ୍ଲୀବଲିଙ୍ଗର ପ୍ରଶ୍ନ ନାହିଁ । କିନ୍ତୁ କେଉଁ ଶବ୍ଦଟା ପୁଂଲିଙ୍ଗ ହେବ ଓ କେଉଁ ଶବ୍ଦଟା ସ୍ତ୍ରୀଲିଙ୍ଗ ହେବ ଜାଣିବା ଭାରି ମୁସ୍କିଲ । ଦେହର ଅଙ୍ଗପ୍ରତ୍ୟଙ୍ଗ କଥା ଦେଖନ୍ତୁ । ମୁହଁ, ନାକ, ଦାନ୍ତ, ଓଠ ଶବ୍ଦ ପୁଂଲିଙ୍ଗ କିନ୍ତୁ ଆଖି, ଜିଭ, ନିଶ, ଦାଢ଼ି ସ୍ତ୍ରୀଲିଙ୍ଗ । ହସିବାର କଥା, ଯେଉଁ ନିଶ, ଦାଢ଼ି ମନୁଷ୍ୟର ପୁରୁଷତ୍ୱର ନ୍ୟୂନତମ ଲକ୍ଷଣ, ହିନ୍ଦୀରେ ତାହା ସ୍ତ୍ରୀଲିଙ୍ଗ । ଶକ୍ତି ଯାହ ଦୁନିଆରେ କାହାର ଥାଏ, ସେ ହେଉଛନ୍ତି ସରକାର ଏବଂ ପୁଲିସ । ସେମାନେ ହେବା-

କଥା ପୁରୁଷ ପୁଙ୍ଗବ ଅର୍ଥାତ୍ ପୁଂଲିଙ୍ଗ । କିନ୍ତୁ ହିନ୍ଦୀଭାଷାରେ ପୁଲିସ ଆଉ ସରକାର ଦୁହିଁକି ଦୁହେଁ ସ୍ତ୍ରୀ । ଏ ବିଷୟରେ ଗୋଟାଏ ମଜାକଥା ଶୁଣାଯାଏ । ଥରେ ଜଣେ ହିନ୍ଦୀ ଭଦ୍ରଲୋକ ତାଙ୍କର ଗୋଟିଏ ଲେଖା ସାଙ୍ଗରେ ନେଇ ଜଣେ ଅହିନ୍ଦୀ ବଡ଼ଲୋକଙ୍କ ନିକଟକୁ ଗଲେ । ସେ ଯାଇଥିଲେ ତାଙ୍କଠୁ ଗୋଟିଏ ଭୂମିକା ଲେଖାଇ ଆଣିବେ ବୋଲି । ଅହିନ୍ଦୀ ଭଦ୍ରଲୋକ ପାଣ୍ଡୁଲିପିର କିଛି ଅଂଶ ପଢ଼ି ଦେଖିଥିଲେ--ସେଥିରେ ପୁଲିସ ଓ ସରକାର ଶବ୍ଦ ସ୍ତ୍ରୀ ଲିଙ୍ଗରେ ବ୍ୟବହୃତ ହୋଇଛି । ତାକୁ ଦେଖି ସେ ପରିହାସ କରି କହିଲେ—ଯେଉଁ ଭାଷାରେ ସରକାର ଓ ପୁଲିସଙ୍କ ପରି ଶକ୍ତିମାନେ ମଧ୍ୟ ସ୍ତ୍ରୀ ଲିଙ୍ଗରେ ବ୍ୟବହୃତ ହୁଅନ୍ତି, ସେପରି ଭାଷାକୁ ମୁଁ ଉତ୍ସାହିତ କରିବାକୁ ଚାହେଁ ନାହିଁ । ହୋଇପାରେ, ଏଟା ଗୋଟାଏ ଗଳ୍ପ । କିନ୍ତୁ ହିନ୍ଦୀ ଲିଙ୍ଗ ବିରୁଦ୍ଧରେ ଅହିନ୍ଦୀ ଲୋକଙ୍କର ପ୍ରତିକ୍ରିୟା ଏଥିରୁ ଲକ୍ଷ୍ୟ କରିବାର କଥା । ହିନ୍ଦୀରେ କେବଳ ବିଶେଷ୍ୟ ବିଶେଷଣ ନୁହନ୍ତି, କ୍ରିୟା ଓ ବିଭକ୍ତି ମଧ୍ୟ ଲିଙ୍ଗ ଅନୁସାରେ ବଦଳିଯାନ୍ତି । ଲଡ଼କା ଆତା ହୈ, ଲଡ଼କୀ ଆତୀ ହୈ; ପୁଣି ଲଡ଼କେ କା କାନ, ଲଡ଼କେ କୀ ଆଁଖ । ଆତା, ଆତୀ, କା, କୀ, ସବୁ ଲିଙ୍ଗ ଅନୁସାରେ ଭିନ୍ନ । ପ୍ରକୃତରେ ହିନ୍ଦୀରେ ଏ ଲିଙ୍ଗ ବ୍ୟାପାର ଏତେ କଠିନ ଯେ ଖୋଦ ହିନ୍ଦୀବାଲା ଅନେକ ସମୟରେ ଅସୁବିଧାରେ ପଡ଼ନ୍ତି । ମୁଁ ଏମିତି କେତେକ ବଡ଼ ବଡ଼ ହିନ୍ଦୀ ଲୋକଙ୍କୁ ଜାଣେ, ଯେଉଁମାନେ ସଭାମଞ୍ଚରେ ଭାଷଣ ଦେଇସାରି ଶବ୍ଦର ସଠିକ ଲିଙ୍ଗ ଜାଣିବା ପାଇଁ ଘରେ ଆସି ଶବ୍ଦକୋଷ ଦେଖନ୍ତି । ତେଣୁ ଅନେକ ଅହିନ୍ଦୀ ଲୋକ କହନ୍ତି—ହିନ୍ଦୀର ଏହି ଲିଙ୍ଗ ବିଚାରକୁ ସରଳ କରି ଦିଆଯାଉ, ନଚେତ୍ ହିନ୍ଦୀ ଶିଖିବା ଭାରି କଷ୍ଟକର ହେବ ।

ଏହି ଦୃଷ୍ଟିରୁ ପୃଥିବୀର ଆଉ କେତେକ ଭାଷାକଥା ବିଚାର କଲେ ହୁଏ ତ ଆମକୁ କିଛି ସିଦ୍ଧାନ୍ତ ମିଳିଯାଇପାରେ । ଆଚ୍ଛା, ପ୍ରଥମେ ଫରାସୀ ଭାଷାକଥା ଦେଖାଯାଉ । ଆଗେ ଯେତେବେଳେ ଇଂରେଜ ଏତେ ପ୍ରଭାବଶାଳୀ ହୋଇ ନ ଥିଲା, ଫରାସୀ ଥିଲା ସମଗ୍ର ୟୁରୋପର ଏକପ୍ରକାର ଆନ୍ତଃରାଷ୍ଟ୍ରୀୟ ଭାଷା । ଫରାସୀ ଭାଷାରେ ଲିଙ୍ଗ ଗଣ୍ଡଗୋଳ କମ୍ ନୁହେ । ହାତ ଯଦି ସ୍ତ୍ରୀ, ଗୋଡ଼ହେବ ପୁରୁଷ; କଲମ ଯଦି ସ୍ତ୍ରୀ, ବହି ହେବ ପୁରୁଷ । କିନ୍ତୁ ଫରାସୀଭାଷାରୁ ଲିଙ୍ଗ ବିଚାରକୁ ଉଠାଇ ତାକୁ ସରଳ କରିବାର ଚେଷ୍ଟା ତ କେବେ ହେବାର ଶୁଣାନାହିଁ । ଆଚ୍ଛା, ଏତେଦୂର ଯିବା ଦରକାର କ'ଣ ? ହାତରେ ଶଙ୍ଖା ଥାଉଁ ଥାଉଁ ଦର୍ପଣ ଖୋଜା କାହିଁକି ? ଆମ ସଂସ୍କୃତ ଭାଷାକଥା ଦେଖାଯାଉ । ସଂସ୍କୃତ ଭାଷା ନାଁ ଧରିଲେ ପିଲମାନେ ଭଡ଼ ବୋଲି କହୁଛନ୍ତି, ଅଥଚ ତାକୁ ସରଳ କରୁଛି କିଏ ? ସଂସ୍କୃତରେ ସେହି ଏକା ଅର୍ଥରେ ବ୍ୟବହୃତ ସ୍ତ୍ରୀ ଶବ୍ଦ ସ୍ତ୍ରୀ ଲିଙ୍ଗ, କଳତ୍ର କ୍ଲୀବଲିଙ୍ଗ, କିନ୍ତୁ ଦାର ଶବ୍ଦ ପୁଂଲିଙ୍ଗ । ପୁଣି ଏକା ଘଟ ଶବ୍ଦ ଯେହି ପୁଂଲିଙ୍ଗ, ସେହି ସ୍ତ୍ରୀଲିଙ୍ଗ, ସେହି କ୍ଲୀବଲିଙ୍ଗ—ଘଟଃ, ଘଟୀଃ, ଘଟଂ । ସବୁଭାଷାରେ ବି ଏକପ୍ରକାର ଗଣ୍ଡଗୋଳ ନ ଥାଏ; ଭିନ୍ନ ଭିନ୍ନ ଭାଷାରେ ଭିନ୍ନ ଭିନ୍ନ ଅସୁବିଧା । କିନ୍ତୁ ଅଭ୍ୟସ୍ତ ହୋଇଗଲେ ବିଶେଷ କିଛି ଜଣା-ପଡ଼େ ନାହିଁ । ଇଂରେଜ ଭାଷାରେ ଯେଉଁ ସ୍ପେଲିଂ ପାଗଳାମି ଅଛି, ତା କ'ଣ ପୃଥିବୀର ଆଉ କେଉଁ ଭାଷାରେ ଅଛି ? Knight ଶବ୍ଦର K ଓ gh ଏବଂ Know ଶବ୍ଦର K ଓ Wକୁ ଦେଖିଲେ ଇଂରେଜ ଜାତି ଗୋଟିଏ ବୁଦ୍ଧିମାନ ଜାତିବୋଲି କିଏ ବିଶ୍ୱାସ କରିପାରିବ ? ଇଂରେଜ ଜାତିର ଏ ପାଗଳାମିକୁ ସାରା ପୃଥିବୀ ସହ୍ୟ କରି ରହିଛି । ଇଂରେଜ ଲୋକେ କେତେ ବିଦ୍ରୋହ କଲେଣି, କିଛି ହୋଇ

ନାହିଁ । ଆମେରିକା ଲୋକେ ଯେଉଁ ଗୋଟାଏ ଅଧେ ବନାନ ବଦଳାଇଛନ୍ତି, ତାହା ସମୁଦ୍ରକୁ ଶଙ୍ଖ ।

ଅବଶ୍ୟ ଗଲବର୍ଷଠାରୁ ଇଂଲଣ୍ଡର କେତେକ ସ୍କୁଲରେ ୨୬ ଅକ୍ଷର ଜାଗାରେ ୪୨ ନା ୪୩ଟା ଅକ୍ଷର ପରୀକ୍ଷା ସ୍ୱରୂପ ଚାଲୁ କରାଯାଇଛି । ଏହିତ ହେଲା ଭାଷାମାନଙ୍କର ଇତିହାସ । ଫ୍ରେଞ୍ଚ୍ ସିନା ଆମେ ପଢ଼ୁନାହୁଁ, ସଂସ୍କୃତ ଓ ଇଂରେଜି ତ ପଢ଼ୁଛୁ । ସଂସ୍କୃତ କଷ୍ଟ ଲାଗିବାର କାରଣ—ଆମେ ତାକୁ ବହିରେ ପଢ଼ୁଛୁ, କିନ୍ତୁ ପାଟିରେ କଥାବାର୍ତ୍ତା କରୁନାହୁଁ । କିନ୍ତୁ ହିନ୍ଦୀ ଗୋଟାଏ ଜୀବନ୍ତ ଭାଷା ହୋଇଥିବାରୁ ବାରମ୍ବାର ଅଭ୍ୟାସରେ ଅନେକ ତ୍ରୁଟି ସୁଧୁରିଯିବ । ଅବଶ୍ୟ ଶିଖିବାର ଇଚ୍ଛା ନ ଥିଲେ ଅନେକ କଥା କୁହାଯାଇପାରେ । 'ଯେ ଯାହାକୁ ଦେଖି ନ ପାରେ, ଉଆଁସ ଅନ୍ଧାରେ ଚିମୁଟି ମାରେ ।' ଆମପାଇଁ ତେଲୁଗୁ ଭାଷା କେତେ କଠିନ । ଅଥଚ ଅଫିସରମାନେ ବରହମପୁରରେ କେବଳ ବର୍ଷେ ରହିଗଲେ ତେଲୁଗୁ କହିପାରୁଛନ୍ତି । ସେମିତି ଭାବି ବସିଲେ ପ୍ରତ୍ୟେକ ଭାଷାରେ କିଛି ନା କିଛି ନୂତନତା ଅଛି, ଯାହା ଅନ୍ୟଭାଷାରେ ନ ଥିବା ସ୍ୱାଭାବିକ । ତେଣୁ ହିନ୍ଦୀ ଭାଷାରେ ଲିଙ୍ଗ ବିଚାରକୁ କେବଳ ଆଳ କରି ଲୋକେ ଶିଖିପାରିବେ ନାହିଁ । କହିବା କେତେଦୂର ସମୀଚୀନ, ବିଚାର କରିବାର କଥା । ଆମେରିକାନ୍ ସୈନ୍ୟମାନେ ଚାରିମାସରେ ଚୀନ ଓ କୋରିଆ ଭାଷା ଶିଖି ଯୁଦ୍ଧକ୍ଷେତ୍ରକୁ ଚାଲି ଯାଉଛନ୍ତି । ସେଇଟା କେମିତି ସମ୍ଭବ ହେଉଛି ? ଚୀନ କିମ୍ବା କୋରିଆ ଭାଷାକୁ ସରଳ କରିବାର କ୍ଷମତା ସେମାନଙ୍କର ନାହିଁ । କିନ୍ତୁ ଭାଷା ଶିଖିବା ପଦ୍ଧତିକୁ ସରଳ କରିବାର କ୍ଷମତା ସେମାନଙ୍କର ଯଥେଷ୍ଟ ଅଛି । ସେଇଟା ଆମର ଶିଖିବାର କଥା । ହିନ୍ଦୀ ସହିତ ଭିନ୍ନ ଭିନ୍ନ ଆଞ୍ଚଳିକ

ଭାଷାର ସାମ୍ୟ-ବୈଷମ୍ୟ ପରୀକ୍ଷା କରି ପ୍ରତ୍ୟେକ ଭାଷାଭାଷୀ ଲୋକଙ୍କ ପାଇଁ ହିନ୍ଦୀ ଶିଖିବାର ଭିନ୍ନ ଭିନ୍ନ ସରଳ ଉପାୟ ବାହାରକରିବା ଦରକାର । ସାତ ସମୁଦ୍ର ସେ ପାରିର ଇଂରେଜି ଭାଷା ଆମପାଇଁ ସହଜ ହୋଇଯାଉଛି; ଅଥଚ ଏକ ସମଧର୍ମୀ ପଡ଼ୋଶୀ ଭାଷାର ଲିଙ୍ଗବିଗ୍ଭର ଯୋଗୁଁ ଭାଷା ଆମକୁ ଏତେ କଠିନ ହୋଇଯାଉଛି !

କିନ୍ତୁ ବର୍ତ୍ତମାନ ଯାହା ହେଲଣି, ସେଥିରେ ହିନ୍ଦୀର ଲିଙ୍ଗ ବିଷୟରେ ବିଶେଷ ଚିନ୍ତିତ ହେବାର କିଛି ନାହିଁ । କେନ୍ଦ୍ର-ସରକାରଙ୍କ ବୈଜ୍ଞାନିକ ଶବ୍ଦାବଳୀ କମିଟି କହିଛନ୍ତି—ଟେକ୍‌ନିକାଲ ଶବ୍ଦମାନଙ୍କର ଲିଙ୍ଗ ବିଷୟରେ କୌଣସି ଧରାବନ୍ଧା ମତ ରହିବ ନାହିଁ । ଆଞ୍ଚଳିକ ଭାଷାମାନଙ୍କରେ କୌଣସି ବୈଜ୍ଞାନିକ ଶବ୍ଦ ଯେଉଁ ଲିଙ୍ଗରେ ବ୍ୟବହୃତ ହେଉଥିବ, ହିନ୍ଦୀରେ ଲେଖିଲାବେଳେ ସେହି ଲିଙ୍ଗ ବ୍ୟବହାର କଲେ ଚଳିବ । ଉଦାହାରଣ ସ୍ୱରୂପ—ଓଡ଼ିଆରେ ଯଦି 'ମୋଟର' ପୁଂଲିଙ୍ଗ ହୁଏ, ତେବେ ଓଡ଼ିଆଲୋକେ ହିନ୍ଦୀରେ ମୋଟର ଆତା ହୈ ବ୍ୟବହାର କରି ପାରିବେ । ମୋଟର ଆତୀ ହୈ କହିବାର କୌଣସି ଆବଶ୍ୟକତା ନାହିଁ ।

ଅହିନ୍ଦୀ ଲୋକଙ୍କୁ ହିନ୍ଦୀ ଶିଖିବା ପାଇଁ ଯେ ପରିଶ୍ରମ କରିବାକୁ ପଡ଼ିବ, ଏଥିରେ ସନ୍ଦେହ ନାହିଁ । କେଉଁ ଭାଷା ଶିଖିବା ପାଇଁ ଅବା ପରିଶ୍ରମ କରିବାକୁ ପଡ଼େ ନା ? ଇଂରେଜି ଭାଷା କ'ଣ ଲୋକେ ସେଇମିତି ଶିଖି ପକାଇଛନ୍ତି ? ଏକଥା ସ୍ୱୀକାର କରିବାକୁ ହେବ ଯେ ଇଂରେଜିର ଅଧା ପରିଶ୍ରମରେ ହିନ୍ଦୀଭାଷା ଶିଖି ହୋଇଯିବ; ତା' ଛଡ଼ା ଦେଢ଼ଶହ ବର୍ଷରେ ଇଂରେଜି ତ ସହର ଛାଡ଼ି ଗାଁକୁ ଯାଇ ପାରିଲା ନାହିଁ; କିନ୍ତୁ ତାର ଅଧାବର୍ଷରେ ଯେ ହିନ୍ଦୀ ଭାରତର ପ୍ରତ୍ୟେକ ଲୋକକୁ ସ୍ପର୍ଶ କରିବ, ଏଥିରେ ସନ୍ଦେହ ନାହିଁ । ଅହିନ୍ଦୀ

ଲୋକେ ହିନ୍ଦୀ ନ ପଢ଼ି ମଧ୍ୟ ହିନ୍ଦୀ ସିନେମା ଦେଖନ୍ତି ଓ ବୁଝନ୍ତି । ତା'ର କାରଣ ହେଉଛି ହିନ୍ଦୀ-ଅହିନ୍ଦୀ ଭିତରେ ସଂସ୍କୃତି-ସାମ୍ୟ ଥିବାରୁ ପରସ୍ପରକୁ ବୁଝିବା କଠିନ ହୁଏ ନାହିଁ । ଏହି ସଂସ୍କୃତି-ସାମ୍ୟ ଭାଷାଶିକ୍ଷାକୁ ସାହାଯ୍ୟ କରିବ, ଏଥିରେ ସନ୍ଦେହ ନାହିଁ । ଇଂରେଜି ସହିତ ସେ ସାମ୍ୟ ଆମର ନାହିଁ ।

କେନ୍ଦ୍ର ଓ ରାଜ୍ୟ ଭିତରେ ହିନ୍ଦୀ ଏକ ସଂଯୋଗ ଭାଷାରୂପେ ଚାଲିବା ପରେ ପ୍ରତ୍ୟେକ ରାଜ୍ୟଭାଷାର ସ୍ୱଭିନ୍ନ ବୈଶିଷ୍ଟ୍ୟ ସେହି କେନ୍ଦ୍ରୀୟ ଭାଷାରେ ଫୁଟିଉଠିବା ଉପରେ ଓଡ଼ିଆର ଏକ ଉଦାହରଣ ଦିଆଯାଇଛି; ତାରି ଉପରେ ଯେଉଁ ଏକ ଅଭିନବ ମିଶ୍ରିତ ହିନ୍ଦୀ (Hindi expressing composite culture) ତିଆରି ହେବ, ତାହା ହିଁ ଭାରତୀୟ ସମ୍ବିଧାନର କଳ୍ପିତ ଯୁକ୍ତଜନ ହିନ୍ଦୀ । ଏଇଠି ଆପଣ ଲକ୍ଷ୍ୟ କରିବେ – ଏହି ହିନ୍ଦୀକୁ ଆୟତ୍ତ କରିବାପାଇଁ ଖୋଦ ହିନ୍ଦୀଲୋକଙ୍କୁ ମଧ୍ୟ କିଛି ନା କିଛି ଶ୍ରମ ସ୍ୱୀକାର କରିବାକୁ ପଡ଼ିବ । ଯେଉଁ ଜାତିର ଭାଷା ରାଷ୍ଟ୍ରଭାଷା ହୁଏ, ସେମାନଙ୍କର ଲାଭ ହେବା ସଙ୍ଗେ ସଙ୍ଗେ ସେମାନଙ୍କୁ କିଛି ନା କିଛି ମୂଲ୍ୟ ଦେବାକୁ ପଡ଼େ । ବର୍ତ୍ତମାନ ରେଡ଼ିଓ ହିନ୍ଦୀକୁ ସରଳ କରିବା ପାଇଁ ଯେଉଁ ଦାବି ଉଠିଛି, ତାକୁ ଇ ମନେ ପକାଇଲେ ଆପଣ କଥାଟା ଠିକ୍ ବୁଝିପାରିବେ । ସଂସ୍କୃତ ଶବ୍ଦ ମିଶାଇ ହିନ୍ଦୀକୁ ଗଢ଼ିବା ଫଳରେ ମାତ୍ର କେତେଟା ବର୍ଷରେ ଲୋକଙ୍କର ଆପତ୍ତି ଉଠିଲାଣି । ଦିଲ୍ଲୀ ଓ ପଞ୍ଜାବ ଲୋକଙ୍କ ପକ୍ଷରେ ତାହା ଅବୋଧ ହେଲାଣି । ଯେତେବେଳେ ଭାରତର ସବୁ ଭାଷାମାନଙ୍କର ବୈଶିଷ୍ଟ୍ୟ ଏଥିରେ ରୂପାୟିତ ହେବ, ସେତେବେଳେ ତାକୁ ଶିଖିବା ପାଇଁ ହିନ୍ଦୀଲୋକଙ୍କୁ ଅଧିକ ଶ୍ରମ କରିବାକୁ ପଡ଼ିବ, ଏଥିରେ ସନ୍ଦେହ ନାହିଁ । ସେଇଥିପାଇଁ ଜଣେ ବିଶିଷ୍ଟ ହିନ୍ଦୀ

ଅଧ୍ୟାପକ ଡକ୍ଟର ଧୀରେନ୍ଦ୍ର ବର୍ମା ମୁନ୍‌ସୁନ ହିନ୍ଦୀ ବିରୁଦ୍ଧରେ ଆପତ୍ତି କରି କହିଥିଲେ—'ହିନ୍ଦୀ ଭାଷା ବରଂ ରାଜମୁକୁଟ ନ ପିନ୍ଧୁ, କିନ୍ତୁ କେନ୍ଦ୍ରୀୟ ହିନ୍ଦୀ ନାଁରେ ଏକ ଖେଚେଡ଼ିରେ ପରିଣତ ନ ହେଉ ।' (୫) ତେଣୁ ଦେଖିବାର କଥା, ରାଷ୍ଟ୍ରଭାଷା ହିନ୍ଦୀ କେବଳ ଆମର ଚିନ୍ତାର କାରଣ ନୁହେଁ; ଯାହାଙ୍କ 'ସାମ୍ରାଜ୍ୟବାଦ' କଥା ଆମେ ଭାବୁଛୁ, ତାଙ୍କର ମଧ୍ୟ ଚିନ୍ତାର କାରଣ । ଆମେ ଯାହା ଭାବୁଛୁ ହିନ୍ଦୀ ଚଳିଲେ ସବୁ ସୁବିଧା ହିନ୍ଦୀ ଲୋକଙ୍କର ହେବ, ଅହିନ୍ଦୀ ଲୋକେ ହଇରାଣରେ ପଡ଼ିପିବେ, କଥାଟା ସମ୍ପୂର୍ଣ୍ଣ ସତ୍ୟ ମନେହୁଏ ନାହିଁ । ମୋଗଲ ଶାସନକାଳରେ ହିନ୍ଦୀ ନ ଚଳି ପାର୍ଶିଭାଷା ରାଜ୍ୟଭାଷାରୂପେ ଚଳିଲା । ଆକବରଙ୍କ ରାଜସ୍ୱମନ୍ତ୍ରୀ ରାଜା ଟୋଡ଼ରମଲ୍ ଏକ ନିର୍ଦ୍ଦେଶ-ନାମା ପଠାଇ ସବୁ କର୍ମଚାରୀଙ୍କୁ ପାର୍ଶି ପଢ଼ିବାକୁ ବାଧ୍ୟ କଲେ । ଫଳରେ ହିନ୍ଦୁମାନେ ପାର୍ଶିଭାଷାରେ ଏତେ ପାରଦର୍ଶୀ ହୋଇ ଉଠିଲେ ଯେ ସେମାନେ ମୁସଲମାନମାନଙ୍କୁ ପାର୍ଶି ପଢ଼ାଇଲେ । ( India and Iran through the ages, Asia, P.151 ) କେତେ ଲୋକ ଯେ ଭାବୁଛନ୍ତି ଦିନ ଆସିବ, ଅହିନ୍ଦୀ ଲୋକେ ହିନ୍ଦୀ ଲୋକଙ୍କୁ ହିନ୍ଦୀରେ ଟପିବେ, କଥାଟା ଅସମ୍ଭବ ନୁହେଁ; କାରଣ ଆଖି ଆଗରେ ଇତିହାସ ଅଛି । ସାଧନା ଥିଲେ ସବୁ ହେବ ।

୧ । ହିନ୍ଦୀଭାଷାରେ ଲିଙ୍ଗ ସମସ୍ୟା ।

୨ । ଭିନ୍ନ ଭିନ୍ନ ଭାଷାରେ ଭିନ୍ନ ଭିନ୍ନ ସମସ୍ୟା ।

୩ । ଜଟିଳ ଭାଷାର ସରଳ ଶିକ୍ଷାପଦ୍ଧତି ଦରକାର ।

୪ । ଟେକ୍‌ନିକାଲ ଶବ୍ଦମାନଙ୍କର ଲିଙ୍ଗ ବିଚାରରେ କୋହଳ ନୀତି ।

୫ । ଭାରତୀୟ ଭାଷାମାନଙ୍କର ବୈଶିଷ୍ଟ୍ୟ ନେଇ ଗଠିତ ହେବ ମୁନ୍‌ସୁନ ହିନ୍ଦୀ ।

# ନାଗରୀ ଓ ରୋମାନ୍ ଲିପି

ଗାନ୍ଧିଜୀଙ୍କର କଳ୍ପନା ଥିଲା ଭାରତର ରାଷ୍ଟ୍ରଭାଷା ହେବ ହିନ୍ଦୀ—ହିନ୍ଦୁସ୍ତାନୀ ଓ ତାହା ଦୁଇ ପ୍ରକାର ଅକ୍ଷରରେ ଲେଖା ହେବ, ଦେବନାଗରୀ ଓ ପାର୍ଶି। କିନ୍ତୁ ବର୍ତ୍ତମାନ ଯେଉଁ ହିନ୍ଦୀ ହେଲା, ତାକୁ କେବଳ ଦେବନାଗରୀ ଅକ୍ଷରରେ ଲେଖିବାପାଇଁ ସ୍ୱୀକାର କରାଗଲା। ଉତ୍ତରପ୍ରଦେଶର ହିନ୍ଦୀଲୋକେ ଉର୍ଦ୍ଦୁ ବିରୁଦ୍ଧରେ ଯେତିକି, ତାର ଲିପି ବିରୁଦ୍ଧରେ ମଧ୍ୟ ସେତିକି। କିନ୍ତୁ ଭାରତରେ ଅନେକ ଅହିନ୍ଦୀ ଲୋକ ଅଛନ୍ତି, ଯେଉଁମାନେ ଦେବନାଗରୀ ଅକ୍ଷରକୁ ହଟାଇ ତା' ସ୍ଥାନରେ ରୋମାନ୍ ଲିପି ଅର୍ଥାତ୍ ଇଂରାଜି ଅକ୍ଷର ଚଳାଇବାକୁ ଚାହାନ୍ତି। ଇଂରେଜି ସପକ୍ଷରେ ଯୁକ୍ତି ହେଉଛି—ତାହା ଏକ ଆନ୍ତର୍ଜାତିକ ଲିପି। ତହିଁରେ ସର୍ଟହାଣ୍ଡ, ଟାଇପ୍‌ରାଇଟିଂ, ପ୍ରିଣ୍ଟିଂ ଇତ୍ୟାଦି ପାଇଁ ବହୁତ ସୁବିଧା ଅଛି। ତା' ଛଡ଼ା ହିନ୍ଦୀ ଅପେକ୍ଷା ତାହା ଚଞ୍ଚଳ ଲେଖାଯାଇ ପାରିବ; କାରଣ ହିନ୍ଦୀ ଲେଖିବାବେଳେ ଯେତେ ଥର କଲମ ଉଠାଇବାକୁ ପଡ଼େ, ଇଂରେଜିରେ ତାହା ପଡ଼େ ନାହିଁ। ସେହି ଦୃଷ୍ଟିରୁ ସବୁ ଭାରତୀୟ ଲିପି ଉଠାଇ ରୋମାନ୍ ଲିପି ଗ୍ରହଣ କରିବା ପାଇଁ କେହି କେହି କହନ୍ତି।

ଆଜିକାଲି ଯୁଗରେ ଆନ୍ତର୍ଜାତିକ ଅର୍ଥାତ୍ ବିଶ୍ୱପ୍ରେମ କଥା ବହୁତ ଶୁଣାଯାଏ। କିନ୍ତୁ ଏହି ଆନ୍ତର୍ଜାତିକ ଯୁଗରେ ଜାତୀୟବାଦର ସ୍ଲୋଗାନ୍ ବି କମ୍ ନାହିଁ। ପ୍ରତ୍ୟେକ ଜାତି ନିଜକୁ ତଥା ନିଜର ବୈଶିଷ୍ଟ୍ୟକୁ ବଜାୟ ରଖିବା ପାଇଁ ତିଳେ ଘୁଞ୍ଚିବାକୁ ଚାହାନ୍ତି ନାହିଁ।

ଜାପାନ ପରି ପ୍ରଗତିଶୀଳ ଜାତି ତ ଇଂରେଜ ଅକ୍ଷର ନେଇ ନାହିଁ, ତେବେ ଜାପାନୀଙ୍କର କାମ ଚଳାଉଛନ୍ତି; ଆମର ଏତେ ତରବର ପଡ଼ୁଛି କାହିଁକି ? ଦୁର୍ବଳ ପକ୍ଷରେ ସବୁଠୁ ଭଲ ଯୁକ୍ତି ହେଉଛି ବିଶ୍ୱପ୍ରେମ । ଭାରତର ସୀମା ଆନ୍ଦୋଳନରେ ନିଶ୍ଚୟ ଦେଖିଥିବେ, ଯେଉଁ ରାଜ୍ୟ ଯେତେ ଦୁର୍ବଳ, ତା'ର ଭାରତୀୟ ପ୍ରୀତି ସେତେ ବେଶି । ବଡ଼ ବଡ଼ ରାଜ୍ୟର ବିଭାଗ ହୋଇପାରିଲା ନାହିଁ; କିନ୍ତୁ ଛୋଟ ଛୋଟ ରାଜ୍ୟରୁ ଲୋକେ ସହଜରେ ମାରି ନେଇଗଲେ ଓ ଛୋଟ ଛୋଟ ରାଜ୍ୟମାନେ ସର୍ବଭାରତୀୟ ପ୍ରେମ ନାଁରେ ଚୁପ୍ ହୋଇ ରହିଗଲେ ଓ କ୍ଷତି ମଧ୍ୟ ସହିଲେ । ତେଣୁ ଇଂରେଜୀଭାଷା ରହିଲେ ଆମେ ଆନ୍ତର୍ଜାତିକ କ୍ଷେତ୍ରରେ ବଡ଼ ହୋଇଯିବୁ ଓ ରୋମାନ୍ ଲିପିରେ ଲେଖିଲେ ସବୁ କାମ ଚଞ୍ଚଳ ହୋଇଯିବ, ଏ କଥା ଅନେକ ଲୋକ ସ୍ୱୀକାର କରିବାକୁ ରାଜି ନୁହନ୍ତି । ଚୀନର ଚିତ୍ରଲିପିରେ କିମ୍ବା ଜାପାନର ଅର୍ଦ୍ଧଚିତ୍ର-ଲିପିରେ ତ ସେ ଦେଶମାନଙ୍କର କାମ ଅଟକି ଯାଉନାହିଁ କିମ୍ବା ସେମାନେ ଆମ ପଛରେ ନାହାନ୍ତି । ସେମାନେ ଏତେ ପ୍ରଗତିଶୀଳ ଦେଶ ହୋଇ ମଧ୍ୟ ରୋମାନ୍ ଲିପି ନେଇନାହାନ୍ତି । ନୂତନ ଦେଶମାନଙ୍କ ମଧ୍ୟରୁ ରୋମାନ୍ ଲିପି ନେଇଛନ୍ତି କେବଳ ତୁର୍କୀ ଏବଂ ଇଣ୍ଡୋନେସିଆ । କିନ୍ତୁ ନେହରୁଙ୍କ ପରି ଜଣେ ପ୍ରଗତିବାଦୀ ଇଂରେଜ ପ୍ରଭାବିତବ୍ୟକ୍ତି ମଧ୍ୟ ରୋମାନ୍ ଲିପିକୁ ପସନ୍ଦ କରିନାହାନ୍ତି । ଭାରତବର୍ଷର ବିଶିଷ୍ଟ ଭାଷାବିତ୍ ଡକ୍ଟର ସୁନୀତି କୁମାର ଚଟ୍ଟର୍ଜୀ ରୋମାନ୍ ଲିପିର ପକ୍ଷପାତୀ । ଲିପିଦୃଷ୍ଟିରୁ ସମଗ୍ର ଭାରତ ଇଂରେଜ ସହିତ ସମାନ ହେବାପାଇଁ ସେ ଚାହାନ୍ତି ଓ ସେଥିରେ ଲେଖାପଢ଼ା ଚଞ୍ଚଳ ହେବ ବୋଲି ସେ ଭାବନ୍ତି । ତା' ଯଦି ଠିକ୍ ହୋଇଥାଏ, ତେବେ ଭାରତୀୟ ଭାଷା ସମୁଦାୟ ପାଇଁ ହିନ୍ଦୀଲିପିକୁ ଗ୍ରହଣ କରିବା ଲାଗି ସେ ରାଜି ହେଉ ନାହାନ୍ତି

କାହିଁକି ? ଯଦି ରୋମାନ୍ ଲିପି ହୋଇଗଲେ ଆମେ ଇଉରୋପୀୟ ଭାଷାମାନଙ୍କର ପାଖାପାଖି ହୋଇଯିବା, ଦେବନାଗରୀ ଲିପି ହେଲେ ତ ଅନ୍ତତଃ ସବୁ ଭାରତୀୟ ଭାଷା ପରସ୍ପରର ନିକଟବର୍ତ୍ତୀ ହୋଇଯିବେ । ଦେବନାଗରୀ ଲିପିରେ ଓଡ଼ିଆ କିମ୍ବା ବଙ୍ଗଳା ଲେଖି-ଦେଲେ ହିନ୍ଦୀଲୋକଙ୍କ ପକ୍ଷରେ ବୁଝିବା ପାଇଁ ବିଶେଷ କଷ୍ଟ ହେବ ନାହିଁ । ତଥାପି ମଧ୍ୟ ସେ ଦେବନାଗରୀ ଲିପି ପାଇଁ ଏକମତ ନୁହନ୍ତି । ସେ ଲେଖିଛନ୍ତି—"ଭାଷା ଓ ଲିପି ପରସ୍ପର ସମ୍ପର୍କଯୁକ୍ତ । ବିଶେଷତଃ ଜନସାଧାରଣଙ୍କ ମନରେ ଏହି ଦୁଇଟି ସମ୍ପର୍କ ଅଙ୍ଗାଙ୍ଗୀ । କାରଣ ସେମାନେ ନିଜ ଭାଷା ଓ ଲିପିକୁ ଏକ କରି ଦେଖିଥାନ୍ତି । ଯେଉଁମାନେ ଦେବନାଗରୀ ଲିପିର ପକ୍ଷପାତୀ, ସେମାନେ ଭାବୁଛନ୍ତି—ଏହି ଲିପିଟି ପ୍ରବର୍ତ୍ତିତ ହୋଇଗଲେ, ସମଗ୍ର ଭାରତବର୍ଷ ପାଇଁ ଭାଷା ମଧ୍ୟ ଗୋଟିଏ ହୋଇଯିବ । ପରିକଳ୍ପନା ବେଶ୍ ଲୋଭନୀୟ । ଯେଉଁମାନେ ନିଜ ମାତୃଭାଷା ଲାଗି ଦେବନାଗରୀ ଲିପି ବ୍ୟବହାର କରିଥାନ୍ତି, ସେମାନଙ୍କ ପକ୍ଷରେ ଏହା ସାନ୍ତ୍ୱନା-ଦାୟକ । ଅନ୍ୟ ପକ୍ଷରେ ଯେଉଁମାନେ ଦେବନାଗରୀ ସହିତ ପରିଚିତ ନୁହନ୍ତି, ଏହି ପରିକଳ୍ପନା ସେହି ସବୁ ହତଭାଗ୍ୟଙ୍କ ପ୍ରତି ସ୍ଥୂଳ ନିଷ୍ଠୁରତାର ପ୍ରକାଶ ମାତ୍ର । ...... 

"ମଣିଷର ସଂସ୍କୃତି କେତେ ପରିମାଣରେ ପ୍ରାଚୀନ ସଂସ୍କାର ଭିତ୍ତିକ । ସେ ସେହି ସଂସ୍କୃତିକୁ ରକ୍ଷା କରିବା ପାଇଁ ପ୍ରାଣପଣେ ଉଦ୍ୟମ କରିଥାଏ । ସାଂସ୍କୃତିକ କ୍ଷେତ୍ରରେ ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟ ରହିବା ଦୂଷଣୀୟ ନୁହେଁ । ତେଣୁ ସେହି ବୈଶିଷ୍ଟ୍ୟରକ୍ଷା ଉଦ୍ୟମକୁ ଅନ୍ଧ-ଧାରଣା କିମ୍ବା ଭାବାବେଗ ବୋଲି କହିବା ଠିକ୍ ନୁହେଁ ।" (ଲିପି ସମସ୍ୟା, ସାହିତ୍ୟ ସମାଚାର, ତିରିଶ ବର୍ଷ, ତିରିଶ ସଂଖ୍ୟା—ଜୁଲାଇ, ୧୯୬୩) ।

ଡକ୍ଟର ଚାଟାର୍ଜି ଯାହା କହିଛନ୍ତି, ତାହା ଯଥାର୍ଥ । ତେଣୁ ଦେବନାଗରୀ ଏହି ଦେଶର ଲିପିହୋଇ ମଧ୍ୟ ଆମେ ଯଦି ତା ସପକ୍ଷରେ ଅନ୍ୟାନ୍ୟ ଭାରତୀୟ ଲିପିମାନଙ୍କୁ ବଦଳାଇବାକୁ ଚାହୁଁ ନା ଅର୍ଥାତ୍ ଓଡ଼ିଆ, ଆସାମୀ, ତେଲଗୁ, ତାମିଲ ପ୍ରଭୃତି ଭାଷାକୁ ଦେବନାଗରୀ ଲିପିରେ ଲେଖି ଆମର ପରମ୍ପରାଗତ ବୈଶିଷ୍ଟ୍ୟକୁ ନଷ୍ଟ କରିବାକୁ ଚାହୁଁ ନା, ତେବେ ଏକ ସମ୍ପୂର୍ଣ୍ଣ ଅବୈଜ୍ଞାନିକ ବିଦେଶୀ ଲିପିରେ ଭାରତୀୟ ଭାଷାମାନଙ୍କୁ ଲେଖିବୁ କାହିଁକି ? ସର୍ଟହାଣ୍ଡ ଇତ୍ୟାଦି ସୁବିଧା ଅଛି ବୋଲି ଯାହା କୁହାଯାଉଛି, ଆଜିର ଏହି ରକେଟ ଯୁଗରେ ଭାରତୀୟ ଭାଷାମାନଙ୍କରେ ସେହି ସୁବିଧା କରିବା ପାଇଁ ବେଶି ସମୟ ଲାଗିବା କଥା ନୁହେଁ । ଖାଲି ମନ ଥିଲେ ହେଲା ।

ଦେବନାଗରୀ ଲିପିର ମସ୍ତକ ଭାଗରେ ଶିରୋରେଖା ରହିଥିବାରୁ ଲେଖିଲାବେଳେ ସେହି ରେଖା ଟାଣିବା ପାଇଁ ସମୟ ଲାଗେ । କିନ୍ତୁ ଗୁଜରାଟୀ ଲିପି ଦେବନାଗରୀ ସହିତ ସମାନ ହେଲେ ମଧ୍ୟ ସେଥିରେ ଶିରୋରେଖା ନ ଥିବାରୁ ତାହା ଚଞ୍ଚଳ ଲେଖିହୁଏ । ଗୁଜରାଟୀ ଲେଖା ପାଇଁ ଯେତିକି ସମୟ ଲାଗେ, ଦେବନାଗରୀ ଲେଖା ପାଇଁ ତାର ଏକ ଚତୁର୍ଥାଂଶ ସମୟ ଅଧିକ ଲାଗେ । ତେଣୁ ଭାରତ ସରକାରଙ୍କର ଭାଷାତତ୍ତ୍ୱ କମିଟି ଶିରୋରେଖାକୁ ନ ରଖିବା ପାଇଁ ମତ ଦେଇଛନ୍ତି ଓ ସେହି ଲିପିକୁ ସରଳ କରିବା ପାଇଁ ଆହୁରି ଚିନ୍ତା ମଧ୍ୟ କରୁଛନ୍ତି ।

ଇଂରେଜୀରେ ବ୍ୟବହୃତ ରୋମକ୍ ଲିପିମାଳା ଇଂରେଜୀ ପାଇଁ ମଧ୍ୟ ଯଥେଷ୍ଟ ନୁହେଁ । ଇଂରେଜୀରେ ଏକୋଇଶଟି ସ୍ୱର ଥିବାସ୍ଥଳେ ସେହି ଲିପିମାଳାରେ ମାତ୍ର ପାଞ୍ଚଟି ଅକ୍ଷରର ବ୍ୟବସ୍ଥା ଅଛି । ଯେଉଁ

ଲିପିମାଳା ନିଜ ଭାଷାର କାମ ଚଳାଇବା ପାଇଁ ଉପଯୁକ୍ତ ହୋଇପାରି ନାହିଁ ଓ ଯହିଁରେ ଲିଖିତଭାଷାକୁ ଶୁଦ୍ଧଭାବରେ ପଢ଼ିବା ପାଇଁ ଫୋନେଟିକ୍ ଅକ୍ଷରର ସାହାଯ୍ୟ ନିଆଯାଉଛି, ତାହା ଆମ ଦେଶ ଭାଷାମାନଙ୍କର କାମ ଚଳାଇବା ପାଇଁ କେତେଦୂର ଯୋଗ୍ୟ ହେବ, ବିଚାର କରିବାର କଥା । ଇଂରେଜି ଅକ୍ଷରରେ ଶାଳଗାଁ, ସଉଡୁଣୀ, କାଳିଆପାଳ, ଆକାଙ୍କ୍ଷା, ଯଜ୍ଞ ପ୍ରଭୃତି ଶବ୍ଦ ଲେଖି ସେହି ସେହି ଶବ୍ଦ ନ ଜାଣିଥିବା ଜଣେ ଲୋକକୁ ପଢ଼ିବାକୁ ଦେଇ ପରୀକ୍ଷା କରନ୍ତୁ; ଲିପିରୁ ଉଚ୍ଚାରଣଟା କେମିତି ବଢ଼ିଆ ହେଉଛି । 'ମଡ଼ନ' ବୋଲି ଓଡ଼ିଆରେ ନାଁ ନାହିଁ ବୋଲି ସିନା ଆମେ 'Madan' ଶବ୍ଦକୁ 'ମଦନ' ବୋଲି ପଢ଼ୁଛୁ, ନଚେତ୍ ଯଦି ମଡ଼ନ ବୋଲି ଗୋଟାଏ ନାଁ ଥାନ୍ତା, ତା ହେଲେ ଇଂରେଜି ଅକ୍ଷରରେ ଲେଖି 'ମଦନ' 'ମଡ଼ନ' ଦି ଜଣକୁ ଭିନ୍ନ କରି ପଢ଼ିବା କଷ୍ଟ ହୁଅନ୍ତା । ଆମ ତ, ଥ, ଦ, ଧ, ଡ, ଢ, ଣ, ଳ, ଙ, ଞ ପାଇଁ ଇଂରେଜି ଅକ୍ଷର କାହିଁ ? ତଥାପି ମଧ୍ୟ ନାଗରୀ ଅକ୍ଷରରେ ଲିଖିତ ସଂସ୍କୃତଭାଷାକୁ ସାହେବମାନେ ଇଂରେଜି ଅକ୍ଷରରେ ଲେଖୁଥିଲେ । ଆପଣ ସେ ଲେଖା ନିଶ୍ଚୟ ଦେଖିଥିବେ । ସେଥିରେ ତଳେ ଉପରେ କେତେ ଡଟ୍ ଡାଶ୍ ଲଗା ହୋଇଥାଏ । ଚଞ୍ଚଳ ଲେଖିବା ପାଇଁ ଡଟ୍ ଡାଶ୍‌ଗୁଡ଼ିକ ଯେତିକି ଅସୁବିଧା, ପ୍ରିଣ୍ଟିଂପାଇଁ ତାଠୁ ଅଧିକ ଅସୁବିଧା । ଯଦି ଡଟ୍ ଡାଟ୍ ଗ୍ରହଣ କରା ନ ଯାଏ, ତା ହେଲେ ଅଧିକ ଅକ୍ଷର ଯୋଡ଼ିବାକୁ ହେବ । ଏତେ ମୁଣ୍ଡବ୍ୟଥା ହେବା ଅପେକ୍ଷା ଦେବନାଗରୀ ଚଳାଇବା ଭଲ । ଏ ଦେଶର ଲୋକେ ଯଦି ଅନ୍ୟସବୁ କ୍ଷେତ୍ରରେ ଚଞ୍ଚଳ କାମ କରନ୍ତେ, ତେବେ ଲେଖାକାମରେ ଯେତିକି ଡେରି ହୁଅନ୍ତା, ତା ଅନ୍ୟତ୍ର ମେଣ୍ଟିଯାନ୍ତା । ଯେଉଁ ଦେଶରେ ଜାନୁଆରୀରେ ଛୁଟି ମାଗିଲେ ଜୁନରେ ବି ଜବାବ ମିଳେନାହିଁ, ଜୀଇ ଥାଉଁ ଥାଉଁ ଡାକ୍ତରଖାନାରେ ସିଟ୍ ମାଗିଲେ ମଲା ପରେ ସିଟ୍

ମିଳେ, ସେହି ଦେଶରେ ସମୟର ମୂଲ୍ୟଟା ଏତେ ବେଶି ଯେ ନାଗରୀରେ ଲେଖିଲେ ଡେରି ହୋଇଯିବ ବୋଲି ଇଂରେଜି ଅକ୍ଷରରେ ଲେଖିବା ଦରକାର !

ହିନ୍ଦୀକୁ କେବଳ ନାଗରୀରେ ନ ଲେଖି ନାଗରୀ ଓ ଫାରସୀ ଦୁଇ ପ୍ରକାର ଅକ୍ଷରରେ ଲେଖିବା ପାଇଁ ସ୍ୱୀକାର କରିଥିଲେ ଭଲ ହୋଇଥାନ୍ତା । ଭାରତୀୟ ମୁସଲମାନମାନଙ୍କ ପାଇଁ ସେଟା ଅଧିକ ସୁବିଧାଜନକ ହୋଇପାରି ଥାଆନ୍ତା । ଉର୍ଦ୍ଦୁ ଅକ୍ଷରକୁ ଗ୍ରହଣ କରିବା ପାଇଁ ଗାନ୍ଧୀଜୀ ସେଥିପାଇଁ ବରାବର କହୁଥିଲେ । ଇଂଲଣ୍ଡ ଓ ଆମେରିକାବାସୀଙ୍କ ମଧ୍ୟରେ ପ୍ରଥମାବସ୍ଥାରୁ ଭାରି ଶତ୍ରୁତା ଥିଲା । କିନ୍ତୁ ସେମାନଙ୍କର ଭାଷା ଓ ଲିପି ଏକ ଥିବାରୁ କାଳକ୍ରମେ ସେ ଶତ୍ରୁତା ଯାଇ ସେମାନେ ହେଲେ ଏକପ୍ରକାର ବନ୍ଧୁ । ଆଜି ହୁଏ ତ ହିନ୍ଦୁ ମୁସଲମାନମାନଙ୍କ ଭିତରେ ବିଦ୍ୱେଷ ଅଛି, ଭାରତ ପାକିସ୍ତାନ ଭିନ୍ନ ଭିନ୍ନ ହୋଇଯାଇଛନ୍ତି । କିନ୍ତୁ ଉର୍ଦ୍ଦୁ ଲିପିକୁ ଜାତୀୟ ସ୍ତରରେ ରଖିଥିଲେ ଭବିଷ୍ୟତରେ ସେହି ଲିପି ଜରିଆରେ ଆମ-ମାନଙ୍କର ମିଳତାର ମାର୍ଗ ସୁଗମ ହୋଇଥାନ୍ତା ।

୧ । ଦେବନାଗରୀ ସ୍ଥାନରେ ରୋମାନ୍ ଲିପି ପ୍ରବର୍ତ୍ତନ କେତେକଙ୍କର ମତ ।

୨ । ଚୀନରେ ଚିତ୍ରଲିପି ଓ ଜାପାନରେ ଅର୍ଦ୍ଧଚିତ୍ରଲିପି ଏପର୍ଯ୍ୟନ୍ତ ପ୍ରଚଳିତ ।

୩ । ଶୀଘ୍ର ଲିଖନ ପାଇଁ ଦେବନାଗରୀ ଲିପିରେ ପରିବର୍ତ୍ତନ ।

୪ । ଅବୈଜ୍ଞାନିକ ରୋମକ ଲିପିମାଳା ଭାରତୀୟ ଭାଷାମାନଙ୍କ ପାଇଁ ଅନୁପଯୁକ୍ତ ।

# ଫଂଟାନୀ କୀ ଡିବ୍ବାୟୁ ଓ କଣ୍ଠ କୌପୀନ

ଜଣେ ଶିକ୍ଷିତବ୍ୟକ୍ତି ହିସାବରେ ଆପଣ ମାତୃଭାଷା ଛଡ଼ା ହିନ୍ଦୀ, ଇଂରେଜ, ସଂସ୍କୃତ କିମ୍ବା ବଙ୍ଗଳା ପ୍ରଭୃତି ଅନ୍ୟ ଯେ କୌଣସି ଗୋଟାଏ ଅଧେ ଭାଷା ଜାଣିଥିବେ । ଆପଣ ନିଶ୍ଚୟ ଅନୁଭବ କରିଥିବେ—ଭାଷା, ଭାଷା ଭିତରେ ଅନେକ ତଫାତ୍ ଅଛି । ସେଇଥିପାଇଁ ଗୋଟାଏ ଭାଷା ଛାଡ଼ି ଆଉ ଗୋଟାଏ ଭାଷା ଶିଖିଲା-ବେଳକୁ କେତେକ ଅସୁବିଧା ହୁଏ । ସେହି ଦୃଷ୍ଟିରୁ ବିଚାର କଲେ ବ୍ୟକ୍ତି ଯାହା, ଦେଶ ସେୟା । ଗୋଟିଏ ଦେଶରେ ଗୋଟିଏ ଭାଷା ଅନେକ କାଳ ଚଳିଲା ପରେ, ତାକୁ ଛାଡ଼ି ଆଉ ଗୋଟିଏ ଭାଷା ଚଳାଇବାକୁ ହେଲେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ଆମ ଦେଶର ବର୍ତ୍ତମାନ ସମସ୍ୟା ହେଉଛି ସେୟା । ବହୁ-କାଳରୁ ଇଂରେଜ ଆମର ରାଷ୍ଟ୍ରଭାଷାରୂପେ ଚଳି ଆସୁଥିଲା, ଏବେ ଚଳିବାର କଥା ହେଉଛି ହିନ୍ଦୀ । ଇଂରେଜ ଗୋଟାଏ ଆନ୍ତର୍ଜାତିକ ଭାଷା । ଶହ ଶହ ବର୍ଷ ଧରି ଏହା ବହୁଭାବରେ ସମୃଦ୍ଧ ହୋଇ-ଆସିଛି । ମାଲୟର ବାଉଁଶବଣରୁ ମେକ୍ସିକୋର ମରୁପ୍ରାନ୍ତର ପର୍ଯ୍ୟନ୍ତ ପୃଥିବୀରେ ଯେତେ ଜାତି, ଯେତେ ସଭ୍ୟତା ଅଛି ସବୁ ସଂସ୍କୃତି, ସଭ୍ୟତା, ସାହିତ୍ୟ ଓ ଶବ୍ଦକୋଷ ନେଇ ସେ ଭାଷା ସମୃଦ୍ଧ । ତା ତୁଳନାରେ ହିନ୍ଦୀ ମାତ୍ର କାଲିର କଥା । ତା ଛଡ଼ା ଇଂରେଜ ପ୍ରଭାବରେ ଭାରତୀୟ ଭାଷାଗୁଡ଼ିକ ଯେପରି ଅବହେଳିତ

ଅବସ୍ଥାରେ ଥିଲେ, ସେଥିରେ ହିନ୍ଦୀ ବା ଆଗେଇ ପାରୁଥାନ୍ତା କାହିଁ ?

ଇଂରେଜ ଭାଷାର ସବୁଠୁ ବଡ଼ କଥା ହେଲା ବିଜ୍ଞାନ। ସେଥିରେ ଯେତେ ବୈଜ୍ଞାନିକ ଶବ୍ଦ ଅଛି, ହିନ୍ଦୀ କିମ୍ବା କୌଣସି ଭାଷାରେ ତା ସ୍ୱପ୍ନରେ ସୁଦ୍ଧା କଳ୍ପନା କରିହେବ ନାହିଁ। ଭାରତରେ ଶିକ୍ଷା-ମାଧ୍ୟମ ଇଂରେଜ ଥିବାରୁ ଆମ ଭାଷାଗୁଡ଼ିକ ବିଜ୍ଞାନର ଚିନ୍ତା-ଧାରାକୁ ପ୍ରକାଶ କରିବା ପାଇଁ ଆରମ୍ଭ କରିନାହାନ୍ତି କହିଲେ ଚଳେ। ଏବେ କେତେବର୍ଷ ହେଲା ମାଟ୍ରିକ ସ୍ତରରେ ଭାରତୀୟ ଭାଷା-ମାଧ୍ୟମରେ ଶିକ୍ଷା ଦିଆଯାଉଥିବାରୁ ଅଳ୍ପ କେତେକ ବିଜ୍ଞାନ ଶବ୍ଦ ଆମ ଭାଷାଗୁଡ଼ିକରେ ବ୍ୟବହୃତ ହେଉଛି। ଇଂରେଜରୁ ଯେଉଁ ଶବ୍ଦଗୁଡ଼ିକ ଅନୁବାଦ କରି ନିଆଯାଇଛି, ସେମାନଙ୍କ ମଧ୍ୟରେ କୌଣସି ଏକରୂପତା ନାହିଁ। ଯେ ଯେମିତି ପାଇଲେ ସେମିତି ଅନୁବାଦ କରି ଲେଖିଲେ। କିମ୍ବା ଯଦି ଅନୁବାଦ ନ କରି ସିଧା ଇଂରେଜିରୁ ଉଠାଇ ନେଲେ, ତେବେ ଯେମିତି ଇଚ୍ଛା ସେମିତି ଲେଖିଲେ, ଯଥା—ମାଗ୍ନେସିୟମ୍, ମେଗ୍ନେସିୟମ୍, ମ୍ୟାଗ୍ନେସିୟମ୍। ଏପରି ହେବାର କାରଣ ହେଉଛି ଯେ ଏ ବିଷୟରେ ଆମର କୌଣସି ଷ୍ଟାଣ୍ଡାର୍ଡ଼ ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଭାରତୀୟ ଭାଷା-ମାନଙ୍କରେ ପ୍ରଥମେ ଗୁଜରାଟୀରେ ପାରିଭାଷିକ ଶବ୍ଦାବଳୀ ତିଆରି ହୋଇଥିଲା। ତା ପରେ ଯେତେବେଳେ ହିନ୍ଦୀ ରାଷ୍ଟ୍ରଭାଷା ହେବା ସପକ୍ଷରେ କଥା ଉଠିଲା, ସେତେବେଳେ ହିନ୍ଦୀରେ ପାରିଭାଷିକ ଶବ୍ଦାବଳୀ ତିଆରି ହେବାକୁ ଆରମ୍ଭ ହେଲା। ବିଭିନ୍ନ ବେସରକାରୀ ସାହିତ୍ୟିକ ସଂସ୍ଥାମାନେ ଏହି କାମରେ ଲାଗିଲେ। ଏ ସଂପର୍କରେ ସ୍ୱର୍ଗୀୟ ଡକ୍ଟର ରଘୁବୀର ଅନେକ କାମ କରି ଯାଇଛନ୍ତି। କିନ୍ତୁ

ସେଥିରେ ସେ ବିଶେଷରୂପେ ଝିରଣାପ୍ଠ ଭାବରେ ପ୍ରଭାବିତ ହୋଇ ଶବ୍ଦାବଳୀକୁ ସଂସ୍କୃତ ଛାଞ୍ଚରେ ଢାଳି ପକାଇଛନ୍ତି । ତେଣୁ ସେଥିରୁ ଅନେକ ଶବ୍ଦ ବ୍ୟବହାରୋପଯୋଗୀ ହେବାର ସମ୍ଭାବନା ନାହିଁ । ବରଂ ସେହି ପ୍ରକାର ଶବ୍ଦଗୁଡ଼ିକୁ ଦୃଷ୍ଟିରେ ରଖି ଅହିନ୍ଦୀ ଲୋକେ ହିନ୍ଦୀକୁ ନାନାଭାବରେ ଉପହାସ କରନ୍ତି । ତଳେ ଯେଉଁ କେତୋଟି ହିନ୍ଦୀଶବ୍ଦର ଉଦାହରଣ ଦିଆଯାଇଛି, ସେଗୁଡ଼ିକ ଡକ୍ଟର ରଘୁବୀରଙ୍କ ଭାଷାକୋଷରେ ଅଛି କି ନାହିଁ, ମୁଁ ବ୍ୟକ୍ତିଗତ ଭାବରେ ଜାଣେ-ନାହିଁ । କିନ୍ତୁ ସେହିପରି ଶବ୍ଦମାନଙ୍କୁ ଅହିନ୍ଦୀଲୋକେ ସାଧାରଣତଃ ଉଦାହରଣ ଦେଇ ଉପହାସ କରିଥାନ୍ତି ।

Vanity bag—ପୁଂଠାମ୍ମ୍ରକା ଉବପ୍ଠା
Telephone —କାନ ଫୁସ୍‌ଫୁସ୍
Tie —କଣ୍ଠ ଲଙ୍ଗୋଟ୍, କଣ୍ଠ କୌପୀନ

ହିନ୍ଦୀଲୋକେ ବରାବର ପ୍ରତିବାଦ କରି କହନ୍ତି ଯେ ଏଭଳି ଶବ୍ଦ କୌଣସି ପାରିଭାଷିକ ଶବ୍ଦାବଳୀରେ ନାହିଁ, ଏହା କେବଳ କେତେ ଲୋକଙ୍କର ମନଗଢ଼ା କଥା । ହିନ୍ଦୀକୁ ବଦ୍‌ନାମ କରିବାର ଶସ୍ତା ଉପାୟ ।

ଗଲା ବାରବର୍ଷ ହେଲା କେନ୍ଦ୍ର ସରକାର ଯେଉଁ ବୈଜ୍ଞାନିକ ଶବ୍ଦାବଳୀ ପ୍ରସ୍ତୁତ କରୁଛନ୍ତି, ତହିଁରେ ଏପ୍ରକାର ଶବ୍ଦମାନଙ୍କର ସ୍ଥାନ ନାହିଁ । ସରକାର ଭାରତର ବିଶିଷ୍ଟ ବୈଜ୍ଞାନିକ ଓ ଭାଷାବିତ୍‌ମାନଙ୍କୁ ନେଇ ଗୋଟିଏ କମିଟି ଗଠନ କରିଛନ୍ତି । ଏହି ବୈଜ୍ଞାନିକମାନେ ବାରମ୍ବାର ମିଳିତ ହୋଇ ବିଭିନ୍ନ ବିଭାଗ ପାଇଁ ଶବ୍ଦାବଳୀ ରଚନା କରିଛନ୍ତି ଓ ଭାଷାବିତ୍‌ମାନେ ସେହି ଶବ୍ଦମାନଙ୍କୁ ପରୀକ୍ଷା କରି ସେମାନଙ୍କର ଚରମ ରୂପ ସ୍ଥିର କରୁଛନ୍ତି । ଭିନ୍ନ ଭିନ୍ନ ସମୟରେ

ବୈଜ୍ଞାନିକମାନେ ଯେଉଁ ଶବ୍ଦାବଳି ତିଆରି କରନ୍ତି, ତାହାକୁ ପରୀକ୍ଷା କରିବା ପାଇଁ ଦେଶର ସବୁ ଅନୁଷ୍ଠାନ ଓ ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ନିକଟକୁ ପଠାଯାଉଛି ଓ ସେଥିରେ ଯେଉଁସବୁ ବିଚାର ଆଲୋଚନା ହେଉଛି, ତାକୁ ଦୃଷ୍ଟିରେ ରଖି ଶବ୍ଦମାନଙ୍କୁ ପରିବର୍ତ୍ତିତ କରାଯାଉଛି । ପାରିଭାଷିକ ଶବ୍ଦ ସୃଷ୍ଟି ପାଇଁ ସରକାର ବର୍ତ୍ତମାନ ଦୁଇଟି ନୀତି ସ୍ଥିର କରିଛନ୍ତି । ଯେଉଁ ଶବ୍ଦଗୁଡ଼ିକ ଆନ୍ତର୍ଜାତିକ ସ୍ତରରେ ପ୍ରଚଳିତ, ସେମାନଙ୍କୁ ସେହିପରି ରଖାଯିବ । ଯେଉଁ ଶବ୍ଦମାନଙ୍କର ଦେଶୀସ୍ୱରୂପ ଲୋକପ୍ରିୟ ହୋଇଗଲାଣି, ସେମାନଙ୍କୁ ମଧ୍ୟ ସେହିପରି ରଖାଯିବ ଓ ନୂତନ ସୃଷ୍ଟି କ୍ଷେତ୍ରରେ ସଂସ୍କୃତଭାଷାର ସାହାଯ୍ୟ ନିଆଯିବ; ଯେମିତି ବୈଜ୍ଞାନିକ ଇଂରେଜି ଶବ୍ଦ ପାଇଁ ଗ୍ରୀକ୍ ଓ ଲାଟିନ୍‌ର ସାହାଯ୍ୟ ନିଆ-ଯାଇଛି । କେନ୍ଦ୍ର ସରକାର ବର୍ତ୍ତମାନ ଯେଉଁ ଦୁଇଖଣ୍ଡ ଶବ୍ଦକୋଷ ପ୍ରକାଶ କରିଛନ୍ତି, ତାହା ମଧ୍ୟ ଫାଇନାଲ୍ ନୁହେଁ । ସେ ବିଷୟରେ ବର୍ତ୍ତମାନ ସୁଦ୍ଧା ବିଚାର ଆଲୋଚନା ଚାଲିଛି; କିନ୍ତୁ ଏ କଥା ସତ୍ୟ, ସେଥିରେ ଟେଲିଫୋନ ଶବ୍ଦକୁ 'କାନ ଫୁସ୍‌ଫୁସ୍' କିମ୍ବା ଆଡ୍-ଭୋକେଟ ଜେନେରାଲ ଶବ୍ଦକୁ 'ମହାଭାଣ୍ଡ' ରୂପରେ ଗ୍ରହଣ କରାଯାଇ ନାହିଁ । ଟେଲିଫୋନ 'ଟେଲିଫୋନ' ଭାବରେ ରହିଛି ଓ ଆଡ୍‌ଭୋକେଟ ଜେନେରାଲ ମଧ୍ୟ ମୌଳିକ ରୂପରେ ରହିଛି ଓ ତାହା ସହିତ 'ମହାଧିବକ୍ତା' ସଂସ୍କୃତ ଶବ୍ଦକୁ ରଖାଯାଇଛି । କାଳକ୍ରମେ ଯେଉଁ ଶବ୍ଦ ଲୋକ ବ୍ୟବହାରରେ ବଳିଷ୍ଠ ହେବ, ସେହି କେବଳ ରହିବ, ଅନ୍ୟଟି ଆପେ ଆପେ ନଷ୍ଟ ହୋଇଯିବ ।

ବର୍ତ୍ତମାନ ପାରିଭାଷିକ ଶବ୍ଦାବଳି ପ୍ରସ୍ତୁତ କରିବାପାଇଁ କେନ୍ଦ୍ର ସରକାର ଶିକ୍ଷା ବିଭାଗ ଅଧୀନରେ ଗୋଟିଏ ଡିରେକ୍ଟରେଟ୍ ଖୋଲି-ଛନ୍ତି ଓ ଜଣେ ବିଶିଷ୍ଟ ଭାଷାବିତ୍‌ଙ୍କ ଅଧୀନରେ ତାହା ପରିଚାଳିତ

ହେଉଛି । ସେହି ବିଭାଗ ଜରିଆରେ ହିନ୍ଦୀଭାଷା ସମ୍ପର୍କୀୟ ଯେ କୌଣସି ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରାଯାଉଛି । ଭାରତୀୟ ଭାଷା ସମସ୍ୟା ସମାଧାନ କରିବାପାଇଁ ଅନୁବାଦ ନିତାନ୍ତ ଦରକାର । ଆମ ସାହିତ୍ୟ ଏତେ ଅସୀମ ଯେ ଏଥିରେ ଇତିହାସ, ଭୂଗୋଳ, ଫିଜିକସ୍, କେମିଷ୍ଟ୍ରି ପାଇଁ ଉଚ୍ଚ ଧରଣର ପୁସ୍ତକ ଆଦୌ ନାହିଁ । ସେହି ଅଭାବ ପୂରଣ ନ ହେବାଯାଏ ଇଂରେଜିକୁ ଛାଡ଼ି କାମ କରିବା ସହଜ ହେବ ନାହିଁ । ରୁଷ, ଚୀନ, ଜାପାନ ପ୍ରଭୃତି ଦେଶରେ ବିଭିନ୍ନ ଅନୁବାଦ ସଂସ୍ଥାମାନ ଅଛି । ସେମାନେ ବିଦେଶୀ ପୁସ୍ତକ ଓ ପତ୍ରପତ୍ରିକାମାନ ପାଇଲାମାତ୍ରେ ନିଜ ଭାଷାରେ ଅନୁବାଦ କରି ପାରୁଛନ୍ତି । ଫଳରେ ବିଦେଶର ଜ୍ଞାନ ଦେଶବାସୀଙ୍କ ମଧ୍ୟରେ ସହଜରେ ବିତରଣ କରାଯାଇ ପାରୁଛି; କିନ୍ତୁ ଆମ ଦେଶରେ ସେପରି ପ୍ରକୃତ ବିଭିନ୍ନ କିମ୍ବା କାର୍ଯ୍ୟକାରୀ ସଂସ୍ଥା ଏ ପର୍ଯ୍ୟନ୍ତ ନାହିଁ । ହିନ୍ଦୀ ଡିରେକ୍ଟରେଟ ପ୍ରାୟ ଶହଶହ ବଡ଼ ବଡ଼ ଇଂରେଜି ବହି ଅନୁବାଦ କରିବା ପାଇଁ ନିକଟରେ ସ୍ଥିର କରିଛନ୍ତି; କିନ୍ତୁ ବିଶେଷ କିଛି କାର୍ଯ୍ୟ ହୋଇ ନା । ତା ଛଡ଼ା ଅନୁବାଦ ପାଇଁ ଯେଉଁ ନେସନାଲ ଟ୍ରଷ୍ଟ ଅଛି, ସେଥିରେ ବିଶେଷ କାର୍ଯ୍ୟ ହେଲା ପରି ଜଣାପଡ଼ୁ ନାହିଁ । କାରଣ ଅନୁବାଦ ଯେମିତି ସୌଖୀନ ସଂସ୍ଥାପରି ଧୀରେ ସୁସ୍ଥେ କାମ କରୁଛନ୍ତି, ସେଥିରେ ହିନ୍ଦୀ ପଲିସିକୁ କେତେଦୂର ସହାୟତା ମିଳିବ କହି ହେଉନାହିଁ । ମନେ ହେଉଛି, ସତେ ଯେମିତି ଭାଷା ବିଷୟରେ ସରକାର ଏକ ସଂଶୟାତ୍ମକ ନୀତି ଭିତରେ ଗତି କରୁଛନ୍ତି । ଦୁର୍ଭାଗ୍ୟର କଥା, ଆମ ଦେଶରେ ଅନୁବାଦ ଏତେ ଦରକାର ଥିଲାବେଳେ ତାହାକୁ ଏକ ବିଜ୍ଞାନ ଭାବରେ ଉତ୍ସାହିତ କରାଯାଉ ନାହିଁ କିମ୍ବା ସେ ବିଷୟରେ ଲୋକଙ୍କୁ କୌଣସି ଟ୍ରେନିଂ ଦିଆଯାଉ ନାହିଁ । ତେଣୁ ଯେ କୌଣସି ଲୋକ ଅନୁବାଦ କରିବା ପାଇଁ ବାହାରିବାରୁ

ଅନେକ ଅପାଠ୍ୟ ଅନୁବାଦ ସୃଷ୍ଟି ହେଉଛି । ମୁଁ ଜାଣେ, ହାରୋଲ୍ଡ଼ ଲାସ୍କିଙ୍କର 'ଗ୍ରାମାର ଅଫ୍ ପଲିଟିକସ୍' ବହି ହିନ୍ଦୀରେ ଅନୁବାଦ କରାଯାଇଛି । ସେହି ବହି ଉପରେ ଆଲୋଚନା କରି ଗୋଟିଏ ସମ୍ବାଦପତ୍ର କହିଥିଲେ ଯେ ଇଂରେଜି ବହିକୁ ହାତରେ ନ ଧରି ଅନୁବାଦକୁ ପଢ଼ି ବସିଲେ କିଛି ବୁଝିହେବ ନାହିଁ । ଏକଥା ଯଦି ସତ୍ୟ ହୋଇଥାଏ, ଏଥିରେ ଦେଶକୁ ଦୁଇ ପ୍ରକାର କ୍ଷତି ସହିବାକୁ ପଡ଼ିବ । ପ୍ରଥମରେ ଅନୂଦିତ ପୁସ୍ତକ ପଢ଼ିବା ପାଇଁ କେହି ଉତ୍ସାହିତ ହେବେ ନାହିଁ; ଦ୍ୱିତୀୟରେ ଥରେ ଅନୁବାଦ କରିବା ହୋଇଗଲା ପରେ, ଆଉ ଜଣେ କେହି ତାକୁ ଭଲକରି ଅନୁବାଦ କରିବା ପାଇଁ ଉତ୍ସାହିତ ହେବେ ନାହିଁ; କିନ୍ତୁ ସବୁଠୁ ବଡ଼ କ୍ଷତି ହେଉଛି ଯେଉଁମାନେ ହିନ୍ଦୀକୁ ଉତ୍ସାହିତ କରିବାକୁ ଚାହାନ୍ତି ନାହିଁ, ସେମାନେ ଏହିପରି ପୁସ୍ତକକୁ ଉଦାହରଣ ଦେଇ କହନ୍ତି—ହିନ୍ଦୀ ଶିକ୍ଷା ମାଧ୍ୟମ ହେବାପାଇଁ ଅଯୋଗ୍ୟ । ଇଂରେଜି ଛଡ଼ା ଏ ସଂସାର ଚଳିପାରିବ ନାହିଁ । ଯଦିଓ ଚୀନ, ଜାପାନ, ଜର୍ମାନୀ ଓ ରୁଷ୍ ସମସ୍ତେ ଚଳିପାରୁଛନ୍ତି; ଖାଲି ତ ଚଳିପାରୁ ନାହାନ୍ତି, ପୃଥିବୀରେ ସମସ୍ତଙ୍କ ଆଗରେ ଅଛନ୍ତି ।

ହିନ୍ଦୀ ବିଷୟରେ କଥା ପଡ଼ିଲମାନେ କେତେକ ଲୋକ ଏହି ଟେକ୍ନିକାଲ ଟର୍ମ କଥା କହି ହିନ୍ଦୀ ବିରୁଦ୍ଧରେ ଗପ ଦିଅନ୍ତି, ସତେ ଯେମିତି ହିନ୍ଦୀର ଅର୍ଥ ଖାଲି ଟେକ୍ନିକାଲ ଟର୍ମ । ଏହି କଥା ଦେଖି ଶ୍ରୀପୁରସନଙ୍କର ଗୋଟିଏ ଗଳ୍ପ ମନେପଡ଼େ । ଥରେ ଜଣେ ଇଂରେଜ ଜଜ୍ ଜଣେ ଦୋଷୀକୁ ଫାଶୀ ଦଣ୍ଡଦେଇ ଇଂରେଜିରେ ବହୁ ପୃଷ୍ଠାବ୍ୟାପୀ ଏକ ଦୀର୍ଘ ରାୟ ପଢ଼ିଲେ । ଅଭିଯୁକ୍ତ ବ୍ୟକ୍ତି ଇଂରେଜି ବୁଝିପାରିବ ନାହିଁ ଜାଣି ତାକୁ ହିନ୍ଦୁସ୍ତାନୀରେ ବୁଝାଇ ଦେବାପାଇଁ

ଜଜ୍ ତାଙ୍କ ପେସ୍କାରଙ୍କୁ କହିଲେ । ସାହେବଙ୍କର ଏତେବଡ଼ ରାୟକୁ ପେସ୍କାର ମହାଶୟ ମୋଟେ ଗୋଟିଏ ଧାଡ଼ିରେ କହିଦେଲେ—'ଯାଓ ବଜାର୍, ତୁମକୋ ଫାଶୀ କା ହୁକୁମ ହୁଆ ।' ସେତିକରେ ଅଭିଯୁକ୍ତ ସବୁ ବୁଝିଗଲା । ସାହେବ ଆଶ୍ଚର୍ଯ୍ୟ ହୋଇ କହିଲେ—'ଧନ୍ୟ ତମ ହିନ୍ଦୁସ୍ତାନୀ ଭାଷା ! ମୋର ଏତେ କଥାକୁ ତମ ଭାଷାରେ ତମେ ଧାଡ଼ିକେ କହିଦେଲ ?' ହିନ୍ଦୁସ୍ତାନୀ ଭାଷାର ମର୍ମଟା ସେ ଦିନର ସାହେବ ଯେମିତି ବୁଝିଥିଲେ, ଆଜି କେତେ ସାହେବ ମଧ୍ୟ ହିନ୍ଦୀର ମର୍ମ ସେୟା ବୁଝିଛନ୍ତି, ସତେ ଯେମିତି ହିନ୍ଦୀ କହିଲେ ଖାଲି 'ଫୁଟାନି କା ଡିବିୟା' ଓ 'କଣ୍ଠ କୌପୀନ୍' । ହିନ୍ଦୀ ଗୋଟାଏ ସମୃଦ୍ଧ ଭାଷା ବୋଲି କେହି କହୁନାହାଁ । କିନ୍ତୁ ତାକୁ ଯଦି ରାଷ୍ଟ୍ରଭାଷା ଭାବରେ ସ୍ୱୀକାର କରାଯିବ; ତେବେ ସେଥିପାଇଁ କଠିନ ଜାତୀୟ ଶ୍ରମ ଦରକାର ।

୧ । ଏକ ଭାଷାରୁ ଅନ୍ୟ ଭାଷାକୁ ପରିବର୍ତ୍ତନ ସମୟ ଓ ଶ୍ରମସାପେକ୍ଷ ।

୨ । ବୈଜ୍ଞାନିକ ବିକାଶ ପାଇଁ ଭାରତୀୟ ଭାଷାମାନଙ୍କରେ ପାରିଭାଷିକ ଶବ୍ଦାବଳି ଆବଶ୍ୟକ ।

୩ । ଅପରିବର୍ତ୍ତିତ ଆନ୍ତର୍ଜାତିକ ଶବ୍ଦ ଓ ସଂସ୍କୃତ ସାହାଯ୍ୟରେ ନିର୍ମିତ ନୂତନ ଶବ୍ଦ ଗ୍ରହଣୀୟ ।

୪ । ନୂତନ ଭାଷା ପ୍ରଚଳନ ପାଇଁ ଅନୁବାଦ ନିତାନ୍ତ ଆବଶ୍ୟକ ।

୫ । ଯଥେଚ୍ଛ ତଥା ଅବୋଧ ଅନୁବାଦକୁ ଉତ୍ସାହିତ ନ କରି ସେଥିପାଇଁ ବୈଜ୍ଞାନିକ ପ୍ରଶିକ୍ଷଣ ଆବଶ୍ୟକ ।

# ହିନ୍ଦୀ ଓ ଦକ୍ଷିଣ

ଭାରତରେ ଇଂରେଜୀକୁ ଗାଦିରେ ରଖିବା ପାଇଁ ଯେଉଁମାନେ ପକ୍ଷପାତୀ, ସେମାନଙ୍କର ବଡ଼ ଘାଟି ହେଉଛି ଦକ୍ଷିଣଭାରତ; ବିଶେଷତଃ ମାନ୍ଦ୍ରାଜ । କଥା କଥାକେ ସେମାନେ ଦକ୍ଷିଣକୁ ହାତ ବଢ଼େଇ କହନ୍ତି—'ହିନ୍ଦୀ ରାଷ୍ଟ୍ରଭାଷା ହୋଇପାରିବ ନାହିଁ, ଦକ୍ଷିଣ ଲୋକେ ଇଂରେଜୀକୁ ଛାଡ଼ିବେ ନାହିଁ । କିଏ ଜାଣେ ଏହି ଭାଷା ଗଣ୍ଡଗୋଳ ନେଇ ଭାରତ ବିଖଣ୍ଡ ହୋଇ ନ ଯିବ ବୋଲି' । କିନ୍ତୁ ଯେଉଁମାନେ ହିନ୍ଦୀର ପକ୍ଷପାତୀ ସେମାନେ କହନ୍ତି—'ଦକ୍ଷିଣ ଲୋକେ ଏତେ ନିର୍ବୋଧ ନୁହନ୍ତି । ସେମାନେ ଦିନରେ ହିନ୍ଦୀକୁ ପ୍ରତିବାଦ କରି ରାତିରେ ଡିବିଜାଳି ହିନ୍ଦୀ ପଢ଼ୁଛନ୍ତି । ଦିନ ଆସିବ, ସେମାନେ ହିନ୍ଦୀବାଲାଙ୍କୁ ମଧ୍ୟ ହିନ୍ଦୀରେ ଟପିବେ ।' କଥାଟା କେତେଦୂର ସତ, ମୁଁ ଜାଣେ ନା । କିନ୍ତୁ ଦକ୍ଷିଣ ଲୋକେ ଅଳ୍ପ ବହୁତେ ହିନ୍ଦୀ ଜାଣନ୍ତି, ଏଥିରେ ସନ୍ଦେହ ନାହିଁ । ଦକ୍ଷିଣଭାରତର କେତେକ ଅଞ୍ଚଳ ମୁଁ ବୁଲିଛି । ସହର ବଜାରର ସାଧାରଣ ଲୋକଙ୍କ ସହିତ ହିନ୍ଦୀରେ କଥାବାର୍ତ୍ତା କରି କାମ ଚଳାଇବାରେ ମୁଁ କିଛି ଅସୁବିଧା ଦେଖି ନାହିଁ ।

ଗାନ୍ଧିଜୀ ଯେତେବେଳେ ବ୍ରିଟିଶ ବିରୁଦ୍ଧରେ ଲଢ଼ାଇ ପାଇଁ ତିଆରି ହେଉଥିଲେ, ସେତେବେଳେ ସେ ହିନ୍ଦୀ ଜରିଆରେ

ଭାରତରେ ଏକତା ରକ୍ଷା କରିବାକୁ ଉଦ୍ୟମ କରିଥିଲେ । ସେହି ଉଦ୍ୟମରେ ସେଦିନର ମାନ୍ଦ୍ରାଜ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ରାଜ-ଗୋପାଳାଚାରୀ କିପରି ଚେଷ୍ଟା କରିଥିଲେ, ସେ କଥା ଆଗରୁ କୁହା-ଯାଇଛି । କିନ୍ତୁ ବର୍ତ୍ତମାନ ଘଟଣାର ସ୍ରୋତ ବଦଳିଯାଇଛି । ଏହିବର୍ଷ ଯେତେବେଳେ ଲୋକସଭାରେ ଭାଷାବିଲ୍ ପେଶ ହେବାକୁ ଯାଉଥିଲା, ତା ପୂର୍ବରୁ ଓ ପରେ ହିନ୍ଦୀ-ଇଂରେଜ ସମ୍ପର୍କ ନେଇ ଅନେକ ଲେଖା ପ୍ରକାଶିତ ହୋଇଥିଲା । 'ଧର୍ମଯୁଗ' ପତ୍ରିକାରେ କେତେକ ଦକ୍ଷିଣ ଭଦ୍ରଲୋକ ଦାକ୍ଷିଣାତ୍ୟରେ ହିନ୍ଦୀଶିକ୍ଷା ସମ୍ପର୍କରେ ଯାହା ସବୁ ଲେଖିଥିଲେ, ତାହାଁର ଅଳ୍ପ କେତୋଟି କଥା ଏଠାରେ କୁହାଯାଇ-ପାରେ ।

ଅଶୋକ ଯେମିତି ତାଙ୍କ ପୁତ୍ରକନ୍ୟାମାନଙ୍କୁ ସିଂହଳ ପଠାଇ ବୌଦ୍ଧଧର୍ମ ପ୍ରଚାର କରିଥିଲେ, ଗାନ୍ଧି ସେମିତି ଦକ୍ଷିଣଭାରତରେ ହିନ୍ଦୀ ପ୍ରଚାର ପାଇଁ ତାଙ୍କ ପୁଅ ଦେବଦାସଙ୍କୁ ପଠାଇଥିଲେ । ୧୯୧୮ରୁ ଆଜିପର୍ଯ୍ୟନ୍ତ ଦୀର୍ଘକାଳ ଧରି ଦକ୍ଷିଣରେ ନିରବଚ୍ଛିନ୍ନ ହିନ୍ଦୀ ପ୍ରଚାର ଚାଲିଛି । କେବଳ ଦକ୍ଷିଣଭାରତ ହିନ୍ଦୀ ପ୍ରଚାର ସମିତି ଜରିଆରେ ଅନ୍ତତଃ ପଞ୍ଚସ୍ତରୀ ଲକ୍ଷ ଲୋକ ହିନ୍ଦୀ ପରୀକ୍ଷା ପାସ କରିଛନ୍ତି । ତା' ଛଡ଼ା ଆଗ୍ରା, ବମ୍ବେ, ଆଲ୍ଲାହାବାଦର ହିନ୍ଦୀ ସଂସ୍ଥାମାନ ଦକ୍ଷିଣ ଭାରତରେ ଅନେକ ପ୍ରକାର ପରୀକ୍ଷା ଚାଲୁ ରଖିଛନ୍ତି । ଦକ୍ଷିଣ ରାଜ୍ୟମାନଙ୍କରେ ଗଲା ଦଶବର୍ଷ ହେଲା ସ୍କୁଲ୍‌କଲେଜରେ ହିନ୍ଦୀ ପଢ଼ାଯାଉଛି । ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ହିନ୍ଦୀବିଭାଗ ମଧ୍ୟ ଅଛି । ଏହିସବୁ ହିସାବରୁ ଦେଖିଲେ ଜଣାପଡୁଛି, ଦକ୍ଷିଣରେ ପ୍ରାୟ ପ୍ରତି ପଚାଶ ଜଣରେ ଜଣେ ହିନ୍ଦୀ ଜାଣନ୍ତି । ହିନ୍ଦୀ ଫିଲ୍ମ ଯଦି କେଉଁଠି ବେଶି ପଇସା ପାଉଥାଏ, ତା' ହେଲେ ଦକ୍ଷିଣରେ । ହିନ୍ଦୀ

ଫିଲ୍ମଗୁଡ଼ିକ ଏବେ ଦକ୍ଷିଣରେ ରଜତଜୟନ୍ତୀ, ସ୍ୱର୍ଣ୍ଣଜୟନ୍ତୀ ପାଳନ କରୁଛନ୍ତି । ସବୁଠୁ ମଜା କଥା ହେଉଛି—ଆଜିକାଲି ଦକ୍ଷିଣରେ ଶ୍ୱଶୁରମାନେ ବୋହୂ ଖୋଜି ଚାଲିବେଳେ ବୋହୂ ହିନ୍ଦୀରେ ପାସ୍ କରିଛି କି ନାହିଁ ବୁଝୁଛନ୍ତି । ଦକ୍ଷିଣ ଜାତି ଆଜି ଭାରତର ପ୍ରଗତିଶୀଳ ଜାତି । ଏପାଖେ ପଞ୍ଜାବ, ସେପାଖେ ମାଡ୍ରାଜ । ଦିଲ୍ଲୀ ହେଉଛି ଆଜି ଏମାନଙ୍କର ସହର । ସୁତରାଂ ଦକ୍ଷିଣର ଭାଗ୍ୟବନ୍ତୀମାନେ ଉତ୍ତରଭାରତରେ କାହିଁକି, ସମଗ୍ର ଭାରତରେ ମଧ୍ୟ ବିଚରଣ କରିବାର ଭାଗ୍ୟ ଲାଭ କରିଛନ୍ତି । ତେଣୁ ହିନ୍ଦୀ ତାଙ୍କର ନିତାନ୍ତ ଦରକାର—ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ତା' ଛଡ଼ା ଯେ କୌଣସି କାରଣରୁ ହେଉ, ନିଜ ଭାଷା ଛଡ଼ା ଆଉ ଗୋଟିଏ ଭାଷା ଶିଖିବା କେତେ ଉପାଦେୟ, ତାହା କୌଣସି ବୁଦ୍ଧିମାନ ଜାତିକୁ ବୁଝାଇବା ଦରକାର ନାହିଁ । ବମ୍ବେ, କଲିକତା ଓ ମାଡ୍ରାଜରେ ପ୍ରଥମେ ଇଂରେଜ ପ୍ରବେଶ କରିଥିବାରୁ ସେଠିକାର ଲୋକେ ସବୁବେଳେ ଆଗରେ ଅଛନ୍ତି । ଯେଉଁମାନେ ଇଂରେଜି ଶିକ୍ଷାକୁ ଯେତେ ପଛରେ ନେଇଥିଲେ, ସେମାନେ ସେତିକି ପଛରେ ରହିଛନ୍ତି । ଦକ୍ଷିଣ ଲୋକେ ନିଶ୍ଚୟ ଜାଣିଥିବେ—ହିନ୍ଦୀଯୁଗ ଯେତେବେଳେ ଆସୁଛି, ଆଗକୁ ଡେଇଁବା ଭଲ; ଯେ ପଛରେ ରହିଯିବ ସେ ଲୁହ ପୋଛୁଥିବ । ତେଣୁ ହିନ୍ଦୀ ରାଷ୍ଟ୍ରଭାଷା ହେଲେ ଦକ୍ଷିଣ ଲୋକେ ଯେ ଏକଦମ୍ ଅସୁବିଧାରେ ପଡ଼ିଯିବେ ଓ କେବଳ ଦକ୍ଷିଣ ଲୋକଙ୍କ ପ୍ରତିବାଦ ଯୋଗୁଁ ହିନ୍ଦୀକୁ ରାଷ୍ଟ୍ରଭାଷା କରା ନ ଯାଉ ବୋଲି ଯାହା କୁହାଯାଉଛି, ତାହା କେତେଦୂର ସତ୍ୟ, ପରୀକ୍ଷା କରିବାର କଥା ।

ଜୁନ ତା ୩-୧୯୬୩ରେ ମାଡ୍ରାଜଠାରେ ଏକ ସଭାରେ ରାଜାଜୀ କହିଛନ୍ତି—ହିନ୍ଦୀ ହିନେ ନା ହିନେ ନିଶ୍ଚୟ ରାଷ୍ଟ୍ରଭାଷା ହେବ ବୋଲି

ଯାହା କୁହାଯାଉଛି, ସେଇଟା ଏକ ଭପୂଙ୍କର ଭୁଲ । ଇଂରେଜ ଅନନ୍ତ-କାଳ ପାଇଁ ରହିବ । (୭) ସେ ପୁଣି କହିଛନ୍ତି—ବ୍ରିଟିଶମାନେ ଆମକୁ ବାଧ କରି ଇଂରେଜ ପଢ଼ାଇଲେ, ପୁଣି ଏଇ ସରକାର ବି ଆମକୁ ବାଧ କରି ହିନ୍ଦୀ ପଢ଼ାଇବେ ! ଆମେମାନେ ଆଉ ଏ ଦିଗରୁ ପରାଜୟ ଚାହୁଁନାହୁଁ । ଠିକ୍ ସେହିଦିନ ମଦୁରାଇଠାରେ ଗୋଟିଏ ସଭାରେ 'ତାମିଲ ଅସୁ କଡ଼ଗମ୍' ସଭାର ସଭାପତି କହି-ଥିଲେ—ରାଜ୍ୟ ଶାସନରୁ ଇଂରେଜକୁ ଅଚିରେ ବିଦାୟ ଦେବାପାଇଁ ସେମାନେ ଖୁବ୍ ନିକଟରେ ଅଭିଯାନ ଆରମ୍ଭ କରିବେ । (୭) ତାଙ୍କର ପ୍ରଥମ କାମ ହେବ—ଯେତେ ଯେଉଁଠି ବୋର୍ଡ଼ରେ ଇଂରେଜ ନାଁ ଲେଖାହୋଇଛି, ତାକୁ ସବୁ ଉଠାଇବେ । ତେଣୁ ଦକ୍ଷିଣ ଲୋକେ ହିନ୍ଦୀ ଚାହୁଁଛନ୍ତି ବା ନ ଚାହୁଁଛନ୍ତି, ସେ କଥାକୁ ଛାଡ଼ିଦେଲେ ସମସ୍ତେ ଯେ ଇଂରେଜ ଚାହୁଁଛନ୍ତି ତା' ବି ତ ନୁହେଁ । ରାଜାଜୀ ୧୯୬୮ରେ ଯାହା କହିଥିଲେ, ଏହି ପ୍ରବନ୍ଧରେ ତା' ଆଗରୁ କୁହାଯାଇଛି । ଅତୀତ ଓ ବର୍ତ୍ତମାନକୁ ତୁଳନା କରି ଦେଖିଲେ ରାଜାଜୀ କେବଳ ରାଜନୀତି ପାଇଁ ଏମିତି କହୁଛନ୍ତି ନା ଦକ୍ଷିଣର ସ୍ୱାର୍ଥ ପାଇଁ ଏମିତି କହୁଛନ୍ତି, ବୁଝିବା କଷ୍ଟ । କିନ୍ତୁ କେନ୍ଦ୍ର ସରକାରଙ୍କ ହିନ୍ଦୀ ନୀତିରେ ଦକ୍ଷିଣ ଯେ ଏକ ମୁଣ୍ଡବ୍ୟଥା ପରି ରହିଛି, ଏଥିରେ ସନ୍ଦେହ ନାହିଁ । ଭାଷାବିଲ୍ ବିରୁଦ୍ଧରେ ଆନ୍ଦୋଳନକାରୀମାନଙ୍କୁ ଅଳ୍ପ କେତେଦିନ ତଳେ ଶ୍ରୀଯୁକ୍ତ ଲାଲବାହାଦୁର ଶାସ୍ତ୍ରୀ ଯେଉଁ ଚେତାବନୀ ଶୁଣାଇଥିଲେ, ସେଇଟା ରାଜାଜୀଙ୍କ ପ୍ରତି କେତେଦୂର ପ୍ରଯୁଜ୍ୟ, ଦେଖିବାକୁ ବାକି ରହିଲା । ଶ୍ରୀଯୁକ୍ତ ନେହରୁ ଏବେ ତାଙ୍କ ମାନ୍ଦ୍ରାଜ ଟୁରରେ ରାଜାଜୀଙ୍କୁ ଅପ୍ରତ୍ୟକ୍ଷ ଭାବରେ କ'ଣ ଶୁଣାଇ ନାହାନ୍ତି । ରାଜାଜୀ ଯେଉଁ ଇଂରେଜ ଏକମାତ୍ର ରାଷ୍ଟ୍ରଭାଷା ଦୁଆ ଉଠାଇଛନ୍ତି, ସେଥିରେ ତାଙ୍କ ଦଳର ଅନ୍ୟତମ ମୁଖ୍ୟ କେ· ଏମ୍ ମୁନସୀ ମଧ୍ୟ ଏକମତ ହୋଇ

ପାରନାହାନ୍ତି । ରାଜାଜୀଙ୍କର ଏ ବିଷୟରେ ମତ ପରିବର୍ତ୍ତନ ନ ହେଲେ ସ୍ଵତନ୍ତ୍ରପାର୍ଟି ଦୁଇଭାଗ ହୋଇଯିବାର ଆଶଙ୍କା ଅଛି । ବର୍ତ୍ତମାନ ପରିସ୍ଥିତିରେ ଇଂରେଜିକୁ ଏକମାତ୍ର ରାଷ୍ଟ୍ରଭାଷା କରି ରଖିବା ପାଇଁ ଖୁବ୍ କମ୍ ଲୋକ ଭାବୁଛନ୍ତି । ଦକ୍ଷିଣଭାରତର ହାଇଦରାବାଦ ଠାରେ ଯେଉଁ ଇଂଲିଶ ଇନ୍‌ଷ୍ଟିଚ୍ୟୁଟ୍ ଅଛି, ତା'ର ଡିରେକ୍ଟର ଶ୍ରୀଯୁକ୍ତ ଗୋକକ୍ 'ଭାରତରେ ଇଂରେଜିର ଭବିଷ୍ୟତ' ନାମରେ ଏକ ଲେଖାଲେଖି ଭାଷାତାତ୍ତ୍ୱିକ ଦୃଷ୍ଟିରୁ ବିଷୟଟିକୁ ବିଚାର କରିଛନ୍ତି ଓ କହିଛନ୍ତି—ଇଂରେଜି ଭାରତର ଏକମାତ୍ର ରାଷ୍ଟ୍ରଭାଷାରୂପେ କେବେହେଲେ ଗୃହୀତ ହୋଇପାରିବ ନାହିଁ । ଭାଷାବିତ୍ ବୈଜ୍ଞାନିକ ଓ ରଣକୌଶଳୀ ରାଜନୀତିଜ୍ଞଙ୍କ ମଧ୍ୟରୁ କିଏ ଜିତିବ, ତାହା ଭବିଷ୍ୟତ କହିବ; ହେଲେ ବିଜ୍ଞାନଯୁଗରେ ବିଜ୍ଞାନର ଜୟ ହେବା କଥା ।

୧ । ଦକ୍ଷିଣଲୋକେ ସମ୍ପୂର୍ଣ୍ଣ ହିନ୍ଦୀ ଅନଭିଜ୍ଞ ନୁହନ୍ତି ।

୨ । ଦକ୍ଷିଣଭାରତରେ ପଚିଶ ଜଣରେ ଜଣେ ହିନ୍ଦୀ ଜାଣନ୍ତି ବୋଲି ହିସାବ ।

୩ । ରାଜଗୋପାଳାଚାରିଙ୍କର ପରିବର୍ତ୍ତିତ ମତ ଓ ଭାରତ ସରକାରଙ୍କର ମୁଣ୍ଡବ୍ୟଥା ।

୪ । ହିନ୍ଦୀ ଓ ସ୍ଵତନ୍ତ୍ରପାର୍ଟି ରାଜନୀତି ।

# ହିନ୍ଦୀ ଓ ସର୍ବଭାରତୀୟ ସର୍ଭିସ

ପୁଅ ସ୍କୁଲ୍-କଲେଜକୁ ଗଲେ ଗାଁ ଗହଳରେ ବାପ କହେ—ପୁଅ ଏଥର 'ବାବୁ' ହେବ; ସାଇପଡ଼ିଶା ବି କହନ୍ତି—ବାବୁ ହେବ, କାରଣ ସେ ଇଂରେଜି ପଢ଼ୁଛି । ଆମେ ଆମ ଗାଁ ଗହଳରେ ଯାହା କହୁ, ସାର୍ ଆଇଭର ଜେନିଙ୍ଗସ୍ ତାଙ୍କ ଅକ୍ସଫୋର୍ଡ଼ ଭାଷଣରେ ମଧ୍ୟ ସେୟା କହନ୍ତି—ଭାରତୀୟମାନେ ବାବୁ ହେବାପାଇଁ, ମାନେ ଚାକିରି କରିବା ପାଇଁ ଇଂରେଜି ପଢ଼ନ୍ତି । ତା ଯଦି ସତ ହୋଇଥାଏ; ଇଂରେଜି ଯେଉଁଦିନ ଚାଲିଯିବ, ସେଦିନ ଏମାନେ ବାବୁ ହେବେ କେମିତି ? ସରକାର କହୁଛନ୍ତି—ଇଂରେଜି ନ ପଢ଼ିଲେ ବି ଲୋକେ ବାବୁ ହୋଇପାରିବେ । ହିନ୍ଦୀ, ବଙ୍ଗଳା, ଗୁଜରାଟୀ, ମରାଠୀ, ଓଡ଼ିଆ, ଆସାମୀ ଯାହା ପଢ଼ିଲେ ବି ବାବୁ ହେବାରେ କିଛି ଅସୁବିଧା ହେବ ନାହିଁ । ପାଠ ତ ଏକା, ଖାଲି ଭାଷା ସିନା ଭିନ୍ନ ଭିନ୍ନ !

ରାଜାଜୀ କିନ୍ତୁ ଏ ଯୁକ୍ତି ଶୁଣିବାକୁ ନାରାଜ । ସେ କହନ୍ତି, ଠିକ୍ କଥା; ତମେ ସିନା ଓଡ଼ିଶା, ବଙ୍ଗଳା, ମହାରାଷ୍ଟ୍ର ଓ ଗୁଜରାଟ ପାଇଁ ବାବୁ ନିଯୁକ୍ତ କଲାବେଳେ ସେହି ରାଜ୍ୟମାନଙ୍କର ଭାଷାରେ କାମ ଚଳାଇନେବ, କିନ୍ତୁ ଯେତେବେଳେ ସମଗ୍ର ଭାରତବର୍ଷ ପାଇଁ ଲୋକ ବାଛିବ, ସେତେବେଳେ ରାଜ୍ୟଭାଷାରେ କେମିତି କାମ ଚଳାଇବ ? ଇଂରେଜି ଛଡ଼ା ତମର ସେଠି ଆଉ ଉପାୟ କ'ଣ ? ଉପାୟ ହେଉଛି—ହିନ୍ଦୀ । ହିନ୍ଦୀ ଯେତେବେଳେ ରାଷ୍ଟ୍ରଭାଷା ହେବ

ଓ ସମଗ୍ର ଦେଶରେ ଲୋକେ ତାକୁ ପଢ଼ିବେ, ସେତେବେଳେ ହିନ୍ଦୀରେ ସବୁ ଭାରତୀୟ ପରୀକ୍ଷା ହୋଇପାରିବ; ଯଥା—ଆଇ. ଏ. ଏସ୍., ଆଇ. ପି. ଏସ୍ ଓ ଆଉ ଯାହା ସବୁ ପ୍ରଥମ ଶ୍ରେଣୀ ଚାକିରି ଅଛି । ରାଜାଜୀଙ୍କର ଅସଲ ପ୍ରତିବାଦ ହେଉଛି ଏହାର ବିରୁଦ୍ଧରେ । ହିନ୍ଦୀରେ ପରୀକ୍ଷା ହେଲେ ହିନ୍ଦୀ ପିଲାମାନଙ୍କର ଯେଉଁ ସୁବିଧା ହେବ, ଅହିନ୍ଦୀ ପିଲାଙ୍କର ତା ହୋଇପାରିବ ନାହିଁ । ସେମାନଙ୍କ ପକ୍ଷରେ ହିନ୍ଦୀ ଏକ ବିଦେଶୀ ଭାଷା; ତାକୁ ସେମାନେ ମାଆ କୋଳରୁ ଶିଖିନାହାନ୍ତି, ସ୍କୁଲ୍ କଲେଜରୁ ଶିଖିଛନ୍ତି ଯେମିତି ଇଂରେଜି ଶିଖିଛନ୍ତି । ତା'ଛଡ଼ା ଇଂରେଜି ବିଦେଶୀ ବୋଲି ତାକୁ ଯଦି ଆମେ ଉଠାଇଲେ, ଯେଉଁ-ମାନଙ୍କ ପାଇଁ ହିନ୍ଦୀ ହେଉଛି ଏକ ପ୍ରକାର ବିଦେଶୀ, ସେମାନେ କାହିଁକି ତାକୁ ଗ୍ରହଣ କରିବେ ? ଅନ୍ୟ ପକ୍ଷରେ ଇଂରେଜି ହେଲେ କାହାର କିଛି କହିବାର ନାହିଁ, କାରଣ ତାହା ସମସ୍ତଙ୍କ ପାଇଁ ନୂଆ । କିନ୍ତୁ ହିନ୍ଦୀ ହେଲେ ହିନ୍ଦୀ ଲୋକଙ୍କର ଲାଭ । ପ୍ରକୃତରେ ଏହି ସର୍ବଭାରତୀୟ ପରୀକ୍ଷା ଏକ ପ୍ରଧାନ ସମସ୍ୟା ।

ଏହି ପରୀକ୍ଷା ସମସ୍ୟାକୁ ସମାଧାନ କରିବା ପାଇଁ ନାନା-ଉପାୟ ଚିନ୍ତା କରାଯାଇଛି, କିନ୍ତୁ କୌଣସି ସମାଧାନ ଏ ପର୍ଯ୍ୟନ୍ତ ସଠିକ୍ ଦେଖା ପଡ଼ିନାହିଁ; ସବୁ କେବଳ କାଳ୍ପନିକ ଅବସ୍ଥାରେ ଅଛି । ଗୋଟିଏ ସମାଧାନ ହେଉଛି—କୋଟା କିମ୍ବା ଭାଗ ବ୍ୟବସ୍ଥା । କେନ୍ଦ୍ର-ସରକାର ଯଦି ସ୍ଥିର କରିଦିଅନ୍ତି, କେଉଁ ରାଜ୍ୟରୁ କେତେ ଲୋକ ସର୍ବଭାରତୀୟ ଚାକିରିରେ ରହିବେ, ତା ହେଲେ ପ୍ରତ୍ୟେକ ରାଜ୍ୟ ନିଜ ନିଜ ଉପାୟରେ ପରୀକ୍ଷା କରି ନିଜ ଲୋକ ବାଛି କେନ୍ଦ୍ର-ସରକାରଙ୍କୁ ଯୋଗାଇ ଦିଅନ୍ତେ । କିନ୍ତୁ ସେପରି ବ୍ୟବସ୍ଥାରେ ଚାକିରିର ଷ୍ଟାଣ୍ଡାର୍ଡ଼ କମିଯିବାର ସମ୍ଭାବନା ଅଛି । ଭାଷା କମିଶନ

ତାଙ୍କ ରିପୋର୍ଟରେ କହିଛନ୍ତି—ସର୍ବଭାରତୀୟ ଚାକିରିର ଯଦି ଷ୍ଟାଣ୍ଡାର୍ଡ଼ କମିଯାଏ, ତା ହେଲେ ଦେଶ ପକ୍ଷରେ ତା' କ୍ଷତିକାରକ ହେବ। ପରୀକ୍ଷାର ପଦ୍ଧତି ଯାହାହେଉ, କିନ୍ତୁ ଉଚ୍ଚ ଧରଣର ଲୋକ ଚାକିରିକୁ ଆସିବା ଉଚିତ । ସମାଧାନର ଅନ୍ୟ ପନ୍ଥା ହେଉଛି ଇଂରେଜି ସଙ୍ଗେ ସଙ୍ଗେ ହିନ୍ଦୀ ଓ ଅନ୍ୟାନ୍ୟ ଆଞ୍ଚଳିକ ଭାଷାମାନଙ୍କୁ ପରୀକ୍ଷା ମାଧ୍ୟମରୂପେ ସ୍ୱୀକାର କରିବା । ହିନ୍ଦୀ ପିଲାମାନେ ହିନ୍ଦୀରେ ପରୀକ୍ଷା ଦେବେ। ଅନ୍ୟାନ୍ୟ ଆଞ୍ଚଳିକ ଭାଷା ଗ୍ରୁପମାନେ ନିଜ ଭାଷାରେ ପରୀକ୍ଷା ଦେଇପାରିବେ। ତେଣୁ ହିନ୍ଦୀ ପିଲାମାନେ ଅଧିକ ସୁବିଧା ପାଇବାର ପ୍ରଶ୍ନ ଉଠିବ ନାହିଁ। ଯେଉଁମାନେ ଇଂରେଜିରେ ପରୀକ୍ଷା ଦେବାକୁ ଚାହିଁବେ, ସେମାନେ ମଧ୍ୟ ଇଂରେଜିରେ ଦେଇପାରିବେ। କିନ୍ତୁ କାଳକ୍ରମେ ଇଂରେଜି ଯେତେବେଳେ ସର୍ବଭାରତୀୟ ପରୀକ୍ଷାରୁ ଉଠିଯିବ, ସେତେବେଳେ ଆଞ୍ଚଳିକ ଭାଷା ଗ୍ରୁପମାନଙ୍କୁ ଗୋଟିଏ ପତ୍ର ହିନ୍ଦୀ ପରୀକ୍ଷା ଦେବାକୁ ହେବ ଓ ହିନ୍ଦୀ ପିଲାମାନଙ୍କୁ କୌଣସି ନା କୌଣସି ଗୋଟିଏ ଆଞ୍ଚଳିକ ଭାଷାର ପରୀକ୍ଷା ଦେବାକୁ ହେବ। କିନ୍ତୁ ହିନ୍ଦୀ-ଅହିନ୍ଦୀ ସବୁ ଗ୍ରୁପଙ୍କୁ ଇଂରେଜିରେ ଗୋଟିଏ ପତ୍ର ପରୀକ୍ଷା ଦେବାକୁ ହେବ । ଆମର ଭାଷାନୀତି ହେଲା—ଆଗେ ଆଞ୍ଚଳିକ ଭାଷା, ତା ପରେ ହିନ୍ଦୀଭାଷା, ତା ପରେ ଇଂରେଜି ଭାଷା। ତେଣୁ ସର୍ବଭାରତୀୟ ସଂସ୍ଥାପାଇଁ ତିନୋଟିଯାକ ଦରକାର । କେବଳ ପରିବର୍ତ୍ତନ ହେବ ସେମାନଙ୍କର ଯୋଗ୍ୟସନରେ। ଇଂରେଜିର ପ୍ରଥମ ଯୋଗ୍ୟସନ ଦ୍ୱିତୀୟକୁ ବଦଳିଯିବ, ହିନ୍ଦୀ ଓ ଆଞ୍ଚଳିକ ଭାଷା ପ୍ରଥମକୁ ଚାଲିଆସିବେ । କିନ୍ତୁ ସେ ବ୍ୟବସ୍ଥା ନ ହେଲା ପର୍ଯ୍ୟନ୍ତ ଇଂରେଜି ଚାଲିଥିବ। ଆମ ସ୍କୁଲ-କଲେଜରେ ଇଂରେଜିର ବର୍ତ୍ତମାନ ଯାହା ଷ୍ଟାଣ୍ଡାର୍ଡ଼ ହେଲାଣି, ବଡ଼ ବଡ଼ ଚାକିରୀ ଆଶା କରୁଥିବା ପିଲାମାନେ ଆଉ ସେଠିକି ନ ଯାଇ କନ୍‌ଭେଣ୍ଟ କିମ୍ବା ପବ୍ଲିକ୍-

ସ୍କୁଲଙ୍କୁ ଦଉଛନ୍ତି । ଯେଉଁମାନେ ସବୁଦିନେ ସେଠି ପଢ଼ି ପାରୁ-ନାହାନ୍ତି, ସେମାନେ ଅନ୍ତତଃ ଦୁଇ ତିନି ବର୍ଷରେ ସେଠି ଇଂରେଜିର ମୂଳଦୁଆ ପକାଇ ଅନ୍ୟତ୍ର ଯାଉଛନ୍ତି । ଇଂରେଜି ପଢ଼ିଲେ ବାବୁ ହୁଅନ୍ତି କଥାଟା ସତ୍ୟହୋଇ ରହିଥିବ ଯେ ପର୍ଯ୍ୟନ୍ତ ଇଂରେଜି ତା ଗାଦିରେ ରହିଥିବ ।

ଗୋଟିଏ ପ୍ରଶ୍ନ ହେଉଛି — ହିନ୍ଦୀ ଓ ଆଞ୍ଚଳିକ ଭାଷାରେ ପରୀକ୍ଷା ହେଲାବେଳେ ପରୀକ୍ଷକ କେବଳ ହିନ୍ଦୀ ଓ ଆଞ୍ଚଳିକ ଭାଷାରୁ ଆସି-ବାକୁ ବାଧ୍ୟ ହେବେ; ମାନେ, ହିନ୍ଦୀଖାତା ଦେଖିବେ ହିନ୍ଦୀବାଲା, ଓଡ଼ିଆ ଖାତା ଓଡ଼ିଆ ଓ ବଙ୍ଗଳା ଖାତା ବଙ୍ଗାଳୀ । କିନ୍ତୁ ଏପରି ଘଟିବାର କୌଣସି କାରଣ ନାହିଁ । ହିନ୍ଦୀ ଲେଖା ତ ଯେ କୌଣସି ଅହିନ୍ଦୀ ଲୋକ ଦେଖିପାରିବେ । କାରଣ ହିନ୍ଦୀକୁ ଭାରତରେ ସମସ୍ତେ ପଢ଼ିବେ । ବାକି ଆଞ୍ଚଳିକ ଭାଷା କଥା । ବର୍ତ୍ତମାନ ଭାରତସରକାର ପ୍ରାୟ ସବୁ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ଆଞ୍ଚଳିକ ଭାଷା ପଢାଇବାକୁ ଆରମ୍ଭ କଲେଣି । ତାହାହେଲେ ତାମିଲ ପଢ଼ିଥିବା ଓଡ଼ିଆଲୋକ ମାଡ୍ରାଜ ପିଲାଙ୍କ ଖାତା ଦେଖିପାରିବେ ଓ ଓଡ଼ିଆ ଜାଣିଥିବା ମାଡ୍ରାଜଲୋକ ଓଡ଼ିଶା ପିଲାଙ୍କ ଖାତା ଦେଖିପାରିବେ । ଏଥିପାଇଁ କିଛି ସମୟ ଓ ପରିଶ୍ରମ ଲାଗିବ; କିନ୍ତୁ କଥାଟା ଏକାବେଳେ ଅସମ୍ଭବ ନୁହେଁ ।

କେତେକେ ଭାବନ୍ତି, କେନ୍ଦ୍ର ଚାକିରୀ ପାଇଁ କୋଟା ସିଷ୍ଟେମ ହୋଇଗଲେ ବୋଧହୁଏ ହିନ୍ଦୀ-ଇଂରେଜି- ଆଞ୍ଚଳିକ ଭାଷାସମସ୍ୟା ରହନ୍ତା ନାହିଁ । ଆଜି ତ ପୁଣି ପ୍ରତି ରାଜ୍ୟରୁ କୋଟା ଅନୁସାରେ କେତେକ ଲୋକ ଆଇ. ଏ. ଏସ୍., ଓ ଆଇ. ପି. ଏସ୍. ହେଉଛନ୍ତି; ସେମାନେ ତ ପୁଣି ପ୍ରତ୍ୟକ୍ଷ ପ୍ରତିଯୋଗୀ ଆଇ.ଏ.ଏସ୍., ଆଇ.ପି.ଏସ୍-

ମାନଙ୍କ ପରି କାମ କରୁଛନ୍ତି । ହୁଏ ତ କେତେକ କ୍ଷେତ୍ରରେ ତାଙ୍କ ଦୀର୍ଘ ଅନୁଭୂତି ଯୋଗୁଁ ସେମାନେ ଅଧିକ ସୁବିଧାରେ କାମ କରି-ପାରୁଥିବେ । ଇଂଲଣ୍ଡରେ ଲୋକେ କନଷ୍ଟେବଲ୍‌ରୁ ଉଠି କମିଶନର ହୁଅନ୍ତି, କିନ୍ତୁ ଆମର ମାଉଣ୍ଟଆବୁରୁ ଫେରି ଜିଲାମାଲିକ ହୁଅନ୍ତି । ତେଣୁ କ୍ଷତି କ'ଣ ଯଦି ରାଜ୍ୟର ପ୍ରବୀଣ ଲୋକମାନଙ୍କୁ ଉଚ୍ଚଶ୍ରେଣୀର ପରୀକ୍ଷାରେ ପାସ କରାଇ ଏକ କେନ୍ଦ୍ରୀୟ ସର୍ଭିସ ପୁଲ୍‌କୁ ପଠାଯାଏ, ତା ହେଲେ ତ ଆଉ ହିନ୍ଦୀ-ଇଂରେଜୀ ଗଣ୍ଡଗୋଳର ପ୍ରଶ୍ନ ରହିବ ନାହିଁ । କିନ୍ତୁ ପୁରୁଣାକୁ ଭାଙ୍ଗି ନୂଆ ଗଢ଼ିବାର ସାହସ ଆମ ଦେଶରେ କମ୍ । ସାହେବମାନେ ଚାଲିଗଲେ ମଧ୍ୟ ସାହେବୀ ପଦ୍ଧତି ପୂରାପୂରି ରହିଛି । ତାଙ୍କ ଭାଷାର ରାଜତ୍ୱ ଥିବାଯାଏ ତାଙ୍କ ପଦ୍ଧତିର ପ୍ରଭାବ ଅପ୍ରତିହତ ରହିବ । ଏହି ଆଇ. ଏ. ଏସ୍ , ଆଇ. ପି. ଏସ୍. ପ୍ରଭୃତି ଚାକିରୀ ସିଷ୍ଟେମ ବିରୁଦ୍ଧରେ କେତେ ଲୋକ ପାଟିତୁଣ୍ଡ ଯେ ନ କରିଥିଲେ, ତା ନୁହେଁ । ସେମାନେ ଏ ପଦ୍ଧତିକୁ ଉଠାଇଦେଇ ଅନ୍ୟ ପଦ୍ଧତି ଚାହୁଁଥିଲେ । କିନ୍ତୁ ବ୍ରିଟିଶ ଶାସନର ସବୁ କଥା ଯେମିତି ରହିଲା, ଇଏ ମଧ୍ୟ ସେମିତି ରହିଛି । କିନ୍ତୁ ଏହି କେତୋଟି ଚାକିରୀ ପାଇଁ ଯଦି ଦେଶର ଭାଷା ସଂସ୍କୃତି ସବୁ ବଦଳାଇବାକୁ ପଡ଼େ, ତାହା ଭାରତ ପରି ଏକ ବିଶାଳ ଦେଶର ଚିନ୍ତା କରିବାର କଥା ।

୧ । ହିନ୍ଦୀ ମାଧ୍ୟମରେ କେନ୍ଦ୍ର ଚାକିରୀ ପାଇଁ ପରୀକ୍ଷା ଅସୁବିଧା ।

୨ । ହିନ୍ଦୀ, ଇଂରେଜୀ ଓ ଆଞ୍ଚଳିକ ଭାଷାରେ ପରୀକ୍ଷା ବ୍ୟବସ୍ଥା ।

୩ । କେନ୍ଦ୍ର ଚାକିରୀ ପାଇଁ ରାଜ୍ୟମାନଙ୍କରୁ ଭାଗ (କୋଟା) ବ୍ୟବସ୍ଥା ।

# ହିନ୍ଦୀ ଘରେ ଓ ବାହାରେ

ବଙ୍ଗଳା କିମ୍ବା ତାମିଲ ତୁଳନାରେ ହିନ୍ଦୀ ବିଶେଷ ସମୃଦ୍ଧ ନୁହେ । ହିନ୍ଦୀ କିନ୍ତୁ ବିହାରରୁ ପଞ୍ଜାବଯାଏ ଦିଗନ୍ତବିସ୍ତାରୀ । କୋଡ଼ିଏ କୋଟିରୁ ଅଧିକ ଲୋକ ଏଇ ଭାଷା କହନ୍ତି । ହିନ୍ଦୀକୁ ରାଷ୍ଟ୍ରଭାଷା କରିବାର ଏହି ହେଲା ପ୍ରଧାନ କାରଣ । ତାମିଲ ଓ ବଙ୍ଗଳା ଖୁବ୍ ସମୃଦ୍ଧ ତଥା ଉନ୍ନତ ଭାଷା ହୋଇଥିବାରୁ ଏହି ପଦବୀ ପାଇଁ ଯେ ଅଳ୍ପ ବହୁତେ ଆଶା ନ କରିଥିବେ, ଏକଥା ନୁହଁ । ପ୍ରକାଶ୍ୟ ଭାବରେ ପ୍ରଚାର ନ କଲେ ମଧ୍ୟ ଅପ୍ରକାଶ୍ୟ ଭାବରେ ଏହି ଚିନ୍ତା କାର୍ଯ୍ୟ କରିଥିବ । ତା ଛଡ଼ା କଥାଟା ଯେ ନିହାତି ଅସ୍ୱାଭାବିକ, ତା ବି ନୁହେଁ । ଯଦି ଗୋଷ୍ପଦ ପରିମିତ ସୁଇଜରଲଣ୍ଡରେ ଚାରିଟା ଭାଷା ରାଷ୍ଟ୍ରଭାଷାରୂପେ ଚଳିପାରେ, ତେବେ ଭାରତ ପରି ବିଶାଳ ଭୂଖଣ୍ଡରେ କ'ଣ ତିନିଟା ଭାଷା ଚଳି ପାରନ୍ତା ନାହିଁ ? କିନ୍ତୁ ଭାରତରେ ସମସ୍ୟା ଅଲଗା । ଏହି ତିନି ଭାଷାକୁ ଛାଡ଼ି ଆହୁରି ଏଗାରଟା ଆଞ୍ଚଳିକଭାଷା ଅଛନ୍ତି, ପୁଣି ସଂସ୍କୃତ ଗୋଟାଏ ପ୍ରାଚୀନ ଭାଷା ସାଙ୍ଗକୁ ଇଂରେଜି ଗୋଟାଏ ଆଧୁନିକ ଭାଷା ମଧ୍ୟ ରହିଛି । ଛୋଟ ରାଜ୍ୟମାନଙ୍କରେ ସମସ୍ୟା ସମାଧାନ ଯେମିତି ସହଜ, ବଡ଼ ବଡ଼ ଦେଶମାନଙ୍କରେ ସେମିତି ସହଜ ନୁହେଁ । ସେ ଯାହାହେଉ, ନାନା କାରଣରୁ ବିଶେଷତଃ ଜାତୀୟତା କାରଣରୁ ସ୍ଥିରହେଲା— ଇଂରେଜି ଯିବ ଓ ତାହା ସ୍ଥାନରେ ହିନ୍ଦୀ ରାଷ୍ଟ୍ରଭାଷାରୂପେ ରହିବ ।

ହିନ୍ଦୀ ଯଥେଷ୍ଟ ସମୃଦ୍ଧ ନ ହୋଇଥିବାରୁ ତାକୁ ସମୃଦ୍ଧ କରିବା ପାଇଁ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କ ଜରିଆରେ ନାନା ପ୍ରକାର କାର୍ଯ୍ୟକ୍ରମ ଗୃହୀତ ହେଲା । ପ୍ରଥମତଃ ଦେଶର ନାନା ସ୍ଥାନରେ ପ୍ରଚାରକେନ୍ଦ୍ରମାନ ଖୋଲାଯାଇ ହିନ୍ଦୀ ପ୍ରଚାର କରାଗଲା । ଆମ ଦେଶରେ ଗୋଟିଏ ବଡ଼ ଏହିଭଳି ୭୨୦୦ ପ୍ରଚାରକେନ୍ଦ୍ର ଅଛି । ଦ୍ୱିତୀୟରେ, ସାହିତ୍ୟ ସୃଷ୍ଟି କରିବା ପାଇଁ ବହୁ ସରକାରୀ ଓ ବେସରକାରୀ ସଂସ୍ଥା ସ୍ଥାପିତ ହେଲା । ଏମାନଙ୍କ ମଧ୍ୟରୁ ଅଧିକାଂଶ ହିନ୍ଦୀଭାଷୀ ରାଜ୍ୟମାନଙ୍କରେ ରହିଲେ । ଆଲ୍ଲାହାବାଦ ପରି ଗୋଟିଏ ଗୋଟିଏ ସହରରେ ତିନି ତିନୋଟି ସଂସ୍ଥା ଗଢ଼ିଉଠିଲା, ଯଥା— ହିନ୍ଦୁସ୍ତାନୀ ଆକାଡେମୀ, ଭାରତୀୟ ହିନ୍ଦୀପରିଷଦ ଓ ବିଜ୍ଞାନ ପରିଷଦ । ବନାରସର ନାଗରୀପ୍ରଚାରଣୀ ସଭା, ବିହାର ରାଷ୍ଟ୍ରଭାଷା-ସଭା ପରି ବହୁ ଅନୁଷ୍ଠାନ ଜରିଆରେ ଅନେକ ହିନ୍ଦୀପୁସ୍ତକ ପ୍ରକାଶିତ ଓ ପ୍ରଚାରିତ ହେଉଛି । ହିନ୍ଦୀ ପ୍ରକାଶନୀ ସଂସ୍ଥାମାନଙ୍କୁ ସରକାରୀ ବେସରକାରୀ ଉଭୟ ସାହାଯ୍ୟ ମିଳୁଛି । ସେଥିପାଇଁ ଆଜି-କାଲି ହିନ୍ଦୀ ପୁସ୍ତକମାନଙ୍କର କାଠଗ୍ରୁଣ୍ଡ ଓ ଚେହେରା ସଂପୂର୍ଣ୍ଣ ବଦଳି ଗଲାଣି । ହିନ୍ଦୀର ପାଠକସଂଖ୍ୟା ଅଧିକ ହୋଇଥିବାରୁ ଅଳ୍ପ ମୂଲ୍ୟରେ ଅନେକ ପକେଟ ସଂସ୍କରଣ ବହି ବାହାରିଲାଣି । କେତେକ ରାଜ୍ୟର ସ୍କୁଲମାନଙ୍କରେ ହିନ୍ଦୀ ବାଧ୍ୟତାମୂଳକ ଭାବରେ ଓ ଅନ୍ୟ କେତେ-କରେ ବୈକଳ୍ପିକରୂପେ ପଢ଼ାଯାଉଛି । ଅହିନ୍ଦୀ ପ୍ରଦେଶମାନଙ୍କରେ ପ୍ରାୟ ସମସ୍ତ ବଡ଼ ବଡ଼ କଲେଜମାନଙ୍କରେ ହିନ୍ଦୀ ଅଧ୍ୟୟନ ପାଇଁ ବ୍ୟବସ୍ଥା ରହିଛି । ହିନ୍ଦୀର ଭବିଷ୍ୟତଟା ବେଶ ଉଜ୍ଜ୍ୱଳ ଦେଖା-ଯାଉଥିଲେ ମଧ୍ୟ ଆମ ଲୋକଙ୍କର ଏ ପର୍ଯ୍ୟନ୍ତ ବିଶ୍ୱାସ ଆସିନାହିଁ । ବୋଧହୁଏ ସେଇଥିପାଇଁ କଲେଜ କ୍ଲାସମାନଙ୍କରେ ଗୋଟିଏ ଦୁଇଟିରୁ ବେଶି ଛାତ୍ର ରହୁନାହାନ୍ତି । କେନ୍ଦ୍ରସରକାର ସାମୟିକ

କ୍ଲାସ ଖୋଲି ତାଙ୍କ ଅଫିସରମାନଙ୍କୁ ହିନ୍ଦୀ ଶିକ୍ଷା ଦେଉଛନ୍ତି । ତା' ଛଡ଼ା ଅଲ ଇଣ୍ଡିଆ ରେଡ଼ିଓ ସପ୍ତାହରେ ପ୍ରାୟ ପାଞ୍ଚଦିନ ହିନ୍ଦୀଶିକ୍ଷା ପ୍ରଚାର କରୁଛନ୍ତି । ଏସବୁ କହିବାର ଉଦ୍ଦେଶ୍ୟ ହେଉଛି—କୌଣସି ଭାଷାକୁ ସମୃଦ୍ଧ କରିବାପାଇଁ କେତେପ୍ରକାର ପନ୍ଥା ଅବଲମ୍ବନ କରାଯାଇପାରେ, ଦେଖିବାର କଥା । କିନ୍ତୁ ଏସବୁ ସତ୍ତ୍ୱେ ହିନ୍ଦୀ କ'ଣ ତା' ଲକ୍ଷ୍ୟରେ ପହଞ୍ଚି ପାରିଲି ? ହିନ୍ଦୀ ରାଜ୍ୟମାନଙ୍କରେ ମଧ୍ୟ ହିନ୍ଦୀ କ'ଣ ଏ ପର୍ଯ୍ୟନ୍ତ ରାଜ୍ୟଭାଷା ହୋଇପାରିଛି ? ପ୍ରକୃତରେ ଯାହା ଆଶା କରାଯାଇଥିଲା, ତା କରାଯାଇ ପାରିଲା ନାହିଁ । ବିନୋବା ଭାବେ କହନ୍ତି—ଏହି ବିଫଳତାର ପ୍ରଧାନ କାରଣ ହେଉଛି ଇଂରେଜି-ପନ୍ଥୀ ଅଫିସରମାନଙ୍କର ଚକ୍ରାନ୍ତ । ସେମାନଙ୍କୁ ସେ ତାଙ୍କର ଗୋଟିଏ ଲେଖାରେ 'ହିନ୍ଦୀଭକ୍ଷଣ' ବୋଲି ଆଖ୍ୟା ଦେଇଛନ୍ତି । ତା'ଛଡ଼ା ଦେଶର ବିଭିନ୍ନ ଅହିନ୍ଦୀ ପ୍ରାନ୍ତରେ ଲୋକମାନଙ୍କର ହିନ୍ଦୀ ପ୍ରତି ଏବେ ମଧ୍ୟ ସନ୍ଦେହ ଓ ଉତ୍ସାହର ଅଭାବ ଥିବାରୁ ସରକାର କୌଣସି ଦୃଢ଼ପଦକ୍ଷେପ ନେବାପାଇଁ ସାହସ କରିପାରି ନାହାନ୍ତି । ସମଗ୍ର ଭାରତୀୟ ଜନତା ଯଥାର୍ଥ ଭାବରେ ଉତ୍ସାହିତ ହୋଇଥିଲେ ଏହି ତେର ବର୍ଷ ଭିତରେ ମଧ୍ୟ ହିନ୍ଦୀ ରାଷ୍ଟ୍ରଭାଷା ହୋଇସାରନ୍ତାଣି । କିନ୍ତୁ ସେ ସମ୍ଭାବନା ନ ଥିବାରୁ ଏହି ବର୍ଷ ପୁଣି ଭାଷାବିଲ୍ ପାସ ହୋଇଛି ଯେ ୧୯୬୫ ପରେ ମଧ୍ୟ ଇଂରେଜି ଏକ ସହକାରୀ ଭାଷାରୂପେ ଚାଲିବ । ଏହି ବିଲ୍ ପାସ ହେବା ପରେ ଦୁଇ ପ୍ରକାର ପ୍ରତିକ୍ରିୟା ଦେଖାଦେଇଛି ।

ପ୍ରଥମ ପ୍ରତିକ୍ରିୟା ହେଲା ହିନ୍ଦୀ ଲୋକଙ୍କର । ସେମାନଙ୍କର ଆଶା ଥିଲା, ଏଇ ୬୫ରୁ ହିନ୍ଦୀ ରାଷ୍ଟ୍ରଭାଷାର ପୂର୍ଣ୍ଣପଦବୀ ପାଇଯିବ । କିନ୍ତୁ ହୋଇପାରିଲା ନାହିଁ । କାରଣ ହିନ୍ଦୀ ସମସ୍ତ କାର୍ଯ୍ୟ ତୁଲାଇବା

ପାଇଁ ବର୍ତ୍ତମାନ ସ୍ୱୟଂସମ୍ପୂର୍ଣ୍ଣ ହୋଇପାରିନି କିମ୍ବା ଅହିନ୍ଦୀ ଲୋକେ ତାଙ୍କ ଆଡ଼ୁ ହିନ୍ଦୀକୁ ଗ୍ରହୁନାହାନ୍ତି । ଯେତେଦିନ ପର୍ଯ୍ୟନ୍ତ ସେମାନେ ହିନ୍ଦୀକୁ ନ ଗ୍ରହିଛନ୍ତି, ସେତେଦିନ ପର୍ଯ୍ୟନ୍ତ ଇଂରେଜି ସହକାରୀ ଭାଷାରୂପେ ଚାଲୁ ରହିବ ବୋଲି କୁହାଯାଉଛି । ହିନ୍ଦୀ ଲୋକଙ୍କର ଯୁକ୍ତି ହେଉଛି—ହିନ୍ଦୀକୁ ଏହିପରି ଅବସ୍ଥାରେ ରଖିଲେ ତାହା ସ୍ୱୟଂ-ସମ୍ପୂର୍ଣ୍ଣ ହେବା ସହଜ ନୁହେଁ । ଭାଷା କାହାରି ଅର୍ଡ଼ର ଅନୁସାରେ ଯୋଗ୍ୟହୋଇପାରେ ନାହିଁ । ତାକୁ କାମରେ ଲଗାଇଲେ ସେ କାମ କରୁ କରୁ ଆପେ ଆପେ ବିସ୍ତୃତ ହୋଇଯାଏ । ଉଦାହରଣ ସ୍ୱରୂପ ବିଜ୍ଞାନ ବିଷୟ ପାଇଁ ହିନ୍ଦୀକୁ ଯଦି ବ୍ୟବହାର କରା ନ ଯାଏ, ତେବେ ହଠାତ୍ କେମିତି ହିନ୍ଦୀ ବିଜ୍ଞାନ ବିକାଶ ପାଇଁ ଯୋଗ୍ୟ ହୋଇଯିବ ? ଶୁଖିଲା ଭୂଇଁରେ ଠିଆହୋଇ କେହି କେବେ ପହଁରା ଶିଖେ ନାହିଁ; ସେଥିପାଇଁ ପାଣିରେ ପଶି ଗୋଡ଼ହାତ ବାଡ଼େଇବାକୁ ପଡ଼େ । କିଛି ଦିନ ଅଭ୍ୟାସ ପରେ ପହଁରିବା ଠିକ୍ ହୋଇଯାଏ । କିନ୍ତୁ ହିନ୍ଦୀକୁ ରାଜ୍ୟରେ କିମ୍ବା କେନ୍ଦ୍ରରେ କେଉଁଠି ଏପରି ସୁଯୋଗ ମିଳୁନାହିଁ । ତା' ଛଡ଼ା ଅହିନ୍ଦୀ ଲୋକେ କେବେ ହିନ୍ଦୀକୁ ଗ୍ରହିବେ, କିଏ ଜାଣେ ? ନିଶାନିବାରଣ ଲୋକେ ଗ୍ରହୁନାହାନ୍ତି, ବରଂ ନିବାରଣ ଆଇନ୍ ଚାଲୁ ହେଲାଦିନୁଁ ଘରେ ଘରେ ମଦଭାଟି ହେଉଛି ବୋଲି ଲୋକେ କହୁଛନ୍ତି । ଯୁଆ ବୋଲି କ'ଣ ସରକାର ନିଶାନିବାରଣ ଉଠାଇ ଦେବେ ? ହିନ୍ଦୀ-ଅହିନ୍ଦୀ ଲୋକଙ୍କ ଭିତରେ ଝଗଡ଼ା ହେଉଛି ବୋଲି କ'ଣ ସରକାର ଇଂରେଜିକୁ ସ୍ୱୀକାର କରିବେ ? ଭିନ୍ନ ଭିନ୍ନ ରାଜନୈତିକଦଳ ଭାରତୀୟ ପତାକାର ସ୍ୱରୂପ ନେଇ ଯଦି ଝଗଡ଼ା କରନ୍ତି, ତେବେ କ'ଣ ଭାରତସରକାର ୟୁନିୟନ ଜ୍ୟାକ୍‌କୁ ଉଟିବେ ? ରେଲଗାଡ଼ିରେ ଜଞ୍ଜିର ଟାଣି ଯେଉଁମାନେ ଯାତ୍ରୀଙ୍କୁ ହଇରାଣ କରନ୍ତି, ସେମାନଙ୍କୁ ଧରି ନ ପାରିଲେ ରେଲରୁ କ'ଣ ଜଞ୍ଜିରଟା ଉଠାଇ

ଦେବେ ? ସରକାର ଯେଉଁ ଆଇନ୍ ପାସ୍ କରନ୍ତି, ତାକୁ କ'ଣ ଲୋକଙ୍କ ମର୍ଜି ଜଗି ଚଳାନ୍ତି, ନା ଦେଶପାଇଁ ଯାହା ହିତକର, ତାକୁ ଚଳାଇବା ପାଇଁ ପ୍ରତିଜ୍ଞାବଦ୍ଧ ହୁଅନ୍ତି ? ଦେଶପାଇଁ ଯେଉଁ ଆଇନ୍ ହିତକର ନୁହେଁ କିମ୍ବା ଲୋକେ ଯାହାକୁ ଗ୍ରହଣ କରିବାକୁ ରାଜି ନୁହନ୍ତି, ସେଭଳି ଆଇନ୍ ପ୍ରଣୟନ କରିବା କି ଦରକାର; କିନ୍ତୁ ଥରେ କରିସାରି ତାକୁ ପ୍ରୟୋଗ କରି ନ ପାରିଲେ ଅସୁବିଧା ହେବା ସ୍ୱାଭାବିକ ।

ବିଲ୍‌ର ବିରୋଧୀ ପ୍ରତିକ୍ରିୟା ବର୍ତ୍ତମାନ ଦକ୍ଷିଣରେ ଭୟଙ୍କର ଚାଲିଛି । ନାନାସ୍ଥାନରେ ସଭାସମିତି ହୋଇ ଇଂରେଜୀକୁ ଅନନ୍ତ କାଳପାଇଁ ରାଷ୍ଟ୍ରଭାଷା ରୂପେ ରଖିବା ଲାଗି ଦାବୀ କରାଯାଉଛି । ହିନ୍ଦୀକୁ ମୋଟେ ରାଷ୍ଟ୍ରଭାଷାରୂପେ ରଖା ନ ଯାଉ ବୋଲି ମଧ୍ୟ କୁହାଯାଉଛି । ଏହି ଆନ୍ଦୋଳନ ଭବିଷ୍ୟତରେ କପରି ରୂପ ନେବ କହି ହେବ ନି; କିନ୍ତୁ ଇଂରେଜୀକୁ ସରକାରୀ ଭାଷାରୂପେ ରଖିବା ପାଇଁ ବିଲ୍ ପାସ୍ ହୋଇଯିବାରୁ ହିନ୍ଦୀ ଓ ଆଞ୍ଚଳିକ ଭାଷା ଚେତନା ଖୁବ୍ ବଢ଼ି ଯାଇଛି । ହିନ୍ଦୀ ରାଜ୍ୟମାନଙ୍କରେ ଅବିଲମ୍ବେ ହିନ୍ଦୀକୁ ରାଜ୍ୟଭାଷାରୂପେ ଚଳାଇବା ପାଇଁ କାର୍ଯ୍ୟାରମ୍ଭ କରାଯାଉଛି । ଲୋକସଭାର ସଭ୍ୟମାନେ ଏଣିକି ଲୋକସଭାରେ ନିଜ ନିଜ ମାତୃଭାଷାରେ ଭାଷଣ ଦେବାର ଅନୁମତି ପାଇଛନ୍ତି । ଭାରତୀୟ ଭାଷା ଇତିହାସରେ ମାତୃଭାଷା ପାଇଁ ଏହା ଏକ ପରମ ବିଜୟ । ହିନ୍ଦୀ-ଇଂରେଜୀ ଲଢ଼େଇରେ ଅନ୍ତତଃ ଆଞ୍ଚଳିକ ଭାଷାର ଏତିକି ଲାଭ ହୋଇଛି, ଏଥିରେ ସନ୍ଦେହ ନାହିଁ । ଏହି ଗଣ୍ଡଗୋଳରେ ହିନ୍ଦୀ ଲୋକେ ମଧ୍ୟ ତାଙ୍କ ଅବସ୍ଥାଟା ବେଶ ବୁଝି ପାରିଛନ୍ତି । ଅନ୍ୟକୁ ହିନ୍ଦୀ ପଢ଼ିବାକୁ କହିବା ପୂର୍ବରୁ ନିଜେ ଅହିନ୍ଦୀ ଭାଷା ପଢ଼ିବା ପାଇଁ ସେମାନେ

ଆରମ୍ଭ କଲେଣି । ହିନ୍ଦୀ କ୍ଷେତ୍ରରେ ଥିବା ବଡ଼ ବଡ଼ ବିଶ୍ୱବିଦ୍ୟାଳୟମାନଙ୍କରେ ଅହିନ୍ଦୀ ଭାଷା ଶିକ୍ଷା ପାଇଁ କାର୍ଯ୍ୟାରମ୍ଭ କରାଯାଉଛି । ହିନ୍ଦୀଲୋକେ ଅହିନ୍ଦୀ ଭାଷା-ସାହିତ୍ୟ ସମ୍ପର୍କରେ ସମ୍ୟକ୍ ଜ୍ଞାନଲାଭ କଲେ ଉଭୟକୂଳର ଲାଭ ହେବା ସଙ୍ଗେ ସଙ୍ଗେ ଭାରତୀୟ ଜୀବନର ଯୋଗସୂତ୍ର ଅଧିକ ସୁଦୃଢ଼ ହେବ ।

ହିନ୍ଦୀ ଭାରତର ରାଷ୍ଟ୍ରଭାଷାରୂପେ ଉଦ୍ଦିଷ୍ଟ ହେବା ଜନ୍ୟ କେବଳ ଦେଶ ଭିତରେ ନୁହେଁ, ଦେଶ ବାହାରେ ମଧ୍ୟ ତା'ର ସମ୍ମାନ ଖୁବ୍ ବଢ଼ିଛି । ରୁଷ, ଇଂଲଣ୍ଡ, ଆମେରିକା ପ୍ରଭୃତି ବଡ଼ ବଡ଼ ଦେଶକୁ ଛାଡ଼ିଦେଲେ ଚେକୋସ୍ଲୋଭାକିଆ ପରି ଛୋଟ ରାଜ୍ୟରେ ମଧ୍ୟ ହିନ୍ଦୀ ଅଧ୍ୟୟନ ଖୁବ୍ ଜୋରସୋରରେ ଚାଲିଛି । ୱାଇସ୍‌କନ୍‌ସିନ୍ ବିଶ୍ୱବିଦ୍ୟାଳୟରେ ଉର୍ଦ୍ଦୁ ପାଇଁ ଏବେ ଚେୟାର ଖୋଲାହୋଇଛି । ପାଶ୍ଚାତ୍ୟ ଦେଶମାନଙ୍କ ମଧ୍ୟରେ ବର୍ତ୍ତମାନ ରୁଷରେ ସବୁଠୁ ବେଶି କାମ ହିନ୍ଦୀରେ ହେଉଛି । ଏବେ ବିଦେଶୀ ବିଶ୍ୱବିଦ୍ୟାଳୟମାନଙ୍କରେ କାର୍ଯ୍ୟ କରିବା ପାଇଁ ଅନେକ ହିନ୍ଦୀଲୋକ ସୁଯୋଗ ପାଇଛନ୍ତି । ଇଂରେଜି ହଟିଯାଇ ହିନ୍ଦୀ ଯେତେବେଳେ ରାଷ୍ଟ୍ରଭାଷାର ପୂର୍ଣ୍ଣପଦବୀ ପାଇଯିବ, ସେତେବେଳେ ପୃଥିବୀର ସବୁ ଦେଶର ଲୋକେ ଯେ ହିନ୍ଦୀଶିକ୍ଷା ପାଇଁ ଆଗ୍ରହୀ ହେବେ, ଏଥିରେ ସନ୍ଦେହ ନାହିଁ । ଆଜି ଆମେ ବିଦେଶରେ ପାଦଦେଲେ କେବଳ ବିଦେଶୀ ଭାଷା ଶୁଣୁଛୁ ଓ କହୁଛୁ । କିନ୍ତୁ କାଳକ୍ରମେ ବିଦେଶରେ ଆମ ସଙ୍ଗେ ଆମ ଦେଶୀ ଭାଷାରେ କଥାକହିବା ଲୋକ ଅନେକ ମିଳିବେ । ନିଉୟର୍କର ଏଆର୍‌ହୋଷ୍ଟେସ୍ ଯଦି ଆପଣଙ୍କୁ ଗୁଡ଼ମର୍ଣ୍ଣିଂ ନ କହି 'ନମସ୍ତେ' କହି ଅଭିବାଦନ କରନ୍ତି, ଆପଣଙ୍କୁ କେମିତି ଲାଗିବ କଳ୍ପନା କରନ୍ତୁ । ଥରେ ଆମେରିକାର ଗୋଟିଏ ହୋଟେଲରେ ଜଣେ ଆମେରିକାନ୍

ହଠାତ୍ ମୋ ସଙ୍ଗେ ଓଡ଼ିଆଭାଷାରେ କଥାବାର୍ତ୍ତା ଆରମ୍ଭ କରି ଯେଉଁ ରୋମାଞ୍ଚ ସୃଷ୍ଟି କରିଥିଲେ, ତା ମୁଁ ଜୀବନରେ କେବେ ଭୁଲି ପାରିବି ନାହିଁ। ନିଜ ଭାଷାର ମୂଲ୍ୟ ମଣିଷ ଘରେ ବୁଝେ ନାହିଁ, ସବୁବେଳେ ବୁଝେ ବାହାରେ।

୧। ଇଂରେଜି ସ୍ଥାନରେ ହିନ୍ଦୀ ଓ ହିନ୍ଦୀକୁ ସମୃଦ୍ଧ କରିବାର ନାନା ପନ୍ଥା।

୨। ୧୯୬୩ ଭାଷାବିଲ୍ ଓ ତାର ପ୍ରତିକ୍ରିୟା।

୩। ଭାଷାମାନଙ୍କରେ ଦୃଢ଼ତାର ଅଭାବ।

୪। ଭାଷାବିଲ୍ ପାସ ହେବା ପରେ ହିନ୍ଦୀ ଓ ଆଞ୍ଚଳିକ ଭାଷା ଚେତନାରେ ଅଭିବୃଦ୍ଧି।

୫। ବିଦେଶରେ ହିନ୍ଦୀ ପାଇଁ ସମ୍ମାନ।

# ବଙ୍ଗଁରେ ବଙ୍ଗଁଲା

ମନ୍ତ୍ରୀ, ସ୍ୱରାଷ୍ଟ୍ର ବିଭାଗ
ରାଇଟାର୍ସ ବିଲ୍ଡିଂସ୍
କଲିକତା

ତାରିଖ...............

...୧୯୬୧ ସାଲେ ଗୁରୁଦେବ ରବୀନ୍ଦ୍ରନାଥେର ଜନ୍ମଶତବାର୍ଷିକୀ ଉପଲକ୍ଷେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧେୟ ଡକ୍ଟର ବିଧାନଚନ୍ଦ୍ର ରାୟ ପଶ୍ଚିମବଙ୍ଗେ ସରକାରୀ କାର୍ଯ୍ୟେ ବାଙ୍ଗ୍‌ଲାଭାଷା ପ୍ରୟୋଗ ସମ୍ବନ୍ଧେ ଏକଟି ନୀତିମୂଲକ ବିବୃତି ଦିୟାଛିଲେନ । ଏଇ ବିବୃତିତେ ଓ ସରକାରୀ କାର୍ଯ୍ୟେ ବାଙ୍ଗ୍‌ଲାଭାଷାର ପ୍ରବର୍ତ୍ତନ ତ୍ୱରାନ୍ୱିତ କରିବାର ପ୍ରତିଶ୍ରୁତି ରହିୟାଛେ । ସୁତରାଂ ସରକାରୀ କାର୍ଯ୍ୟେ ବାଙ୍ଗ୍‌ଲାଭାଷା ପ୍ରୟୋଗେର ବ୍ୟାପାରେ ସରକାରୀ ନୀତି ପରିଷ୍କାର । ଅର୍ଥାତ୍, ଆମାଦେକେ ସରକାରୀ କାର୍ଯ୍ୟେ ବାଙ୍ଗ୍‌ଲାଭାଷା ପ୍ରବର୍ତ୍ତନ କରିତେଇ ହଇବେ । ଏଇ ପ୍ରବର୍ତ୍ତନ ତ୍ୱରାନ୍ୱିତ କରିବାର ଜନ୍ୟ ଆପନି ଆପନାର ବିଭାଗୀୟ ସଚିବ ଏବଂ ଅଧିକର୍ତ୍ତାଦେର ଯଦି ଅନୁଗ୍ରହ କରିୟା ନିର୍ଦ୍ଦେଶ ପ୍ରଦାନ କରେନ, ତାହାହଇଲେ ବିଶେଷ ସୁଖୀ ହଇବ ।.........

ଆଗାମୀ ୯ ଇ ମେ କବିଗୁରୁ ରବୀନ୍ଦ୍ରନାଥେର ଜନ୍ମଦିବସ । ଆମି ଆଶାକରି, ଆପନାର ନିର୍ଦ୍ଦେଶକ୍ରମେ ସମସ୍ତ ବିଭାଗୀୟ କର୍ମଚାରୀଗଣ ଐଦିନ ହଇତେ ନଥିପତ୍ରେ ବାଙ୍ଗ୍‌ଲାଭାଷା ଯଥାସାଧ୍ୟ ପ୍ରୟୋଗ କରିୟା ସରକାରୀ ନୀତି ରୂପାୟଣ ତ୍ୱରାନ୍ୱିତ କରିତେ ସାହାଯ୍ୟ କରିବେନ ।...........

ଭବଦୀୟ
ମନ୍ତ୍ରୀ, ସ୍ୱରାଷ୍ଟ୍ର (ପ୍ରଚାର) ବିଭାଗ

ଏହି ହେଲା ବଙ୍ଗ ସରକାରଙ୍କର ନିର୍ଦ୍ଦେଶନାମାର କିୟଦଂଶ । ମେ ୯ରୁ ରାଜ୍ୟଶାସନରେ ବଙ୍ଗଳାଭାଷା ଚଳିବାର କଥା । ଚଳିଲା ମଧ୍ୟ । ସେ ଦିନ ଛୁଟିଥିଲେ ବି ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଫୁଲ୍ଲଚନ୍ଦ୍ର ସେନ ଅଫିସକୁ ଯାଇ ବଙ୍ଗଳାଭାଷାରେ ଫାଇଲ୍ ଲେଖା ଆରମ୍ଭ କରି-ଦେଲେ; କଳମଗାରରେ ଇତିହାସର ରଥଚକ ଓଲଟି ଘୂରିଗଲା ।

କଲିକତା ସହର, ଇଂରେଜମାନଙ୍କର ଆଡ୍ଡା ସ୍ଥଳ । କ୍ଲାଇବ୍-କର୍ଣ୍ଣଓ୍ୱାଲିସ୍‌ଙ୍କଠାରୁ ଆରମ୍ଭ କରି ସାମ୍ରାଜ୍ୟ ଶେଷ ପର୍ଯ୍ୟନ୍ତ ବ୍ରିଟିଶମାନଙ୍କର ବିହାରସ୍ଥଳୀ । ଫୋର୍ଟ ଉଇଲିୟମ କଲେଜରେ କେରୀ ସାହେବ ବସି କେମିତି ବଙ୍ଗଳା ଅଧ୍ୟୟନ କରୁଥିଲେ, ଲର୍ଡ ମାକଲେ କେମିତି ଏ ଦେଶରେ ଇଂରେଜ ଜ୍ଞାନର ସୁଅ ଛୁଟାଇବା ପାଇଁ ଚିଠା ପ୍ରସ୍ତୁତ କରିଥିଲେ, ଲର୍ଡ ବେଣ୍ଟିଙ୍କ୍ ସେହି ଚିଠା ଉପରେ କେମିତି ସ୍ୱୀକୃତି ଦେଇ ଭାରତୀୟ ଭାଷାମାନଙ୍କୁ ସ୍ଥାଣୁ କରିଦେଇଥିଲେ, ସେ ସବୁ ଦେଖିଥିଲା ବଙ୍ଗଳା । ବହୁତ ଦିନ ତଳର କଥା, ୧୮୩୫ ମସିହା । ଇଷ୍ଟଇଣ୍ଡିଆ କମ୍ପାନୀର କିରାଣୀ-ମାନଙ୍କ ଅତ୍ୟାଚାରରେ ଭାରତର କୃଷକ ଯେମିତି ମାଟିରେ ମିଶୁ-ଥିଲା, ଶାସକମାନଙ୍କ କଲମଗାରରେ ଭାଷା ତାର ସେମିତି ମୂକ ହୋଇଯାଉଥିଲା । ଆପଣ କହିପାରନ୍ତି କେରୀ, କୋଲବ୍ରୁକ୍, ଉଇଲିନସ୍, ଜୋନ୍‌ସ ଭାରତର ପ୍ରାଚୀନ ଭାଷାସାହିତ୍ୟ, ସଂସ୍କୃତିର ପରମ୍ପରାକୁ ଯେପରି ଉଦ୍ଧାର କରିଥିଲେ, ସେପରି ସେବା ଏ ଦେଶର ଆଉ କିଏ କରିଥିଲା ? କିନ୍ତୁ ସେ ସେବା ସର୍ବପ୍ରଥମେ ତାଙ୍କ ରାଜ୍ୟଶାସନ ପାଇଁ, ତାଙ୍କ ମିଶନ ପାଇଁ, ମ୍ୟୁଜିୟମ୍ ପାଇଁ, ତାର ପରେ ଭାରତର ଇଂରେଜ ଶିକ୍ଷିତ ବାବୁମାନଙ୍କ ପାଇଁ । ସେହି ସେବାଟା ପଛକୁ ରଖି ଭାରତୀୟ ଜନତାଙ୍କୁ ନିଜ ଭାଷାରେ ଶିକ୍ଷା-

ଦେଇ ଜାଗ୍ରତ କରିଥିଲେ, ସେ ବି ତାକୁ କରିଥାନ୍ତେ । ତଳିଆଙ୍କୁ ତଳେ ରଖି ନିଜ ଅନୁଚରମାନଙ୍କୁ ଉପରେ ରଖିବାର ଯେଉଁ ନୀତି ବ୍ରିଟିଶମାନେ ବରାବର ଅନୁସରଣ କରୁଥିଲେ, ତାକୁ ହିଁ ସେ ଭାଷାକ୍ଷେତ୍ରରେ ଚାଲୁ କରିଥିଲେ । ଭାରତରେ ବର୍ତ୍ତମାନର ସୁଅ ଛୁଟାଇ ଦେଶକୁ ଉଠାଇବାର ସଙ୍କୋଚପଣିଆ ଯଦି ଏତେ ଥିଲା, ଚାର୍ଲସ୍ ଉଡ୍‌ଙ୍କ କଥା କାହିଁକି କାର୍ଯ୍ୟକାରୀ ହେଲା ନାହିଁ ? ଇଂରେଜି ସଙ୍ଗେ ସଙ୍ଗେ ଭାରତୀୟଭାଷା ମାଧ୍ୟମରେ ଶିକ୍ଷା ଦେବାପାଇଁ ସେଥିରେ ଯେଉଁ ନିର୍ଦ୍ଦେଶ ଥିଲା, ସେ ନିର୍ଦ୍ଦେଶ ଗଲା କୁଆଡ଼େ ? ତା ହୋଇଥିଲେ ବଙ୍ଗଳାଭାଷାକୁ ରାଇଟସ୍ ବିଲ୍ଡିଂସ୍‌ରେ ପଶିବା ପାଇଁ ୧୯୬୩ ମସିହା ମେ ନଅ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ି ନ ଥାନ୍ତା ! ବ୍ୟବସାୟୀ ବ୍ରିଟିଶ ଠିକ୍ ବୁଝିଥିଲେ, ବସ୍ତ୍ର ବିକା ସରିଗଲେ ବହି ବିକା ଚାଲିବ । ମାଟିର ସାମ୍ରାଜ୍ୟ ଚାଲିଗଲେ ମନର ସାମ୍ରାଜ୍ୟ ରହିବ । ପ୍ରକୃତରେ ସେହି ବ୍ୟବସାୟ ଏବେ ଚାଲିଛି, ସେହି ସାମ୍ରାଜ୍ୟ ଏବେ ଚାଲିଛି । ବଙ୍ଗଳାରେ ବଙ୍ଗଭାଷାର ଏହି ଯେଉଁ ଶୁଭାରମ୍ଭ ହେଲା ଓ ଅନ୍ୟ କେତେକ ରାଜ୍ୟରେ ଯେଉଁ ଶୁଭାରମ୍ଭ ହେଉଛି ଓ ହେବାକୁ ଯାଉଛି, ସେହି ହେଉଛି ପ୍ରକୃତରେ ବିଦେଶୀ ସାମ୍ରାଜ୍ୟର ଶେଷ ସୂଚନା ।

ରବୀନ୍ଦ୍ରନାଥ ଯେଉଁ ବଙ୍ଗଳା ଭାଷାକୁ ବିଶ୍ୱଦରବାରରେ ଆସନ ଦେଇଥିଲେ, ବଙ୍ଗ ଶାସନରେ ସେ ଏପର୍ଯ୍ୟନ୍ତ ସ୍ଥାନ ପାଇ ପାରି ନ ଥିଲା । ଏବେ ତାଙ୍କ ଜନ୍ମଦିବସରେ ତାଙ୍କ ଭାଷାକୁ ଯେଉଁ ଆସନ ମିଳିଛି, ତାହା ତାଙ୍କପ୍ରତି ଉପଯୁକ୍ତ ସମ୍ମାନ । ଦେଶ ଓ ଜାତିର ସମୃଦ୍ଧି ପାଇଁ ମାତୃଭାଷା କେତେ ମୂଲ୍ୟବାନ୍, ତା ସେ ବେଶ ବୁଝିଥିଲେ । ଦେଶବାସୀଙ୍କୁ ମାତୃଭାଷାରେ ଶିକ୍ଷା ନ ଦେଲେ ଶିକ୍ଷା

ପ୍ରତ୍ୟେକଙ୍କ ନିକଟରେ ପହଞ୍ଚି ପାରିବ ନାହିଁ ବୋଲି ସେ ଜାଣି-ଥିଲେ । ଇଂରେଜି ଭାଷା ମାଧ୍ୟମରେ ଯେଉଁ ଶିକ୍ଷା ଦିଆଯାଉଥିଲା, ତାକୁ ସେ ଏକ ବିଦେଶୀ ଜାହାଜ ସହିତ ତୁଳନା କରି କହୁଥିଲେ— ବିଦେଶୀ ଜାହାଜ ଯେଉଁ ଜିନିଷ ଆଣେ, ତାହା ସହର-ବଜାରରେ ରହେ, ଗାଁଲୋକଙ୍କ ପାଖକୁ ଯାଇପାରେ ନାହିଁ । ଆମେ ଯଦି କେବଳ ବିଦେଶୀ ଜାହାଜ ଉପରେ ନିର୍ଭର କରି ବ୍ୟବସାୟ କରୁ, ତାହାହେଲେ ଆମ ବ୍ୟବସାୟ କେବଳ ସହର-ବଜାରରେ ସୀମାବଦ୍ଧ ହୋଇ ରହିବ । (୧୪) ଅନ୍ୟ ଅର୍ଥରେ ବିଦେଶୀ ଇଂରେଜିଭାଷା କେବଳ ସହର-ବଜାର ଲୋକଙ୍କ ପାଖରେ ରହିବ, ଗାଁ ଗହଳିର କୋଟି ଜନତାକୁ ଛୁଇଁ ପାରିବ ନାହିଁ । ଜନକୁ ଜାଗ୍ରତ କରିପାରିବ କେବଳ ତା'ର ମାତୃଭାଷା, ଯାହାକୁ ନେଇ ଜୀବନର ପ୍ରତିମୁହୂର୍ତ୍ତି ସେ ବଞ୍ଚେ । ଇଂରେଜି ମାଧ୍ୟମ ଆମକୁ ଉଚ୍ଚଶିକ୍ଷା ଦେଇପାରିଥାଏ; କିନ୍ତୁ ଉଚ୍ଚ ଚିନ୍ତା କରିବାକୁ କେବେ ଶିକ୍ଷା ଦେଇନି । (୨) ବିଶ୍ୱ-ବିଦ୍ୟାଳୟରୁ ଡିଗ୍ରୀ ନେଲାବେଳେ ଲୋକେ ଯେଉଁ ଖୋଳ ପିନ୍ଧିଥାନ୍ତି, ସେ ଯାହା, ଆମ ପକ୍ଷରେ ଇଂରେଜି ମଧ୍ୟ ସେୟା । ଡିଗ୍ରୀ ନେଇ-ସାରିଲେ ଲୋକେ ଖୋଳକୁ ଉତ୍ତାରି କାନ୍ଥରେ ଟାଙ୍ଗିଦିଅନ୍ତି । କଲେଜରୁ ଫେରି ପିଲାମାନେ ଢେରେ ଇଂରେଜିଭାଷାକୁ ତାଙ୍କ ପକେଟରେ ରଖି ଦିଅନ୍ତି । ଯେଉଁ ଖାଦ୍ୟକୁ ଚୋବାଇ ନ ପାରି ଗିଳି ଦିଆଯାଏ, ସେଥିରେ ଉଦର ଭାରାକ୍ରାନ୍ତ ହୁଏ; କିନ୍ତୁ ଶରୀରରେ ରକ୍ତ ସୃଷ୍ଟି ହୁଏ ନାହିଁ । କହିବା ବାହୁଲ୍ୟ ଯେ ପ୍ରତ୍ୟେକ ଜାତିର ଶିକ୍ଷା ଓ ଶାସନ ସେହି ଜାତିର ମାତୃଭାଷାରେ ହେବା ବାଞ୍ଛନୀୟ । ୧୮୫୭ରେ ଇଂରେଜମାନେ କଲିକତା, ମାନ୍ଦ୍ରାଜ ଓ ବମ୍ବେରେ ବିଶ୍ୱବିଦ୍ୟାଳୟ ସ୍ଥାପନ କରି ଇଂରେଜି ମାଧ୍ୟମ ଚାଲୁ କରିଥିଲେ । ଇଂରେଜର

ପ୍ରଥମ ଦୁର୍ଗ କଲିକତାରେ ଏବେ ବଙ୍ଗଭାଷା ଶାସନକ୍ଷେତ୍ରରେ ପ୍ରବେଶ କଲା ।

ମେ ୨୯ରେ ମାନ୍ଦ୍ରାଜରୁ ପି. ଟି. ଆଇ. ସମ୍ବାଦ ପରିବେଷଣ କରି କହିଛନ୍ତି ଯେ ମାନ୍ଦ୍ରାଜ ସରକାର ଏବେ ନିର୍ଦ୍ଦେଶ ଦେଇଛନ୍ତି, ଏହି ବର୍ଷ ଜୁନ୍ ପହିଲାଠାରୁ ୪୫ ବର୍ଷରୁ କମ୍ ଯେତେ ଅଫିସର ତାମିଲ ଜାଣିନାହାନ୍ତି, ସମସ୍ତେ ତାମିଲ ଲେଖିପଢ଼ି ଶିଖିବେ । ସେଥିପାଇଁ ରାଜ୍ୟରେ ୮୧୪୨ଟି କେନ୍ଦ୍ର ଖୋଲା ହୋଇଛି । ଉଦ୍ଦେଶ୍ୟ ହେଉଛି, ଖୁବ୍ ନିକଟରେ ମାନ୍ଦ୍ରାଜ ରାଜ୍ୟର ଶାସନକ୍ଷେତ୍ରରେ ତାମିଲ ଭାଷା ବ୍ୟବହାର କରାଯିବ । ୧୯୫୫ ଜୁନ ୧୯ ତାରିଖରେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ଏକ ସମ୍ମିଳନୀ ହୋଇଥିଲା । ସେଥିରେ ବିଶ୍ୱବିଦ୍ୟାଳୟର କୁଳପତି, ଅନ୍ୟାନ୍ୟ ଶିକ୍ଷାବିତ୍ ଓ ବହୁ ସରକାରୀ-ବେସରକାରୀ ଅଫିସର ଯୋଗଦେଇଥିଲେ ଓ ଶିକ୍ଷା-ମନ୍ତ୍ରୀ ସଭାପତିତ୍ୱ କରିଥିଲେ । ସେତେବେଳେ ସ୍ଥିର ହୋଇଥିଲା— ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ ତାମିଲରେ ଶିକ୍ଷା ଦିଆଯିବା ଉଚିତ । ସେଥିପାଇଁ ପ୍ରଧାନ କାରଣ ହେଉଛି, ପିଲାମାନେ ହାଇ-ସ୍କୁଲରେ ତାମିଲ ମାଧ୍ୟମରେ ପଢ଼ି କଲେଜରେ ଇଂରେଜି ବୁଝି ପାରୁ ନାହାନ୍ତି । ତେଣୁ କଲେଜଶିକ୍ଷା ତାମିଲ ମାଧ୍ୟମରେ ଚାଲିବାକୁ ବାଧ୍ୟ । ଏବେ ଶାସନକ୍ଷେତ୍ରରେ ଯାହା ହେବାକୁ ଯାଉଛି, ତାହା ବିଶ୍ୱବିଦ୍ୟାଳୟ ନୀତିର ପରିପୂରକ ହେବ—ଏଥିରେ ସନ୍ଦେହ ନାହିଁ ।

ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ଏହି ପରିକଳ୍ପନା ପୂର୍ବରୁ ଗୁଜରାଟ ବିଶ୍ୱବିଦ୍ୟାଳୟରେ ପ୍ରଥମ ବାର୍ଷିକ କଳା, ବିଜ୍ଞାନ ଓ ବାଣିଜ୍ୟ ଶ୍ରେଣୀରେ ଗୁଜରାଟୀ ମାଧ୍ୟମ ଚାଲୁ ହୋଇସାରିଥିଲା । ଗାନ୍ଧିଜୀଙ୍କ ମାତୃଭୂମିରେ ଯାହା ଅନେକ କାଳରୁ ସତ୍ୟ ହୋଇସାରିଲାଣି,

ଏବେ ମଧ୍ୟ କେତେକ ରାଜ୍ୟରେ ଲୋକଙ୍କୁ ତାହା ସ୍ୱପ୍ନ ପରି ଲାଗୁଛି; ଲୋକଙ୍କର ଏ ପର୍ଯ୍ୟନ୍ତ ବିଶ୍ୱାସ ହୋଇ ନାହିଁ, ମାତୃଭାଷା ଖୁବ୍ ଚଞ୍ଚଳ ଶିକ୍ଷା ଓ ଶାସନର ମାଧ୍ୟମ ହୋଇପାରିବ ବୋଲି; କିନ୍ତୁ ହିନ୍ଦୀ ପଳସିକୁ ଆଗେଇ ନେବା ପାଇଁ ହିନ୍ଦୀ ରାଜ୍ୟଗୁଡ଼ିକ ଆଉ ଅପେକ୍ଷା ନ କରି ମାତୃଭାଷାକୁ ଶାସନରେ ଚଳାଇବା ଆରମ୍ଭ କରି-ଦେଲେଣି । କେଉଁଠି ପଞ୍ଚାୟତ ସ୍ତରରେ, କେଉଁଠି ଜିଲ୍ଲା ସ୍ତରରେ, କେଉଁଠି ଅବା ରାଜ୍ୟ ସ୍ତରରେ କାର୍ଯ୍ୟ ଆରମ୍ଭ ହୋଇଗଲାଣି । କେଉଁଠି ଭାଷା ଡିରେକ୍ଟରେଟ୍, କେଉଁଠି ଭାଷା ବ୍ୟୁରୋ, କେଉଁଠି ନିର୍ଦ୍ଦେଶକ କମିଟିମାନସବୁ ଖୋଲିଗଲାଣି । ଦକ୍ଷିଣଭାରତରେ ହିନ୍ଦୀର ଯେତିକି ପ୍ରତିରୋଧ ହେବ, ଉତ୍ତରଭାରତରେ ହିନ୍ଦୀ ସେତିକି ଶୀଘ୍ର ରାଜ୍ୟଭାଷାରୂପେ ସ୍ଥାନପାଇବ—ଏଥିରେ ସନ୍ଦେହ ନାହିଁ । ଏଥର ହିନ୍ଦୀକୁ ଏକମାତ୍ର ରାଷ୍ଟ୍ରଭାଷାରୂପେ ସ୍ୱୀକାର ନ କରି ଇଂରେଜୀକୁ ସହକାରୀ ଭାଷାରୂପେ ସ୍ୱୀକାର କରାଯିବାରୁ ହିନ୍ଦୀ ଲୋକଙ୍କର ସରକାରଙ୍କ ଉପରେ ସନ୍ଦେହ ହୋଇଥିବ ନିଶ୍ଚୟ । ତେଣୁ ଭବିଷ୍ୟତରେ କ'ଣ ହେବ ନିଶ୍ଚିତ ନ ଥିବାରୁ ନିଜର ଆସନକୁ ଦୃଢ଼ କରିବା ପାଇଁ ହିନ୍ଦୀ ରାଜ୍ୟଗୁଡ଼ିକ ଆଉ ଅପେକ୍ଷା କରିବେ ନାହିଁ । ଏଣିକି ବାଧାବାଧ୍ୟତାରେ ମାତୃଭାଷାକୁ ଚଳାଇବେ । କାରଣ, ରାଷ୍ଟ୍ରଭାଷା ବିଷୟରେ ବାଦବିବାଦ ଥାଇପାରେ, କିନ୍ତୁ ରାଜ୍ୟ-ମାନଙ୍କରେ ଆଞ୍ଚଳିକଭାଷା ଚଳିବାପାଇଁ କୌଣସି ବାଦବିବାଦ ନାହିଁ । ହାତରେ ନ ମାରି ଭାତରେ ମାରିବା ବରଂ ଭଲ । ହିନ୍ଦୀ ଇଂରେଜୀ ବିବାଦକୁ ବେଶି ଦୃଷ୍ଟି ନ ଦେଇ ଆଞ୍ଚଳିକ ଭାଷାକୁ ଜୋରସୋର ଚାଲୁ କରିଦେଲେ ଇଂରେଜୀ ଆପେ ଆପେ ଯିବାପାଇଁ ବାଧ୍ୟ ହେବ ।

ଆଗରୁ କୁହାଯାଇଛି—ନିକଟରେ କେମିତି ବିହାର ବିଧାନ ସଭାର ଅଧ୍ୟକ୍ଷ ଇଂରେଜୀ ଛାଡ଼ି ଫେରାଇଦେଇ ହିନ୍ଦୀ ଛାଡ଼ି ଦାବୀ କରିଛନ୍ତି । ୧୯୬୨ ଅକ୍ଟୋବର ଦୁଇ ତାରିଖରୁ ପଞ୍ଜାବ ସରକାର ଜିଲ୍ଲା ସ୍ତରରେ ହିନ୍ଦୀ ଉର୍ଦ୍ଦୁ ଓ ଉଭୟକୁ ପୂର୍ଣ୍ଣ ଭାବରେ ସ୍ୱୀକାର କରିଛନ୍ତି । ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଆଞ୍ଚଳିକ ଭାଷା ବ୍ୟବହାର ପାଇଁ ନିର୍ଦ୍ଦେଶନାମା ଜାରି ହୋଇସାରିଲାଣି । କିନ୍ତୁ ଆମ ରାଜ୍ୟରେ ପଞ୍ଚାୟତ ସରକାର ଖୁବ୍ ପ୍ରଗତିଶୀଳ ବୋଲି କେନ୍ଦ୍ର ନିରୀକ୍ଷକମାନେ ମତ ଦେଇଥିଲେ ମଧ୍ୟ ଭାଷାସ୍ତରରେ ପୁରୁଣା ପ୍ରଥା ପୂର୍ବପରି ଚାଲିଛି । ପଞ୍ଚାୟତ ସମିତିରେ ବେଳେ ବେଳେ ଇଂରେଜୀରେ ଏମିତି ଝଞ୍ଜା ବହୁଛି ଯେ ଇଂରେଜୀ ନ ଜାଣିଥିବା ସରପଞ୍ଚମାନେ ଚକିତ ହୋଇ ଚାହିଁ ରହୁଛନ୍ତି; ସତେ କ'ଣ ଆଉ ଇଂରେଜ ସରକାର ଫେରି ଆସିଲେ କି ? ସରପଞ୍ଚମାନେ ବେଳେ ବେଳେ ଇଂରେ-ଜୀରେ ନୋଟିସ ପାଇ ଗାଁ-ଦରପାଠୁଆଙ୍କ ପାଖକୁ ଦଉଡ଼ୁଛନ୍ତି— ବୁଝିବା ପାଇଁ; ତେଣୁ ଏହି ଦରପାଠୁଆମାନେ ଠାଉଟର ସାଜିବା ପାଇଁ ସୁଯୋଗ ପାଉଛନ୍ତି । ଏଇଥିପାଇଁ ଗାନ୍ଧିଜୀ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ କରିବା ସଙ୍ଗେ ସଙ୍ଗେ ଭାଷା ସ୍ୱାଧୀନତା ପାଇଁ କାମ ଆରମ୍ଭ କରିଦେଇଥିଲେ । ସେ କଳ୍ପନା କରିଥିଲେ ଯେ ଗାଁ ଲୋକଙ୍କ ହାତକୁ ଶାସନ କ୍ଷମତା ଯିବାବେଳକୁ ଇଂରେଜୀ ହଟିଯାଇ ମାତୃଭାଷା ଯେମିତି ଶାସନ ଗାଦିକୁ ଆସି ଯାଇଥିବ, ତା ହେଲେ ଗାଁ ଲୋକେ ନିର୍ବିଘ୍ନରେ କାର୍ଯ୍ୟ ଚଳାଇପାରିବେ । ଗାନ୍ଧିଜୀଙ୍କର ଏହି କଳ୍ପନା ସ୍ୱାଧୀନତାର ଦୀର୍ଘକାଳ ପରେ ମଧ୍ୟ ସଫଳ ହୋଇପାରି ନାହିଁ । କିନ୍ତୁ କାଳକ୍ରମେ ଗୋଟିଏ ପରେ ଗୋଟିଏ ରାଜ୍ୟ ଏହି ମତକୁ ଆସ୍ତେ ଆସ୍ତେ ଗ୍ରହଣ କରୁଛନ୍ତି । ଏହା ଦେଖିଲେ ମନେହେଉଛି, ବ୍ରିଟିଶମାନେ ଆସି ଯେମିତି ଖଣ୍ଡକୁ ଖଣ୍ଡ ରାଜ୍ୟ ନେଇଥିଲେ, ଆଜି

ସେମିତି ଖଣ୍ଡିଏ ଖଣ୍ଡିଏ ରାଜ୍ୟରୁ ଇଂରେଜୀ ଭାଷା ଆସ୍ତେ ଆସ୍ତେ ଗାଦି ଛାଡ଼ିଯାଉଛି । ଓଡ଼ିଶାକୁ ଇଂରେଜୀ ଭାଷା ସବା ଶେଷରେ ଆସିଥିବା ହେତୁ ସବା ଶେଷରେ ଯିବବୋଲି ମନେ ହେଉଛି ।

୧ । ବଙ୍ଗ ଶାସନରେ ବଙ୍ଗଳାଭାଷା ପ୍ରବର୍ତ୍ତନ ଘୋଷଣା ।

୨ । ଭାରତୀୟ ଭାଷାମାନଙ୍କ ପ୍ରତି ବ୍ରିଟିଶମାନଙ୍କର ବ୍ୟବସ୍ଥା ।

୩ । ବିଦେଶୀ ଭାଷା କେବେ ଜନତାର ଭାଷା ହୋଇପାରେ ନା ।

୪ । ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ଭାଷା ପ୍ରବର୍ତ୍ତନ ।

୫ । ଦକ୍ଷିଣରେ ହିନ୍ଦୀର ଯେତିକି ବିରୋଧ, ଉତ୍ତରରେ ସେତିକି ବିସ୍ତାର ।

୬ । ପଞ୍ଚାୟତ ଶାସନ ପାଇଁ ଜନତାର ଭାଷା ପ୍ରଶସ୍ତ ।

# ମାତୃଭାଷା ଓ ଲୋକଶିକ୍ଷା

ଆମ ଦେଶରେ ଭାଷାସମସ୍ୟା କହିଲା ମାତ୍ରେ ଲୋକେ ବୁଝନ୍ତି ହିନ୍ଦୀ-ଇଂରେଜି ବିବାଦ କଥା । ଆଞ୍ଚଳିକ ଭାଷା କଥାଟା ବେଶି ମନକୁ ଆସେ ନାହିଁ । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ଆଞ୍ଚଳିକ ଭାଷା ହେଉଛି ଜନତାର ପ୍ରଥମ ପ୍ରୟୋଜନ । ଅନ୍ନବସ୍ତ୍ର ପରି ତାର ଦରକାର ନିଜର ଭାଷା । ସେଥିପାଇଁ ଅର୍ଥନୀତି କ୍ଷେତ୍ରରେ ଗାନ୍ଧିଜୀ ବିଦେଶୀ ବର୍ଜନ କରି ସ୍ୱଦେଶୀ ବ୍ୟବହାର କରିବା ପାଇଁ ଯେମିତି ଡାକ ଦେଲେ, ଭାଷା କ୍ଷେତ୍ରରେ ସେମିତି ଇଂରେଜି ଛାଡ଼ି ମାତୃଭାଷାକୁ ସମୃଦ୍ଧ କରିବା ପାଇଁ ଘୋଷଣା କଲେ । ତାଙ୍କର ଡାକ ହେଲା କେନ୍ଦ୍ରଭାଷା ହେବ ହିନ୍ଦୀ ଓ ଭିନ୍ନ ଭିନ୍ନ ରାଜ୍ୟଗୁଡ଼ିକରେ ରାଜ୍ୟଭାଷା ହେବ ଆଞ୍ଚଳିକ ଭାଷା; ଅର୍ଥାତ୍ ରାଜ୍ୟଲୋକମାନଙ୍କର ମାତୃଭାଷା । ଗାନ୍ଧିଜୀ ମାତୃଭାଷାକୁ ମାତୃସ୍ତନ୍ୟ ପରି ମୂଲ୍ୟବାନ ମନେ କରୁଥିଲେ । ତାଙ୍କ ଦୃଷ୍ଟିରେ ଯେଉଁ ଲୋକର ମାତୃଭାଷା ପ୍ରତି ମମତା ନାହିଁ ତାକୁ କେବେ ଦେଶଭକ୍ତ କୁହାଯାଇ ପାରେ ନା । (ଗ) ଓଡ଼ିଆ କବି ଠିକ୍ କହିଥିଲେ—'ମାତୃଭୂମି ମାତୃଭାଷାରେ ମମତା ଯା ପ୍ରାଣେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଜନରେ ଗଣିବା ଅଜ୍ଞାନୀ ରହିବେ କାହିଁ ?' କିନ୍ତୁ ଇଂରେଜି ଭାଷା ପ୍ରଭାବରେ ଆମ ଦେଶରେ ଭାଷା ପରିସ୍ଥିତି ଏମିତି ହେଲା ଯେ ମାତୃଭାଷା ନ ଜାଣି ମଧ୍ୟ ଲୋକେ-ହେଲେ ଜ୍ଞାନୀ । ଏହି ଜ୍ଞାନୀ ଲୋକମାନଙ୍କର ମାତୃଭାଷା ଅବହେଳା ହେଲା ଜାତି ପକ୍ଷରେ ଘୋର ଦୁର୍ଭାଗ୍ୟର କାରଣ । ଯେଉଁମାନେ ଜ୍ଞାନୀ, ପଦସ୍ଥ, ଯାହାଙ୍କ କଥାରେ ମୂଲ୍ୟ ଥିଲା, ସେମାନେ ମାତୃଭାଷା

ପ୍ରତି ଉଦାସୀନ ହେବା ଫଳରେ ମାତୃଭାଷାର ଅଗ୍ରଗତି ଅସମ୍ଭବ ହେଲା । ଗାନ୍ଧିଜୀ ଠିକ୍ ବୁଝିପାରିଲେ ଯେ ଇଂରେଜି ଶିକ୍ଷା ଓ ଶାସନର ମାଧ୍ୟମ ହୋଇ ରହିଥିବାଯାକେ ଆଞ୍ଚଳିକ ଭାଷାଗୁଡ଼ିକ ପ୍ରତି କାହାରି ଦୃଷ୍ଟି ଫେରିବ ନାହିଁ; ବଡ଼ ବରଗଛ ତଳେ ଗ୍ଲୋଟ ବରକୋଳିଗଛ ଉଠିଧରି ପାରିବ ନାହିଁ; ବିଜୁଳିବତୀ ଜଳୁଥିବାଯାଏଁ କେ ଗ୍ଲୋଟ ଦୀପକୁ କେହି ଚାହିଁବେ ନାହିଁ । ଗ୍ଲୋଟକୁ ରକ୍ଷା କରିବାକୁ ହେଲେ ବଡ଼କୁ ବାରଣ କରିବାକୁ ହେବ, ଠିକ୍ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଯେମିତି ହେଉଛି । ଦେଶର କ୍ଷୁଦ୍ର ଶିଳ୍ପମାନଙ୍କୁ ବଞ୍ଚାଇ ରଖିବାକୁ ହେଲେ ବିଦେଶୀ ଆମଦାନିକୁ ବାରଣ କରିବାକୁ ହେବ । ଏହି ଦୃଷ୍ଟିରୁ ବିଚାର କଲେ ଇଜ୍‌ରାଇଲର ଆଧୁନିକ ହିବ୍ରୁ ଭାଷା ଏକ ପ୍ରକୃଷ୍ଟ ଉଦାହରଣ । ହିବ୍ରୁ ଭାଷା ମୃତପ୍ରାୟ ଅବସ୍ଥାରୁ ଉଠି ଏବେ ଇଜ୍‌ରାଇଲର ରାଜ୍ୟଭାଷାରେ ପରିଣତ ହୋଇଛି । ସେଠି ହିବ୍ରୁକୁ ଉଠାଇବା ପାଇଁ ଅନ୍ୟ ଭାଷା ବିରୁଦ୍ଧରେ ପ୍ରଚାର ପର୍ଯ୍ୟନ୍ତ କରାଗଲା । ସ୍କୁଲରେ ପିଲାମାନଙ୍କୁ ରୀତିମତ ଶିକ୍ଷା ଦିଆଗଲା ବିଦେଶୀ ଭାଷା ବ୍ୟବହାର କରିବା ଭୁଲ୍ । (୪) ଫଳରେ ଫ୍ରେଞ୍ଚ, ଜର୍ମାନ୍, ପୋଲିସ ପ୍ରଭୃତି ଯେଉଁ ଭାଷାସବୁ ହିବ୍ରୁ ସଙ୍ଗରେ ପ୍ରତିଯୋଗୀତା କରୁଥିଲେ, କାଳକ୍ରମେ ସେମାନେ ପଛରେ ପଡ଼ିଗଲେ ଓ ଖୁବ୍ ଅଳ୍ପ ସମୟ ଭିତରେ ଶତକଡ଼ା ଅଶୀ ଜଣ ଲୋକ ହିବ୍ରୁରେ କାମ ଚଳାଇବା ପାଇଁ ଉପଯୁକ୍ତ ହେଲେ । ଭାଷାକୁ ନିର୍ଦ୍ଦେଶ ଦେବାପାଇଁ ପୃଥିବୀର ଖୁବ୍ ସଭ୍ୟ ଦେଶମାନଙ୍କରେ ମଧ୍ୟ ଏକାଡେମୀ ଅଛି । ଇଜ୍‌ରାଇଲରେ ହିବ୍ରୁ ପାଇଁ ଗୋଟାଏ ଭାଷା କାଉନ୍‌ସିଲ ଅଛି ।

ଦ୍ୱିତୀୟ କଥା, ଗଣତନ୍ତ୍ରର ମୂଳମନ୍ତ୍ର ହେଲା ଶିକ୍ଷା । ପ୍ରତ୍ୟେକ ଭୋଟରର ଉପଯୁକ୍ତ ଶିକ୍ଷା ନ ପାଇବା ପର୍ଯ୍ୟନ୍ତ ଗଣତନ୍ତ୍ର ସଫଳ

ହୋଇପାରିବ ନାହିଁ । ସମୂହ ଜନତାକୁ ଅଳ୍ପସମୟ ଭିତରେ ଶିକ୍ଷିତ କରିବାକୁ ହେଲେ ମାତୃଭାଷା ହିଁ ସର୍ବୋତ୍କୃଷ୍ଟ ମାଧ୍ୟମ । ବିଦେଶୀ ଭାଷାରେ ସମୂହ ଶିକ୍ଷାର ଉଦାହରଣ ପୃଥିବୀରେ କେଉଁଠି ବୋଧହୁଏ ନାହିଁ । ସେଇଥିପାଇଁ ଇଂରେଜି ଶିକ୍ଷା ଏ ଦେଶରେ ଦେଢ଼ ଶହ ବର୍ଷ ହେଲା ଚାଲିଥିଲେ ମଧ୍ୟ ଶତକଡ଼ା ଦେଢ଼ ଜଣ ଭାରତୀୟ ବି ଇଂରେଜି ଶିଖିପାରି ନାହାନ୍ତି । ଇଂରେଜି ବିରୁଦ୍ଧରେ ଆମମାନଙ୍କର ଏହି ହେଲା ପ୍ରଧାନ ଅଭିଯୋଗ । ତା ଛଡ଼ା ମାତୃଭାଷାରେ ଯେତେ ଶୀଘ୍ର ଯେତେ କାମ କରିହେବ, ବିଦେଶୀଭାଷାରେ ସେତେ ଶୀଘ୍ର କରିହେବ ନାହିଁ । ଆପଣ ପରୀକ୍ଷା କରି ଦେଖନ୍ତୁ—ଶହେ ପୃଷ୍ଠାର ଓଡ଼ିଆ ବହି ପଢ଼ିବା ପାଇଁ ଆପଣଙ୍କୁ କେତେ ସମୟ ଲାଗେ ଓ ସେତିକି ପୃଷ୍ଠାର ଇଂରେଜି ବହି ପଢ଼ିବା ପାଇଁ କେତେ ସମୟ ଲାଗେ ଓ ତା ପାଇଁ କେତେ ଅଧିକ ମାନସିକ ପରିଶ୍ରମ କରିବାକୁ ପଡ଼େ । ମାତୃଭାଷାରେ ମନୁଷ୍ୟର ଯେଉଁ ସ୍ଫୂର୍ତ୍ତି ହୁଏ, ଅନ୍ୟ କୌଣସି ଶିକ୍ଷିତ ଭାଷାରେ ତା ହୁଏ ନାହିଁ । ଭାରତର ଜଣେ ବିଶିଷ୍ଟ ଲେଖକ ଶ୍ରୀଯୁକ୍ତ ଅନ୍ନଦା ଶଙ୍କର ରାୟ ଢେଙ୍କାନାଳରେ ଜନ୍ମ ହୋଇ ଆଇ. ସି. ଏସ୍. ହେବା ପର୍ଯ୍ୟନ୍ତ ଓଡ଼ିଶାରେ ଜୀବନ କାଟିଥିଲେ । ସେ ଓଡ଼ିଆ କହୁଥିଲେ ଓ ଓଡ଼ିଆରେ ଲେଖୁଥିଲେ । ଖାଲି ଲେଖୁନ ଥିଲେ, ଖୁବ୍ ଖ୍ୟାତି ମଧ୍ୟ ଅର୍ଜନ କରିଥିଲେ । କିନ୍ତୁ ବର୍ତ୍ତମାନ ସେ ଓଡ଼ିଆରେ ଲେଖନ୍ତି ନାହିଁ, ଲେଖନ୍ତି ବଙ୍ଗଳାରେ । ସେ ଏହି ୬୩ ଜୁନରେ କଟକର ଗୋଟିଏ ସଭାରେ ସ୍ୱୀକାର କରିଯାଇଛନ୍ତି—କାହିଁକି ସେ ଓଡ଼ିଆ ଛାଡ଼ି ବଙ୍ଗଳାରେ ଲେଖିଲେ । ତାଙ୍କର ମାତୃଭାଷା ବଙ୍ଗଳା ହୋଇଥିବାରୁ ସେହି ଭାଷାରେ ତାଙ୍କର ଯେଉଁ ସ୍ୱାଭାବିକ ସ୍ଫୂର୍ତ୍ତି ହେବ, ଓଡ଼ିଆ ଭାଷାରେ ତାହା ହୋଇପାରିବ ବୋଲି ସେ କଳ୍ପନା କରିପାରିଲେ ନାହିଁ । ଫଳରେ ସେ ମାତୃଭାଷାକୁ ଫେରି-

ଗଲେ । ନିଜକୁ ପ୍ରକାଶ କରିବା ପାଇଁ ମାତୃଭାଷା ସବୁଠାରୁ ସହଜ ଓ ସ୍ୱାଭାବିକ ମାଧ୍ୟମ, ଏଥିରେ କହିବାର କିଛି ନାହିଁ ।

ବିଦେଶୀ ଭାଷାରେ ଶିକ୍ଷା ଦେବାରେ ଗୋଟାଏ ପ୍ରଧାନ ଅସୁବିଧା ହେଉଛି ଶିକ୍ଷାଟା ସହଜରେ ଲୋକଙ୍କ ଭିତରେ ପ୍ରସାରିତ ହୋଇପାରେ ନାହିଁ । ବିଦେଶୀ ଶିକ୍ଷା ସମସ୍ତେ ପାଇପାରନ୍ତି ନାହିଁ । ଯେଉଁ କେତେ ଜଣ ପାଆନ୍ତି, ସେମାନେ ସ୍କୁଲ, କଲେଜରୁ ଫେରି ଘରେ ପହଞ୍ଚିଲେ ସାଧାରଣତଃ ବିଦେଶୀ ଭାଷାକୁ ଆଉ ବ୍ୟବହାର କରନ୍ତି ନାହିଁ । ଧରନ୍ତୁ ଇଂରେଜି କଥା । ଆମ ଦେଶରେ ଖୁବ୍ କମ୍ ପରିବାର ଅଛନ୍ତି ଯେଉଁଠି ସମସ୍ତେ ଇଂରେଜି ଜାଣନ୍ତି । ସମସ୍ତେ ଇଂରେଜି ଜାଣିଥିଲେ ମଧ୍ୟ ମାତୃଭାଷାପରି କେହି ତାକୁ ବ୍ୟବହାର କରନ୍ତି ନାହିଁ । କୌଣସି ବିଦେଶୀ ଭାଷାକୁ ମାତୃଭାଷା ପରି ବ୍ୟବହାର କରିବା ସ୍ୱାଭାବିକ ନୁହେଁ କିମ୍ବା ସହଜ ବି ନୁହେଁ । ତା ଛଡ଼ା ପରିବାରର ଲୋକେ ଇଂରେଜି ନ ଜାଣିଥିବାରୁ ପାଠୁଆ ପୁଅଝିଅଙ୍କ ଇଂରେଜି ବହିରୁ କୌଣସି ଜ୍ଞାନ ଆହରଣ କରିପାରନ୍ତି ନାହିଁ । ତେଣୁ ଜ୍ଞାନଟା ସହଜରେ ପ୍ରସାରିତ ନ ହୋଇ ସଙ୍କୁଚିତ ହୋଇ ରହେ । ଧରନ୍ତୁ, ଘରେ ଟେବୁଲ ଉପରେ ଖଣ୍ଡିଏ ବହି ରଖାହୋଇଛି । ବହିଟା ଯଦି ମାତୃଭାଷାରେ ଲେଖା ହୋଇଥାଏ, ତେବେ ବିଷୟବସ୍ତୁ ଯାହା ଥାଉ ନା କାହିଁକି, ଘରର ଯେ କୌଣସି ଲୋକ ସେଥିପ୍ରତି ଆଗ୍ରହ ପ୍ରକାଶ କରିବେ ନିଶ୍ଚୟ । କିଛି ନ ହେଲେ ବି ବହିର ନାଁଟା ପଢ଼ିପାରିବେ । ଧରନ୍ତୁ, ଧାନଚାଷ ବିଷୟରେ ଖଣ୍ଡିଏ ପୁସ୍ତକ ଓଡ଼ିଆ ଭାଷାରେ ଲେଖାହୋଇଛି । ତାକୁ ଦେଖିଲେ ଯେ କୌଣସି କୃଷକର ଯେ କୌତୂହଳ ହେବ, ଏଥିରେ ସନ୍ଦେହ କ'ଣ ଅଛି ? ପ୍ରତିଦିନ ଯେ ଚାଷ କରୁଛନ୍ତି, ବର୍ଷ ବର୍ଷ ଧରି ନାନା

ଅଭିଜ୍ଞତା ଭିତରେ ଯେ ସମସ୍ତ କାଟିଛନ୍ତି, ସେ ନିଶ୍ଚୟ ଜାଣିବାକୁ ଚାହିଁବେ—ପୃଥିବୀର ଅନ୍ୟ ଅଭିଜ୍ଞ କୃଷକମାନେ କୃଷି ବିଷୟରେ କ'ଣ କହୁଛନ୍ତି । ଖୁବ୍ ଗଭୀର ତଥ୍ୟଗୁଡ଼ା ଅବା ବୁଝି ନ ପାରିବେ, ସାଧାରଣ କଥାଗୁଡ଼ା ତ ନିଶ୍ଚୟ ଜାଣିପାରିବେ । କିନ୍ତୁ ପାଠଗୁଡ଼ା ଇଂରେଜୀରେ ଲେଖା ହୋଇଥିବାରୁ ବହିକି ଛୁଇଁବା ତାଙ୍କ ପକ୍ଷରେ ଅସମ୍ଭବ ହେଉଛି । ଏହି ଦୃଷ୍ଟିରୁ ବିଚାର କଲେ ବିଦେଶୀ ଭାଷା ମାଧ୍ୟମରେ ଦିଆଯାଉଥିବା ଶିକ୍ଷା ଲୋକଙ୍କ ଭିତରେ ସହଜରେ ବିସ୍ତୃତ ହୋଇପାରୁ ନାହିଁ, ବିଲାତ ପ୍ରଭୃତି ଦେଶରେ ଦେଖିବା କଥା ତାଙ୍କ ବହି । ବିଲେଇ କୁକୁର ପାଳିବାଠାରୁ ଆରମ୍ଭ କରି ଉଡ଼ାଜାହାଜ ଉଡ଼େଇବା ପର୍ଯ୍ୟନ୍ତ ସବୁପ୍ରକାର ଜ୍ଞାନକୁ ସରଳ ଭାଷାରେ ଲୋକେ ବୁଝିଲା ପରି ଲେଖି ଦିଆଯାଉଛି । ଯେ କୌଣସି ଲୋକ ବହି ଖଣ୍ଡିଏ କିଣିନେଇ ପଢ଼ୁଛି । ତାର ଫଳରେ ଜ୍ଞାନ ସହଜରେ ବିସ୍ତୃତ ହୋଇପାରୁଛି । କିନ୍ତୁ ଆମ ଦେଶରେ ଜ୍ଞାନଭଣ୍ଡାରଟା ଇଂରେଜୀରେ ଥିବାରୁ କୋଟି କୋଟି ଜନତା ଆଖି ଥାଉଁ ଥାଉଁ ଅନ୍ଧ । ଯେ ଇଂରେଜୀ ପଢ଼ିପାରୁଛି, ସେହି ପାରଗତା ପାଇଁ ତା ମନରେ ଯେଉଁ ଅଭିମାନ ଓ ଯେ ନ ପଢ଼ିପାରୁଛି, ସେହି ଅପାରଗତା ପାଇଁ ତାର ଯେଉଁ ନ୍ୟୁନମନ୍ୟତା, ଯ୍ୱାକୁ ଇ ନେଇ ଦେଶ ଦୁଇଭାଗରେ ବିଭକ୍ତ ହୋଇଛି; ପାଠୁଆ ଓ ଅପାଠୁଆ, ଏକା ଘର ଭିତରେ ଉଠିଛି ଅଦୃଶ୍ୟ ପାଚେରି । ବିଦେଶୀ ମାଧ୍ୟମର ଏହି ଅପ୍ରାକୃତିକ ପାଚେରିକୁ ଭାଙ୍ଗିବା ପାଇଁ ପ୍ରଥମେ ପ୍ରୟାସ କରିଥିଲେ ସେହି ଅଦୃଶ୍ୟଦ୍ରଷ୍ଟା ଗାନ୍ଧିଜୀ ।

ସେହି କୃଷି କଥାର ଉଦାହରଣ ନେଇ ଅନ୍ୟ ପକ୍ଷରୁ ବିଚାର କଲେ ବିଦେଶୀ ମାଧ୍ୟମ ଯୋଗୁଁ ଆମ ଭାଷା କ'ଣ ହରାଇଛି, ତା ସ୍ପଷ୍ଟ

ଜାଣି ହେବ । ଇଂରେଜ ଭାଷାରେ ସବୁ ଲେଖିବା ପଢ଼ିବା ଫଳରେ ମାତୃଭାଷାରେ କୃଷି ବିଷୟରେ ଯେତେ ଟେକ୍ନିକାଲ ଇଡ଼ିୟମ୍ ଅଛି, ତାକୁ ଇଂରେଜ ପଢ଼ୁଆ କୃଷକ କାଳକ୍ରମେ ଭୁଲି ଯାଉଛନ୍ତି । ସେହି ପରିମାଣରେ ଆମ ମାତୃଭାଷାର କ୍ଷତି ହେଉଛି । ଇଂରେଜ ପଢ଼ୁଆ ଲୋକ ମାତୃଭାଷାରେ ଲେଖିବା ପଢ଼ିବା ପାଇଁ ନାରାଜ । ତେଣୁ ମାତୃଭାଷାରେ କୃଷି ବିଷୟରେ ଟେକ୍ନିକାଲ ଶବ୍ଦ ତିଆରି ହେବାର ସମ୍ଭାବନା ନାହିଁ । ପୁଣି ଯୁକ୍ତି ଏ ଆକାରରେ କୁହାଯାଉଛି—ଆମ ଭାଷାରେ ତ ପାରିଭାଷିକ ଶବ୍ଦ ନାହିଁ, ଆମେ ଲେଖାପଢ଼ା କରିବୁ କେମିତି ? ଏହି ହେଲା ଭାଷା ପାପଚକ୍ର । କରିବାର ସୁଯୋଗ ନାହିଁ ଓ ନ କରିଥିବାରୁ ଅଉ ସୁଯୋଗ ଦିଆଯିବ ନାହିଁ । ଫଳରେ ଇଂରେଜ ଛଡ଼ା ଆମର ଆଉ ମୁକ୍ତି ନାହିଁ । ଓଡ଼ିଶାରେ ଯେତେବେଳେ କୃଷିକଲେଜ ସ୍ଥାପନ କରାଗଲା, ଶିକ୍ଷା ମାଧ୍ୟମକୁ ଓଡ଼ିଆ-କରିବା ପାଇଁ କେହି କେହି ଉପଦେଶ ଦେଇଥିଲେ; କିନ୍ତୁ ଆମର ଆବଶ୍ୟକୀୟ ଶକ୍ତି କିମ୍ବା ସାହସ ନ ଥିବାରୁ ସେହି ଗତାନୁଗତିକ ବାଟରେ କାମ ଚାଲିଲା । ମାତୃଭାଷାରେ ଶିକ୍ଷା ହୋଇ ପାରିଥିଲେ, ଦେଶର ଇଂରେଜ ଅନଭିଜ୍ଞ ଅଥଚ ଭଲ ଭଲ ଅଭିଜ୍ଞ କୃଷକମାନେ ସେଠି ସାମୟିକ ଶିକ୍ଷା ନେଇ ପାରିଥାନ୍ତେ ଓ ଆମ କୃଷିବିଜ୍ଞମାନେ ସେମାନଙ୍କ ପାଇଁ ସରଳ ପୁସ୍ତକମାନ ସହଜରେ ଲେଖିପାରିଥାନ୍ତେ । କୃଷକଙ୍କ ଠାରୁ ଦୂରରେ ରହି ଯେଉଁ କୃଷି, ସେଥିରେ ଋଷିଙ୍କ ଶ୍ରାଦ୍ଧ ବି ହୋଇପାରିବ ନାହିଁ । ଏ ଦେଶ କୃଷକର ଯେଉଁ ପରମ୍ପରାଗତ ଅଭିଜ୍ଞତା, ତାର ମୂଲ୍ୟ କିଛି ନାହିଁ; କିନ୍ତୁ ଜାପାନୀ ଓ ଆମେରିକାନ୍ କୃଷକମାନଙ୍କର ଯେଉଁ ଅଭିଜ୍ଞତା, ସେହି ଆମର ଅମୂଲ୍ୟ ସମ୍ପଦ । ସେଥିପାଇଁ ସମ୍ବଲପୁର ଚକୁଲି ଫାର୍ମରେ ଜାପାନୀମାନେ ଯେଉଁ ଧାନ ଫଳାଇଛନ୍ତି, ସେ ଏବେ

ସରକାରଙ୍କର ଚନ୍ତାର କାରଣ । ସମାଜ ସମ୍ପାଦକ ଚେତାବନୀ ଶୁଣାଇ ସମ୍ପାଦକୀୟ ଲେଖିଛନ୍ତି—'ଯୁଗ ନାଁ କଣ ଆଦର୍ଶ କୃଷି' ? ବକ ଆଶା ରହିଛି ନଣ୍ଡ୍ରଗାଣ୍ଟ କୃଷି ମହାବିଦ୍ୟାଳୟ । ସେଠୁ ଯେଉଁ ଛାତ୍ରମାନେ ସାମୟିକ ଗାଁ ଗହଳକୁ ଯାଉଛନ୍ତି, ସେମାନେ କୃଷକମାନଙ୍କ ସହିତ ମାତୃଭାଷାରେ କଥାବାର୍ତ୍ତା କରୁଥିବେ ନିଶ୍ଚୟ । ଏହି ମତରେ ସାଧାରଣ କୃଷକର ଜ୍ଞାନର ଉନ୍ନତି ହେବ । ଛାତ୍ର ଓ କୃଷକଙ୍କ ମଧ୍ୟରେ ଭାବବିନିମୟର ସୁବିଧା ମଧ୍ୟ ହେବ ।

ଆଜିର ଏହି ଯୋଜନାମୟ ଦେଶରେ ଚାରିଆଡ଼େ ଉନ୍ନୟନ କାର୍ଯ୍ୟ ଚାଲୁ ହେଉଛି । ରାସ୍ତା, ଘାଟ, କାନ୍ଥ, ବାଡ଼ ସବୁଠି ପ୍ରଚାର-ପତ୍ର ଦେଖିବାକୁ ମିଳୁଛି । ଯେଉଁତକ ମାତୃଭାଷାରେ ଲେଖା ହୋଇଛି, ସେତକ ଅକ୍ଷର ଚିହ୍ନିଥିବା ଯେ କୌଣସି ଲୋକ ପଢ଼ିବାକୁ ଚେଷ୍ଟା କରୁଛି, କିନ୍ତୁ ଇଂରେଜୀରେ ଯାହା ଲେଖା ହୋଇଛି, ଅନ୍ଧ ଆଗରେ ଦର୍ପଣ ଜାଳିଲାପରି ତା ସେଇମିତି ରହି ଯାଉଛି । ଗଛପତ୍ର, କାନ୍ଥବାଡ଼ ଯୁଆଡ଼େ ଆଜିକାଲି ଦେଖିବ ଲେଖା ହୋଇଛି N. M. E. P.—ମାନେ ଜାତୀୟ ମେଲେରିଆ ନିରାକରଣ ପ୍ରୋଗ୍ରାମ; ଇଂରେଜୀରେ କହିଲେ ନ୍ୟାସନାଲ ମେଲେରିଆ ଇରାଡ଼ିକେସନ ପ୍ରୋଗ୍ରାମ । ମେଲେରିଆ ବିରୁଦ୍ଧରେ ସରକାର କେମିତି ଯୁଦ୍ଧଘୋଷଣା କରୁଛନ୍ତି, ଲୋକ-ମାନଙ୍କ ମଧ୍ୟରେ ତାକୁ ଇ ପ୍ରଚାର କରିବା ପାଇଁ ଯଦି ଏହା ଲେଖା ହୋଇଥାଏ, ତା ହେଲେ ଇଂରେଜୀ ଅକ୍ଷରରେ ଲେଖାହୋଇଛି କାହିଁକି ? ଓଡ଼ିଆରେ ଲେଖା ହୋଇଥିଲେ ଲୋକ ଓ ସରକାର ଉଭୟଙ୍କର ଲାଭ ହୋଇଥାନ୍ତା । ଲୋକେ ଜାଣନ୍ତେ—ସରକାର ତାଙ୍କ ପାଇଁ କେତେ କାମ କରୁଛନ୍ତି !

ଧରନ୍ତୁ, ସଡ଼କରେ ମଝିରେ ମଝିରେ ଯେଉଁ ନିର୍ଦ୍ଦେଶନାମା ଲେଖା ହୋଇଛି, ଯଥା :—Caution, Sharp bend ahead, Dangerous curve, Bazar area ahead, Drive slow. ଏଗୁଡ଼ା କ'ଣ ଖାଲି ମୋଟରଚଢ଼ା ସାହେବଙ୍କ ପାଇଁ ଲେଖା ହୋଇଛି ? କରକାଡା ସାଧାରଣ ପଥିକର ଏଥିରେ କିଛି ଭାଗ ନାହିଁ ? ଇଂରେଜି ସାଙ୍ଗକୁ ଏଥିରେ ଯଦି ଓଡ଼ିଆ ଲେଖା ହୋଇ-ଥାନ୍ତା, ତେବେ ଯେ କୌଣସି ଓଡ଼ିଆ ପଢ଼ାଲୋକ ସେଥିରୁ ଜ୍ଞାନ ଆହରଣ କରିପାରୁଥାନ୍ତା । ଏବେ ଅବଶ୍ୟ ଅନେକ ଜାଗାରେ ଓଡ଼ିଆରେ ଲେଖାହେଲାଣି । ଇଂରେଜ ଶାସକମାନେ ତାଙ୍କ ପ୍ରତାପ ବଳରେ ଜନତାକୁ ଦୂରରେ ରଖିଥିଲେ; କିନ୍ତୁ ଦେଶୀ ସରକାର ଇଂରେଜି ବଳରେ ଲୋକଙ୍କୁ ଦୂରରେ ରଖିଛନ୍ତି । ସେଇଥିପାଇଁ ଗାନ୍ଧିଜୀ ଏତେ ବ୍ୟାକୁଳ ହେଉଥିଲେ ମୂକ ଜନତାକୁ ତାର ମାତୃଭାଷାର ଅଧିକାର ଦେବାପାଇଁ । ରୁଷ ସରକାର ପ୍ରତ୍ୟେକ ସୋଭିଏଟରେ ଲୋକମାନଙ୍କୁ ସେମାନଙ୍କର ମାତୃଭାଷାରେ ଶିକ୍ଷା ଓ ଶାସନ ଚଳାଇ-ବାର ଅଧିକାର ଦେଇଛନ୍ତି । ବାସ୍ତବରେ ଲୋକଙ୍କ ହାତକୁ କ୍ଷମତା ଦେଇ ତାଙ୍କ ନିଜ ଭାଷାରେ ଶାସନକାର୍ଯ୍ୟ ଚଳାଇବାପାଇଁ ସୁଯୋଗ ନ ଦେଲେ ସେ କ୍ଷମତାର କିଛି ଅର୍ଥ ନାହିଁ । ଗାଁ ଗହଳରେ ବି. ଡ଼ି. ଓ. ଏବଂ ପଞ୍ଚାୟତ ଇଞ୍ଜିନିୟର ଇଂରେଜିରେ କଥାବାର୍ତ୍ତା ହେଉଥିଲାବେଳେ ପାଖରେ ଠିଆ ହୋଇଥିବା ଇଂରେଜି ଅନଭିଜ୍ଞ ସରପଞ୍ଚଙ୍କ ଚେହେରା ଯଦି ଆପଣ କେବେ ଦେଖିଥିବେ, ତା'ହେଲେ ଜାଣିଥିବେ, ସେପରି କ୍ଷେତ୍ରରେ ଲୋକପ୍ରତିନିଧିମାନଙ୍କର ଅବସ୍ଥାଟା କ'ଣ ? ଇଂରେଜି ଉଠିଯାଇ କାଗଜପତ୍ର ଯେଉଁଦିନ ଓଡ଼ିଆରେ ହୋଇଯିବ, ସେଦିନ ସାଧାରଣ ଲୋକଙ୍କର ଅନେକ ଅସୁବିଧା ଉଠିଯିବ ।

ଗାନ୍ଧିଜୀ ଓ ରବୀନ୍ଦ୍ରନାଥ ମାତୃଭାଷା ସଂପର୍କରେ ଯାହା କହୁଥିଲେ, ସେମାନେ ଯେ କେବଳ ଜାତୀୟତା ସ୍ରୋତରେ ଭାସିଯାଇ କହୁଥିଲେ, ତା' ନୁହେ । ସେମାନଙ୍କର ଦୃଷ୍ଟିକୋଣ ଥିଲା ଖୁବ୍ ପ୍ରାକ୍‌ଟିକାଲ । ଶିକ୍ଷା ବିଷୟ ନେଇ ଯେତେ କମିଟି ବସିଥିଲା, ଯଥା—ତାରାଚାନ୍ଦ କମିଟି, ମୁଦାଲିୟର୍ କମିଟି, ରାଧାକୃଷ୍ଣ କମିଟି ଓ ଜାକର୍ ହୁସେନ୍ କମିଟି—ସମସ୍ତେ ସମସ୍ୱରରେ କହିଥିଲେ ମାତୃଭାଷା ଶିକ୍ଷା ସବୁ ଶିକ୍ଷାର ମୂଳମନ୍ତ୍ର; କିନ୍ତୁ ଲକ୍ଷ୍ୟ କରିବାର କଥା—ଇଂରେଜିଭାଷା ଏ ଜାତି ଉପରେ କି ଇନ୍ଦ୍ରଜାଲ ସୃଷ୍ଟି କରିଛି, ଏପର୍ଯ୍ୟନ୍ତ ଏତେ ୪୯ ବର୍ଷ ଭିତରେ ମଧ୍ୟ ମାତୃଭାଷା ପ୍ରତି ଆମର ସମ୍ମାନ ଅସିନାହିଁ । ଆମ ବିବାହ-ବ୍ରତ ନିମନ୍ତ୍ରଣ ଲେଖାଯାଉଛି ଇଂରେଜିରେ, ଆମ ଲୋକସଭା ହେଉଛି ଇଂରେଜିରେ, ପୁଅଝିଅଙ୍କ ନାଁ ବି ଦିଆଯାଉଛି ଇଂରେଜିରେ; ଅଥଚ ଆମ ଭାଷାପ୍ରତି ଯେ ଯେପରି ବ୍ୟବହାର କଲେ ମଧ୍ୟ ଆମେ ବେଶି ବ୍ୟଗ୍ର କିମ୍ବା ଚିନ୍ତିତ ନୋହୁ । ୧୯୭୩ ମସିହାରେ ଓଡ଼ିଶାର ସଂସ୍କୃତିକେନ୍ଦ୍ର ପୁରୀଠାରେ ଗୋଟିଏ ନୂଆ ରେଲଷ୍ଟେସନ ତିଆରି ହେଲା । ସେହି ଷ୍ଟେସନର ପୋର୍ଟିକୋ ଛାତଉପରେ ଶାମୁକା ସାହାଯ୍ୟରେ ଷ୍ଟେସନର ନାମ ଲେଖାହେଲା ହିନ୍ଦୀ ଓ ଓଡ଼ିଆଭାଷାରେ । ହିନ୍ଦୀରେ 'ପୁରୀ' ବନାନ ଲେଖାହେଲା ଠିକ୍, ଅଥଚ ଓଡ଼ିଆରେ ଲେଖା ହେଲା ଭୁଲ । କେନ୍ଦ୍ର ସରକାରଙ୍କର ଇଞ୍ଜିନିୟର କିମ୍ବା କଣ୍ଟ୍ରାକ୍ଟରଙ୍କୁ ଯଦି ଓଡ଼ିଆ ଜଣା ନାହିଁ, ସେମାନେ କ'ଣ ପୁରୀରେ କାହାକୁ ହେଲେ ଜଣକୁ ପଚାରି ଶୁଦ୍ଧଭାବରେ ଲେଖି ପାରିଲେ ନାହିଁ ? ଏ କ'ଣ ସେମାନଙ୍କର ଅଜ୍ଞତା ନା ଓଡ଼ିଆଭାଷା ଓ ଜାତିପ୍ରତି ଅବହେଳାର ନିଦର୍ଶନ ! ଲକ୍ଷ ଲକ୍ଷ ଟଙ୍କାର ସୁନ୍ଦର କୋଠାଟିଏ, ଅଥଚ ସେଥିରେ ଭୁଲରେ ଲେଖାହେଲା ଓଡ଼ିଆ ନାଁଟା ! ସେଠି ଯେଉଁ 'ପୁରି' ଶବ୍ଦ ଲେଖାହେଲା; 'ପୁରୀ'ର ସେପରି ବନାନ

ଭାଷାକୋଷରେ ବି ନାହିଁ । ଏବେ ଅବଶ୍ୟ ତାକୁ ଠିକ କରି ଦିଆଯାଇଛି । ରାଉରକେଲାରେ କେନ୍ଦ୍ରସରକାରଙ୍କର ଯେଉଁ ତାରଘର ତିଆରି ହୋଇଛି, ସେଥିରେ ଘରର ନାଁଟା ଉଭୟ ହିନ୍ଦୀ ଓ ଓଡ଼ିଆ ଅକ୍ଷରରେ ଲେଖାହୋଇଥିଲା । ସେହି ଗୃହ ଉନ୍ମୋଚନ କରିବା ପାଇଁ ଯେଉଁ କେନ୍ଦ୍ର ସରକାରୀ ହାକିମ ଆସିଥିଲେ, ସେ କୁଆଡ଼େ ଓଡ଼ିଆ ଅକ୍ଷରକୁ ଲିଭାଇ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ ବୋଲି ଖବର କାଗଜରେ ବାହାରିଥିଲା । ଏ କଥା ଯଦି ସତ୍ୟ ହୋଇଥାଏ, ତେବେ ଭାଷାପ୍ରତି ଆମମାନଙ୍କର ଉଦାସୀନତା କେତେ, ତାହା ସହଜରେ ଜଣାପିବ । ଲଣ୍ଡନରେ ଗୋଟିଏ ଷ୍ଟ୍ରୀଟ୍ ଅଛି, ତା' ନାଁ ହେଉଛି Conduit Street । ବି. ବି. ସି. ସମ୍ବାଦ ପ୍ରଚାରବେଳେ ସେହି ନାଁକୁ ଯେଉଁଭଳି ଭାବରେ ଉଚ୍ଚାରଣ କରାଗଲା, ସ୍କଟ୍‌ଲଣ୍ଡର ଲୋକେ ତାକୁ ପସନ୍ଦ କଲେ ନାହିଁ । ତାର ଉପରେ ମାସ ମାସ ଧରି ଆନ୍ଦୋଳନ ଚାଲିଲା । ଶେଷରେ ଇଂଲଣ୍ଡ, ସ୍କଟ୍‌ଲଣ୍ଡ ଉଭୟଙ୍କୁ ସୁହାଇଲା ଭଳି ଏକ ଉଚ୍ଚାରଣ ଗୃହୀତ ହେଲା । ତା'ର କାରଣ ହେଉଛି, ନିଜ ଭାଷା ପାଇଁ ସେମାନଙ୍କର ଯଥେଷ୍ଟ ଚେତନା ଓ ସମ୍ମାନ ଅଛି । କିନ୍ତୁ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଆମେ ନିଜ ଭାଷା ବିଷୟରେ ସଚେତ ହେବାକୁ ଆରମ୍ଭ କରି ନାହୁଁ ।

ଲୋକ ଘରୁ ଗୋଡ଼ କାଢ଼ିଲେ ବରାବର ମନେ ମନେ ଭାବେ ବାହାର ଲୋକେ ତାକୁ ଚହ୍ନନ୍ତି କି ନାହିଁ । ଯଦି ସେ ଦେଶ ବାହାର ଲୋକେ ତାକୁ ଜାଣନ୍ତି, ତାଙ୍କ ଗାଁ ନାଁ କିମ୍ବା ତା' ରାଜ୍ୟର କୌଣସି କଳା, ସଂସ୍କୃତି କିମ୍ବା ଭାଷା ନାଁ ଜାଣନ୍ତି, ତେବେ ସେ ଭାରି ଖୁସି ହୁଏ । ନିଜର ପ୍ରତିଷ୍ଠା ଅଛି ବୋଲି ଭାବି ଅଭିମାନ ଅନୁଭବ କରେ । ଏହି ପ୍ରକାର ଅଭିମାନ ମଣିଷର ଦରକାର ମଧ୍ୟ । ତା'

ନ ହେଲେ ଲୋକେ ଦେଶ, ଜାତି, ଭାଷା, ସଂସ୍କୃତିର ସୁନାମ ପାଇଁ ଚେଷ୍ଟା କରନ୍ତେ କାହିଁକି ? ବ୍ୟକ୍ତିଗତ ଅନୁଭୂତିରୁ ମୁଁ ଦେଖିଛି—ଓଡ଼ିଶା ବାହାରେ ଲୋକେ ଯେତେବେଳେ ପଚାରନ୍ତି ଓଡ଼ିଶା କ'ଣ ବିହାର-ଓଡ଼ିଶା ? ଓଡ଼ିଆ ଲୋକେ କି ଭାଷା କହନ୍ତି ? ବଙ୍ଗଳା ନା ତେଲୁଗୁ ? ମନେ ମନେ ଟିକିଏ ବିରକ୍ତି ଲାଗେ ସତ, କିନ୍ତୁ ଭାବି ଦେଖିଲେ ଦୁର୍ବଳତା ଆମ ନିଜର । ବଳିତ ପରି ଏତେ ଟିକିଏ ରାଜ୍ୟକୁ ଯଦି ସବୁଲୋକେ ଜାଣୁଛନ୍ତି, ଆମକୁ ଜାଣୁନାହାନ୍ତି କାହିଁକି ? ଆମରି ଭାଷା ପରି ଗୋଟିଏ ବଙ୍ଗଳା ଭାଷାକୁ ଯଦି ପୃଥିବୀ ଲୋକେ ଜାଣୁଛନ୍ତି, ଆମକୁ ଜାଣୁନାହାନ୍ତି କାହିଁକି ? ଭାରତୀୟ ଭାଷାର ଉଦାହରଣ ଦେଲାମାତ୍ରେ ଲୋକେ ହିନ୍ଦୀ, ବଙ୍ଗଳା, ଗୁଜରାଟୀ, ମରାଠୀ, ତେଲୁଗୁ, ତାମିଲର ନାଁ କହୁଛନ୍ତି, ଅଥଚ ଆମ ନାଁ କେହି ଧରୁ ନାହାନ୍ତି; ତା'ର କାରଣ ବୋଧହୁଏ ଆମେ ଆମ ରାଜ୍ୟକୁ ଓ ତା'ର ଭାଷା ସାହିତ୍ୟକୁ ବିଶେଷ ପ୍ରଗତିଶୀଳ କରିପାରି ନାହୁଁ । ଗଲା ଇଲେକ୍‌ସନ ପରଠାରୁ ଭାରତ ମାନଚିତ୍ରରେ ଓଡ଼ିଶାର ସ୍ଥାନ ନିରୂପଣ କରିବା ପାଇଁ ଲୋକଙ୍କୁ ବୋଧହୁଏ ଆଉ ବେଶି କଷ୍ଟ ହେଉନାହିଁ । କିନ୍ତୁ ରାଜନୀତି କ୍ଷେତ୍ରରେ ଯେମିତି କ୍ଷଣିକ ଇନ୍ଦ୍ରଜାଲ କରି ମଧ୍ୟ ଚମକ ସୃଷ୍ଟି କରିହେବ, ଭାଷା ଓ ସାହିତ୍ୟ କ୍ଷେତ୍ରରେ ତାହା ସମ୍ଭବ ନୁହେଁ । ସେଥିପାଇଁ ନିରଳସ, ନିରବଚ୍ଛିନ୍ନ ସାଧନା ଦରକାର । ଯେଉଁ ସୁବିଧା, ସୁଯୋଗ ଓ ସାଧନା ନେଇ କେତେକ ଭାରତୀୟ ଭାଷା ଆଗେଇ ଯାଇଛନ୍ତି, ଓଡ଼ିଶା ଭାଗ୍ୟରେ ତା ଜୁଟି ନାହିଁ । ବିଦେଶୀ ଶାସନ ତଳେ ଭାରତୀୟ ଭାଷାମାନଙ୍କର ଯେତିକି ଗତିରୋଧ ହୋଇଛି, ତାଠୁ ବେଶି ହୋଇଛି ଓଡ଼ିଆ ଭାଷାର । ଓଡ଼ିଆ କେବଳ ବ୍ରିଟିଶମାନଙ୍କ ତଳେ ନ ଥିଲା, ବହୁକାଳ ପର୍ଯ୍ୟନ୍ତ ବଙ୍ଗ-ବିହାର ପ୍ରଭୃତି ପ୍ରଦେଶ ସଙ୍ଗେ ଯୋଡ଼ାହୋଇ ରହିଥିଲା । ଓଡ଼ିଶାର ବାବୁଶ୍ରେଣୀ

ଏବେ ବି ପୂର୍ବ ଓଡ଼ିଆ ହୋଇନାହାନ୍ତି, ସେତେବେଳେ ତ ପ୍ରାୟ ସମସ୍ତେ ଥିଲେ ବିଦେଶୀ । ସେକାଳ ଗଡ଼ଜାତମାନଙ୍କରେ ପୁଣି ଓଡ଼ିଶାରେ ଛବିଶଟା ଗଡ଼ଜାତ । ବାବୁ କହିଲେ କେବଳ ବଙ୍ଗୀୟ ଭଦ୍ରଲୋକମାନଙ୍କୁ ବୁଝାଉଥିଲା । ତେଣୁ ଓଡ଼ିଆ ଭାଷା ପାଇଁ ଚିନ୍ତା କରୁଥିଲା କିଏ ? ଫକୀରମୋହନଙ୍କ ପରି ଯେଉଁମାନେ ଚିନ୍ତା କରୁଥିଲେ, ସେମାନଙ୍କୁ କୁହାଯାଉଥିଲା 'ରିଙ୍ଗ୍ ଲିଡ଼ର' । ହିନ୍ଦୀ-ଲୋକେ ଆସି ଓଡ଼ିଆ ପାଇଁ କାମ କରିବା କିମ୍ବା ଓଡ଼ିଆ ଲୋକେ ଯାଇ ମରାଠୀ ଭାଷାର ଉନ୍ନତି ପାଇଁ ଚେଷ୍ଟା କରିବାର ଉଦାହରଣ ଖୁବ୍ କମ୍ । ଏ ସବୁ କ୍ଷେତ୍ରରେ ପ୍ରତ୍ୟେକେ ନିଜ ଭାଷାପାଇଁ କାମ କରିବା କଥା । ଆମେ ଯଦି ଭାବୁଥାଉଁ, ଆମ ପାଇଁ ଆଉ ଲୋକେ କରିବେ—ସେ ଭାବନା ଆମର ଭୁଲ୍ । ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ ।

୧ । ଆଞ୍ଚଳିକ ଭାଷା ପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ହେଲେ ଇଂରେଜିର ଆଧିପତ୍ୟକୁ କମାଇବାକୁ ହେବ ।

୨ । ଜନତାର ସାମୂହିକ ଶିକ୍ଷା ପାଇଁ ମାତୃଭାଷା ହିଁ ପ୍ରକୃତ ମାଧ୍ୟମ ।

୩ । ଶାସିତଙ୍କୁ ଶାସକଙ୍କଠାରୁ ଦୂରରେ ରଖିଛି ଇଂରେଜି ଭାଷା ।

୪ । ମାତୃଭାଷା ପାଇଁ ଅଭିମାନ ଓ ମାତୃଭାଷାର ଉନ୍ନତିସାଧନା କାମ୍ୟ ।

# ଭାଷା ପ୍ରସ୍ତୁତି

ଭାରତର ସମ୍ବିଧାନରେ ସ୍ୱୀକାର କରାଯାଇଛି ଯେ ପ୍ରତ୍ୟେକ ରାଜ୍ୟ ତାଙ୍କ ଶାସନରେ ନିଜର ଆଞ୍ଚଳିକ ଭାଷାକୁ ଚଳାଇ ପାରିବେ; ଯଥା—ଓଡ଼ିଶାରେ ଓଡ଼ିଆ, ବଙ୍ଗରେ ବଙ୍ଗଳା । ଫଳରେ କେତେ ରାଜ୍ୟରେ ଏହି ନିୟମ ଚାଲୁ ହେଲାଣି ଏବଂ ଆଉ କେତେକରେ ଚାଲୁ ହେବାପାଇଁ କାର୍ଯ୍ୟାରମ୍ଭ ହେଲାଣି । ଯେଉଁଠି ଶାସନରେ ଗୋଟାଏ ଭାଷା ବହୁବର୍ଷ ଧରି ଚାଲି ଆସୁଛି, ସେଠି ଆଉ ଗୋଟାଏ ଭାଷାକୁ ଚଳାଇବା ଏତେ ସହଜ ନୁହେଁ । ପୁଣି ଇଂରେଜି ପରି ଗୋଟାଏ ବିଶ୍ୱବ୍ୟାପୀ ଭାଷା ସ୍ଥାନରେ ଓଡ଼ିଆ, ବଙ୍ଗଳା, ଗୁଜରାଟୀ, ମରାଠୀ ପରି ଏକ ଆଞ୍ଚଳିକ ଭାଷାକୁ ଚଳାଇବା ଏତେ ସହଜ ନୁହେଁ । ସେଥିପାଇଁ ସୁଦୀର୍ଘ ପ୍ରସ୍ତୁତି ଦରକାର ।

ଇଂରେଜି ଛାଡ଼ି ଆଞ୍ଚଳିକ ଭାଷାରେ କାମ କରିବାପାଇଁ ଆପଣଙ୍କୁ କହିଲେ ମାନେ ଆପଣ ସଙ୍ଗେ ସଙ୍ଗେ ପଚାରିବେ—ଆଞ୍ଚଳିକ ଭାଷାରେ ଲିଖିତ ଆଇନ୍ କାନୁନ୍ କାହିଁ? ଅଫିସ୍-ନୋଟ୍ କେମିତି ଲେଖାଯିବ! ତା'ର ଫର୍ମ କାହିଁ? ଟେକ୍‌ନିକାଲ ଟର୍ମସ୍ କାହିଁ? ଆଞ୍ଚଳିକ ଭାଷାର ତଥା ଆଞ୍ଚଳିକ ଭାଷା ଓ ଇଂରେଜିର ଆଧୁନିକ ଡିକ୍‌ସନାରୀ କାହିଁ? ସର୍ଟହାଣ୍ଡ ଓ ଟାଇପ୍ ରାଇଟର ବ୍ୟବସ୍ଥା କାହିଁ? ଅଫିସରମାନେ ଅଳ୍ପ ସମୟ ଭିତରେ ଭାଷା ଶିଖିବା ପାଇଁ ଆଧୁନିକ

ବ୍ୟାକରଣ ଓ ସ୍ୱୟଂ ଶିକ୍ଷକ ପୁସ୍ତକ କାହିଁ ? ଇଂରେଜରେ ଯେଉଁ ପ୍ରଧାନ ଲେଖା ବାହାରୁଛି, ତାକୁ ଅନୁବାଦ କରିବା ପାଇଁ ଲୋକ କାହାନ୍ତି ? ପ୍ରଧାନ ବିଷୟରେ ଯେ କୌଣସି ଅବ୍ୟବସ୍ଥାକୁ ସଜାଡ଼ିବା ପାଇଁ ଜାତୀୟ ଏକାଡେମୀ, ଭାଷା କାଉନ୍‌ସିଲ କିମ୍ବା ଭାଷା ବ୍ୟୁରୋ କାହିଁ ? ଆପଣଙ୍କର ଏହି ପ୍ରଶ୍ନବାଣରେ ଆଞ୍ଚଳିକ ଭାଷାବାଦୀ ଆକାଶକୁ ଅନାଇ ରହିବେ; ଖୋଜିବେ, ଆମର ଏହି ସବୁ କାମ ହୋଇଛି କି ନାହିଁ । ଯଦି ନ ହୋଇଛି, ବର୍ତ୍ତମାନ ଆମେ କରିବା ପାଇଁ ଚାହିଁଲେ ଆମର ଲୋକ ଅଛନ୍ତି ତ ? ଯେଉଁ କେତେ ଲୋକ ଅଛନ୍ତି ବୋଲି ଆମେ ଭାବୁଛୁ ସେମାନଙ୍କର ଆବଶ୍ୟକୀୟ ଟ୍ରେନିଂ ଅଛି ତ ? ଆମେ ଯଦି ଏଠି ଓଡ଼ିଆଭାଷାକୁ ଲକ୍ଷ୍ୟକରି ଆଲୋଚନା କରୁ, ତେବେ ଆମର ସବୁଠୁ ବେଶି ଲୋକ ଦରକାର ଓଡ଼ିଆରେ, ତା' ପଛକୁ ସଂସ୍କୃତ, ତା' ପଛକୁ ହିନ୍ଦୀ, ତା' ପଛକୁ ଇଂରେଜୀରେ; କିନ୍ତୁ ଯେତେ ଲୋକ କାମ କରିବେ ସମସ୍ତେ ଭାଷାତତ୍ତ୍ୱରେ ଟ୍ରେନିଂ ନେବେ । ସମସ୍ତଙ୍କର ଟ୍ରେନିଂ ସମାନ ନ ହୋଇପାରେ, କିନ୍ତୁ କିଛି ନା କିଛି ଟ୍ରେନିଂ ନେବାକୁ ହେବ । କେନ୍ଦ୍ର ହିନ୍ଦୀ ଡିରେକ୍ଟରେଟ୍‌ରେ ଏହି ବ୍ୟବସ୍ଥା । ଆଜିକାଲି ଯୁଗରେ ଆଉ ଅନ୍ଧାରରେ ବାଡ଼ି ବୁଲେଇବା କାମ ଚଳିବ ନାହିଁ; ପ୍ରତ୍ୟେକ ବିଷୟରେ ବୈଜ୍ଞାନିକ ଦୃଷ୍ଟିକୋଣରୁ କାମ କରିବାକୁ ହେବ ।

ଉପରେ ଯେଉଁ ଆବଶ୍ୟକତା କଥା କୁହାଗଲା, ସେ ଦୃଷ୍ଟିରୁ ବିଚାର କଲେ ଆଞ୍ଚଳିକ ଭାଷା ଓ ଭାଷାତତ୍ତ୍ୱ ପାଇଁ ଟ୍ରେନିଂ ବ୍ୟବସ୍ଥା ରହିବା ଦରକାର । କିନ୍ତୁ ସ୍ୱାଧୀନତାର ଷୋଳବର୍ଷ ପରେ ମଧ୍ୟ ଆମ ଦେଶରେ ଆଞ୍ଚଳିକ ଭାଷାକୁ ଯଥେଷ୍ଟ ଧ୍ୟାନ କିମ୍ବା ସମ୍ମାନ ଦିଆଯାଇ ନାହିଁ । ଆଞ୍ଚଳିକ ଭାଷା ସାହିତ୍ୟ ଋଦ୍ଧି, ସେଥିରେ ବିଶେଷ କିଛି

ମସଲା ନାହିଁ, ବ୍ରିଟିଶ ଅମଳର ସେହି ପୁରୁଣା ନାକଟେକା ଏବେ ବି ରହିଛି । ବ୍ରିଟିଶମାନେ ବିଦେଶୀ ବୋଲି ଆମକୁ ରଦ୍ଦି କରି ଆଡ଼େଇ ଦେବାରେ ଯୁକ୍ତି ଅଛି, କିନ୍ତୁ ଆମେ ଆମର ଜିନିଷକୁ ରଦ୍ଦି କରି ଆଡ଼େଇ ଦେବା କେମିତି ? ପ୍ରକୃତରେ ଯଦି ରଦ୍ଦି ହୋଇ-ଥାଏ ତାକୁ ଉଠାଇବା ପାଇଁ, ଯୋଗ୍ୟ କରିବା ପାଇଁ ଆମର ସମସ୍ତ ଶକ୍ତି ଓ ଉପାୟ ଖଟାଇବା ଉଚିତ । ଭାରତର ଲୋକମାନଙ୍କୁ ଗାନ୍ଧିଜୀ ଦରିଦ୍ର, ଦୁର୍ବଳ ଓ ନିରକ୍ଷର ଦେଖି ପଛରେ ପକାଇ ଚାଲି ଯାଇ ନ ଥିଲେ, ତାଙ୍କୁ ଉଠାଇକରି ଆଗକୁ ନେଇ ଯାଇଥିଲେ । ଲୋକଙ୍କୁ ଉଠାଇବା ପାଇଁ ସେ ଚାଞ୍ଚଲ୍ୟ ପ୍ରକାଶ କରି କେବଳ ଭର୍ତ୍ସନା କରୁ ନ ଥିଲେ; ବରଂ ସେମାନଙ୍କ ପ୍ରତି ସହାନୁ-ଭୂତି ଦେଖାଇ ନିଜେ ଆଦର୍ଶ ହୋଇ ସେହିପରି କରିବାକୁ ଉପଦେଶ ଦେଉଥିଲେ । ଆମେ ଏଣେ ଭଲ ଯୁବକଙ୍କୁ ଉପଦେଶ ଦେବୁ ଆଞ୍ଚଳିକ ଭାଷା ଓ ସାହିତ୍ୟ ପଢ଼ି ଲାଭ ନାହିଁ, ସେଗୁଡ଼ା ରଦ୍ଦି, ବାଜେ, ସମୟ ନଷ୍ଟ; ତେଣେ କହିବୁ — ଆଞ୍ଚଳିକ ସାହିତ୍ୟରେ କିଛି ନାହିଁ । କିନ୍ତୁ ସମୟ କାହାକୁ ଅପେକ୍ଷା କରେ ନାହିଁ, ଭାରତର ସ୍ୱାଧୀନତା କଳା ସାହେବମାନଙ୍କ କୁଚକ୍ରକୁ ଅପେକ୍ଷା କରି ନ ଥିଲା, କିମ୍ବା ଭାରତର ଭାଷା ପଲିସି ଅପେକ୍ଷା କରିବ ନାହିଁ । ଭାରତର ସବୁ ରାଜ୍ୟରେ ମାଟ୍ରିକ ସ୍ତରରେ ମାତୃଭାଷାର ପ୍ରଚଳନ ହୋଇ-ସାରିଛି, ଶାସନ ଓ ବିଶ୍ୱବିଦ୍ୟାଳୟ ବାକି ଅଛି । ବହୁ ରାଜ୍ୟରେ ଶାସନ ଓ ବିଶ୍ୱବିଦ୍ୟାଳୟରେ ମଧ୍ୟ ଆରମ୍ଭ ହୋଇଗଲାଣି । ଯେଉଁଠି ଲୋକଚେତନା ଟିକିଏ କମ୍, ସେଇଠି କେବଳ ଯାହା ସମୟ ଲାଗିବ । ହିନ୍ଦୀ ଭାଷାକୁ ଆଗେଇବା ପାଇଁ ହିନ୍ଦୀ ଲୋକେ କଲେଜମାନଙ୍କରେ ହିନ୍ଦୀରେ ଏମ. ଏ. ଓ ଅନର୍ସ ଖୋଲି ଦେଉଛନ୍ତି, କାରଣ ମାତୃଭାଷାକୁ ପଛରେ ପକାଇ ଶିକ୍ଷାକୁ ଆଗେଇ ନେବା ସହଜ ନୁହେଁ । ଆମ

ବିଶ୍ୱବିଦ୍ୟାଳୟରେ ଯେଉଁଠି ସ୍ୱୟଂ ବାଣୀ ବିହାର କରୁଛନ୍ତି, ସେଠି ଏ ପର୍ଯ୍ୟନ୍ତ ମାତୃଭାଷା ପଶି ନ ପାରି ଦ୍ୱାର ବାରବାଟୀ ମାଟିରେ କ୍ଷୀଣ ଅବସ୍ଥାରେ ରହିଛନ୍ତି । ଅନ୍ୟାନ୍ୟ ରାଜ୍ୟରେ ଭାଷା ସାହିତ୍ୟକୁ ଆଗେଇ ନେବା ପାଇଁ ଅନେକ ବଳିଷ୍ଠ ବେସରକାରୀ ସଂସ୍ଥା ଅଛନ୍ତି, ଯେମିତି ନାଗରୀ ପ୍ରଚାରିଣୀ ସଭା, ରାଷ୍ଟ୍ରଭାଷା ପ୍ରଚାର ସଭା, ଜନପଦ ସାହିତ୍ୟ ସମ୍ମିଳନ । ଏମାନେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଦୀର୍ଘକାଳ ହେଲା ହିନ୍ଦୀର ସେବା କରି ଆସୁଛନ୍ତି, ଗୋଟିଏ ଗୋଟିଏ ସଂସ୍ଥା ତିନି ଚାରିଶ ମୂଲ୍ୟବାନ୍ ପୁସ୍ତକ ପ୍ରକାଶ କରି ସାରିଲେଣି । ଭାରତର ଅନ୍ୟାନ୍ୟ ପ୍ରାନ୍ତୀୟ ସାହିତ୍ୟରେ ଏହି ପ୍ରକାର କାର୍ଯ୍ୟ ଅଳ୍ପ ବହୁତେ ଚାଲିଛି; କିନ୍ତୁ ଓଡ଼ିଶାରେ ଏଭଳି କୌଣସି ବେସରକାରୀ ସଂସ୍ଥା ବର୍ତ୍ତମାନ ନାହିଁ । ଡକ୍ଟର ହରେକୃଷ୍ଣ ମହତାବ ଯେଉଁ ପ୍ରଜାତନ୍ତ୍ର ପ୍ରଚାର ସମିତି ଗଢ଼ିଛନ୍ତି, ଘନ ଅନ୍ଧକାର ଭିତରେ ସେହି ଏକମାତ୍ର କ୍ଷୀଣ ପ୍ରଦୀପ । ଯେଉଁ ଜାତି ବିରାଟ, ବିଶାଳ, ସଭ୍ୟ ସଂସ୍କୃତ ବୋଲି ଘର ଭିତରେ ଏତେ ବାହୁସ୍ଫୋଟ ମାରେ, ସେ ଦେଶରେ ଆଖି ଦେଖିଲା ଭଳି ଖଣ୍ଡିଏ ଦୁଇଖଣ୍ଡି ସାହିତ୍ୟ ପତ୍ରିକା ବାହାରେ ଯଥା:— ଝଙ୍କାର ଓ ନବଜୀବନ । ଆଗେ ଯେତେବେଳେ ଲୋକେ କମ୍ ପାଠ ପଢ଼ିଥିଲେ, ଯେତେବେଳେ ଓଡ଼ିଆ ଭାଷାର ପ୍ରଚାର ପାଇଁ ସୁବିଧା ସୁଯୋଗ ନ ଥିଲା, ସେତେବେଳେ ଓଡ଼ିଶାରେ ସହକାର, ନବଭାରତ, ରସଚକ୍ର, ଯୁଗବାଣୀ, ଶଙ୍ଖ, ଚତୁରଙ୍ଗ ପ୍ରଭୃତି କେତେ ପତ୍ରିକା ବାହାରୁଥିଲା; ଅଥଚ ଆଜିର ଏ ଆଲୋକ ଯୁଗରେ ଆମେ ଦେଖୁ ଖଣ୍ଡିଏ ଦୁଇଖଣ୍ଡି ପତ୍ରିକା । ପୁଣି ବେଳେବେଳେ ସେଗୁଡ଼ିକ ଏତେ ଶିଥିଳ, କ୍ଷୀଣକାୟ ଯେ ମୃତ୍ୟୁମୁଖରୁ କୌଣସି ପ୍ରକାରେ ଖସି ଆସିଲା ପରି ଦେଖାଯାନ୍ତି । ଆଜିକାଲି ସବୁ ବିଷୟରେ ଅନର୍ସ ପାଠ ଖୋଲୁଥିଲାବେଳେ କଟକ ବାହାରେ ଅନ୍ୟ କେଉଁଠି ଓଡ଼ିଆ

ଅନର୍ସ ଖୋଲୁନାହିଁ । ଫଳରେ ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧି ପାଇଁ ଉପଯୁକ୍ତ ଆଗ୍ରହ ସୃଷ୍ଟି କରାଯାଇ ପାରୁନାହିଁ । ଲୋକେ ଭାବୁଛନ୍ତି—ଯୁଆର କୌଣସି ଆବଶ୍ୟକତା ନାହିଁ ବୋଲି ବୋଧହୁଏ ସରକାର ଲୋକଙ୍କୁ ଏ ଦିଗରେ ଉତ୍ସାହିତ କରିବାକୁ ଚାହାନ୍ତି ନାହିଁ । ଆମ ଭାଷା, ଆମ ସାହିତ୍ୟ, ଆମ ଗଙ୍ଗାଧର, ଆମ ଫକୀରମୋହନଙ୍କ ନାଁରେ ସଭାମଞ୍ଚ ଫାଟି ପଡ଼ୁଥିବାବେଳେ ଗଙ୍ଗାଧର ମେହେର କଲେଜ କିମ୍ବା ଫକୀରମୋହନ କଲେଜରେ ଓଡ଼ିଆରେ ଅନର୍ସ ନାହିଁ । କୁମ୍ଭୀର ଆମକୁ ମଝି ନଈ ପାରକରି ସାରିଥିଲେ ମଧ୍ୟ ଭାଷା ଓ ସାହିତ୍ୟପ୍ରତି ଆମର ଆନ୍ତରିକତା ଆସିନାହିଁ, ଲୋକ ଦେଖାଣିଆ ଯାହା କେବଳ ହେଉଛି । ଲୋକେ କହନ୍ତି—ମାତୃଭାଷା ତ ଓଡ଼ିଆ, ପୁଣି ପଢ଼ିବା କ'ଣ ଦରକାର, ସେ ତ ଆପେ ହୋଇଯିବ ! ଇଂଲଣ୍ଡ ଲୋକେ ତା' ହେଲେ ଆଉ ଇଂରେଜି ପଢ଼ିବେ କାହିଁକି ? ଅବଶ୍ୟ ଇଂରେଜି-ବାଲାମାନେ ଯୁକ୍ତି କରିବେ ଯେ ଇଂରେଜିରେ ଯାହା ଅଛି, ଆମ ସାହିତ୍ୟମାନଙ୍କରେ କ'ଣ ତା ଅଛି ? ସେ କଥା ନିଶ୍ଚୟ ସତ୍ୟ; କିନ୍ତୁ ଇଂରେଜି ଦିନକରେ ଗଢ଼ା ହୋଇନାହିଁ, କିମ୍ବା ଇଂରେଜି-ଲୋକଙ୍କର ଉପେକ୍ଷାରେ ତା' ସମୃଦ୍ଧ ହୋଇନାହିଁ । ଇଂରେଜିପାଇଁ କେବଳ ଇଂଲଣ୍ଡ ଲୋକେ ସାଧନା କରିନାହାନ୍ତି, ଏକ ପକ୍ଷରେ ସମଗ୍ର ପୃଥିବୀ ମଧ୍ୟ କରିଛି; କିନ୍ତୁ ଆମ ପାଇଁ ଆମ ନିଜ ଲୋକେ ବି କରିବାକୁ ନାରାଜ । ଆଞ୍ଚଳିକଭାଷୀମାନେ ଦିନେ ଶାସନ ଚଳାଇବେ— ଏ କଥା କେହି କଳ୍ପନା କରି ନ ଥିଲେ । ଯଦି ବା କେହି କରିଥିଲେ, ଏତେ ଶୀଘ୍ର ବୋଲି କେବେ ବିଶ୍ୱାସ କରି ନ ଥିଲେ । ତେଣୁ ଅତୀତରେ ଆମ ଭାଷାପାଇଁ ଯେତେ ଉପେକ୍ଷା ହୋଇଯାଇଛି, ତାକୁ ପୂରଣ କରି ବର୍ତ୍ତମାନ ଆମକୁ ଆହୁରି ଆଗକୁ ଯିବାକୁ ହେବ ।

ଦେଶର ବିଜ୍ଞବ୍ୟକ୍ତିମାନେ ଏ ବିଷୟରେ ଯେତେ ଚଞ୍ଚଳ ଧ୍ୟାନ ଦେବେ, ସେତେ ମଙ୍ଗଳ ।

ଯେ କୌଣସି ଭାଷାରେ ଦୁଇଟି ବିଭାଗ,—ଗୋଟିଏ ସାହିତ୍ୟ ବିଭାଗ ଓ ଅନ୍ୟଟି ଟେକ୍ନିକାଲ ବିଭାଗ । ଏହି ଟେକ୍ନିକାଲ ବିଭାଗ ଭିତରେ ଡିକ୍ସନାରୀ, ବ୍ୟାକରଣ, ବ୍ରାଇମାର ପ୍ରିଣ୍ଟିଂ, ଟାଇପ୍ ଓ ସର୍ଟ୍‌ହାଣ୍ଡ ପ୍ରଭୃତି ଅନ୍ତର୍ଗତ । ଏ ସବୁ ପ୍ରସ୍ତୁତ କରିବାକୁ ହେଲେ ଭାଷାତତ୍ତ୍ୱ ଜ୍ଞାନ ନିତାନ୍ତ ଦରକାର । କେନ୍ଦ୍ରସରକାର ଏବେ ଭାଷାତତ୍ତ୍ୱ ଉପରେ ଏତେ ଜୋର ଦେଲେଣି ଯେ ଟେକ୍ନିକାଲ ବିଭାଗ ଅନ୍ତର୍ଗତ ଯେତେ କାମ ସବୁ ସେ ଭାଷାବିତ୍‌ମାନଙ୍କ ତତ୍ତ୍ୱାବଧାନରେ କରିବାକୁ ଚାହାନ୍ତି । ସେଥିପାଇଁ ଅନେକ ସ୍ଥାନରେ ଭଷାତତ୍ତ୍ୱ ବିଭାଗମାନ ଖୋଲିବା ପାଇଁ ବିଶ୍ୱବିଦ୍ୟାଳୟ କମିସନ ସାହାଯ୍ୟ ଦେଉଛନ୍ତି । ଫଳରେ କେତେକ ଅଜଣା ଅଶୁଣା ବିଶ୍ୱବିଦ୍ୟାଳୟରେ ବର୍ତ୍ତମାନ ଭାଷାତତ୍ତ୍ୱ ଅଧ୍ୟୟନ ପାଇଁ ସୁଯୋଗ ଥିଲେ ମଧ୍ୟ ଆମ ରାଜ୍ୟରେ ସେଥିପ୍ରତି ଦୃଷ୍ଟି ଦିଆଯାଇ ନାହିଁ । ରାଜ୍ୟ ତଥା ବିଶ୍ୱବିଦ୍ୟାଳୟ ସ୍ତରରେ ଏ ବିଷୟରେ ଯେଉଁ ଉଦ୍ୟମ କରାଯାଇଛି, ଦୁର୍ଭାଗ୍ୟବଶତଃ ସେ ସବୁ ପଣ୍ଡ ହୋଇଯାଇଛି । ଏବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପ୍ରାଇମେରୀ ଶ୍ରେଣୀରୁ ଇଂରେଜୀକୁ ଫୋନେଟିକ୍ ମେଥଡ଼ରେ ପଢ଼ାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ଓ କେତେକ ସ୍କୁଲରେ ସେଥିପାଇଁ କାର୍ଯ୍ୟାନୁଷ୍ଠାନ କରାଯାଇଛି; କିନ୍ତୁ ଫୋନେଟିକ୍ସ୍ ଟ୍ରେନିଂ ପାଇଥିବା ଲୋକ ଆମର ଖୁବ୍ କମ୍ ଅଛନ୍ତି । ଭବିଷ୍ୟତରେ ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟରେ ଫୋନେଟିକ୍ସ୍‌ର ଡିପ୍ଲୋମା ଚାଲୁ କରିବା ପାଇଁ ୧୯୫୬ ମସୀହାରୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ । ୧୯୬୨

ଗ୍ରୀଷ୍ମରେ ଆମେରିକାନ୍‌ମାନେ ସିକାଗୋ ବିଶ୍ୱବିଦ୍ୟାଳୟରୁ ଆସି କୋରାପୁଟ ଆଦିବାସୀମାନଙ୍କର ଭାଷା ବିଶ୍ଳେଷଣ କରୁଥିଲେ । ସେଥିରେ ଅନେକ ସ୍ଥାନୀୟ ଭାଷାବିତ୍‌ଙ୍କର ଆବଶ୍ୟକତା ଥିଲା; କିନ୍ତୁ ଆମ ଲୋକଙ୍କର ଆବଶ୍ୟକୀୟ ଟ୍ରେନିଂ ନ ଥିବାରୁ ଜଣେ ଦୁଇଜଣଙ୍କ ଛଡ଼ା ଅନ୍ୟ କେହି ଭାଗ ନେଇ ପାରି ନ ଥିଲେ । ଯେତେ ଭାରତୀୟ ସେଠି କାମ କରୁଥିଲେ, ସବୁ ପ୍ରାୟ ଓଡ଼ିଶା ବାହାରର । କେବଳ ସେତିକ ନୁହେଁ, ଭବିଷ୍ୟତରେ ଯେଉଁ ସର୍ବଭାରତୀୟ ଭାଷାସର୍ଭେ ହେବ, ସେଥିପାଇଁ ଲୋକ ଦରକାର । ଯଦି ଆମେ ସେଥିପାଇଁ ପ୍ରସ୍ତୁତ ନ ରହୁ, ତେବେ ଅନ୍ୟ ଭାଷାମାନଙ୍କର ସର୍ଭେ ହୋଇଯିବ ଓ ଆମେମାନେ ବହୁତ ପଛରେ ପଡ଼ିଯିବା । ଏହିସବୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଭାଷାତତ୍ତ୍ୱ ଶିକ୍ଷାପାଇଁ ଅନେକ ଥର ଉଦ୍ୟମ କରାଯାଇଛି । ପୁନାର ଭାଷାତତ୍ତ୍ୱ ଡିରେକ୍ଟର ଡକ୍ଟର କାତ୍ରେ ବର୍ତ୍ତମାନ ହିନ୍ଦୀ କମିସନର ସଭାପତି ଡକ୍ଟର ସାକ୍‌ସେନା ଓ ଭାରତର ବିଶ୍ୱବିଖ୍ୟାତ ଭାଷାବିତ୍ ଡକ୍ଟର ସୁନୀତିକୁମାର ଚାଟାର୍ଜୀ ମଧ୍ୟ ଭାଷାତତ୍ତ୍ୱ ବିଭାଗ ପାଇଁ ପରାମର୍ଶ ଦେଇଛନ୍ତି । ତଥାପି ଆମର ଭାଷାତତ୍ତ୍ୱ ଶିକ୍ଷା ପାଇଁ କୌଣସି ବ୍ୟବସ୍ଥା ହୋଇ ପାରିନାହିଁ । ଶିକ୍ଷାର ବ୍ୟବସ୍ଥା ନ ଥିବାରୁ, ସେହି ଶିକ୍ଷା ସାହାଯ୍ୟରେ ଯାହା ହୋଇପାରନ୍ତା, ତା ହୋଇପାରୁ ନାହିଁ । ଯେ କୌଣସି କାର୍ଯ୍ୟ କରିବାକୁ ଗଲାବେଳେ ଦେଶରେ ସେହି ବିଷୟରେ ଏକ ବାୟୁମଣ୍ଡଳ ଓ ସାଧାରଣ ଭୂମିକା ନ ଥିଲେ ବିସ୍ତୃତ ଆଲୋଚନା ପାଇଁ ସୁବିଧା ହୁଏ ନାହିଁ । ଉଦାହରଣ ସ୍ୱରୂପ, ଧରନ୍ତୁ— ଓଡ଼ିଶାର ଅର୍ଥନୀତି । ଦେଶରେ ଅର୍ଥନୀତି ଶିକ୍ଷା ପ୍ରଚଳିତ ଥିବାରୁ ଓ ପ୍ରତିବର୍ଷ ବହୁବ୍ୟକ୍ତି ଏହି ଶିକ୍ଷା ପାଉଥିବାରୁ ଦେଶରେ ଏକ ପ୍ରକାର ଅର୍ଥନୀତି ଜ୍ଞାନର ବାୟୁମଣ୍ଡଳ ସୃଷ୍ଟି ହେଉଛି । ତେଣୁ ସେହି

ବିଷୟରେ ବିସ୍ତୃତ ଆଲୋଚନା କରିବା ପାଇଁ, ଅନେକ ଲୋକ ତିଆରି ହେଉଛନ୍ତି ଓ ଅନେକ ବିଭାଗ ବି ଖୋଲୁଛି । ଯେତେବେଳେ ମୋଟେ ଅର୍ଥନୀତି ବିଭାଗ ନ ଥିଲା, ସେତେବେଳେ କୃଷି ଅର୍ଥନୀତି ବିଷୟରେ ଲୋକଙ୍କର ଧାରଣା ଥିଲା କେଉଁଠି ? ଅଥଚ ବର୍ତ୍ତମାନ କୃଷିବିଶ୍ୱବିଦ୍ୟାଳୟର ଏହା ଏକ ବିଶିଷ୍ଟ ବିଭାଗ । ଯଦି ଅର୍ଥନୀତି ବିଷୟରେ ଶିକ୍ଷାଦାନର ବ୍ୟବସ୍ଥା ନ ଥାନ୍ତା, ତେବେ ଲୋକେ ଅର୍ଥନୀତିର ବିବିଧ ଆବଶ୍ୟକତା ବିଷୟରେ ଜ୍ଞାନ ଲାଭ କରିଥାନ୍ତେ କେଉଁଠୁ ? ସଭ୍ୟ ଜୀବନର ପ୍ରତ୍ୟେକ ବିଭାଗରେ ଅର୍ଥନୀତି ଏତେ ଆବଶ୍ୟକ ବୋଲି ସେମାନେ ଜାଣନ୍ତେ କୁଆଡ଼ୁ ? ମୋଟ ଉପରେ କୌଣସି ବିଷୟରେ ଶିକ୍ଷାଦାନର ସୁଯୋଗ ଥିଲେ ସେହି ବିଷୟର ଉପଯୋଗୀତା ବିଷୟରେ ଦେଶ ସଜାଗ ହୁଏ ।

ଏବେ ଭାଷାତତ୍ତ୍ୱ ବିଷୟରେ ଶିକ୍ଷା ନ ଥାଇ ମଧ୍ୟ ସେହି ବିଷୟ ଅନ୍ତର୍ଗତ ଅନେକ କାମ ଆଞ୍ଚଳିକ ଭାଷାମାନଙ୍କରେ ହେଉଛି । କେହି କେହି ଭାବୁଛନ୍ତି, ଭାଷାତତ୍ତ୍ୱ ଶିକ୍ଷା ନ ଥାଇ ମଧ୍ୟ କାମ ତ ଚାଲୁଛି, କାମ ତ କେଉଁଠି ଅଟକି ଯାଉ ନି, ତେବେ ସେ ଶିକ୍ଷା ପାଇଁ ଏତେ ବ୍ୟଗ୍ରତା ପ୍ରକାଶ କରିବାର ଆବଶ୍ୟକତା କ'ଣ ? ଅବଶ୍ୟ ଅନେକ ବିଷୟରେ ଏହି ଯୁକ୍ତି କରାଯାଇପାରେ । ଲୋକେ ଲଜିକ୍ ନ ପଢ଼ି କ'ଣ ଯୁକ୍ତି କରି ପାରୁନାହାନ୍ତି ? ଇଞ୍ଜିନିୟରିଂ ନ ପଢ଼ି କ'ଣ ଘର ତୋଳି ପାରୁ ନାହାନ୍ତି ? ବେଶ୍ ପାରୁଛନ୍ତି । କିନ୍ତୁ ଏମିତି କ୍ଷେତ୍ର ଅଛି, ଯେଉଁଠି ସେମାନେ ପାରିବେ ନାହିଁ । ଘରଟାଏ ସିନା ତୋଳି-ଦେବେ, କିନ୍ତୁ ମହାନଦୀରେ ପୋଲଟାଏ ତିଆରି କରିପାରିବେ ନାହିଁ । ବଡ଼ ଜଟିଳକୁ ସାଧନ କରିବା ପାଇଁ ବିଦ୍ୟା ଦରକାର । ରାଜ୍ୟରେ ଭାଷାତତ୍ତ୍ୱ ଶିକ୍ଷାର ବ୍ୟବସ୍ଥା ନ ଥିବାରୁ ଓ ଫଳରେ ସେ

ସମ୍ପର୍କରେ କୌଣସି ବସ୍ତୁର ଆଲୋଚନା ନ ଥିବାରୁ ଅତି ସାମାନ୍ୟ ସାମାନ୍ୟ କଥାର ବସ୍ତୁର ପାଇଁ ସମସ୍ୟା ଲାଗେ ଓ ଅନେକ ସମୟରେ ଅତି ପରିହାସକର ପରିସ୍ଥିତିରେ ଉପନୀତ ହେବାକୁ ପଡ଼େ । ଓଡ଼ିଆ ଭାଷାର ଲିପିସଂସ୍କାର ଆଲୋଚନା କଲାବେଳେ ସେଥିରୁ ଖ, ଘ, ଛ, ଝ, ଠ, ଢ, ଥ, ଧ, ଫ, ଭ ପ୍ରଭୃତି ମହାପ୍ରାଣସୂଚକ ଅକ୍ଷର-ମାନଙ୍କୁ ଉଠାଇ ଦେବାପାଇଁ ମେମୋରାଣ୍ଡମ୍ ମିଳେ । ସର୍ଟ୍‌ହାଣ୍ଡ ପାଇଁ ବ୍ୟବସ୍ଥା କଲାବେଳେ ଘୋଷ ଅଘୋଷ ଧ୍ୱନି ମଧ୍ୟରେ ପ୍ରଭେଦ ନ ଜାଣି ମଧ୍ୟ ଅନ୍ୟ ଭାଷାର ସର୍ଟ୍‌ହାଣ୍ଡ ବହିରୁ ଉତାରି ଦିଆଯାଏ । ଅଥଚ ଏ ସବୁ ବସ୍ତୁର ପାଇଁ ଯେତିକି ଜ୍ଞାନ ଦରକାର, ଦେଶରେ ଭାଷା ଶିକ୍ଷାର ବୈଜ୍ଞାନିକ ବାତାବରଣ ଥିଲେ, ମାଟ୍ରିକୁଲେସନ ସ୍ତରରେ ତାହା ମିଳିଯିବାର କଥା । ଯେଉଁ ଦେଶରେ ଭାଷା ବିଶ୍ଳେଷଣ ଯେତେ ଉଚ୍ଚରେ ଅଛି, ସେ ଦେଶରେ ଭାଷାତତ୍ତ୍ୱ ଶିକ୍ଷା ସେତେ ଦରକାର । କିନ୍ତୁ ଆମର ସେ ଶିକ୍ଷା ନ ଥିବାରୁ ଆମ ଭାଷା ପାଇଁ ଟେକ୍‌ନିକାଲ ବିଷୟବସ୍ତୁ ତିଆରି କରିବା ପାଇଁ ଆମକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ।

ଭାଷାଶିକ୍ଷା ପାଇଁ ଆଧୁନିକ ଡିକ୍‌ସନାରି ନିତାନ୍ତ ଦରକାର । ଗୋପାଳଚନ୍ଦ୍ର ପ୍ରହରାଜଙ୍କର ଯେଉଁ ବିଶାଳ ଭାଷାକୋଷ ଅଛି, ତାହା ଆମର ଅଭାବ ପୂରଣ କରି ପାରିବ ନାହିଁ । ପ୍ରଥମତଃ, ତାହା ଏତେ ବଡ଼ ଯେ ସାଧାରଣ ବ୍ୟବହାର ପାଇଁ ସୁବିଧାଜନକ ନୁହେ । ଆଧୁନିକ ଆବଶ୍ୟକତା ଦୃଷ୍ଟିରୁ ସେଥିରେ ନିତ୍ୟବ୍ୟବହୃତ ବହୁ ଶବ୍ଦର ଅଭାବ ରହିଛି । ବିଗତ କେତେବର୍ଷ ଭିତରେ ସ୍ୱାଧୀନତା ପରେ ଭାଷାର ଶବ୍ଦଭଣ୍ଡାର, ବିଶେଷତଃ ବୈଜ୍ଞାନିକ ତଥା ପ୍ରଶାସନିକ ଶବ୍ଦସମ୍ଭାର ଯେମିତି ବଢ଼ିଚାଲିଛି, ସେଥିପାଇଁ ଏକ ବ୍ୟବହାରୋପ-

ଯୋଗୀ ଭାଷାକୋଷ ନିତାନ୍ତ ଦରକାର । ବାହାର ଲୋକଙ୍କ ଶିକ୍ଷାପାଇଁ ସେଥିରେ ହିନ୍ଦୀ ଓ ଇଂରେଜୀରେ ମଧ୍ୟ ଶବ୍ଦାର୍ଥ ରହିବା ଦରକାର । ଭାରତର ଅଧିକାଂଶ ଭାଷାରେ ଏ ପ୍ରକାର ଶବ୍ଦକୋଷ ସଂକଳନ ଚାଲିଛି । ତା'ଛଡ଼ା ବିଭିନ୍ନ ବ୍ୟବସାୟରେ ବ୍ୟବହୃତ ଶବ୍ଦମାନଙ୍କର ମଧ୍ୟ ସଂକଳନ ହେବା ଦରକାର । ଗାଁ ଗଣ୍ଡାରେ କୃଷି ଓ ଗୋପାଳନ ପ୍ରଭୃତି ପ୍ରଧାନ ବ୍ୟବସାୟମାନଙ୍କରେ ଯେଉଁ ସବୁ ଶବ୍ଦ ବ୍ୟବହାର କରାଯାଏ, ଆଜିକାଲିର ସହରୀ ଶିକ୍ଷିତ ଲୋକମାନଙ୍କ ପକ୍ଷରେ ତାହା ବୁଝିବା ସମ୍ପୂର୍ଣ୍ଣ ଅସମ୍ଭବ । ଟାଁ ଗହଳରୁ ଆସିଥିବା ଶିକ୍ଷିତ ଲୋକମାନଙ୍କ ପକ୍ଷରେ ମଧ୍ୟ ବୁଝିବା ସହଜ ନୁହେଁ । ପାଠକଙ୍କର କୌତୂହଳ ନିବାରଣ ପାଇଁ ମହିଷପାଳନ ସମ୍ପର୍କରେ ଅଳ୍ପ କେତୋଟି ଓଡ଼ିଆ ଇଡ଼ିୟମ ଦିଆଯାଇପାରେ । ପାଠକ ଦେଖିବେ, ମହିଷପାଳନ ସହିତ ପ୍ରତ୍ୟକ୍ଷ ସମ୍ପର୍କ ନ ଥିଲେ ସେଗୁଡ଼ିକ ବୁଝିବା ଅସମ୍ଭବ ହେବ । ଉଦାହରଣ ଯଥା :—

ଡଣୁଆ ରହିବା — ବାଛୁରୀ ସାଙ୍ଗରେ ରହିବା
ବରଡ଼ା ରହିବା — ବିନା ବାଛୁରୀରେ ରହିବା
ଓପଟରେ ପିଆଇବା — ଅସମୟରେ ଯେତେବେଳେ ଇଚ୍ଛା ସେତେବେଳେ ପିଆଇବା ।
ବାରଙ୍ଗ ପିଆଇବା — ଦୁଇବେଳା ପିଆଇବା ।
ଦ୍ୱାଇ ଢୁକେଇବା — ଗୋଟିଏ ବାଛୁରୀ ଛାଡ଼ି ଆଉ ଗୋଟିଏ ଢୁକେଇବା ।
ହାବୁଡ଼ା ବାଜିବା — ମନ୍ତ୍ରିତ ମହିଷମାନଙ୍କ ସମ୍ପର୍କରେ ଆସି ଅନ୍ୟ ମହିଷମାନଙ୍କର ଆଖିରୁ ଲୁହ ବହିବା ।

ପ୍ରିୟ ପାଠକ, ଉପର୍ଯ୍ୟୁକ୍ତ ଇଡ଼ିୟମ୍‌ମାନଙ୍କର ପ୍ରଦତ୍ତ ଅର୍ଥକୁ ନ ଦେଖି ପ୍ରଥମେ ଇଡ଼ିୟମ୍‌ଗୁଡ଼ିକ ପଢ଼ନ୍ତୁ; ଦେଖିବେ—ସେଗୁଡ଼ିକ

କପରି ସମ୍ପୂର୍ଣ୍ଣ ନୂତନ ଜଣାପଡ଼ିବ । ଏଇ ହେଲା ଗୋଟିଏ ଅଞ୍ଚଳର ଗୋଟିଏ ଗାଁର କଥା । ଗାଁକୁ ଗାଁ ପାରି ହୋଇଗଲେ ଏହିପରି ଅନନ୍ତ ଶବ୍ଦ ଭଣ୍ଡାର ପଡ଼ିଛି । ବିଦେଶୀ ଶାସନ ତଳେ ଗାଁଗଣ୍ଡାର ଲୋକଙ୍କ ପ୍ରତି ଯେମିତି ଆଦର ନ ଥିଲା, ସେମାନଙ୍କର ଭାଷା ପ୍ରତି ସେମିତି କାହାରି ଲକ୍ଷ୍ୟ ନ ଥିଲା । ଅନ୍ୟ ଅର୍ଥରେ ତା ଅବହେଳିତ ହୋଇ ପଡ଼ି ରହିଥିଲା । ଏବେ କିନ୍ତୁ ଗାଁ ଲୋକେ ଯେମିତି ଅବହେଳାର ପାତ୍ର ନୁହନ୍ତି, ସେମାନଙ୍କର ଭାଷା ମଧ୍ୟ ସେମିତି ଅବହେଳାର ଜିନିଷ ନୁହେଁ । ଗାନ୍ଧିଜୀ କହୁଥିଲେ—ଆମ ଭାଷାମାନଙ୍କରେ ଭାବପ୍ରକାଶ କରିବା ପାଇଁ ଶବ୍ଦ ନାହିଁ ବୋଲି ଯେଉଁମାନେ କହନ୍ତି, ସେମାନେ ଆମ ଭାଷାମାନଙ୍କର ପ୍ରକୃତ ସ୍ୱରୂପ ଜାଣନ୍ତି ନାହିଁ । ପ୍ରକୃତରେ ଆମ ଗାଁ ଗଣ୍ଡାରେ ଯେଉଁ ଶବ୍ଦଭଣ୍ଡାର ପଡ଼ିରହିଛି, ଆମେ ତାକୁ କେବେ ଆଡ଼େଇ ଦେଖିବା ପାଇଁ ଚେଷ୍ଟା କରିନାହୁଁ । ବର୍ତ୍ତମାନ ଆମପାଇଁ ସମୟ ଆସିଛି । କିନ୍ତୁ ସେଥିପାଇଁ ଆମର ଲୋକ ଓ ଟ୍ରେନିଂ ଦରକାର । ବିହାର ରାଷ୍ଟ୍ରଭାଷା ପରିଷଦ ଓ ଆନ୍ଧ୍ର ସାହିତ୍ୟ ଏକାଡ଼େମୀ ଏ ବିଷୟରେ କେତେକ କାମ କରି ସାରିଛନ୍ତି । ଏହି ଦୃଷ୍ଟିରୁ ବିଚାର କଲେ ଆମ ଭାଷାରେ ଆଧୁନିକ ପଦ୍ଧତିରେ ବିଶ୍ଳେଷିତ ବ୍ୟାକରଣ କିମ୍ବା ସ୍ୱୟଂ ଶିକ୍ଷକ ନାହିଁ, ଅଳ୍ପ ବହୁତେ ଅଧିକାଂଶ ଆଞ୍ଚଳିକ ଭାଷାର ଏହି ଅବସ୍ଥା । ମାତୃଭାଷାରେ ଏମ୍. ଏ. ପଢ଼ିସାରି ମଧ୍ୟ ଛାତ୍ରମାନେ ବାଗ୍‌ଯନ୍ତ୍ରର ବିଭିନ୍ନ ବିଭାଗ ସହିତ ଉତ୍ତମରୂପେ ପରିଚିତ ହୋଇ ନ ଥାନ୍ତି । ବ୍ୟାକରଣ ପୁସ୍ତକମାନଙ୍କର ଆଦ୍ୟରେ ଧ୍ୱନି ବିଷୟରେ ଅଳ୍ପ ଯେଉଁ କେତୋଟି ପୃଷ୍ଠା ଥାଏ, ପିଲାମାନେ ତାକୁ ଓଲଟାଇ ଦେଇ ଲିଙ୍ଗ, ବଚନ, କାରକ ସବୁ ପଢ଼ନ୍ତି । ଫଳରେ ଭାଷାର ମୌଳିକ ଧ୍ୱନିମାନଙ୍କ ସ୍ୱରୂପ ଚିହ୍ନି ପାରନ୍ତି ନାହିଁ । ଯେଉଁ ଇଂରେଜି ଭାଷା ଓ ବ୍ୟାକରଣକୁ ଆମେ

ଏତେ ଆଦରର ସମ୍ବୃତ ପତ୍ରୁ, ସେଥିରେ ମଧ୍ୟ ଅବସ୍ଥା ଭଲ ନୁହେଁ । ଗୋଟିଏ ଟ୍ରେନିଂ କ୍ୟାମ୍ପରେ ଜଣେ ଅଧ୍ୟାପକଙ୍କୁ ଯେତେପ୍ରକାର ବୁଝାଇଲେ ମଧ୍ୟ ଇଂରେଜୀରେ ଏକୋଇଶଟା ସ୍ୱରବର୍ଣ୍ଣ ଅଛି ବୋଲି ତାଙ୍କର ବିଶ୍ୱାସ ହେଲା ନାହିଁ, କାରଣ ଇଂରେଜୀ ବ୍ୟାକରଣ ବହିରେ a, e, i, o, u ବୋଲି ଯେଉଁ ପାଞ୍ଚଟି ସ୍ୱର ଉଲ୍ଲେଖ କରା-ଯାଇଛି, ତାହାର ପ୍ରଭାବରୁ ମୁକ୍ତହେବା ତାଙ୍କ ପକ୍ଷରେ ସମ୍ଭବ ହୋଇନାହିଁ । ଏଥିରେ ଅଧ୍ୟାପକଙ୍କର ଦୋଷ ନାହିଁ, ଦୋଷ ହେଉଛି ଅଧ୍ୟାପନାର । ଯେଉଁ ଆଧୁନିକ ପଦ୍ଧତିରେ ଇଂରେଜୀ ଶିକ୍ଷା ଦିଆ-ଯାଉଛି, ଆମେ ଏ ପର୍ଯ୍ୟନ୍ତ ତାକୁ ଗ୍ରହଣ କରିପାରି ନାହୁଁ । ସମାଦୃତ ଇଂରେଜୀ ଭାଷାର ଏ ଅବସ୍ଥା ଦେଖିଲେ ଅବହେଳିତ ମାତୃଭାଷା ବିଷୟରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? କିନ୍ତୁ ଆଜି ଯୁଗରେ ଆଉ ଅଧିକ କାଳକ୍ଷେପ ନୀତି ନ ଧରି ଆଧୁନିକ ପଦ୍ଧତିରେ ଭାଷାଶିକ୍ଷା ଆରମ୍ଭ କରିବା ଉଚିତ ।

ରାଜ୍ୟମାନଙ୍କରେ ଆଞ୍ଚଳିକ ଭାଷା କାହିଁକି ଚଳିପାରୁ ନାହିଁ ପଚାରିଲେ ଜବାବ ମିଳେ — ଆମର ଟାଇପରାଇଟର ନାହିଁ, ଆମର ସର୍ଟହାଣ୍ଡ ନାହିଁ; ମନୋ, ଲାଇନୋ ପ୍ରିଣ୍ଟିଂ ମେସିନ୍ ନାହିଁ । କିନ୍ତୁ ଯାହାର ପ୍ରକୃତ ଜବାବ ହେଉଛି — ଆମର ମନ ନାହିଁ । ହୀରାକୁଦ ବନ୍ଧ, ପାରାଦ୍ୱୀପ ବନ୍ଦର, ମହାନଦୀ ପୋଲ, ମିଲ୍ କାରଖାନା ଓ ରାଜଧାନୀର ଉଚ୍ଛେଦଠାରୁ ଏହା କ'ଣ ଅଧିକ କଷ୍ଟକର ? ରଙ୍ଗନାଥ ମହାପାତ୍ର କେଉଁକାଳୁ ଓଡ଼ିଆ ଟାଇପରାଇଟର ତିଆରି କଲେଣି; ବଙ୍ଗଳା ଅନୁକରଣରେ ତିଆରି ସର୍ଟହାଣ୍ଡ ମଧ୍ୟ କାମରେ ଲାଗିଲାଣି । ଲିପି ସଂସ୍କାର ବୋର୍ଡ଼ ବସି ଆଧୁନିକ ଛପା ପାଇଁ ଲିପିସଂସ୍କାର ବ୍ୟବସ୍ଥା ପାଞ୍ଚମାସ ଭିତରେ ଅନେକ ଆଗେଇ ଗଲାଣି । ହୁଏ ତ ପାଞ୍ଚବର୍ଷ ଆଗରୁ

ସ୍ଥାକୁ କରିଥିଲେ ଯେ ବିଶେଷ ଅସୁବିଧା ହୋଇଥାନ୍ତା, ତା’ ନୁହେଁ ।
ଆଜି ଯାହା ହୋଇପାରୁଛି, ଦେଶ ବୁଝିଥିଲେ ଅନେକ ଆଗରୁ ତାହା
ହୋଇ ପାରିଥାନ୍ତା ଓ ବ୍ଲକ୍ ଅଫିସରୁ ସରପଞ୍ଚଙ୍କ ପାଖକୁ
ଇଂରେଜିରେ ଚିଠି ଦିବାର ଆବଶ୍ୟକତା ନ ଥାନ୍ତା । ଓଡ଼ିଶାର
ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଓଡ଼ିଶାରେ ଓଡ଼ିଆ
ଚଳାଇବା ପାଇଁ ଯେଉଁ ପଦକ୍ଷେପ ଗ୍ରହଣ କରିଥିଲେ, ଦେଶ ତାକୁ
ସେତେବେଳେ ସ୍ୱୀକାର କରିଥିଲେ ଆଜିକୁ ବ୍ୟବସ୍ଥା ଅନେକ
ଆଗେଇ ଯାଇଥାନ୍ତା ନିଶ୍ଚୟ ।

୧ । ଆଞ୍ଚଳିକ ଭାଷା ଓ ଭାଷାତତ୍ତ୍ୱ ଶିକ୍ଷାର ଆବଶ୍ୟକତା ।

୨ । ଅବହେଳାରେ ପଦ୍ଧତିର ଉନ୍ନତି ହୁଏ ନାହିଁ, ହୁଏ ସହାନୁଭୂତିମୟ ସହାୟତାରେ ।

୩ । ଆମ ଭାଷା ଓ ସାହିତ୍ୟସେବା ଏବେ ମଧ୍ୟ ଖୁବ୍ କ୍ଷୀଣ ।

୪ । ଭାଷା ଶିକ୍ଷାରେ ସାହାଯ୍ୟ କରିବା ପାଇଁ ଦରକାର ଆଧୁନିକ ଶବ୍ଦକୋଷ, ବର୍ଣ୍ଣନାତ୍ମକ ବ୍ୟାକରଣ, ସ୍ୱୟଂ ଶିକ୍ଷକ ଓ ଆଧୁନିକ ଲିଖନ ପଦ୍ଧତି ।

# ବିଜ୍ଞାନ ଶିକ୍ଷା ଓ ମାତୃଭାଷା

ଆମେ ଯେତେବେଳେ ଆଞ୍ଚଳିକ ଭାଷାରେ ଶିକ୍ଷା ଓ ଶାସନ ଚଳାଇବା ପାଇଁ ଚିନ୍ତା କରୁ ସେତେବେଳେ ଦୁଇଟି ପ୍ରତିବନ୍ଧକ ଆମ ଆଖି ଆଗରେ ଦେଖାଦିଏ । ଗୋଟିଏ ବିଜ୍ଞାନ ଶିକ୍ଷା ଓ ବୈଜ୍ଞାନିକ ଶବ୍ଦାବଳି, ଅନ୍ୟଟି ଆଞ୍ଚଳିକ ଭାଷାରେ ଲିଖିତ ପୁସ୍ତକର ଅଭାବ । ଏଥିଲାଗି କେତେକ ଲୋକେ ବରାବର ଯୁକ୍ତି କରନ୍ତି ଯେ ଆଞ୍ଚଳିକ ଭାଷାରେ ବିଜ୍ଞାନ ଶିକ୍ଷା ଏକପ୍ରକାର ଅସମ୍ଭବ । ଇଂରେଜି ସେଥିପାଇଁ ଏକମାତ୍ର ଭାଷା । ଅତୀତର ଇତିହାସକୁ ଦେଖିଲେ ଜଣାଯାଏ ଯେ ପ୍ରଥମେ ପ୍ରଥମେ ବିଜ୍ଞାନ ଇଂରେଜିରେ ଲେଖା ନ ହୋଇ ଲାଟିନ୍‌ରେ ଲେଖା ହୋଇଥିଲା । ୧୬୮୭ ଖ୍ରୀଷ୍ଟାବ୍ଦରେ ନିଉଟନ୍ ତାଙ୍କର ପ୍ରଥମ ପୁସ୍ତକ Principiaକୁ ଲାଟିନ୍ ଭାଷାରେ ଲେଖିଲେ । ଆମ ଦେଶରେ ସଂସ୍କୃତ ଯେମିତି, ତାଙ୍କ ଦେଶରେ ଲାଟିନ୍ ସେମିତି ଏକ ପ୍ରାଚୀନ ଭାଷା । ଆଜି ସଂସ୍କୃତ ଭାଷାରେ ବିଜ୍ଞାନ ଲେଖିବା କଥା କହିଲେ ଲୋକେ ହସନ୍ତେ; କିନ୍ତୁ ବିଜ୍ଞାନର ଆରମ୍ଭ ହୋଇଥିଲା ସଂସ୍କୃତ ପରି ଏକ ପ୍ରାଚୀନ ଭାଷାରେ । ଲାଟିନ୍‌ରେ ଲେଖାହେବାର ପ୍ରାୟ ପଚିଶ ବର୍ଷପରେ ପୁଣି ସେହି ବହି ଇଂରେଜିରେ ଲେଖାହେଲା; କିନ୍ତୁ ନିଉଟନ୍‌ଙ୍କର ଦ୍ୱିତୀୟ ପୁସ୍ତକ Opticks ଲେଖାହେଲାବେଳକୁ ଅବସ୍ଥା ସମ୍ପୂର୍ଣ୍ଣ ବଦଳି ଯାଇଥିଲା । ୧୭୦୪ ମସିହାରେ ସେ ବହି ପ୍ରଥମେ ଲେଖା ହେଲା ଇଂରେଜି ପରି ଏକ ଆଞ୍ଚଳିକ ଭାଷାରେ ।

ତାର ଦୁଇ ବର୍ଷ ପରେ ପୁଣି ଲେଖାହେଲା ଲାଟିନ୍‌ରେ । କିନ୍ତୁ କାଳକ୍ରମେ ଲାଟିନ୍ ଉଠିଯାଇ ଇଉରୋପର ଆଞ୍ଚଳିକଭାଷା ଇଂରେଜି, ଫ୍ରେଞ୍ଚ, ଜର୍ମାନୀରେ ବିଜ୍ଞାନ ଲେଖାଗଲା । ଏବେ ପୃଥିବୀର ସମସ୍ତ ବିଜ୍ଞାନ ପ୍ରଧାନତଃ ଦୁଇଟି ଭାଷାରେ ଲେଖାହୁଏ—ଇଂରେଜି ଓ ରୁଷିଆନ୍ ।

ବର୍ତ୍ତମାନ ପ୍ରଶ୍ନ ହେଉଛି—ଭାରତର ସବୁ ପ୍ରକାର ଶିକ୍ଷା ଏପର୍ଯ୍ୟନ୍ତ ଇଂରେଜିରେ ହେଉଥିଲା, ଏବେ ଅଞ୍ଚଳିକ ଭାଷାରେ ହୋଇପାରିବ କି ନାହିଁ ? ଏ ବିଷୟରେ ରୁଷ ଓ ଜାପାନର ଉଦାହରଣ ନିଆଯାଇ ପାରେ । ପ୍ରଥମେ ଲାଟିନ୍‌ରେ ଯେଉଁ ବିଜ୍ଞାନ ଲେଖା ଆରମ୍ଭ ହୋଇଗଲା, ଆଜି ତାହା ଇଂରେଜି ଓ ରୁଷ ଭାଷାରେ ବେଶି ପ୍ରଚଳିତ । କେବଳ ସେତିକି ନୁହେଁ, ରୁଷିଆରେ ଏପର୍ଯ୍ୟନ୍ତ ବିଜ୍ଞାନ ଶିକ୍ଷା ରୁଷଭାଷାରେ ଦିଆଯାଉଥିଲା; ଏବେ ଆଞ୍ଚଳିକ ସ୍ତରରେ ଜର୍ଜିଆନ, ୟୁକ୍ରେନିଆନ୍, କାଜାଖ, ତୁର୍କମେନ ଓ ତାରତାର ପ୍ରଭୃତି ବଂଶାଧିକ ଆଞ୍ଚଳିକ ଭାଷାରେ ମଧ୍ୟ ଦିଆଯିବାର ବ୍ୟବସ୍ଥା ଚାଲିଛି । ସେଥିପାଇଁ ସେହି ସେହି ଭାଷାମାନଙ୍କରେ ବୈଜ୍ଞାନିକ ଶବ୍ଦାବଳି ପ୍ରସ୍ତୁତ ହେଉଛି । (*)

ଆଞ୍ଚଳିକ ଭାଷାମାନଙ୍କରେ ବିଜ୍ଞାନ ଶିକ୍ଷା ଦେବାର ଉଦ୍ଦେଶ୍ୟ ହେଉଛି ଦୁଇଟି । ଏକରେ, ବିଜ୍ଞାନ ଶିକ୍ଷାର ପ୍ରସାର; ଦୁଇରେ, ଆଞ୍ଚଳିକ ଭାଷାର ସମୃଦ୍ଧି । ବର୍ତ୍ତମାନର ଯୁଗ ହେଲା ବିଜ୍ଞାନର ଯୁଗ । ବିଜ୍ଞାନଠାରୁ ଯେ ଦୂରରେ ରହିବ ସଭ୍ୟତା ଦଉଡ଼ରେ ସେ ପଛରେ ପଡ଼ିଯିବ । ତେଣୁ ସାଧାରଣ ଜନତାକୁ ସଭ୍ୟତାର ସ୍ୱାଦ ଚଖାଇବାକୁ ହେଲେ ବିଜ୍ଞାନ ଶିକ୍ଷା ନିତାନ୍ତ ଦରକାର । ମାତ୍ର ଆମେ ଦେଖିଛୁ ଯେ ସମୂହ ଶିକ୍ଷା କେବଳ ମାତୃଭାଷା ସାହାଯ୍ୟରେ

ଶୀଘ୍ର ସମ୍ଭବ ହେବ । ତେଣୁ ବିଜ୍ଞାନର ପ୍ରସାର ପାଇଁ ମାତୃଭାଷା ମାଧ୍ୟମ ହିଁ ସର୍ବୋତ୍କୃଷ୍ଟ । ଦ୍ୱିତୀୟରେ, ନିଜର ମାତୃଭାଷାକୁ ସମୃଦ୍ଧ କରିବାକୁ ହେଲେ ବୈଜ୍ଞାନିକ ଚିନ୍ତାଧାରାକୁ ସେଥିରେ ପ୍ରବେଶ କରାଇବାକୁ ହେବ । ଆଞ୍ଚଳିକ ଭାଷା ଯଦି ବୈଜ୍ଞାନିକ ଚିନ୍ତା-ଧାରାର ବାହକରୂପେ କାର୍ଯ୍ୟ ନ କରେ, ତେବେ ତାହା କ୍ରମଶଃ କ୍ଷୀଣ ହୋଇପଡ଼ିବ ଓ ଯୁଗୋପଯୋଗୀ ହୋଇପାରିବ ନାହିଁ । ସେହି କାରଣରୁ ଆଞ୍ଚଳିକ ଭାଷାରେ ବିଜ୍ଞାନ ଶିକ୍ଷା ଦେବାପାଇଁ ଚିନ୍ତା କରାଯାଉଛି । ଓଡ଼ିଆ ଲୋକଙ୍କ ଭିତରେ ବିଜ୍ଞାନର ଆଲୋକ ବିକୀରଣ କରିବା ପାଇଁ ତଥା ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ଓଡ଼ିଆରେ ବିଜ୍ଞାନ ଶିକ୍ଷାର ବ୍ୟବସ୍ଥା ହେବା ଦରକାର ।

ଆଞ୍ଚଳିକ ଭାଷାରେ ବିଜ୍ଞାନ ଶିକ୍ଷା ଅସମ୍ଭବ ବୋଲି ଯେଉଁମାନେ ମନେକରନ୍ତି, ସେମାନେ ଦେଖିପାରନ୍ତି ବଙ୍ଗୀୟ ବିଜ୍ଞାନ ପରିଷଦର ବାର୍ଷିକୋତ୍ସବ ଅବସରରେ ବଙ୍ଗଳାର ବିଶିଷ୍ଟ ବୈଜ୍ଞାନିକମାନେ ସ୍ଥିର କରିଛନ୍ତି—ଏଣିକି ବିଜ୍ଞାନ ଶିକ୍ଷା ବଙ୍ଗଳା ଭାଷାରେ ଦିଆଯିବ । ଅଧିକାଂଶ ଲୋକ କହନ୍ତି – ଡାକ୍ତରୀ, ଇଞ୍ଜିନିୟରିଂ ପ୍ରଭୃତି ବୈଷୟିକ ଶିକ୍ଷା ଇଂରେଜି ଛଡ଼ା ଆଞ୍ଚଳିକ ଭାଷାରେ ହେବା ଅସମ୍ଭବ । କିନ୍ତୁ ଆପଣ ଯଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଡକ୍ଟର ଜୀବରାଜ ମେହେଟା ଓ ରୁର୍କୀ ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟର ଉପକୁଳପତିଙ୍କର ମତାମତ ଜାଣିଥିବେ, ତେବେ ଏ ବିଷୟରେ ଆପଣଙ୍କର ଅନେକ ସନ୍ଦେହ ଦୂର ହୋଇଯାଇଥିବ । ତା୧୦ । ୪ । ୬୩ରେ ଅହମଦାବାଦଠାରେ ଡକ୍ଟର ମେହେଟା କହିଥିଲେ ଯେ ଆଞ୍ଚଳିକ ଭାଷାରେ ମେଡ଼ିକାଲ ଶିକ୍ଷା ଦିଆଯାଇ ପାରିବ । ଭାରତୀୟ ମେଡ଼ିକାଲ କାଉନସିଲ ଡାକ୍ତରୀ ଶିକ୍ଷା ପାଇଁ ଇଂରେଜି ମାଧ୍ୟମକୁ ଯେପରି ଅପରିହାର୍ଯ୍ୟ ମନେ କରିଛନ୍ତି

ସେଥି ସହିତ ସେ ଆଦୌ ଏକମତ ନୁହନ୍ତି । ରାଜ୍ୟସଭାର ଏକ ପୂରକ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ମେଡ଼ିକାଲ ଶିକ୍ଷାର ପ୍ରଥମ ବାର୍ଷିକ ଶ୍ରେଣୀ ପାଇଁ ଗୁଜରାଟୀ ଭାଷାରେ କେତେକ ପୁସ୍ତକ ତିଆରି ସରିଲାଣି ଓ ଅନ୍ୟାନ୍ୟ ପୁସ୍ତକ ତିଆରି ଚାଲିଛି ।

ହିନ୍ଦୀରେ ଟେକ୍ନିକାଲ ଓ ଇଞ୍ଜିନିୟରିଂ ଶିକ୍ଷା ଦିଆଯାଇ ପାରିବ ନାହିଁ ବୋଲି କେତେକ କହନ୍ତି । କିନ୍ତୁ ନବଭାରତ ଟାଇମସ୍ (ହିନ୍ଦୀ) କାଗଜର ତା୨୯।୫।୬୩ ସଂଖ୍ୟାରେ ପ୍ରକାଶିତ ସମ୍ବାଦରେ କୁହାଯାଇଛି ଯେ ରୁର୍କୀ ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟର କୁଳପତି କହିଛନ୍ତି—ତିନିବର୍ଷ ଭିତରେ ତାଙ୍କ ବିଶ୍ୱବିଦ୍ୟାଳୟରେ ହିନ୍ଦୀରେ ଇଞ୍ଜିନିୟରିଂ ଶିକ୍ଷା ଦିଆଯିବ । ଡକ୍ଟର ମେହେଟା ନିଜେ ଜଣେ ଡାକ୍ତର । ସେ ଯଦି କହନ୍ତି ଯେ ଆଞ୍ଚଳିକ ଭାଷାରେ ଡାକ୍ତରୀ ଶିକ୍ଷା ଦିଆଯାଇ ପାରିବ, ଅନ୍ୟ ଲୋକଙ୍କର ସେଥିରେ ସନ୍ଦେହ କରିବାର କଣ ଅଛି ? ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କଥାକୁ ଅଣ-ଇଞ୍ଜିନିୟରମାନଙ୍କର ଅବିଶ୍ୱାସ କରିବାର ପ୍ରଶ୍ନ କାହିଁ ?

ସ୍ୱାଧୀନତା ପରେ ଇଂରେଜୀ ଶିକ୍ଷା ପ୍ରତି ଯେଉଁ ଅବହେଳା ଦେଖାଦେଇଛି, ସେଥିରେ ଇଂରେଜୀର ମାନଦଣ୍ଡ ଯେ ଖୁବ୍ କମିଛି, ଏଥିରେ ସନ୍ଦେହ ନାହିଁ । ଅନ୍ୟାନ୍ୟ ବହୁ କାରଣରୁ, ବିଶେଷତଃ ସାଧାରଣ ଶୃଙ୍ଖଳାହୀନତା ଯୋଗୁଁ ଦେଶରେ ଶିକ୍ଷାମାନଦଣ୍ଡ କମି ଯାଉଛି । କିନ୍ତୁ ଇଂରେଜୀ ପକ୍ଷପାତୀ ଲୋକେ କହୁଛନ୍ତି—ଇଂରେଜୀକୁ ଅବହେଳା କରିବା ମୂଳରେ ଶିକ୍ଷାର ଏହି ଅଧୋଗତି ହୋଇଛି । କିନ୍ତୁ କଥାଟା ପ୍ରକୃତରେ ଓଲଟା । ଆଞ୍ଚଳିକ ଭାଷାରେ ମାଟ୍ରିକସ୍ତରରେ ଶିକ୍ଷା ଦିଆଯାଇ ବିଶ୍ୱବିଦ୍ୟାଳୟ ସ୍ତରରେ ଇଂରେଜୀରେ ଶିକ୍ଷା ଦିଆ-

ଯାଇ ଥିବାରୁ ଏ ସବୁ ଦୁର୍ଯୋଗ ଘଟୁଛି । ଯଦି ମୂଳରୁ ଇଂରେଜୀରେ ସେଠା ଆରମ୍ଭ ହୋଇ ଚୂଳରେ ଇଂରେଜୀରେ ଶେଷ ହୁଅନ୍ତା, ତେବେ ଭଲ ହୁଅନ୍ତା, ନଚେତ୍ ମୂଳରୁ ଶେଷଯାଏ ଆଞ୍ଚଳିକ ଭାଷା ମାଧ୍ୟମରେ ଶିକ୍ଷା ଦିଆଗଲେ ସେ ବି ଭଲ ହୁଅନ୍ତା । କିନ୍ତୁ ଏହି ଯେଉଁ ଦୁଇ ନାଆରେ ଗୋଡ଼ଦେବା ପନ୍ଥା ହୋଇଛି, ଏଥିରେ ଅର୍ଥନାଶ ଓ ମନସ୍ତାପ ଛଡ଼ା ବିଶେଷ ପନ୍ଥା ହିଁ ନାହିଁ ।

ଆଞ୍ଚଳିକ ଭାଷା ମାଧ୍ୟମ ଯେ ମାଟ୍ରିକସ୍ତରରେ ରହିବ, ଏଥିରେ ଏ ଦେଶରେ କାହାର ଦ୍ୱିମତ ନାହିଁ । କେବଳ ବିଶ୍ୱବିଦ୍ୟାଳୟ ସ୍ତରରେ କ'ଣ ହେବ ତାକୁ ହିଁ ନେଇ ନାନା ଚିନ୍ତା, ନାନା ଆନ୍ଦୋଳନ । କିନ୍ତୁ କାଳକ୍ରମେ ଯେ ସେଠି ଆଞ୍ଚଳିକ ଭାଷା ପ୍ରଚଳିତ ହେବ, ଏ ସନ୍ଦେହ ଆସ୍ତେ ଆସ୍ତେ ଦୂର ହୋଇଯାଉଛି । ଏହି ପୁରୁଷର ଇଂରେଜୀ ପଢ଼ୁଆ ଲୋକେ ଭାବୁଛନ୍ତି—ବିଶ୍ୱବିଦ୍ୟାଳୟ ଶିକ୍ଷା ମାଧ୍ୟମକୁ ହଠାତ୍ ନ ବଦଳାଇ ଆସ୍ତେ ଆସ୍ତେ ବଦଳାଇବା ଉଚିତ୍, ନଚେତ୍ ଶିକ୍ଷାକ୍ଷେତ୍ରରେ ଅବ୍ୟବସ୍ଥା ଉପସ୍ଥିତ ହେବ । କିନ୍ତୁ ଗାନ୍ଧିଜୀ ଏହି କ୍ରମପରିବର୍ତ୍ତନ କଥାଟାକୁ ଆଦୌ ପସନ୍ଦ କରୁ ନ ଥିଲେ । ସେ ଭାବୁଥିଲେ—ଇଂରେଜୀ ପକ୍ଷପାତୀ ଲୋକେ ଖାଲି ନିଜ ଆଳସ୍ୟ ଯୋଗୁଁ କ୍ରମପରିବର୍ତ୍ତନ ସ୍ୱର ଉଠାଇଛନ୍ତି । ଉଚ୍ଚଶିକ୍ଷାରେ ମାତୃଭାଷାକୁ ସ୍ଥାନ ନ ଦେଇ ଯେଉଁପ୍ରକାର କ୍ଷତି ହେଉଛି, ତାକୁ ସଙ୍ଗେ ସଙ୍ଗେ ବନ୍ଦ କରିବା ଉଚିତ । ସେଥିପାଇଁ ବରଂ ସାମୟିକ ଅବ୍ୟବସ୍ଥା ହେଲେ କିଛି ଯାଏ ଆସେ ନାହିଁ । ତାକୁ ବରଂ ସେ ବରଦାସ୍ତ କରିବା ପାଇଁ ରାଜି । ପ୍ରକୃତରେ ଦେଖିବାକୁ ଗଲେ ଲୋକେ ଗତାନୁଗତିକ ପନ୍ଥାରେ ଏପରି ଅଭ୍ୟସ୍ତ ଯେ ନୂତନ ପନ୍ଥା ଅବଲମ୍ବନ କରିବା ପାଇଁ ସେମାନେ ମୋଟେ ରାଜି ନୁହନ୍ତି । ମାଧ୍ୟମ

ପରିବର୍ତ୍ତନ ବେଳେ ଯେଉଁ ଅଧିକ ଶ୍ରମ ସ୍ୱୀକାର କରିବାକୁ ପଡ଼ିବ ତାକୁ ଦେଖି ସେମାନେ କାତର । ସରକାର ଯଦି କଟ୍ଟିକାଲ ପାଇଁ ଆଞ୍ଚଳିକ ମାଧ୍ୟମରେ ଶିକ୍ଷା ଦେଇପାରୁଥିବା ଶିକ୍ଷକମାନଙ୍କୁ ଦୁଇ ତିନୋଟି ଅଧିକ ଇନକ୍ରିମେଣ୍ଟ ଦେଇ ପରୀକ୍ଷା କରନ୍ତେ, ତେବେ ଅବସ୍ଥାରେ ସ୍ପଷ୍ଟ ପରିବର୍ତ୍ତନ ଦେଖନ୍ତେ । ପ୍ରାଥମିକ ଅବସ୍ଥାରେ ଯେମିତି ହିନ୍ଦୀ କିମ୍ବା ଅନ୍ୟ ଆଞ୍ଚଳିକ ଭାଷା ପଢ଼ିବା ପାଇଁ ବୃତ୍ତି ଇତ୍ୟାଦି ଦେଇ ଲୋକଙ୍କୁ ଉତ୍ସାହିତ କରାଯାଉଛି, ଆଞ୍ଚଳିକ ମାଧ୍ୟମକୁ ଚଳାଇବା ପାଇଁ ସେହିପରି ଉତ୍ସାହ ସୃଷ୍ଟି କରାଯିବା ଉଚିତ । ଅପେକ୍ଷା କରିବା ପାଇଁ ଯାହା କୁହାଯାଉଛି, ସେଠା ବିଜ୍ଞାନ ପାଇଁ ଧୋଇପାରେ, କିନ୍ତୁ କଳା ପାଇଁ ଦରକାର କ'ଣ ? ବିଜ୍ଞାନର ଭାଷା ଟେକ୍‌ନିକାଲ ହୋଇଥିବାରୁ ସେଥିପାଇଁ ଶବ୍ଦାବଳି ପ୍ରଥମେ ପ୍ରସ୍ତୁତ କରିବା ଦରକାର । ଅବଶ୍ୟ ଦେଶ ଗୃହିଲେ ସେଠା ଯେ ବହୁତ ଦିନ ଲାଗିବ, ତା ନୁହେଁ । କିନ୍ତୁ ଇତିହାସ, ଦର୍ଶନ, ରାଜନୀତି ବିଜ୍ଞାନ ପରି ବିଷୟମାନଙ୍କରେ ଅପେକ୍ଷା କରିବାର ଆବଶ୍ୟକତା ନାହିଁ । ଅବଶ୍ୟ ଯେ କୌଣସି ବିଷୟରେ ଅନେକ ଟେକ୍‌ନିକାଲ ଶବ୍ଦ ଅଛି । ବର୍ତ୍ତମାନ ପାଇଁ ତାକୁ ସେହି ଇଂରେଜି ଫର୍ମରେ ରଖି କାମ ଚଳାଯାଇପାରେ । ସରକାର ଶିକ୍ଷାର ପ୍ରତ୍ୟେକ ବିଭାଗରେ ଗୋଟିଏ ଗୋଟିଏ ପାରିଭାଷିକ ଶବ୍ଦାବଳି ସମିତି ରଖିଦେଇ ସେହିମାନଙ୍କ ହାତରେ କାମ କରାଇନେଲେ ବେଶି ସମୟ ଲାଗିବାର କାରଣ ନାହିଁ । ଭାରତବର୍ଷର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଯେତେ ପିଲା ଫେଲ୍ ହୁଅନ୍ତି, ପୃଥିବୀର ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟରେ ହୁଅନ୍ତି ନାହିଁ, ତା'ର ଗୋଟିଏ ପ୍ରଧାନ କାରଣ ହେଉଛି ଶିକ୍ଷା ମାଧ୍ୟମର ଅବ୍ୟବସ୍ଥା—ତଳେ ଦେଶୀ ଓ ଉପରେ ବିଦେଶୀ । ଛାତ୍ରମାନଙ୍କୁ ମାତୃଭାଷାରେ ଶିକ୍ଷା ଦେଲେ ଅନ୍ତତଃ ବିଦେଶୀଭାଷା

ପାଇଁ ଉପ୍ସ ଓ ଚନ୍ତା, ଯେଉଁଥିରୁ ସେମାନେ ରକ୍ଷା ପାଇଯାନ୍ତେ । କିନ୍ତୁ ମାତୃଭାଷାଗୁଡ଼ିକ ସମୃଦ୍ଧ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଯାହା କୁହାଯାଉଛି, ତଦ୍ଦ୍ୱାରା ଧୁଞ୍ଜି ଧୁଞ୍ଜି କେତେକାଳ ଯିବ କିଏ ଜାଣେ ?

ଆଚ୍ଛା, ଲୋକେ କହୁଛନ୍ତି—ଆମ ଭାଷା ଯଥେଷ୍ଟ ସମୃଦ୍ଧ ନ ହେଲା ପର୍ଯ୍ୟନ୍ତ ତାକୁ ମାଧ୍ୟମ ଭାବରେ ଗ୍ରହଣ କରି ପାରିବା ନାହିଁ । କିନ୍ତୁ ଭାଷାକୁ ସମୃଦ୍ଧ କରିବାର ବାଟ କ'ଣ ? ଭାଷା ତ ଅଭ ଶୂନ୍ୟରେ ସମୃଦ୍ଧ ହୁଏ ନାହିଁ, ଯାହା ସମୃଦ୍ଧ ହୁଏ କେବଳ ସେବାରେ । ଭାଷାରେ ଯେତେ ଅଧିକ କାମ ହେବ, ତାହା ସେତିକି ବଢ଼ିଚାଲିବ । ଉଦାହରଣ ସ୍ୱରୂପ—ଶାସନରେ ଯଦି ଭାଷାକୁ ବ୍ୟବହାର କରାଯିବ, ତେବେ ଶାସନକ୍ଷେତ୍ରରେ ଯେତେ ଶବ୍ଦ, ଫ୍ରେଜ୍, ଇଡିୟମ୍ ଅଛି, ସବୁ ସେହି ଭାଷାର ନିଜସ୍ୱ ହୋଇଉଠିବ ଓ ସେହି ଅନୁପାତରେ ଭାଷା ସମୃଦ୍ଧ ହୋଇ ଅନ୍ୟ କ୍ଷେତ୍ରରେ ମଧ୍ୟ ସେବା କରିବା ପାଇଁ ଉପଯୁକ୍ତ ହୋଇଉଠିବ । ଗାନ୍ଧିଜୀ କହୁଥିଲେ— ମାତୃଭାଷାକୁ କୋର୍ଟ କଚେରୀରେ ଯେତେ ଶୀଘ୍ର ଚାଲୁ କରାଯିବ ତାର ବଜାର ଦର ସେତିକି ବଢ଼ିଯିବ ଓ ଲୋକେ ତା' ପ୍ରତି ସେତିକି ଆକୃଷ୍ଟ ହେବେ । ଯାହାପ୍ରତି ଲୋକେ ଯେତେ ଆକୃଷ୍ଟ ହେବେ ତାହା ସେତେ ଶୀଘ୍ର ସମୃଦ୍ଧ ହେବ । ଇଂରେଜି ପରି ଏକ ବିଦେଶୀ ଭାଷାପ୍ରତି ଲୋକେ ଆକୃଷ୍ଟ ହୋଇଥିବାରୁ ତାହା ସମୃଦ୍ଧିର ଚୂଡ଼ାନ୍ତରେ ପହଞ୍ଚିଛି । ଗାଁ ଗହଳର ଅପାଠୁଆ ଲୋକେ ବି ନିଜ କଥାବାର୍ତ୍ତାରେ ଇଂରେଜି ଶବ୍ଦ କହି ଆପଣାର ଅଭିମାନ ମେଣ୍ଟାଉଛନ୍ତି । କଥାଟା ହେଲା ରଜାନୁଗତ ଧର୍ମ । ରଜା ଯଦି କହିଲେ ଇଂରେଜି ଭଲ, ତା' ହେଲେ ଭଲ; ରଜା ଯଦି କହିଲେ

ମାତୃଭାଷା ଭଲ, ସେ ବି ଭଲ । ଦେଶ ସ୍ୱାଧୀନ ହେଲା ବୋଲି ହିବ୍ରୁ ପରି ମୃତପ୍ରାୟ ଭାଷା ମଧ୍ୟ ଏବେ ଇସ୍ରାଇଲର ରାଜ୍ୟଭାଷାରେ ପରିଣତ ହୋଇଛି । କିନ୍ତୁ ଆମ ଦେଶର ସମ୍ବିଧାନରେ ଭାଷା ସମ୍ପର୍କରେ ଯାହା ନୀତି ନିର୍ଦ୍ଧାରିତ ହୋଇଛି, ତାହା ଦୃଢ଼ଭାବରେ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ସ୍ୱାଧୀନତାର ଷୋଳ ବର୍ଷ ପରେ ମଧ୍ୟ କେତେକ ରାଜ୍ୟରେ ବିଶେଷ କାର୍ଯ୍ୟାରମ୍ଭ ହୋଇପାରି ନାହିଁ ।

ଶିକ୍ଷା ଓ ଶାସନ କ୍ଷେତ୍ରରେ ଆଞ୍ଚଳିକ ଭାଷା ଚଳାଇବା ପାଇଁ ପାରିଭାଷିକ ଶବ୍ଦାବଳୀ ଯେ ସର୍ବାଗ୍ରେ ଆବଶ୍ୟକ, ଏଥିରେ କୌଣସି ସନ୍ଦେହ ନାହିଁ । କେନ୍ଦ୍ର ସରକାର ହିନ୍ଦୀ ପାଇଁ ଯେଉଁ ଶବ୍ଦାବଳୀ ତିଆରି କରୁଛନ୍ତି, ସେଥିପାଇଁ ଏକ ସ୍ୱତନ୍ତ୍ର ଡିରେକ୍ଟରେଟ୍ ଖୋଲିଛନ୍ତି । ବିଗତ ଦଶ ବର୍ଷ ହେଲା କେନ୍ଦ୍ରୀୟ ଶିକ୍ଷାମନ୍ତ୍ରଣାଳୟ ଅଧୀନରେ ଏହି କାର୍ଯ୍ୟ ଆରମ୍ଭ ହୋଇଛି । ଏହି ଦଶ ବର୍ଷ ଭିତରେ ସେମାନେ ପାରିଭାଷିକ ଶବ୍ଦାବଳୀର ଯେଉଁ ଦୁଇ ଖଣ୍ଡ ପୁସ୍ତକ ପ୍ରକାଶ କରିଛନ୍ତି, ତାହା ଏ ପର୍ଯ୍ୟନ୍ତ ଶେଷ ସିଦ୍ଧାନ୍ତରୂପେ ଗୃହୀତ ହୋଇ ନାହିଁ । ଭାରତର ବୈଜ୍ଞାନିକ ଓ ଭାଷାବିତ୍‌ମାନେ ବର୍ତ୍ତମାନ ତାକୁ ପରୀକ୍ଷା କରୁଛନ୍ତି । ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାରିଲା ପରେ ତାହା ଗୃହୀତ ହେବ । ତେଣୁ ଦେଖିବାର କଥା—କୌଣସି ଭାଷାପାଇଁ ପାରିଭାଷିକ ଶବ୍ଦାବଳୀ ପ୍ରସ୍ତୁତ କରିବା ଦିନ କିମ୍ବା ମାସକର କଥା ନୁହେଁ, ବର୍ଷ ବର୍ଷର କଥା । ଓଡ଼ିଶା ସରକାର ୧୯୫୮ରେ ଯେଉଁ ଶବ୍ଦାବଳୀ ତିଆରି କରାଇଛନ୍ତି, ଓଡ଼ିଆଭାଷା ପାଇଁ ତାହା ପ୍ରାରମ୍ଭିକ କାର୍ଯ୍ୟ ମାତ୍ର । ତା' ଛଡ଼ା କେନ୍ଦ୍ର ସରକାର ବର୍ତ୍ତମାନ ଯେଉଁ ନୀତିରେ ଶବ୍ଦାବଳୀ ଗଠନ କରୁଛନ୍ତି, ତା' ସହିତ ଏହା କେତେଦୂର ଖାପ ଖାଇବ, ତାକୁ ମଧ୍ୟ ପରୀକ୍ଷା କରି ଦେଖିବାର କଥା ।

ଉତ୍କଳ ବିଶ୍ୱବିଦ୍ୟାଳୟ ଯେଉଁ ପରିଭାଷା ପ୍ରକାଶ କରିଛନ୍ତି, ତହିଁରେ କେତେକ ଭାଷାତାତ୍ତ୍ୱିକ ବୈଷମ୍ୟ ପରିଲକ୍ଷିତ ହୁଏ । କିନ୍ତୁ ପ୍ରକାଶିତ ଅଂଶ ଏତେ କମ୍ ଯେ ସେ ବିଷୟରେ ବର୍ତ୍ତମାନ କିଛି କହିହେବ ନାହିଁ । ଓଡ଼ିଆ ଭାଷାପାଇଁ କେନ୍ଦ୍ର ସରକାରଙ୍କ ମତରେ ପରିଭାଷା ସୃଷ୍ଟି କରିବାକୁ ହେଲେ ଗୋଟିଏ ସ୍ୱତନ୍ତ୍ର ସଂସ୍ଥା ଦରକାର ଓ ଶବ୍ଦାବଳି ପ୍ରେସକୁ ଯିବା ପୂର୍ବରୁ ଭାଷାବିତ୍‌ମାନଙ୍କ ଦ୍ୱାରା ଯାଞ୍ଚ୍ କରାଯିବା ଉଚିତ । ଭାରତର ବିଭିନ୍ନ ଭାଷାରେ ପାରିଭାଷିକ ଭାଷାକୋଷମାନ ନିର୍ମିତ ହେଉଛି; କିନ୍ତୁ ହିନ୍ଦୀରେ ଯେଉଁ ଶବ୍ଦକୋଷ ତିଆରି ହେଉଛି, ତାକୁ ଇ ଦୃଷ୍ଟିରେ ରଖି ଆଞ୍ଚଳିକ ଶବ୍ଦକୋଷ ତିଆରି କରାଇବା ପାଇଁ କେନ୍ଦ୍ର ସରକାର କଳ୍ପନା କରିଛନ୍ତି । ଏ ପ୍ରକାର କୋଷ ତିଆରି କରିବା ପାଇଁ ଅନେକ ସମୟ ଲାଗୁଥିବାରୁ ଯେତେଶୀଘ୍ର କାର୍ଯ୍ୟାରମ୍ଭ କରାଯିବ, ସେତେ ଭଲ ।

ଦ୍ୱିତୀୟ କଥା ବହି । ଆମର ବହି ନାହିଁ, ଆମେ କେମିତି ଶିକ୍ଷା ଆରମ୍ଭ କରିବୁ ? କହିବା ବାହୁଲ୍ୟ ଯେ ବିଜ୍ଞାନ ପୁସ୍ତକ ପାଇଁ ସମୟ ଲାଗିପାରେ, କିନ୍ତୁ କଳାଶ୍ରେଣୀର ପୁସ୍ତକ ପାଇଁ ବେଶି ସମୟ ଲାଗିବା କଥା ନୁହେଁ । ସଙ୍ଗେ ସଙ୍ଗେ ଆରମ୍ଭ କରିବାକୁ ହେଲେ ଇଂରେଜିରେ ପଢ଼ି ଆଞ୍ଚଳିକ ଭାଷାରେ ଉତ୍ତର ଦେବାପାଇଁ ଛାତ୍ରମାନଙ୍କୁ ଅନୁମତି ଦିଆଯାଇପାରେ । ସରକାର ମାତୃଭାଷା ମାଧ୍ୟମରେ ଶିକ୍ଷା ଦେବାପାଇଁ ସ୍ଥିର କରି ଦେଲାମାତ୍ରେ ପୁସ୍ତକ ଲେଖିବା ପାଇଁ ଶିକ୍ଷକମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯିବ । କାର୍ଯ୍ୟାରମ୍ଭ ନ କରି ଆମେ ଯେତେ ଆଶଙ୍କିତ ହେଉଛୁ, ସେତେବେଳେ ଦେଖାଯିବ ଆଶଙ୍କାର ବିଶେଷ କାରଣ ନାହିଁ । ମାଟ୍ରିକୁଲେସନରେ ସବୁ ବହି ଇଂରେଜିରେ ପଢ଼ାଯାଉ-

ଥିଲା, ପୁଣି କାଳକ୍ରମେ ସବୁ ଆଞ୍ଚଳିକ ଭାଷାରେ ହୋଇଗଲା । ପାଠ୍ୟପୁସ୍ତକ ପାଇଁ ଆମେମାନେ କୋଟି କୋଟି ଟଙ୍କା ବିଦେଶୀ ଲେଖକମାନଙ୍କୁ ଦେଉଛୁ । ଆଞ୍ଚଳିକ ଭାଷାରେ ପୁସ୍ତକ ଲେଖା ହେଲା ମାନେ ସେହି ଅର୍ଥ ଏହି ଦେଶର ଲୋକମାନଙ୍କ ହାତରେ ରହିବ । ହାଇଦରାବାଦ ଇଂରେଜି ଅନୁଷ୍ଠାନର ଡିରେକ୍ଟର ଶ୍ରୀଯୁକ୍ତ ଗୋକକ୍ କହନ୍ତି—ଭାରତୀୟମାନେ ଇଂରେଜିରେ କଲେଜ ପିଲାଙ୍କ ପାଇଁ ଯେଉଁ ପାଠ୍ୟପୁସ୍ତକ ଲେଖନ୍ତି, ଅଳ୍ପ ବହୁତେ ସେଗୁଡ଼ିକ ନୋଟ ବହି ପରି, ସେଥିରେ ସୃଷ୍ଟିର ସମ୍ମାନ ଖୁବ୍ କମ୍ ଥାଏ । କିନ୍ତୁ ମାତୃଭାଷାରେ ସେହିମାନେ ଲେଖିଲାବେଳେ ନୂତନ ସୃଷ୍ଟିର ଆନନ୍ଦ ଅନୁଭବ କରିବା ସଙ୍ଗେ ସଙ୍ଗେ ଦେଶର ଜନତା ନିକଟରେ ବିସ୍ତୃତ-ଭାବରେ ପରିଚିତ ହେବେ, ଅର୍ଥ ଓ ସମ୍ମାନ ଉଭୟ ଅର୍ଜନ କରି ପାରିବେ । ସେହି ପରିମାଣରେ ଦେଶର ପ୍ରିଣ୍ଟିଂ ଓ ପ୍ରକାଶନ ବ୍ୟବସ୍ଥାର ଉନ୍ନତି ହେବ । ବର୍ତ୍ତମାନ ହିନ୍ଦୀଭାଷାରେ ବହୁତ ପୁସ୍ତକ ପ୍ରକାଶିତ ହେଉଥିବାରୁ ହିନ୍ଦୀ ପୁସ୍ତକର ପ୍ରକାଶନ କଳାରେ ଯେଉଁ ଅଭୂତପୂର୍ବ ଉନ୍ନତି ହୋଇଛି, ତାହା ଯେ କୌଣସି ଲୋକ ଅନୁଭବ କରି ପାରିବେ । ଭାରତର ଅନ୍ୟାନ୍ୟ ଉନ୍ନତ ଭାଷା-ମାନଙ୍କ ତୁଳନାରେ ଆମ ଓଡ଼ିଆ ଭାଷାରେ ବୋଧହୁଏ ବହୁତ କମ୍ ପୁସ୍ତକ ପ୍ରକାଶିତ ହୁଏ; ଫଳରେ ଆମ ପ୍ରିଣ୍ଟିଂ ଓ ପ୍ରକାଶନ କୌଶଳ ବହୁପଛରେ ପଡ଼ି ରହିଛି । ମାତୃଭାଷା ମାଧ୍ୟମରେ କାମ ଚାଲୁହେଲେ ଏ ସବୁ ଅସୁବିଧା ଦୂର ହୋଇଯିବ ।

ଆଞ୍ଚଳିକ ଭାଷାରେ ବହି ପ୍ରଶ୍ନ ଉଠିଲେ, ଗୋଟାଏ ପ୍ରଧାନ ପ୍ରଶ୍ନ ଉଠେ—ଅନୁବାଦ । ଇଂରେଜି ତୁଳନାରେ ଆମ ଭାଷାଗୁଡ଼ିକ ଖୁବ କମ୍ ସମୃଦ୍ଧ । ତେଣୁ ଆମକୁ ଇଂରେଜିରୁ ଅନୁବାଦ କରିବାକୁ

ପଡ଼ିବ । ପୃଥିବୀର ପ୍ରଗତିଶୀଳ ଦେଶମାନଙ୍କ କଥା ବିଚାର କଲେ ଦେଖାଯିବ ଯେଉଁ ଦେଶ, ଯେଉଁ ଜାତି ଯେତେ ଅଗ୍ରଗାମୀ, ତାର ଅନୁବାଦ-ସାହିତ୍ୟ ସେତେ ବେଶି । ପଶ୍ଚିମରେ ରୁଷ ଓ ପୂର୍ବରେ ଜାପାନ ଏହାର ପ୍ରକୃଷ୍ଟ ଉଦାହରଣ । ଏହି ଦୁଇ ଦେଶରେ ବିଜ୍ଞାନ ଯେଉଁଳି ଭାବରେ ଉନ୍ନତି ଲାଭ କରିଛି, ପୃଥିବୀରେ ତାର ପଟାନ୍ତର ନାହିଁ । କିନ୍ତୁ ଏହି ଦେଶମାନଙ୍କରେ ବିଜ୍ଞାନ ଶିକ୍ଷା ବିଦେଶୀ ଇଂରେଜି ଭାଷାରେ ଦିଆ ନ ଯାଇ ନିଜ ନିଜ ଦେଶ ଭାଷାରେ ଦିଆଯାଏ ଅର୍ଥାତ୍ ରୁଷରେ ରୁଷ ଭାଷାରେ ଓ ଜାପାନରେ ଜାପାନୀ ଭାଷାରେ । କିନ୍ତୁ ପୃଥିବୀରେ ବିଜ୍ଞାନ ବିଷୟରେ ଯେତେ ବହିପତ୍ର ବାହାରେ, ସେଥିରେ ପ୍ରାୟ ଅଧାରୁ ଅଧିକ ବାହାରେ ଇଂରେଜିରେ । ତେଣୁ ଏହି ଦେଶମାନଙ୍କରେ ଇଂରେଜିରୁ ଅନୁବାଦ କରିବା ପାଇଁ ବଳିଷ୍ଠ ସଂସ୍ଥାମାନ ଥାଏ । ତେଣେ ବହି ବାହାରୁ ବାହାରୁ ଏଣେ ଅନୁବାଦ ହୋଇ ଲୋକଙ୍କ ଭିତରେ ବଣ୍ଟା ହୋଇଯାଏ । ସୌଭାଗ୍ୟକୁ ଏବେ ଏପରି ଏକ ମେସିନ ତିଆରି ହେଲାଣି ଯେଉଁଥିରେ ଗୋଟିଏ ଭାଷାକୁ ଅନ୍ୟ ଏକ ଭାଷାରେ ଅନାୟାସରେ ଅନୁବାଦ କରାଯାଇ ପାରିବ । ଯେଉଁଦିନ ଏହି ମେସିନ ସାଧାରଣ ବ୍ୟବହାର ପାଇଁ ମିଳିଯିବ, ସେଦିନ ଭାଷାରାଜ୍ୟରେ ଏକ ଅଭୂତ-ପୂର୍ବ ବିପ୍ଳବ ଦେଖାଦେବ । ସେତେବେଳେ ଆଉ କୌଣସି ବିଦେଶୀ ଭାଷାକୁ ବାଧ୍ୟହୋଇ ପଢ଼ିବାକୁ ପଡ଼ିବ ନାହିଁ । ଯେ କୌଣସି ଭାଷାରେ ସଞ୍ଚିତ ଜ୍ଞାନକୁ ଅନ୍ୟ ଭାଷାରେ ଉଠାଇ ନେଇହେବ ।

ଆମ ଦେଶରେ ଏ ପର୍ଯ୍ୟନ୍ତ ଅନୁବାଦ ପ୍ରତି ଲୋକେ ଆକୃଷ୍ଟ ହୋଇ ନାହାନ୍ତି କିମ୍ବା ଅନୁବାଦକୁ ସାହିତ୍ୟର ଏକ ବିଶିଷ୍ଟ ଅଙ୍ଗ ଭାବରେ ଗ୍ରହଣ କରି ନାହାନ୍ତି । କିନ୍ତୁ ପୃଥିବୀର ଅନୁବାଦ ସାହିତ୍ୟର

ହିସାବ ନେଲେ ଦେଖାଯିବ ଯେ ପ୍ରଗତିଶୀଳ ଦେଶମାନଙ୍କର ଅନୁବାଦ ପୁସ୍ତକ ସଂଖ୍ୟା ଅନେକ ବେଶି । ପ୍ରାଚ୍ୟ ଭୂଖଣ୍ଡରେ ଜାପାନ ସବୁଠାରୁ ପ୍ରଗତିଶୀଳ ଦେଶ । କ୍ଷେତ୍ରଫଳ ଦୃଷ୍ଟିରୁ ତାହା ଭାରତର ଷୋଳଭାଗରୁ ଭାଗେ ହେଲେ ମଧ୍ୟ ତାର ଅନୁବାଦ-ସାହିତ୍ୟ ଭାରତ ଅପେକ୍ଷା କେତେ ବେଶି, ତାହା ଏକ ୟୁଏନେସ୍କୋ ବୁଲେଟିନରୁ ସହଜରେ ଜଣାପଡ଼ିବ । ଅନ୍ୟାନ୍ୟ ଭାଷାକୁ ବାଦ୍ ଦେଇ କେତେକ ବିଶ୍ୱବିଖ୍ୟାତ ଭାଷାରୁ ୧୯୬୦ ମସିହାରେ ଜାପାନ କେତେ ଅନୁବାଦ କରିଛି ଓ ଭାରତ କେତେ କରିଛି, ତୁଳନା କଲେ ଉଭୟଙ୍କର ପ୍ରଗତିର ଏକ ଧାରଣା ହେବ ।

| | ଇଂରେଜିରୁ | ଫ୍ରେଞ୍ଚରୁ | ଜର୍ମାନରୁ | ରୁଷରୁ |
|---|---|---|---|---|
| ଜାପାନ— | ୫୮୩ | ୧୭୩ | ୧୫୦ | ୮୪ |
| ଭାରତ— | ୨୬୪ | ୨୮ | ୧୪ | ୪୭ |

ଲକ୍ଷ୍ୟ କରିବାର କଥା—ଜାପାନ ଆମଠାରୁ ବର୍ଷକ ଭିତରେ କେତେ ଅଧିକ ଅନୁବାଦ କରୁଛି । ଅନ୍ୟ ଅର୍ଥରେ ଜାପାନୀ ଲୋକେ ପୃଥିବୀର ଜ୍ଞାନଭଣ୍ଡାରରୁ ବର୍ଷକ ଭିତରେ ତାଙ୍କ ଦେଶପାଇଁ କେତେ ଅଧିକ ଜ୍ଞାନ ଆହରଣ କରୁଛନ୍ତି ଓ ତାଙ୍କ ଭାଷା କେତେ ପ୍ରଗତି କରୁଛି । ପାଶ୍ଚାତ୍ୟ ଦେଶମାନଙ୍କର ଅନୁବାଦ ହିସାବ ନେଲେ ଦେଖାଯିବ, ରୁଷ ସମସ୍ତଙ୍କ ଆଗରେ ରହିଛି ଓ ତା ପଛକୁ ରହିଛି ଆମେରିକା ବିଜ୍ଞାନ ଶିକ୍ଷାରେ । ଆଜି ରୁଷ ଓ ଆମେରିକାର ଠିକ୍ ଏହି ପରିସ୍ଥିତି । ଆଗ ରୁଷ, ପଛେ ଆମେରିକା । ପ୍ରାଚ୍ୟ ସଂସାରରୁ ଜ୍ଞାନ ଆହରଣ କରିବା ପାଇଁ ରୁଷ କେମିତି ଆଗରେ ଅଛି, ତାହା ଏହି ନିମ୍ନ ପ୍ରଦତ୍ତ ତୁଳନାରୁ ଜଣାପଡ଼ିବ ।

| | ଚୀନ | ହିନ୍ଦୀ | ଫାର୍ସୀ | ସଂସ୍କୃତ | ଉର୍ଦ୍ଦୁ |
|---|---|---|---|---|---|
| ରୁଷ— | ୧୦୩ | ୧୩ | ୧୮ | ୫ | ୭ |
| ଆମେରିକା— | ୧୪ | — | ୨ | ୨ | — |

କହିବା ବାହୁଲ୍ୟ ଯେ ଭାରତ ପରି ଏକ ନବନିର୍ମିତ ଦେଶପାଇଁ ଅନୁବାଦ ନିତାନ୍ତ ଦରକାର । ଅନ୍ୟ ଦେଶମାନେ ଯେଉଁ ପରିମାଣରେ ଅନୁବାଦ କରୁଛନ୍ତି, ଆମକୁ ସେମାନଙ୍କଠାରୁ ବହୁ ଗୁଣରେ ଅଧିକ କରିବାକୁ ପଡ଼ିବ । ବର୍ତ୍ତମାନ ସଙ୍ଗେ ସଙ୍ଗେ ଯାହା ଦରକାର ତାକୁ ପୂରଣ କରି ପ୍ରତିଦିନ ଯାହା ନିତ୍ୟନୂତନ ପ୍ରକାଶ ପାଉଛି, ତାକୁ ଅନୁବାଦ କରିବାକୁ ହେବ । ଭାରତ ସେଥିପାଇଁ ନାମକୁ ମାତ୍ର ପ୍ରସ୍ତୁତ ହୋଇଛି ବୋଲି କହିବାକୁ ହେବ । ଭାରତରେ ଗୋଟିଏ ଅନୁବାଦ ସଂସ୍ଥା ଜାତୀୟ ଅନୁବାଦ ଟ୍ରଷ୍ଟ ଓ ଅନ୍ୟଟି ହିନ୍ଦୀ ଡିରେକ୍ଟରେଟ୍ । ଅବଶ୍ୟ ଦ୍ୱିତୀୟ ଅନୁଷ୍ଠାନର ପ୍ରଧାନ କାମ ପାରିଭାଷିକ ଶବ୍ଦାବଳୀ ନିର୍ମାଣ । କିନ୍ତୁ ଏବେ ତାହା ପୁସ୍ତକ ଅନୁବାଦ କାର୍ଯ୍ୟକୁ ଆଂଶିକ ଭାବରେ ଗ୍ରହଣ କରିଛି । ସେହି ଡିରେକ୍ଟରେଟ୍ ନିକଟରେ ଇଂରେଜିରୁ ପ୍ରାପ୍ତ ପାଞ୍ଚଶହ ପୁସ୍ତକ ଅନୁବାଦ କରିବା ପାଇଁ ବ୍ୟବସ୍ଥା କରି ସେଗୁଡ଼ିକୁ ଆଞ୍ଚଳିକ ଭାଷାରେ ଅନୁବାଦ କରିବା ପାଇଁ ବିଭିନ୍ନ ବିଶ୍ୱବିଦ୍ୟାଳୟଙ୍କୁ ପରାମର୍ଶ ଦେଇଛନ୍ତି, କିନ୍ତୁ ଏହି କାର୍ଯ୍ୟ ଯେମିତି ଶିଥିଳ ଗତିରେ ଚାଲିଛି ଯେ ସେଥିରେ ଭାରତ-ପରି ବିଶାଳ ଦେଶର ଅଭାବ ପୂରଣ କରିବା ପାଇଁ କେତେକାଳ ଲାଗିବ, କିଏ ଜାଣେ ? ଏଥିପାଇଁ ପ୍ରତ୍ୟେକ ରାଜ୍ୟସରକାର ଓ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟମାନଙ୍କର ଏକ ସୁଚିନ୍ତିତ ସଂଘବଦ୍ଧ ଚେଷ୍ଟା ଆବଶ୍ୟକ । ସ୍ୱତନ୍ତ୍ର ଅନୁବାଦ ବୋର୍ଡ଼ମାନ ସ୍ଥାପିତ ହୋଇ ଏହି କାର୍ଯ୍ୟ ଚାଲୁହେବା ଉଚିତ ଓ କେତେକ ଲୋକ ଅନୁବାଦ

କଳାରେ ଉତ୍ତମରୂପେ ପ୍ରଶିକ୍ଷିତ ହେବା ଉଚିତ । କେବଳ ପଇସା ଲୋଭରେ ଯେ କୌଣସି ଲୋକ ଗୁଡ଼ାଏ ଅପାଠ୍ୟ, ଅବୋଧ ଅନୁବାଦ କଲେ ଫଳ ଓଲଟା ଫଳିବ । ଏକରେ, ଲୋକେ ତାକୁ ସହଜରେ ବୁଝି ପାରିବେ ନାହିଁ । ଦ୍ୱିତୀୟରେ, ଯେଉଁମାନେ ଆଞ୍ଚଳିକ ଭାଷାର ବିରୋଧ କରିବାକୁ ଚାହାନ୍ତି, ସେମାନଙ୍କ ପ୍ରଚାର ପାଇଁ ସୁବିଧା ହେବ ଓ ଦେଶରେ କାର୍ଯ୍ୟର ଗତି ମାନ୍ଦା ପଡ଼ିଯିବ । ଅନୁବାଦ ପାଇଁ ଏଠି ସେଠି କାଁଭାଁ କାର୍ଯ୍ୟାରମ୍ଭ ହେଉଥିଲେ ସୁଦ୍ଧା ସର୍ବଭାରତୀୟ ସ୍ତରରେ କୌଣସି ବିଧିବଦ୍ଧ କାର୍ଯ୍ୟାରମ୍ଭ ହୋଇନାହିଁ । କେନ୍ଦ୍ର ଡିରେକ୍‌ଟରେଟ ଅନୁବାଦ ପାଇଁ ଯେଉଁ ନିୟମମାନ ପଠାଇଛନ୍ତି, ସେଥିରେ ଗୋଟିଏ ନିୟମ ହେଉଛି ବହି ଅନୁବାଦ ସରିଲା ପରେ ପ୍ରେସକୁ ଯିବା ପୂର୍ବରୁ ଭାଷାବିତ୍‌ଙ୍କ ଦ୍ୱାରା ପରୀକ୍ଷିତ ହେବ । ଆମ ଦେଶରେ ଭାଷାତତ୍ତ୍ୱ ଶିକ୍ଷା ଓ ଭାଷାବିତ୍‌ଙ୍କର ଯେପରି ଅଭାବ, ସେଥିରେ ଏ ନିୟମଟା ଧର୍ମକୁ ଆଖିଠାର ଛଡ଼ା ଆଉ କ'ଣ ହୋଇପାରେ ? ଅନୁବାଦ କହିଲେ ଆମ ଏଠି କେବଳ ନାଟକ, ଉପନ୍ୟାସ, ଗଳ୍ପ ଓ କବିତାର ଅନୁବାଦ କରାହେଉଛି । ତଥ୍ୟ-ମୂଳକ ପୁସ୍ତକମାନଙ୍କ ପାଇଁ ଅନୁବାଦ ଆରମ୍ଭ ହୋଇନାହିଁ । ରାଜ୍ୟରେ ରାଜ୍ୟଭାଷା ଓଡ଼ିଆ ଚାଲୁହେବା ପୂର୍ବରୁ ଯେଉଁସବୁ ପ୍ରସ୍ତୁତି ଦରକାର, ତା' ମଧ୍ୟରେ ସର୍ବପ୍ରଧାନ ହେଉଛି ରାଜ୍ୟସ୍ତରରେ ଏକ ଅନୁବାଦ ସଂସ୍ଥା । ସେହି ସଂସ୍ଥାଦାୟିତ୍ୱରେ ପ୍ରଶାସନିକ ତଥା ଶିକ୍ଷାଗତ ପୁସ୍ତକମାନଙ୍କର ସର୍ବପ୍ରଥମ ଅନୁବାଦ ଦରକାର । ଯେଉଁ ଯେଉଁ ରାଜ୍ୟମାନଙ୍କରେ ଆଞ୍ଚଳିକ ଭାଷାକୁ ରାଜ୍ୟଭାଷାରୂପେ ଗ୍ରହଣ କରାଗଲାଣି ସେଠି କମ୍ ବେଶୀ ଭାଷାପାଇଁ କୌଣସି ନା କୌଣସି ସଂସ୍ଥା ଖୋଲାଗଲାଣି । ଜ୍ଞାନ ଆହରଣ ଓ ଆଞ୍ଚଳିକ ଭାଷାର ସମୃଦ୍ଧି ପାଇଁ କେତେ ବର୍ଷ ପର୍ଯ୍ୟନ୍ତ ଅନୁବାଦ ସଂସ୍ଥା ହେବ ସର୍ବପ୍ରଧାନ

ପାଇପ ଲାଇନ୍ । ଏହି ଲାଇନ୍ ବସାଇବା ପାଇଁ ବିଳମ୍ବ ହେବା ଉଚିତ ନୁହେଁ । ବଙ୍ଗ ପାଇଁ ଯେମିତି ବଙ୍ଗଳା, ହିନ୍ଦୁସ୍ତାନ ପାଇଁ ହିନ୍ଦୀ, ଓଡ଼ିଆ ପାଇଁ ସେମିତି ଓଡ଼ିଆ ନିଶ୍ଚିତ୍ତ ହେବ—ଏଥିରେ ସନ୍ଦେହ କଣ ଅଛି ? ସବୁ ତ ନିଶ୍ଚିତ୍ତ ହେବ; ଖାଲି କିଏ ଆଗ, କିଏ ପଛ ।

୧ । ରୁଷରେ ଆଞ୍ଚଳିକ ଭାଷା ମାଧ୍ୟମରେ ବିଜ୍ଞାନବିସ୍ତାର ଚେଷ୍ଟା ।

୨ । ବିଜ୍ଞାନ ସେବାରେ ଆଞ୍ଚଳିକ ଭାଷାର ସମୃଦ୍ଧି ।

୩ । ଡାକ୍ତରୀ ଓ ଇଞ୍ଜିନିୟରିଂ ସବୁ ଶିକ୍ଷା ଆଞ୍ଚଳିକ ଭାଷାରେ ସମ୍ଭବ ।

୪ । ଆଞ୍ଚଳିକ ଭାଷାରେ ଅନ୍ତତଃ କଳାଶିକ୍ଷା ଶୀଘ୍ର ଆରମ୍ଭ ହେବା ଉଚିତ ।

୫ । ଆଞ୍ଚଳିକ ଭାଷା ପ୍ରଚଳିତ ହେଲେ ତହିଁରେ ପୁସ୍ତକ ଓ ପ୍ରକାଶନକଳା ସମୃଦ୍ଧ ହେବ ।

# ସ୍ୱାଧୀନତା ପରେ ଆଞ୍ଚଳିକ ଭାଷା

ସ୍ୱାଧୀନତା ପରେ ଷୋଳବର୍ଷ ଚାଲିଗଲାଣି । ଗାନ୍ଧିଜୀଙ୍କ କଳ୍ପିତ ରାମରାଜ୍ୟ ହେଉ ବା ନ ହେଉ, ତାଙ୍କ ଭାଷାକଳ୍ପନା ବିଶେଷ ଆଗେଇ ପାରିନାହିଁ । ୧୯୪୭ରେ ସ୍ୱାଧୀନତା ମିଳିବା ପରେ ପରେ ସେ ଭାବିଥିଲେ ରାଜ୍ୟମାନଙ୍କରେ ଆଞ୍ଚଳିକ ଭାଷା ଚାଲୁ ହେବ ଓ ରାଜ୍ୟରେ ଆଞ୍ଚଳିକ ଭାଷା ରହିଲେ କେନ୍ଦ୍ରରୁ ଇଂରେଜୀ ଆପେ ଆପେ ଅପସରି ଯିବ । ଇଂରେଜୀ ଭାଷାପ୍ରତି ତାଙ୍କର ତିଳେହେଲେ ଅସମ୍ମାନ ନ ଥିଲା କିମ୍ବା କୌଣସି ବୁଦ୍ଧିଜୀବୀ ଭାରତୀୟଙ୍କର ଅସମ୍ମାନ ଥିବ ବୋଲି ମନେ ହୁଏ ନା । ଗାନ୍ଧିଜୀ କହୁଥିଲେ—ଇଂରେଜୀ ଏ ଦେଶରେ ଯଥାସ୍ଥାନରେ ରହିବ । ତାର ସ୍ଥାନ ହେଉଛି ଆମ ବାଣିଜ୍ୟ-ବ୍ୟବସାୟ ଓ ବୈଦେଶିକ ମନ୍ତ୍ରଣାଳୟ । କିନ୍ତୁ ଏ ଜାତିର ସଂସ୍କୃତିକୁ ପ୍ରଭାବିତ କରିବାକୁ ତାକୁ ଦିଆଯିବ ନାହିଁ । ବ୍ରିଟିଶମାନଙ୍କୁ ଯେମିତି ଶାସନରୁ ବହିଷ୍କାର କରାଗଲା, ଇଂରେଜୀଭାଷାକୁ ସେହିପରି ସାଂସ୍କୃତିକ ଅଧିକାରରୁ ବହିଷ୍କାର କରାଯିବ । (୮) ଗାନ୍ଧିଜୀ ଠିକ୍ ଦେଖିପାରିଥିଲେ ଯେ, ଇଂରେଜୀକୁ ସିଂହାସନରୁ ନ ହଟାଇବା ପର୍ଯ୍ୟନ୍ତ ଭାରତୀୟମାନେ ମାତୃଭାଷାପ୍ରତି କେବେହେଲେ ଆକୃଷ୍ଟ ହୋଇପାରିବେ ନାହିଁ । କେବଳ ସେତିକି ନୁହେଁ, ମାତୃଭାଷା ଓ ସାହିତ୍ୟପ୍ରତି ସେମାନଙ୍କର ଅବହେଳାର ଅବସାନ ହେବନାହିଁ । ଓଡ଼ିଶାରେ ଓଡ଼ିଆ ଶିକ୍ଷା

ନେଇ କେତେ ଝଡ଼ଝଞ୍ଜା, ବାଦବିବାଦ ହୋଇଗଲାଣି । ତେବେ ମଧ୍ୟ ଏବେ ଜଣେ କଲେଜ ପ୍ରିନ୍‌ସିପାଲ ତାଙ୍କ କଲେଜରେ ଓଡ଼ିଆ ପଢ଼ିବାକୁ ଦେବେ ନାହିଁ ବୋଲି ଜିଦ୍ ଧରିଥିବା ଖବର ସମ୍ବାଦ-ପତ୍ରରେ ପ୍ରକାଶିତ ହୋଇଛି । (୯) ଓଡ଼ିଆ ପଢ଼ି ଲୋକେ 'ହାଫ୍-ଗ୍ରାଜୁଏଟ୍' ହୁଅନ୍ତି ବୋଲି ସେ କହନ୍ତି । କିନ୍ତୁ ଇଂଲଣ୍ଡର ଲୋକ ଇଂଲିଶ ପଢ଼ି କେବେ ହାଫ୍ ଗ୍ରାଜୁଏଟ୍ ହୁଅନ୍ତି ନାହିଁ । ଯଦି ସେ ଭାବୁଥାନ୍ତି ଆମ ଓଡ଼ିଆ ଭାଷା ସାହିତ୍ୟରେ କିଛି ନାହିଁ, ତେବେ ତାକୁ ସମୃଦ୍ଧ କରିବାପାଇଁ ଆମେ ଅଧିକ ଲୋକଙ୍କୁ ପଢ଼ାଇବୁ ନା ମୂଳରୁ ଲୋକଙ୍କୁ ମନା କରିଦେବୁ ! ପଡ଼ୋଶୀ ବଙ୍ଗଳା ରାଜ୍ୟରେ ବଙ୍ଗଭାଷା ଶାସନ ଗାଦିକୁ ଉଠିଲାବେଳକୁ ଓଡ଼ିଶାରେ ଓଡ଼ିଆ କଲେଜରୁ ତଡ଼ା ଖାଇବାକୁ ବସିଛି । ଓଡ଼ିଶାରେ ୧୯୬୩ ମସିହାରେ ମଧ୍ୟ ଏ କଥା ସମ୍ଭବ ହେଉଛି !

ଯଦି କେହି ଭାବୁଥାନ୍ତି ଯେ କେବଳ ଭାବପ୍ରବଣତା ଦୃଷ୍ଟିରୁ ଇଂରେଜୀକୁ ହଟାଇ ଆଞ୍ଚଳିକ ଭାଷାଗୁଡ଼ିକ ଗାଦିରେ ବସାଇବା ପାଇଁ ଚେଷ୍ଟା କରାଯାଉଛି, ତା ହେଲେ ତା ଠିକ୍ ହେବ ନାହିଁ । ଆମକୁ ଦେଖିବାକୁ ହେବ—ବ୍ରିଟିଶ ଶାସନ ଓ ଆମ ଶାସନ ଭିତରେ କି ପ୍ରକାର ପରିବର୍ତ୍ତନ ହୋଇଛି । ସେହି ପରିବର୍ତ୍ତନକୁ ସ୍ୱୀକାର କଲେ ଭାରତୀୟ ଭାଷାଗୁଡ଼ିକୁ ସ୍ୱୀକାର କରିବାକୁ ପଡ଼ିବ । ଇଂରେଜମାନେ ଏ ଦେଶରେ ଯେତେବେଳେ ଶାସନ କରୁଥିଲେ, ସେତେବେଳେ ସାଧାରଣ ଜନତାଙ୍କ ସହିତ ତାଙ୍କର କିଛି ସମ୍ପର୍କ ନ ଥିଲା; କାରଣ ଆମ ଭୋଟ ଉପରେ ତାଙ୍କ ଶକ୍ତି ନିର୍ଭର କରୁ ନ ଥିଲା । ସେମାନେ ନିର୍ଭର କରୁଥିଲେ ତାଙ୍କ ସୈନ୍ୟବାହିନୀ ଓ କର୍ମଚାରୀମାନଙ୍କ ଉପରେ । ତେଣୁ ସେମାନେ ଯାହା କରୁଥିଲେ

ଜନତା କିଛି ଜାଣି ନ ଥିଲେ କିମ୍ବା ତାଙ୍କୁ ଜଣାଇବାର ଦରକାର ପଡ଼ୁ ନ ଥିଲା । ଆଜି କିନ୍ତୁ ପରିସ୍ଥିତି ସମ୍ପୂର୍ଣ୍ଣ ଓଲଟା । ଏହି ଦେଶର ଶାସନ ଭୋଟଦାତା ପ୍ରତ୍ୟେକ ନରନାରୀଙ୍କ ଉପରେ ନିର୍ଭର କରେ । ଶାସନରେ କ'ଣ ଘଟୁଛି, ପ୍ରତ୍ୟେକେ ଜାଣିବାକୁ ଚାହାନ୍ତି ଓ ସେହି-ମାନଙ୍କ ଜାଣିବା ଉପରେ ଶାସନ ଓ ଶୃଙ୍ଖଳା ନିର୍ଭର କରେ । କିନ୍ତୁ ଗାଁ-ଗହଳର ପ୍ରତ୍ୟେକ ଭୋଟଦାତା ପକ୍ଷରେ ଇଂରେଜି ପରି ଏକ ବିଦେଶୀ ଭାଷାରେ ଶିକ୍ଷିତ ହେବା ଅସମ୍ଭବ । ତେଣୁ ଲୋକଙ୍କ ମାତୃଭାଷାରେ ଶାସନ ଚାଲିଲେ ଯାହିଁରେ ସେମାନେ ନିର୍ବାଧରେ ଭାଗ ନେଇପାରିବେ । ଗାଁ ପଞ୍ଚାୟତ ଓ ସହରୀ ଶାସକଙ୍କ ଭିତରେ ବିଦେଶୀ ଭାଷାର ଏକ ପାଚେରି ଆଉ ରହିବା ଉଚିତ ନୁହେଁ । ଗାଁ ଲୋକ ଇଂରେଜି ଜାଣେ ନାହିଁ ବୋଲି ଅନ୍ୟଠାରୁ ସେ ଛୋଟ, ଏହି ଅପ୍ରାକୃତିକ ଅପମାନ ସହ୍ୟ କରିବାପାଇଁ ଆଉ ସେ ପ୍ରସ୍ତୁତ ନୁହେଁ । ଉପରେ ଇଂରେଜିକୁ ଆମେ ଯେତେ ମାଡ଼ି ଧରିଲେ ବି ଗାଁ ପଞ୍ଚାୟତ ଟିକିଏ ସଚେତ ହୋଇଗଲେ ଆପେ ଆପେ ସେ ଆସନ ଛାଡ଼ିବାକୁ ବାଧ୍ୟ ହେବ ।

ସ୍ୱାଧୀନତା ପରେ ଆଞ୍ଚଳିକ ଭାଷା ଯେ ଅନେକଦୂର ଆଗେଇ ଯାଇଛି, ଏଥିରେ ସନ୍ଦେହ ନାହିଁ । ପ୍ରଥମ କଥା, ହାଇସ୍କୁଲ ସ୍ତରରେ ଯେଉଁଠି ସବୁ ପାଠ ଇଂରେଜିରେ ପଢ଼ା ହେଉଥିଲା, ସେଠି ବର୍ତ୍ତମାନ ଆଞ୍ଚଳିକ ଭାଷାରେ ପଢ଼ାହେଉଛି । ଭିନ୍ନ ଭିନ୍ନ ରାଜ୍ୟରେ ଆଞ୍ଚଳିକ ଭାଷାରେ ବେତାରବାର୍ତ୍ତା ପ୍ରଚାର କରାଯାଉଛି, ଅଧିକାଂଶ ବିଜ୍ଞାପନ ଆଞ୍ଚଳିକ ଭାଷାରେ ଲେଖାହେଉଛି । ସଭାସମିତି ଓ ରାଜ୍ୟସଭା-ମାନଙ୍କରେ ଆଞ୍ଚଳିକ ଭାଷାରେ ଭାଷଣ ଦେବାପାଇଁ କୌଣସି ବାରଣ ନାହିଁ । ପରିଶେଷରେ ଲୋକସଭାରେ ମଧ୍ୟ ସଭ୍ୟମାନେ ସ୍ୱ-ମାତୃଭାଷାରେ ଭାଷଣ ଦେବାପାଇଁ ଅନୁମତି ପାଇଲେଣି । ତଥାପି ଅନେକ ବାସ୍ତା

ଯିବାକୁ ଅଛୁ; ବିଶେଷତଃ ଆମ ନିଜ ଘରେ । ସେଇଥିପାଇଁ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବଙ୍ଗରେ ଯଦି ବଙ୍ଗଳା ହେଲା, ଓଡ଼ିଶାରେ ଓଡ଼ିଆ କେବେ ?

୧ । ଗାନ୍ଧିଙ୍କ ଭାଷାସ୍ୱପ୍ନ ଏ ପର୍ଯ୍ୟନ୍ତ ସଫଳ ହୋଇ ନି ।

୨ । ଗଣତନ୍ତ୍ର ଶାସନରେ ଶାସିତର ମାତୃଭାଷାର ପ୍ରାଧାନ୍ୟ ।

୩ । ପରାଧୀନ ଶାସନରେ ପରାଧୀନର ଭାଷା ହିଁ ଶାସନର ଭାଷା ।

# ରେଫରେନସ୍

ଇଂରେଜି

୧. "Magic" was the word used to-day to describe the effects when the Coldstream Guards band struck up the Indian National Anthem on the President's arrival at Victoria Station yesterday. It set alight the whole occasion.........suddenly you could feel India.

Indian Anthem Thrills British Hearts.
Hindusthan Standard, 16 June, 1963.

୨. I have now been travelling for some months in India seeing vast crowds of Indians in many parts of the continent and I have never seen a happier looking people.........Now tell me Mr. Gokhale.........would the people of India be happier if you ran the country ? "No Sir,......I do not say that they would be happier", Mr. Gokhale replied promptly, "but they would have more self respect."

How British Kings reacted to India's freedom fight—Patriot, 16 June, 1963.

ग. The highest development of the Indian mind must be possible without a knowledge of English. It is doing violence to the manhood specially the womanhood of India to encourage our boys and girls to think that an entry into the best society is impossible without a knowledge of English. It is too humiliating a thought to be bearable. To get rid of the infatuation for English is one of the essentials of Swaraj. M. K. G.

The Hindi Prachar Movement.
by M. P. Desai. P/47.

घ. It is my considered opinion that English Education in the manner it has been given has emasculated the English educated Indian. It has put a severe strain upon the Indian students' nervous energy and has made of us imitators. The process of displacing the vernaculars has been one of the saddest chapters in the British connection. Ram Mohan Roy would have been a greater reformer, and Lokamanya Tilak would have been a greater scholar, if they had not to start with the handicap of having to think in English and transmit their

thoughts chiefly in English.......No country can become a nation by producing a race of imitators.

Young India.
27. 4. 21. by M. K. Gandhi.

৪. The foreign medium has made our children practically foreigners in their own land. It is the greatest tragedy of the existing system. The foreign medium has prevented the growth of our own vernaculars.

He considers that the foreign medium has caused brain fag, put an undue strain on the nerves of our children made them crammers and imitators, unfitted them for original work and disabled them for filtering their learning to the family or the masses.

৫. 'If I had the powers of a despot, I would to-day stop the tuition of our boys and girls through a foreign medium and require all the teachers and professors on pain of dismissal to introduce the change forthwith !'

Educational ideas and ideals or Gandhi
and Tagore, 1961, P/199.
New Book Society of India.

୬. Sir Ivor Jennings in one of his studies recently remarked.

"The demand for Engish education was not due to any love of English or even of the English. It was due mainly to the fact that English education enabled......to obtain posts in Government service.

—Language Study in Indian Education
P/26. by M. P. Desai.
Navajivan Press, Ahmedabad, 14.

୮. Apart from the fact that forward looking Indians warmly supported the policy, it was necessary to create a class of Indians, educated in English, to man the lower cadres of the Government departments as it was manifestly impossible to fill every post with imported Englishmen.

—British Statesmen in India,
by V. B. Kulkarni, 1961, P/136.
Orient Longmans, Calcutta

୯. The Despatch ( of Sir Charles wood), while it enunciated the aim of education as "the diffusion of the improved arts, science, philosophy and

literature of Europe, in short, of European knowledge", laid down that the study of the spoken languages of India was to be encouraged and that both the English language and the spoken languages of India were to be regarded as the media for the diffusion of European knowledge. It goes on to say "It is neither our aim nor desire to substitute the English language for the vernacular dialects of the country."

Report of the official Language Commission,
Govt. of India, 1956, P/25.

১০. I think it would be totally unbecoming for us in India to adopt as an official language a foreign language.......Nehru.

Wits and Wisdom of Nehru. P/366.
by N. B. Sen.
New Book Society of India.

১১. He ( Lord Macaulay) conceived the scheme of making a class of Brown Englishmen who would look out beyond the seas for inspiration, regard Britain as their spiritual home and look down upon

the spritual culture and tradition of their mother country. He wanted to form a class who would be interpreters between the English and the millions they governed, a class of persons Indian in blood and colour, but English in taste, in opinions, in morals and intellect.

Educational ideas and ideals of Gandhi
and Tagore.
by R. S. Masani. P/9-10.

૧૯. Some few who know it should realise in good time that continuing it (English) as our Antar Bhasa inflicts loss of self respect on the masses of our people....

—Hindi Prachar movement
by M. P. Desai,
P/46, Navajivan P. House, Ahmedabad.

૧ળ. Shri Khushwant Singh, however, ended on a pessimistic note pointing out that the standard of English had gone down considerably in India and it was improbable that there would in future be any great writers in English in India.

The Indian P. E. N. No. 2, Feb. 1962.P/37.

୧୩. Mr. Spender said that the teaching of English literature within the classic patterns of Shelley, Keats, Byron and even Shakespeare has outmoded and the Indian Universities would do well to discontinue the teaching of English literature as a subject.

The Indian P. E. N. No-2, Feb. 1961. P/58.

୧୪. The compulsory English taught in Colleges has to be more and more language rather than literature. Our syllabuses have to be revised.

—The Future of English in India
by V. K. Gokok.
Illustrated weekly of India. 23-6-63.

## ହିନ୍ଦୀ

୧. I am certain that the children of the nation that receive instruction in a tongue other than their own, commit suicide. It robs them of their birth right. A foreign medium means an undue strain upon the youngsters, it robs them of all originality.

It stunts their growth and isolates them from their home. I regard such a thing as a national tragedy.

—Educational ideas and ideals of
Gandhi and Tagore by Dr. R. S. Masani. P/195.

୨. 343 (1) The official language of the Union shall be Hindi in Devanagari script.

"351. It shall be the duty of the Union to promote the spread of the Hindi language, to develop it so that it may serve as a medium of expression for all the elements of the composite culture of India and to secure its enrichment by assimilating without interfering with its genius, the forms, styles and expressions used in Hindustani and in the other languages of India specified in the eighth schedule * and by drawing, whenever necessary or desirable for its vocabulary, primarily on Sanskrit and secondarily on other languages."

The Eighth schedule mentions, along with Hindustani the following as the other languages of India in their alphabetical order.

1. Assamese.
2. Bengali
3. Gujarati.
4. Hindi.
5. Kannada.
6. Kashmiri,
7. Malayalam.
8. Marathi.
9. Oriya.
10. Punjabi.
11. Sanskrit.
12. Tamil.
13. Telugu.
14. Urdu.

গ. If Hindi were the national language, the Hindi speaking people of the North would become as dominant a class as the English speaking are now. English is at least neutral, a language which all can learn on equal terms Hindi would give a 'preference to some and so would be anathema to others.

—The Hindi Prachar Movement. P/31.

ঘ. C. R's view on Hindi—" of the 30 crores that live in India 14 crores speak Hindi or some very near dialect of that language. Can the deliberations of the Central Assembly and the transactions of the high officers of the state and others excercising authority in the central government be permitted to be done in English ? Obviously not, if we desire

democracy to be true in fact as well as in form if we donot want educated men to be appointed to places of power and influence and conduct their affairs apart from the people and the electorate. Hindi is bound to be the language of the central government and the legislature and also of the provincial governments, in their dealings with each other and with the government of India. It is not possible or desirable to impose English for our sake on all and weaken the peoples' control over their representatives all over India."

From a May issue of Daily Patriot.

৪. It started long ago with Prof. Dhirendra Verma when he began to say, if by enthroning our language as the National language, you will simply change it entirely, then we donot desire that honour for it. Please to allow us keep our regional Hindi as it is. You may have your national language as you wish, but please donot spoil our langauge.

Hindi Prachar Movement. P/37.

৫. Anti Hindi Drive. (Madras, June 3. 63)

He (Rajaji) said there was complete unanimity in the meeting that it was a false and dangerous

assumption that Hindi must come sometime or other ultimately. We agreed that English must continue indefinitely.

It was true, Mr. Rajgopalachari added, that under the compulsion of a Government whose mother tongue was Hindi, we will be forced to learn Hindi as we learnt English under the compulsion of the British Government, whose mother tongue was English. But we are not prepared for this second conquest.

AGITATION TO STOP USE OF ENGLISH.

୨. ( Madurai, June 3. 63 )

.........That the Kazagam would shortly launch an agitation against the continuance of English in the State administration.

Patriot, Wednesday, June 5. 63.

ଆଞ୍ଚଳିକ ଭାଷା—

୧. When we come to consider the question of the spread of education with the requisite attention, we discover that the foremost difficulty lies in English being the medium of education. The foreign

ship may bring imported goods into a port, but she cannot help to distribute them among inland markets. So if we insist on pinning our whole faith to the foreign ship, our commerce must needs be restricted to the city.

Educational Ideas and Ideals. P/195.

৯. Though we have been enjoying high education, we have not been thinking high thoughts. Like our academic costume, the academic language of our education is cast aside as soon as we are back home from college and all that we have gathered there is left in its pockets as it hangs on the peg.

Education Ideas.........P/196.

৩. Gandhi loved his mother tongue so much that he would cling to it as to his mother's breast. No one who was indifferent to his mother tongue could claim to be a lover of his country. The proper teaching of the mother tongue is the foundation of all education.

Educational Ideas and Ideals of......P/68.

৩. The means adopted were sometimes drastic. The Kindergarten and the elementary school implanted in the children the idea that it was wrong to speak other languages.

Modernisation of Hebrew by Inge Deutschkron,
Hindusthan Standard. August, 5. 1962.

৪. In the U. S. S. R, the trend at one time was to have a common Scientific terminology for the whole of country. However the trend now is for the constituent republics to develop scientific terminologies in their regional languages. This trend is encouraged by the general progress of science and of the local languages. The Scientific terminology work in the regional languages is done by the Regional Science Academies.

The Problem of Scientific and Technical
Terminology in Indian Languages, P/4.
by Dr. D. S. Kothari,
Ministry of Education, Government of India,
1961.

୬. Gandhi would suggest that the medium of instruction be immediately altered at any cost, the provincial languages being given their rightful place. He would prefer temporary chaos in higher education to the criminal waste that is daily accumulating.

Educational ideas and ideals............
by R. S. Masani. P/79.

୭. UNESCO Information Bulletin on Reading Meterials Vol. V No. I. April, 63. P/16.

୮. My plea is for banishing English as a cultural usurper as we succcssfully banished the political rule of the English usurper. The rich English language will ever retain its natural place as the international speech of Commerce and Democracy.

Report of the Official Language Commission,
1956, P/36.

୯. ନୟାଗଡ଼ କଲେଜରେ ଓଡ଼ିଆ ଭାଷାର ବିରୋଧ ।
ପ୍ରଜାତନ୍ତ୍ର, ଶୁକ୍ରବାର ୫।୭।୬୩

## ଲେଖକଙ୍କର ଅନ୍ୟାନ୍ୟ ପୁସ୍ତକ—

ଆମେରିକା ଅନୁଭୂତି
ଲଣ୍ଡନ ଚିଠି
ତାଜମହଲର ଦେଶେ
ଗୋଦାନ ( ଶ୍ରେଷ୍ଠ ଅନୁବାଦରୂପେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ )
ଗବନ ( ଅନୁବାଦ )
ପ୍ରତିଜ୍ଞା ( ଅନୁବାଦ )
ଗାନ୍ଧିଙ୍କ ସହିତ ଏକ ସପ୍ତାହ ( ଅନୁବାଦ )
ଧ୍ୱନିବିଜ୍ଞାନ ( ହିନ୍ଦୀ )
ପେଟ କା ହଓ୍ୱା ମୁହଁକା ବାତ୍ ( ହିନ୍ଦୀ )
ମଣିଷର ରକ୍ଷା
ପେଟର ପବନ ପାଟିର କଥା
ଇଂରେଜି ଉଚ୍ଚାରଣ ଶିକ୍ଷା
ଅମର ମଣିଷ
ଅମର ସାକ୍ଷୀ ( ଶିଶୁସାହିତ୍ୟରୂପେ ଓଡ଼ିଶା ସରକାରଙ୍କଦ୍ୱାରା ପୁରସ୍କୃତ )
ଅମର କାହାଣୀ
ଟଙ୍କା ସୁନାର ସଂସାର ( ପ୍ରୌଢ଼ ସାହିତ୍ୟରୂପେ ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ)
ନୂଆ ଗାଁ ନୂଆ ସଂସାର ( ,, ,, ,, )
ଆମ ସ୍ୱାଧୀନ ସଂସାର ( ,, ,, ,, )
ଶିଶୁଶିକ୍ଷା କଥାମାଳା
ଗଳ୍ପ ପାଖୁଡ଼ା
ଶହୂରକ୍ତ ଗାରେ
ସ୍ୱଦେଶ ସାକ୍ଷୀ

# ଶୁଦ୍ଧିପତ୍ର

| ପୃଷ୍ଠା | ଧାଡ଼ି | ଭୁଲ | ଠିକ୍ |
|---|---|---|---|
| ୫ | ୧୯ | ରାଜାମାନେ | ରାଜ୍ୟମାନେ |
| ୪୫ | ୨ | ଗୋକଲ | ଗୋଲକ୍ |
| ୪୬ | ୬ | ୧୯୩୨ | ୧୮୩୫ |
| ୧୩୧ | ୮ | ଗୃହଠା | ଗୃହଶବ୍ଦ |